ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୬ ମେ, ୨୦୨୩

## ରଙ୍ଗାୟନ ନିର୍ଦ୍ଦେଶକ ପଦରୁ 'ଟିପୁ' ପୁସ୍ତକ ରଚୟିତାଙ୍କ ଇସ୍ତଫା

କର୍ଣ୍ଣାଟକ ବିଧାନସଭା ନିର୍ବାଚନରେ ଭାଜପାର ପରାଜୟ ପରେ ବିବାଦୀୟ 'ଟିପୁ' ପୁସ୍ତକର ରଚୟିତା ଆଦ୍ଦନ୍ଦ ସି. କାରିଆପ୍ପା ରାଜ୍ୟ ସରକାରଙ୍କ ନାଟକ ଅନୁଷ୍ଠାନ ରଙ୍ଗାୟନର ନିର୍ଦ୍ଦେଶକ ପଦରୁ ଇସ୍ତଫା ଦେଇଛନ୍ତି। ଭାଜପାର ପରାଜୟ ପାଇଁ ସେ ନୈତିକତା ଦୃଷ୍ଟିରୁ ଇସ୍ତଫା ଦେଇଥିବା କହିଛନ୍ତି। ନିର୍ବାଚନରେ ସେ ଭାଜପା ବିଧାୟକ କେ.ଜି. ବୋପାୟା ଏବଂ ଆପାଚୁ ରଞ୍ଜନଙ୍କ ପ୍ରଚାର କରିଥିଲେ ହେଁ ଉଭୟ ପରାଜିତ ହୋଇଛନ୍ତି। ଭାଜପାକୁ ଭୋଟ ଦେବା କାଶୀ ଯାତ୍ରା ସହ ସମାନ ବୋଲି ପ୍ରଚାର ବେଳେ କାରିଆପ୍ପା କହିଥିଲେ।



## ସଂକ୍ଷେପରେ

### ବିଷାକ୍ତ ମଦ ପିଇ ୩ ମୃତ

**ଜାଞ୍ଜଗିରି, ୧୫।୫:** ଛତିଶଗଡ଼ ଜାଞ୍ଜଗିରି-ଚମ୍ପା ଜିଲା ରୋଗଡା ଗ୍ରାମରେ ବିଷାକ୍ତ ମଦ ପିଇ ଜଣେ ସେନା ଯବାନଙ୍କ ସମେତ ୩ ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ପରାଶ ସାହୁ, ନନ୍ଦଲାଲ କଶ୍ୟପ ଏବଂ ସତୀଶ କଶ୍ୟପ। ମଦ ପିଇବା ପରେ ତିନିଜଣଯାକ ଅସୁସ୍ଥ ହୋଇପଡ଼ିଥିଲେ। ସେମାନଙ୍କୁ ହସ୍ପିଟାଲ ନିଆଯାଇଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବାବେଳେ ପୋଲିସ ଘଟଣାର ତଦନ୍ତ ଚଳାଇଛି। ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲ କହିଛନ୍ତି।

### ଏୟାର୍ ହୋଷ୍ଟେସ୍‌ଙ୍କ ସହ ଦୁର୍ବ୍ୟବହାର: ଯାତ୍ରୀ ଗିରଫ

**ଅମୃତସର, ୧୫।୫:** ଦୁବାଇରୁ ଅମୃତସର ଆସୁଥିବା ବିମାନରେ ଜଣେ ଯୁବକ ଏୟାର ହୋଷ୍ଟେସ୍‌ଙ୍କୁ ଦୁର୍ବ୍ୟବହାର କରିବା ଅଭିଯୋଗରେ ଗିରଫ ହୋଇଛନ୍ତି। ଜଲନ୍ଧରସ୍ଥିତ କୋଟଲିର ରଜିନ୍ଦର ସିଂଙ୍କର କୌଣସି କାରଣରୁ ଏୟାର ହୋଷ୍ଟେସ୍‌ଙ୍କ ସହ ଝଗଡ଼ା ହୋଇଥିଲା। କିଛି ସମୟ ଯୁକ୍ତିତର୍କ ଚାଲିବା ପରେ ରଜିନ୍ଦର ତାଙ୍କୁ ଦୁର୍ବ୍ୟବହାର କରିଥିଲେ। ଘଟଣା ସମୟରେ ରଜିନ୍ଦର ମଦ ପିଇଥିବା ପୋଲିସ କହିଛି। ବିମାନ ଅବତରଣ କରିବା ପରେ ବିମାନ କର୍ତ୍ତୃପକ୍ଷ ରଜିନ୍ଦରଙ୍କୁ ପୋଲିସ ଜିମା ଦେଇ ଥାନାରେ ଅଭିଯୋଗ କରିଥିଲେ।

### ଗୁରୁଦ୍ୱାରାରେ ମଦ ପିଇବାରୁ ଯୁବତୀଙ୍କୁ ହତ୍ୟା

**ପଟିଆଲା, ୧୫।୫:** ଦୁଃଖ ନିବାରଣ ସାହିବ ଗୁରୁଦ୍ୱାରା ପରିସରରେ ଜଣେ ଯୁବତୀ ମଦ ପିଇବା ନେଇ ଜଣେ ଯୁବକ ତାଙ୍କୁ ଗୁଳି କରି ହତ୍ୟା କରିଛନ୍ତି। ପରୱିନ୍ଦର କୌର (୩୦) ସରୋବର ନିକଟରେ ବସି ମଦ ପିଉଥିବାର ଗୁରୁଦ୍ୱାରା ସଙ୍ଗତ ଦେଖିଥିଲେ। ସେମାନେ ପୋଲିସ ସହାୟତାକ୍ରମେ ପରୱିନ୍ଦରଙ୍କୁ ଗୁରୁଦ୍ୱାରା ମ୍ୟାନେଜରଙ୍କ କାର୍ଯ୍ୟାଳୟକୁ ନେଇଥିଲେ। ସେଠାରେ ନିର୍ମଲଜିତ ସିଂ ସାଇନି ପରୱିନ୍ଦରଙ୍କ ଉପରକୁ ୫ଥର ଗୁଳି ଫୁଟାଇଥିଲେ। ପ୍ରପର୍ଟି ଡିଲର ନିର୍ମଲଜିତଙ୍କ ପାଖରେ ଲାଇସେନ୍ସପ୍ରାପ୍ତ ବନ୍ଧୁକ ଥିବା ପୋଲିସ କହିଛି। ତେବେ ପରୱିନ୍ଦରଙ୍କ କାର୍ଯ୍ୟରେ ଅସନ୍ତୁଷ୍ଟ ହୋଇ ନିର୍ମଲଜିତ ଏପରି କରିଥିବା କହିଛନ୍ତି। ଘଟଣାରେ ଆହତ ନିର୍ମଲଜିତଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପରୱିନ୍ଦର ସବୁବେଳେ ମଦ ପିଉଥିବାବେଳେ ସେ ଡିପ୍ରେସନ୍‌ରେ ଥିବା ତାଙ୍କ ଘରଲୋକେ କହିଛନ୍ତି। ରବିବାର ଏକାକୀ ବସ୍‌ରେ ସେଜିରକପୁରରୁ ଗୁରୁଦ୍ୱାରା ଆସିଥିଲେ।

### ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ଆଉ ଜଣେ ଗିରଫ

**ନୂଆଦିଲ୍ଲୀ, ୧୫।୫:** ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ସିବିଆଇ ସୋମବାର ଇଣ୍ଡିଆ ଆହେଡ୍ ନ୍ୟୁଜ୍‌ର ଅରବିନ୍ଦ କୁମାର ସିଂଙ୍କୁ ଗିରଫ କରିଛି। ବେଆଇନ ଭାବେ ସଂଗୃହୀତ ୧୭ କୋଟି ଟଙ୍କାକୁ ସିଂ ହାୱାଲା ଚ୍ୟାନେଲ ଜରିଆରେ ସାଉଥ୍ ଗ୍ରୁପ୍ ପାଖକୁ ପଠାଇଥିବା ଅଭିଯୋଗ ହୋଇଥିଲା। ସିବିଆଇ ତାଙ୍କୁ ଜେରା ପାଇଁ ରିମାଣ୍ଡରେ ନେଇପାରେ। ଅବକାରୀ ଦୁର୍ନୀତି ମାମଲାରେ ସିବିଆଇ ଚାର୍ଜଶିଟ୍ ଦାଖଲ କରିଛି, ଯେଉଁଥିରେ ଦିଲ୍ଲୀର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନିଷ ସିସୋଡିଆଙ୍କ ନାଁ ରହିଛି।

# ଛାଡ଼ପତ୍ର ପାଇଁ ସମାନ ଆଇନ ହେଉ

## ସୁପ୍ରିମକୋର୍ଟଙ୍କୁ ଶାମିଙ୍କ ସ୍ତ୍ରୀଙ୍କ ନିବେଦନ

ଛାଡ଼ପତ୍ର ପାଇଁ ଧର୍ମ, ଲିଙ୍ଗ ନିର୍ବିଶେଷରେ ସମସ୍ତଙ୍କ ନିମନ୍ତେ ସମାନ ଆଇନ ଓ ସମାନ ପ୍ରକ୍ରିୟା ଅବଲମ୍ବନ କରାଯାଉ ବୋଲି କ୍ରିକେଟର ମହମ୍ମଦ ଶାମିଙ୍କ ସ୍ତ୍ରୀ ହାସିନ ଜାହାଁ ସୁପ୍ରିମକୋର୍ଟଙ୍କୁ ନିବେଦନ କରିଛନ୍ତି। ତଲାକ ଦେବାର ଏକମାତ୍ର ଅଧିକାର ମୁସଲମାନ ପୁରୁଷଙ୍କୁ ଦେଉଥିବା ତଲାକ-ଇ-ହସନ ଓ ନ୍ୟାୟ ବ୍ୟବସ୍ଥା ବାହାରେ ଅନ୍ୟାନ୍ୟ ଛାଡ଼ପତ୍ର ବ୍ୟବସ୍ଥାକୁ ରଦ୍ଦ କରାଯିବାକୁ ସେ ଅନୁରୋଧ କରିଛନ୍ତି। ସର୍ବୋଚ୍ଚ ଅଦାଲତ ଏନେଇ ସୋମବାର ପ୍ରତିପକ୍ଷଙ୍କୁ ନୋଟିସ ଜାରି କରିଛନ୍ତି। ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ତାଙ୍କ ଆବେଦନକୁ ଅନୁରୂପ


ହାସିନ ଜାହାଁ

ସାଧାରଣ ପ୍ରସଙ୍ଗ ଉଠାଉଥିବା ପିଟିଶନ ସହ ଏକାଠି ଶୁଣାଣି କରିବାକୁ ତାଲିକାଭୁକ୍ତ କରିଛନ୍ତି। ଶାମିଙ୍କ ସ୍ତ୍ରୀଙ୍କ ପକ୍ଷରୁ ଆଇନଜୀବୀ ଦୀପକ ପ୍ରକାଶ ପିଟିଶନ ଦାଏର କରିଥିଲେ। ନ୍ୟାୟିକ ବ୍ୟବସ୍ଥା ବାହାରେ ଏକପାଖିଆ ତଲାକ ଏବଂ ତଲାକ-ଇ-ହସନ ବ୍ୟବସ୍ଥାରେ ସେ ଅତିଷ୍ଠ ବୋଲି ଆବେଦନକାରିଣୀ ପିଟିଶନରେ ଦର୍ଶାଇଛନ୍ତି। ସ୍ୱାମୀ ମହମ୍ମଦ ଶାମିଙ୍କଠାରୁ ହାସିନ ତଲାକ-ଇ-ହାସନ ବ୍ୟବସ୍ଥାରେ ୨୦୨୨ ଜୁଲାଇ ୨୩ରେ ପ୍ରଥମ ତଲାକ ନୋଟିସ ପାଇଥିଲେ। ଏହା ପରେ ଆବେଦନକାରିଣୀ ତାଙ୍କ ନିକଟ ସମ୍ପର୍କୀୟମାନଙ୍କ ସହ ଯୋଗାଯୋଗ କରିଥିଲେ। ସେମାନଙ୍କ ସ୍ୱାମୀମାନେ ମଧ୍ୟ ସେମାନଙ୍କୁ ମନଇଚ୍ଛା ଏକପାଖିଆ ଭାବେ ଛାଡ଼ପତ୍ର ଦେଇଥିବା ସେ ଜାଣିବାକୁ ପାଇଥିଲେ। ତଲାକ-ଇ-ହସନ ଏବଂ ନ୍ୟାୟ ବ୍ୟବସ୍ଥା ବାହାରେ ଅନ୍ୟାନ୍ୟ ଏକପାଖିଆ ତଲାକ, ଯାହା ଏବେ ମଧ୍ୟ ମୁସଲମାନ ପର୍ସନାଲ ଲ (ଶରିଆତ୍), ୧୯୩୭ ଅନୁଯାୟୀ ବଳବତ୍ତର ରହିଆସିଛି। ଏକ ବୃହତ୍ତର ପ୍ରସଙ୍ଗ ଦୃଷ୍ଟିରୁ ଏହାର ନ୍ୟାୟିକ ନିର୍ଣ୍ଣୟ ପାଇଁ ଆବେଦନକାରିଣୀ ସର୍ବୋଚ୍ଚ ନ୍ୟାୟାଳୟକୁ ନିବେଦନ କରିଛନ୍ତି। ଶରିଆତ୍‌ରେ ଚଳିଆସୁଥିବା କଠୋର ପ୍ରଥାର ସେ ଶିକାର ହୋଇଥିବା କୋର୍ଟଙ୍କୁ ଜଣାଇଛନ୍ତି।

# ଅବସର ନେବାବେଳେ ଭାବବିହ୍ୱଳ ହେଲେ ଜଷ୍ଟିସ୍ ଶାହ

ସୁପ୍ରିମକୋର୍ଟର ଚତୁର୍ଥ ସର୍ବବରିଷ୍ଠ ବିଚାରପତି ଜଷ୍ଟିସ୍ ଏମ୍.ଆର୍. ଶାହ ସୋମବାର ଅବସର ଗ୍ରହଣ କରିଛନ୍ତି। କୋର୍ଟ ରୁମ୍‌ରେ ତାଙ୍କର ଶେଷ କାର୍ଯ୍ୟଦିବସରେ ଜଷ୍ଟିସ୍ ଶାହ ଭାବବିହ୍ୱଳ ହୋଇଯାଇଥିଲେ। ସେ ଅବସର ନେବା ଲୋକ ନୁହନ୍ତି, ଜୀବନର ଏକ ନୂଆ ଇନିଂସ ଆରମ୍ଭ କରିବେ। ଏଥିପାଇଁ ଭଗବାନ ତାଙ୍କୁ ଶକ୍ତି, ସାହସ ଓ ଉତ୍ତମ ସ୍ୱାସ୍ଥ୍ୟ ଦିଅନ୍ତୁ ବୋଲି ସେ ପ୍ରାର୍ଥନା କରିଥିଲେ। ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିଦାୟକାଳୀନ ଉତ୍ସବରେ ଉଦ୍‌ବୋଧନ ଦେବା ଅବସରରେ ଜଷ୍ଟିସ ଶାହ ଭାଙ୍ଗିପଡ଼ିଥିଲେ ଏବଂ ଅଭିନେତା ରାଜ କପୁରଙ୍କ ଗୀତ 'ଜିନା ୟାହାଁ, ମରନା


ଜଷ୍ଟିସ୍ ଏମ୍.ଆର୍. ଶାହ

ୟାହାଁ'ର ଏକ ଧାଡ଼ି ଆବୃତ୍ତି କରିଥିଲେ। ଜଷ୍ଟିସ୍ ଶାହ ୨୦୧୮ ନଭେମ୍ବର ୨ରେ ସୁପ୍ରିମକୋର୍ଟ ବିଚାରପତି ଭାବେ ନିଯୁକ୍ତ ହୋଇଥିଲେ। ତାଙ୍କ ଅବସର ପରେ ସର୍ବୋଚ୍ଚ ଅଦାଲତର ବିଚାରପତିଙ୍କ ସଂଖ୍ୟା ୩୨କୁ ହ୍ରାସ ପାଇଛି। ଦିନକ ପୂର୍ବରୁ ଜଷ୍ଟିସ ଦିନେଶ ମାହେଶ୍ୱରୀ ଅବସର ଗ୍ରହଣ କରିଥିଲେ।

# କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ହୋଇପାରୁନି



**ନୂଆଦିଲ୍ଲୀ, ୧୫।୫**

କର୍ଣ୍ଣାଟକ ବିଧାନସଭା ନିର୍ବାଚନରେ କଂଗ୍ରେସ ଜିତିବା ପରେ କିଏ ମୁଖ୍ୟମନ୍ତ୍ରୀ ହେବେ ତାହା ସ୍ପଷ୍ଟ ହୋଇପାରୁନି। ବରିଷ୍ଠ ନେତା ସିଦ୍ଧାରାମାୟା ଏବଂ ଦଳର ରାଜ୍ୟ ସଭାପତି ଡି.କେ. ଶିବକୁମାର ମୁଖ୍ୟମନ୍ତ୍ରୀ ପଦ ଲାଗି ଦାବିଦାର ହୋଇଥିବାବେଳେ କାହାକୁ ରାଜ୍ୟ ନେତୃତ୍ୱ ଦିଆଯିବ, ତାକୁ ନେଇ କଂଗ୍ରେସ କେନ୍ଦ୍ରୀୟ ନେତୃତ୍ୱ ଅଡୁଆରେ ପଡ଼ିଛି। ବେଙ୍ଗାଲୁରୁରେ ନବନିର୍ବାଚିତ କଂଗ୍ରେସ ବିଧାୟକମାନଙ୍କ ସହ ଆଲୋଚନା କରିବା ପରେ ୩ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ସୁଶୀଲ କୁମାର ସିନ୍ଦେ, ଜିତେନ୍ଦ୍ର ସିଂ ଏବଂ ଦୀପକ ବାବରିଆ ସୋମବାର ଦିଲ୍ଲୀ ଯାଇ ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କୁ ଭେଟିଛନ୍ତି। ସେମାନେ କର୍ଣ୍ଣାଟକରେ ପରବର୍ତ୍ତୀ ସରକାର ଗଠନ ନେଇ


କର୍ଣ୍ଣାଟକ କଂଗ୍ରେସ ସଭାପତି ଡି.କେ. ଶିବକୁମାରଙ୍କ ଘର ଆଗରେ ସମର୍ଥକଙ୍କ ଭିଡ଼।

ଖାର୍ଗେଙ୍କ ସହ ବିଚାରବିମର୍ଶ କରିଥିଲେ। ସେମାନଙ୍କ ସହ ସଂଗଠନ ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ ଏବଂ କର୍ଣ୍ଣାଟକ ଦାୟିତ୍ୱରେ ଥିବା ସାଧାରଣ ସମ୍ପାଦକ ରଣଦୀପ୍ ସୁର୍ଜେୱାଲା ମଧ୍ୟ ଉପସ୍ଥିତ ଥିଲେ। ପର୍ଯ୍ୟବେକ୍ଷକମାନଙ୍କ ରିପୋର୍ଟ ଉପରେ ୬ ଶୀର୍ଷ ନେତା ଆଲୋଚନା କରିବା ସହ ନବନିର୍ବାଚିତ ବିଧାୟକମାନଙ୍କ ମତାମତକୁ ଅନୁଧ୍ୟାନ କରିଥିଲେ। ରବିବାର ବିଳମ୍ବିତ ରାତି ପର୍ଯ୍ୟନ୍ତ ପର୍ଯ୍ୟବେକ୍ଷକମାନେ ବିଧାୟକମାନଙ୍କ ସହ ଜଣ ଜଣକରି କଥା ହୋଇ ସେମାନଙ୍କ ମତାମତ ନେଇଥିଲେ। ସରକାର ଗଠନ ନେଇ ଅଧିକ ଆଲୋଚନା ଲାଗି କଂଗ୍ରେସ ନେତୃତ୍ୱଙ୍କ ଡାକରାରେ ସିଦ୍ଧାରାମାୟା ଦିଲ୍ଲୀରେ ପହଞ୍ଚିଥିବାବେଳେ ଶିବକୁମାର ଖୁବ୍‌ଶୀଘ୍ର କେନ୍ଦ୍ରୀୟ ନେତୃତ୍ୱଙ୍କୁ ଭେଟିବେ ବୋଲି କୁହାଯାଉଛି। ମୁଖ୍ୟମନ୍ତ୍ରୀ ପଦବୀ ଲାଗି ଉଭୟଙ୍କ ପାଇଁ ଜୋର୍‌ଦାର ଲବି ହେଉଛି। ଏନେଇ ଦଳ ଅଧ୍ୟକ୍ଷ ଖାର୍ଗେ ଚୂଡ଼ାନ୍ତ ନିଷ୍ପତ୍ତି ନେବାକୁ ନବନିର୍ବାଚିତ ବିଧାୟକମାନେ ଦାୟିତ୍ୱ ଦେଇଛନ୍ତି।

ଅନ୍ୟପକ୍ଷରେ କେନ୍ଦ୍ରୀୟ ନେତୃତ୍ୱଙ୍କ

- ପରାମର୍ଶ ପାଇଁ ଦିଲ୍ଲୀରେ ସିଦ୍ଧାରାମାୟା
- ଖାର୍ଗେଙ୍କୁ ଭେଟିଲେ ୩ ପର୍ଯ୍ୟବେକ୍ଷକ

ଡାକରା ସତ୍ତ୍ୱେ ଶିବକୁମାର ଦିଲ୍ଲୀ ନ ଯାଇ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ସିଦ୍ଧାରାମାୟାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେ କହିଛନ୍ତି, ତାଙ୍କ ଉପରେ ଭରସା ରହିଛି ଓ ସେ କର୍ଣ୍ଣାଟକର ନେତୃତ୍ୱ ନେବେ ବୋଲି ସୋନିଆ ଗାନ୍ଧୀ କହିଥିଲେ। ସେ କର୍ଣ୍ଣାଟକରେ ରହି ତାଙ୍କ ନିୟମିତ ଦାୟିତ୍ୱ ସମ୍ପାଦନ କରୁଛନ୍ତି। ବିଜୟ ପଛର ବ୍ୟକ୍ତିଙ୍କୁ ସ୍ୱୀକୃତି ଦେବା ନିମନ୍ତେ ସେମାନଙ୍କର ସୌଜନ୍ୟ ରହିବା ଆବଶ୍ୟକ। ନିର୍ବାଚନରେ ସମସ୍ତ ୧୩୫ ବିଧାୟକଙ୍କୁ ଜିତାଇବାର ଶ୍ରେୟ ତାଙ୍କର ବୋଲି ଶିବକୁମାର ଦାବି କରିଛନ୍ତି। ଅନ୍ୟମାନଙ୍କ ସଂଖ୍ୟା ସମ୍ପର୍କରେ କହିବା କ୍ଷମତା ତାଙ୍କର ନାହିଁ। ତାଙ୍କ ସଭାପତିତ୍ୱରେ ଦଳ ନିର୍ବାଚନ ଜିତିଛି। କିଏ ମୁଖ୍ୟମନ୍ତ୍ରୀ ହେବେ ସେ ନେଇ ଦଳ ହାଇକମାଣ୍ଡ ନିଷ୍ପତ୍ତି ନେବେ ବୋଲି ନବନିର୍ବାଚିତ ବିଧାୟକମାନେ ଧାଡ଼ିକିଆ ପ୍ରସ୍ତାବ ଗୃହୀତ କରାଇଥିବା ଶିବକୁମାର କହିଥିଲେ।

## ୧୦୦ କୋଟି ଟଙ୍କାର ମାନହାନି ମାମଲା

# ଖାର୍ଗେଙ୍କୁ ପଞ୍ଜାବ କୋର୍ଟଙ୍କ ସମନ

**ନୂଆଦିଲ୍ଲୀ, ୧୫।୫**

୧୦୦ କୋଟି ଟଙ୍କାର ମାନହାନି ମାମଲାରେ ପଞ୍ଜାବର ଏକ ଅଦାଲତ ସୋମବାର କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କୁ ସମନ ଜାରି କରିଛନ୍ତି। କଂଗ୍ରେସ ଏହାର କର୍ଣ୍ଣାଟକ ନିର୍ବାଚନୀ ଇସ୍ତାହାରରେ ବେଆଇନ ଇସ୍‌ଲାମିକ ସଂଗଠନ ପପୁଲାର ଫ୍ରଣ୍ଟ ଅଫ୍ ଇଣ୍ଡିଆ (ପିଏଫ୍‌ଆଇ)କୁ ବିଶ୍ୱ ହିନ୍ଦୁ ପରିଷଦର ଯୁବ ସଂଗଠନ ବଜରଙ୍ଗ ଦଳ ସହ ତୁଳନା କରିଥିବାରୁ ଖାର୍ଗେଙ୍କ ବିରୋଧରେ ମାନହାନି ମାମଲା ରୁଜୁ ହୋଇଛି। ବଜରଙ୍ଗ ଦଳ ହିନ୍ଦୁସ୍ତାନର ମୁଖ୍ୟ ବୋଲି ଦାବି କରୁଥିବା ହିତେଶ ଭରଦ୍ୱାଜଙ୍କ ଅଭିଯୋଗକ୍ରମେ ସଙ୍ଗୁର ଜିଲା କୋର୍ଟ କଂଗ୍ରେସ ଅଧ୍ୟକ୍ଷଙ୍କୁ ସମନ କରିଛନ୍ତି। କଂଗ୍ରେସ କ୍ଷମତାକୁ ଆସିଲେ ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ଶତ୍ରୁତା ଓ ଘୃଣାର ପ୍ରସାର କରାଉଥିବା ବଜରଙ୍ଗ ଦଳ, ପିଏଫ୍‌ଆଇ ଆଦି ସଂଗଠନକୁ ବେଆଇନ ଘୋଷଣା କରାଯିବା ସହ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଦଳ ପକ୍ଷରୁ ନିର୍ବାଚନୀ ଇସ୍ତାହାରରେ କୁହାଯାଇଥିଲା।

# ୱାଙ୍ଖଡ଼େଙ୍କ ବିରୋଧରେ ସିବିଆଇ ଏତଲା

**ମୁମ୍ବାଇ, ୧୫।୫**

୨୫ କୋଟି ଟଙ୍କା ନ ଦେଲେ ନିଶା କାରବାର ଅଭିଯୋଗରେ ପୁଅ ଆର୍ଯ୍ୟନ ଖାନ୍‌ଙ୍କ ବିରୋଧରେ ମାମଲା ଦାଏର କରାଯିବ ବୋଲି ବଲିଉଡ୍ ସୁପରଷ୍ଟାର ଶାହରୁଖ ଖାନ୍‌ଙ୍କ ପରିବାରକୁ ନାର୍କୋଟିକ୍ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି)ର ପୂର୍ବତନ ଜୋନାଲ ନିର୍ଦ୍ଦେଶକ ସମୀର ୱାଙ୍ଖଡ଼େ ଧମକ ଦେଇଥିଲେ। ଏନେଇ ସିବିଆଇ ତାଙ୍କ ବିରୋଧରେ ଏତଲା ଦାଏର କରିଛି। ୨୦୨୧ ଅକ୍ଟୋବରରେ ୱାଙ୍ଖଡ଼େଙ୍କ ନେତୃତ୍ୱରେ ଏନ୍‌ସିବି ଟିମ୍ ମୁମ୍ବାଇ ଉପକୂଳରେ ରେଭ୍ ପାର୍ଟି ଚାଲିଥିବା ଏକ କ୍ରୁଜ୍ ଜାହାଜ ଉପରେ ଚଢ଼ାଉ କରି ଆର୍ଯ୍ୟନଙ୍କ ସମେତ ଅନ୍ୟମାନଙ୍କୁ ଗିରଫ କରି ଚର୍ଚ୍ଚାକୁ ଆସିଥିଲେ। ତେବେ ଆର୍ଯ୍ୟନଙ୍କ ବିରୋଧରେ ମାମଲା ରୁଜୁ ନ କରିବା ପାଇଁ ଲାଞ୍ଚ ମାଗିବା ଅଭିଯୋଗରେ ସିବିଆଇ ୱାଙ୍ଖଡେଙ୍କ ବିରୋଧରେ ଦୁର୍ନୀତି ଏବଂ


ସମୀର ୱାଙ୍ଖଡ଼େ

## ଶାହରୁଖଙ୍କ ପରିବାରଠାରୁ ୨୫ କୋଟି ଦାବି କରିଥିଲେ

ଆପରାଧିକ ଆଚରଣ ଅଭିଯୋଗରେ ମାମଲା ରୁଜୁ କରିଛି। ତତ୍କାଳୀନ ଏନ୍‌ସିବି ଜୋନାଲ ନିର୍ଦ୍ଦେଶକ ଏବଂ ଗୋଇନ୍ଦା ଅଧିକାରୀ ଆଶିଷ ରଞ୍ଜନଙ୍କ ବିରୋଧରେ ସିବିଆଇ ତଦନ୍ତରୁ ସେମାନଙ୍କ ସମ୍ପତ୍ତି ଘୋଷିତ ଆୟଠାରୁ ଯଥେଷ୍ଟ ଅଧିକ ଥିବା ଜଣାପଡ଼ିଛି। ବିଦେଶ ଭ୍ରମଣ ଓ ଏଥିରେ ବ୍ୟୟ କରିଥିବା ଅର୍ଥ ସମ୍ପର୍କରେ ୱାଙ୍ଖଡ଼େ ଠିକ୍ ଭାବେ ଉତ୍ତର ଦେଇପାରି ନ ଥିଲେ। ଏତଲାରେ ଅନ୍ୟ ଯେଉଁମାନଙ୍କ ନାମ ରହିଛି ସେମାନେ ହେଲେ ଏନ୍‌ସିବିର ତତ୍କାଳୀନ ବରିଷ୍ଠ ଅଧିକାରୀ ବିଶ୍ୱ ବିଜୟ ସିଂ ଓ ଆଶିଷ ରଞ୍ଜନ, କେ.ପି. ଗୋସାଭି ଏବଂ ତାଙ୍କ ସହଯୋଗୀ ସାନଭିଲେ ଡି'ସୌଜା। ଗୋସାଭି ଡ୍ରଗ୍ସ ମାମଲାର ସାକ୍ଷୀ ରହିଥିବାବେଳେ ଆର୍ଯ୍ୟନ ଗିରଫ ସମୟରେ ତାଙ୍କ ସହ ସେଲ୍‌ଫି ନେଇଥିଲେ। ଏନ୍‌ସିବି କର୍ମଚାରୀ ନ ହୋଇ ଗୋସାଭିଙ୍କୁ ଅଭିଯୁକ୍ତଙ୍କ ପାଖକୁ କ'ଣ ପାଇଁ ଛଡ଼ାଯାଇଥିଲା ବୋଲି ସେତେବେଳେ ପ୍ରଶ୍ନ ଉଠିଥିଲା। ଶାହରୁଖଙ୍କ ପରିବାରକୁ ୨୫ କୋଟି ଟଙ୍କା ପୈଠ କରିବାକୁ କୁହାଯାଇଥିଲା। ଶେଷରେ ୧୮ କୋଟି ଦେବା ପାଇଁ ବୁଝାମଣା ହୋଇଥିଲା। ଲାଞ୍ଚ ଅର୍ଥରୁ ୫୦ ଲକ୍ଷ ଟଙ୍କା ଗୋସାଭି ଓ ତାଙ୍କ ସହଯୋଗୀ ଡି'ସୌଜା ନେଇଥିଲେ ବୋଲି ଏତଲାରେ ଉଲ୍ଲେଖ କରାଯାଇଛି।

# ଇମ୍ରାନ୍‌ଙ୍କ ସ୍ତ୍ରୀଙ୍କୁ ଜାମିନ

**ଇସ୍‌ଲାମାବାଦ୍, ୧୫।୫**

ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ସ୍ତ୍ରୀ ବୁଶ୍ରା ବିବିଙ୍କୁ ଅଲ୍-କାଦିର ଟ୍ରଷ୍ଟ ମାମଲାରେ ସୋମବାର ଲାହୋର ହାଇକୋର୍ଟ ମେ ୨୩ ପର୍ଯ୍ୟନ୍ତ ଜାମିନ ପ୍ରଦାନ କରିଛନ୍ତି। ଉକ୍ତ ମାମଲାରେ ପୂର୍ବରୁ ଇମ୍ରାନ୍ ଖାନ୍‌ଙ୍କୁ ଜାମିନ ମିଳିଥିଲା। ସୁଫିବାଦର ପ୍ରସାର ପାଇଁ ୨୦୧୯ରେ ଅଲ୍-କାଦିର ୟୁନିଭର୍ସିଟି ପ୍ରତିଷ୍ଠା ପାଇଁ ଯୋଜନା ହୋଇଥିଲା। ୫୩୦ ନିୟୁତ ପାକିସ୍ତାନୀ ଟଙ୍କା ମୂଲ୍ୟର ଉକ୍ତ ଜମିକୁ ବହରିଆ ଟାଉନ୍ ହଲ୍ ପକ୍ଷରୁ ଇମ୍ରାନ୍ ଓ ତାଙ୍କ ସ୍ତ୍ରୀ ବୁଶ୍‌ରା ବିବିଙ୍କ ଅଲ୍-କାଦିର ଟ୍ରଷ୍ଟକୁ ପ୍ରଦାନ କରାଯାଇଥିଲା। ଏ ନେଇ ପାକିସ୍ତାନ ରାଜକୋଷକୁ ୫୦ ବିଲିୟନ୍ ରୁପି କ୍ଷତି ସହିବାକୁ ପଡ଼ିଥିଲା।


ବୁଶ୍ରା ବିବି

# ୨୦୨୪ରେ କଂଗ୍ରେସକୁ ସମର୍ଥନ କରିବେ ମମତା

**କୋଲକାତା, ୧୫।୫**

କର୍ଣ୍ଣାଟକ ବିଧାନସଭା ନିର୍ବାଚନ ଫଳାଫଳ ବିରୋଧୀ ଶିବିରର ନେତାମାନଙ୍କୁ ନିଷ୍ପତ୍ତିର ପୁନର୍ବିଚାର କରିବାର ସୁଯୋଗ ଦେଇଛି। ୨୦୨୪ ସାଧାରଣ ନିର୍ବାଚନରେ ଭାଜପାକୁ ପରାଜିତ କରିବା ଲାଗି ବିରୋଧୀ ଦଳଗୁଡ଼ିକର ପ୍ରସ୍ତାବିତ ମେଣ୍ଟର ନେତୃତ୍ୱ କଂଗ୍ରେସ ନେବା ନେଇ ହେଉଥିବା ଆଲୋଚନାକୁ ବିରୋଧ କରୁଥିବା ନେତାମାନେ ଏବେ ଭିନ୍ନ ଚିନ୍ତା କରିବା ଆରମ୍ଭ କରିଛନ୍ତି। ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସ କାହା ସହିତ ମେଣ୍ଟ ନ କରି ଏକାକୀ ଲଢ଼ିବ ବୋଲି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ପୂର୍ବରୁ ଘୋଷଣା କରିଥିଲେ। ଏବେ ବିରୋଧୀ ଦଳଗୁଡ଼ିକ ମଧ୍ୟରେ ମତପାର୍ଥକ୍ୟ ଦୂର କରିବା ଦିଗରେ କାମ କରିବାକୁ ସେ ପ୍ରସ୍ତାବ ଦେଇଛନ୍ତି, ଯେଉଁଥିରେ କଂଗ୍ରେସକୁ ସାମିଲ କରିବା ଯୋଜନା ରହିଛି। ରାଜ୍ୟ ସଚିବାଳୟରେ ଏକ ଖବରଦାତା ସମ୍ମିଳନୀରେ ମମତା



କହିଛନ୍ତି, ୨୦୨୪ ଲଢ଼େଇରେ ଆଞ୍ଚଳିକ ଦଳଗୁଡ଼ିକୁ ଉଲ୍ଲେଖନୀୟ ଭୂମିକା ମିଳିବା ଆବଶ୍ୟକ। ଏହି ଅବସରରେ କଂଗ୍ରେସକୁ ସାଥିରେ ନେବା ପାଇଁ ସେ ସୂଚନା ଦେଇଛନ୍ତି। ଯେଉଁଠି ଆଞ୍ଚଳିକ ଦଳ ଦୃଢ଼, ସେଠାରେ ଭାଜପା ପ୍ରତିଦ୍ୱନ୍ଦ୍ୱିତା କରିପାରୁ ନାହିଁ। କର୍ଣ୍ଣାଟକ ଜନାଦେଶ ଭାଜପା ବିରୋଧରେ ରାୟ। ଜନସାଧାରଣ ଭାଜପା ପ୍ରତି ବିମୁଖ। ଦେଶର ଅର୍ଥନୀତି ବିପର୍ଯ୍ୟସ୍ତ। ଗଣତାନ୍ତ୍ରିକ ଅଧିକାରକୁ ଛଡ଼ାଇ ନିଆଯାଉଛି। ଏପରିକି କୁସ୍ତିଯୋଦ୍ଧାମାନଙ୍କୁ ମଧ୍ୟ ଛଡ଼ାଯାଉନାହିଁ ବୋଲି ମମତା କହିଥିଲେ।

# ଗେହଲଟଙ୍କୁ ୧୫ ଦିନିଆ ମହଲତ ଦେଲେ ପାଇଲଟ୍

**ଜୟପୁର, ୧୫।୫**

ରାଜସ୍ଥାନର ବରିଷ୍ଠ କଂଗ୍ରେସ ନେତା ତଥା ରାଜସ୍ଥାନର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସଚିନ ପାଇଲଟ୍ ସୋମବାର ତାଙ୍କର ୫ ଦିନିଆ ଜନସଂଘର୍ଷ ଯାତ୍ରା ଉଦ୍‌ଯାପନ କରିଛନ୍ତି। ବସୁନ୍ଧରା ରାଜେଙ୍କ ସରକାର ଅମଳରେ ହୋଇଥିବା ଦୁର୍ନୀତି ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ସେ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟଙ୍କୁ ୧୫ ଦିନିଆ ମହଲତ ଦେଇଛନ୍ତି। ଏହି ସମୟସୀମା ମଧ୍ୟରେ ଯଦି ଗେହଲଟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ବିଫଳ ହୁଅନ୍ତି, ତେବେ ସେ ନିଜ ଦଳର ସରକାର ବିରୋଧରେ ଆନ୍ଦୋଳନକୁ ଆହୁରି ଜୋର୍‌ଦାର କରିବେ ବୋଲି ପାଇଲଟ ଚେତାବନୀ ଦେଇଛନ୍ତି। ଗେହଲଟ ଚଳିତ ମାସ ଶେଷ ସୁଦ୍ଧା


ସଚିନ ପାଇଲଟ୍

ସେମାନଙ୍କ ଦାବି ମାନିନେବା ଲାଗି ଅସନ୍ତୁଷ୍ଟ ନେତା ପାଇଲଟ ନୋଟିସ ଦେଇଛନ୍ତି। ପଦଯାତ୍ରା ଶେଷ ଦିନରେ ପାଇଲଟଙ୍କ ସହ ୧୫ କଂଗ୍ରେସ ବିଧାୟକ ଉପସ୍ଥିତ ଥିଲେ।

କର୍ଣ୍ଣାଟକ ବିଧାନସଭା ନିର୍ବାଚନରେ କଂଗ୍ରେସ ବିଜୟୀ ହେବା ପରେ ସିଦ୍ଧାରାମାୟା ଏବଂ ଡି.କେ. ଶିବକୁମାରଙ୍କ ମଧ୍ୟରୁ କାହାକୁ ମୁଖ୍ୟମନ୍ତ୍ରୀ କରାଯିବ, ଏନେଇ ଦଳର କେନ୍ଦ୍ରୀୟ ନେତୃତ୍ୱ ଚିନ୍ତାରେ ପଡ଼ିଥିବାବେଳେ ରାଜସ୍ଥାନ କଂଗ୍ରେସରେ

## ୫ ଦିନିଆ ଜନସଂଘର୍ଷ ଯାତ୍ରା ଶେଷ

ଗେହଲଟ ଓ ପାଇଲଟ କ୍ଷମତା ଲଢ଼େଇ ଜୋର୍ ଧରିଛି। ଜନସଂଘର୍ଷ ଯାତ୍ରା ନାମରେ ପାଇଲଟ ଗେହଲଟଙ୍କ ଉପରେ ଚାପ ପକାଉଛନ୍ତି। ଦୁର୍ନୀତିର ଉଚ୍ଚସ୍ତରୀୟ ତଦନ୍ତ ସହ ରାଜସ୍ଥାନ ପବ୍ଲିକ୍ ସର୍ଭିସ କମିଶନ (ଆର୍‌ପିଏସ୍‌ସି)କୁ ରଦ୍ଦ କରିବା ଏବଂ ପେପର ଲିକ୍ କାରଣରୁ ସରକାରୀ ନିଯୁକ୍ତି ପରୀକ୍ଷା ବାତିଲ ହେବାରୁ ଯେଉଁମାନେ କ୍ଷତିଗ୍ରସ୍ତ ହେଲେ ସେମାନଙ୍କୁ କ୍ଷତିପୂରଣ ଦେବା ଲାଗି ପାଇଲଟ ଦାବି କରିଛନ୍ତି। ଗତ ମାସରେ ମଧ୍ୟ ପାଇଲଟ ଦୁର୍ନୀତି ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଗୋଟିଏ ଦିନ ଅନଶନରେ ବସିଥିଲେ।

# ୧୭ ସହର ପ୍ରାକୃତିକ ବିପର୍ଯ୍ୟୟ କ୍ଷତିଗ୍ରସ୍ତ ଘୋଷିତ

**ଢାକା/ୟାଙ୍ଗୋନ, ୧୫।୫**

ବାତ୍ୟା ମୋଚା ପ୍ରଭାବରେ ବାଂଲାଦେଶ ଓ ମ୍ୟାନ୍‌ମାରରେ ବହୁ କ୍ଷତି ଘଟିଛି। ବର୍ଷା ଓ ଭୀଷଣ ପବନ ଯୋଗୁ ବିଭିନ୍ନ ସ୍ଥାନରେ ଶୋଚନୀୟ ପରିସ୍ଥିତି ସୃଷ୍ଟି ହୋଇଛି। ୫ ଝଡ଼ର ବଳ ରଖିଥିବା ମୋଚାରେ ୫ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକ ଏବେ ବାସହରା ହୋଇଛନ୍ତି। ବାଂଲାଦେଶରେ ଥିବା ବିଶ୍ୱର ସବୁଠୁ ବଡ଼ ଶରଣାର୍ଥୀ ଶିବିର ଅଧିକ ପ୍ରଭାବିତ ହୋଇଥିବାବେଳେ ୧୩୦୦ ଆଶ୍ରୟସ୍ଥଳୀ ଭାଙ୍ଗି ନଷ୍ଟ ହୋଇଯାଇଛି। ଲଗାଣ ବର୍ଷା ଯୋଗୁ ଅନେକ ସ୍ଥାନରେ ଭୂସ୍ଖଳନ ସାଙ୍ଗକୁ ବନ୍ୟାସ୍ଥିତି ଦେଖାଦେଇଛି।

ମୋଚା ପ୍ରଭାବରେ ମ୍ୟାନ୍‌ମାର ରାଖିନେ ଜିଲାର ୧୭ ସହର କ୍ଷତିଗ୍ରସ୍ତ ହୋଇଥିବା କର୍ତ୍ତୃପକ୍ଷ କହିଛନ୍ତି। ଫିଉ, ମାନାଉଙ୍ଗ, ରାମରି, ଆନ, ସିଟୱେ, ପାଉକଟ, ପୋନାଜିଅମ, ଗୱା ଆଦି ଇଲାକାକୁ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ଅଞ୍ଚଳ ଭାବେ ଘୋଷଣା କରାଯାଇଛି। ପ୍ରଭାବିତ ସ୍ଥାନରେ ବହୁ ଧନ ଜୀବନ ନଷ୍ଟ ହୋଇଛି।

ବାତ୍ୟା ମୋଚା ରବିବାର ବାଂଲାଦେଶ-ମ୍ୟାନ୍‌ମାର ସୀମାରେ ଲ୍ୟାଣ୍ଡଫଲ କରିବା ପରେ ଏହି ସାମୁଦ୍ରିକ ଝଡ଼ ଉତ୍ତର ଏବଂ ଉତ୍ତର ପୂର୍ବ ଅଡ଼କୁ ଅଗ୍ରସର ହେବ। ଚାଇନା ଷ୍ଟେଟ୍ ଏବଂ



## ମ୍ୟାନ୍‌ମାରରେ ବାତ୍ୟା ବିପ୍ଳବ

### ଉଜୁଡ଼ିଯାଇଛି ସବୁଠୁ ବଡ଼ ଶରଣାର୍ଥୀ ଶିବିର

ମାଗୱେ ରେଜିଅନ୍‌ରେ ଏହାର ପ୍ରଭାବ ଦେଖିବାକୁ ମିଳିବ ବୋଲି ମ୍ୟାନ୍‌ମାର ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ଏହାର ପ୍ରଭାବରେ ମାଗୱେରେ ପ୍ରବଳ ବର୍ଷା ହୋଇଥିବାବେଳେ ଏହା ଗତ ୫୫ ବର୍ଷର ରେକର୍ଡ ଭାଙ୍ଗିଚି। ବାତ୍ୟାର ମୁକାବିଲା ପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ତେବେ ସାମୁଦ୍ରିକ ଝଡ଼ ମୋଚା ପ୍ରଭାବରେ ଦକ୍ଷିଣ ଏସୀୟ ଅଞ୍ଚଳରେ ପ୍ରବଳ ବର୍ଷା ସମ୍ଭାବନା ରହିଛି।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ମେ ୧୬/୨୦୨୩ | Bhubaneswar, Tuesday, May 16/2023 | ପୃଷ୍ଠା-୧




## କାନ୍ସର ରେଡ୍ କାର୍ପେଟରେ ଚାଲିବେ ଅନୁଷ୍କା

ଆସନ୍ତା ମେ' ୧୬ରୁ ଫ୍ରାନ୍ସର ଉପକୂଳବର୍ତ୍ତୀ ଫ୍ରେଞ୍ଚ ରିଭେରାଠାରେ କାନ୍ସ ଫିଲ୍ମ ଫେଷ୍ଟିଭାଲ ଆୟୋଜନ ହେଉଥିବାବେଳେ ସେଥିରେ ବଲିଉଡ୍‌ରୁ ଅନୁଷ୍କା ଶର୍ମା ଯୋଗଦେବେ।

୧୦

୧୨

## ଶୁବମନ ଗିଲ୍‌ଙ୍କ ଶତକ

ସନ୍‌ରାଇଜର୍ସ ହାଇଦ୍ରାବାଦ ବିପକ୍ଷ ଆଇପିଏଲ୍ ମ୍ୟାଚ୍‌ରେ ଶତକ ହାସଲ କରିଛନ୍ତି ଗୁଜରାଟ ଟାଇଟନ୍ସର ଶୁବମନ ଗିଲ୍।





ଡବ୍ଲ୍ୟୁଏଫ୍ଆଇ ଅଧ୍ୟକ୍ଷ ବ୍ରିଜ ଭୂଷଣ ଶରନ ସିଂଙ୍କ ବିରୋଧରେ ନୂଆଦିଲ୍ଲୀର ଯନ୍ତର ମନ୍ତରଠାରେ ଚାଲିଥିବା କୁସ୍ତିଯୋଦ୍ଧାଙ୍କ ଆନ୍ଦୋଳନରେ ସୋମବାର ଜମ୍ମୁ-କଶ୍ମୀରର ପୂର୍ବତନ ରାଜ୍ୟପାଳ ସତ୍ୟପାଳ ମଲିକଙ୍କ ସହ ଅନ୍ୟମାନେ।

# ଭୁବନେଶ୍ୱରରୁ ଦୁବାଇ ବିମାନ ସେବା ଆରମ୍ଭ

## ବିଶ୍ୱକୁ ସିଧାସଳଖ ଗେଟ୍‌ୱେ ଖୋଲିଲା: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୫।୫(ବ୍ୟୁରୋ)



ଯୋଗାଯୋଗ କ୍ଷେତ୍ରରେ ଓଡ଼ିଶା ଓ ଦୁବାଇ ମଧ୍ୟରେ ଯୋଡ଼ିହେଲା ନୂଆ ଅଧ୍ୟାୟ। ଭୁବନେଶ୍ୱରରୁ ଦୁବାଇକୁ ସିଧାସଳଖ ଉଡ଼ିଲା ବିମାନ। ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରଠାରେ ପତାକା ଦେଖାଇ ଏହି ବିମାନ ଯାତ୍ରାର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଲେ, ସଂଯୋଗୀକରଣ ବିକାଶର ଚାବିକାଠି, ରାଜ୍ୟ ସରକାର ଏଥିପାଇଁ ସର୍ବଦା ପ୍ରୟାସରତ। ଭୁବନେଶ୍ୱରରୁ ଦୁବାଇକୁ ସିଧାସଳଖ ବିମାନ ସେବା ଦ୍ୱାରା ଏହା ସବୁଠାରୁ ବଡ଼ ବିମାନ ଚଳାଚଳ ହବ୍ ମଧ୍ୟରୁ ଅନ୍ୟତମ ହେବ। ଦୁବାଇ ଏକ ବିଶ୍ୱସ୍ତରୀୟ ଭ୍ରମଣ ପେଣ୍ଠସ୍ଥଳୀ ହୋଇଥିବାରୁ ☞ପୃଷ୍ଠା-୨

# ଟୋକନରେ ତ୍ରୁଟି, ଧାନ ବିକ୍ରି ହୋଇପାରୁନି

*ଟୋକନ ଜରିଆରେ ପଞ୍ଜୀକୃତ ଚାଷୀଙ୍କଠାରୁ କେତେ ପରିମାଣର ଧାନ ସଂଗ୍ରହ କରାଯିବ ତାହା ପୂର୍ବରୁ ଧାର୍ଯ୍ୟ ହେଉଛି। ହେଲେ ଏହି ବ୍ୟବସ୍ଥା ତ୍ରୁଟି ଶୂନ୍ୟ ନ ହେବା କାରଣରୁ ଚାଷୀଙ୍କୁ ହନ୍ତସନ୍ତ ହେବାକୁ ପଡୁଛି। ବରଗଡ଼ ଜିଲାର ଚାଷୀମାନେ ଟୋକନ ତ୍ରୁଟି ଯୋଗୁ ଧାନ ବିକି ପାରି ନ ପାରି ସୋମବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି।*

ବରଗଡ଼ ଅଫିସ୍, ୧୫।୫

- **୬୫ କ୍ୱିଣ୍ଟାଲ ପରିବର୍ତ୍ତେ ୨ କ୍ୱିଣ୍ଟାଲ ପାଇଁ ମିଳୁଛି ଟୋକନ୍**
- **ତ୍ରୁଟିକୁ ନେଇ ବଢୁଛି ଚାଷୀ ଅସନ୍ତୋଷ**

ବରଗଡ଼ ଜିଲାରେ ରବିଧାନ ସଂଗ୍ରହ ପ୍ରକ୍ରିୟା ଚାଲିଛି। ମାତ୍ର ଧାନ ସଂଗ୍ରହ ଆରମ୍ଭରୁ ନାନା ଅବ୍ୟବସ୍ଥା ଯୋଗୁ ଚାଷୀମାନେ ଧାନ ବିକ୍ରି କରି ନ ପାରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଟୋକନରେ ତ୍ରୁଟି ଏବେ ଚାଷୀଙ୍କ ପାଇଁ ପ୍ରମୁଖ ସମସ୍ୟା ପାଲଟିଛି। ରାଜ୍ୟ ସରକାର ଧାନବିକ୍ରିରେ ଟୋକନ୍‌କୁ ବାଧ୍ୟତାମୂଳକ କରିଥିବାବେଳେ ବିଭାଗୀୟ ଅଧିକାରୀମାନେ ଟୋକନ୍ ପ୍ରସ୍ତୁତ କରୁଛନ୍ତି। କିନ୍ତୁ ସେହି ଟୋକନ୍‌ରେ ତ୍ରୁଟି ଯୋଗୁ ଚାଷୀମାନେ ନିଜ ଅମଳ ଧାନ ବିକ୍ରିରୁ ବଞ୍ଚିତ ହେଉଛନ୍ତି। ଜିଲାର ଅଣଜଳସେଚିତ ଅଞ୍ଚଳର ଅନେକ ଚାଷୀଙ୍କ କ୍ଷେତ୍ରରେ ଏଭଳି ସମସ୍ୟା ପରିଲକ୍ଷିତ ହୋଇଛି। ଏଭଳି ଅଭିଯୋଗ ନେଇ ସୋମବାର ଜିଲାର ପଥର୍ଲା, ଗୋବିନ୍ଦପୁର, ଶସ୍ତୁପାଲି ଆଦି ଅଞ୍ଚଳର ଅନେକ ଚାଷୀ ଜିଲାପାଳଙ୍କ ଅଫିସକୁ ଆସିଥିଲେ। ସେମାନେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରି ଟୋକନ୍‌ରେ ରହିଥିବା ତ୍ରୁଟିର ତୁରନ୍ତ ସଂଶୋଧନ ସହ ସେମାନଙ୍କ ଧାନ କିଣିବାକୁ ଦାବି କରିଥିଲେ।

ଅଣଜଳସେଚିତ ଅଞ୍ଚଳର ଚାଷୀଙ୍କଠାରୁ ସର୍ବାଧିକ ଅଢ଼େଇ ଏକର ଜମି ପାଇଁ ୬୫ କ୍ୱିଣ୍ଟାଲ ଧାନ କିଣିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ମାତ୍ର ପଥର୍ଲା, ଗୋବିନ୍ଦପୁର ସମେତ ବିଭିନ୍ନ ଅଣଜଳସେଚିତ ଅଞ୍ଚଳର ଚାଷୀଙ୍କୁ ମିଳିଥିବା ଟୋକନରେ ବ୍ୟାପକ ତ୍ରୁଟି ପରିଲକ୍ଷିତ ହୋଇଛି। ଟୋକନରେ ବିକ୍ରିଯୋଗ୍ୟ ଧାନ ପରିମାଣ ୬୫ କ୍ୱିଣ୍ଟାଲ ବଦଳରେ ୨ କ୍ୱିଣ୍ଟାଲ, ୧୩ କ୍ୱିଣ୍ଟାଲ, ୨୩ କ୍ୱିଣ୍ଟାଲ, ୨୫ କ୍ୱିଣ୍ଟାଲ ଉଲ୍ଲେଖ ରହିଛି, ଯାହାକି ବିକ୍ରିଯୋଗ୍ୟ ଧାନ ପରିମାଣରୁ ଯଥେଷ୍ଟ କମ୍। ପଥର୍ଲା ଗ୍ରାମର ଚାଷୀ ଦେବେନ୍ଦ୍ର ସାହୁଙ୍କୁ ମିଳିଥିବା ଟୋକନରେ ବିକ୍ରିଯୋଗ୍ୟ ଧାନ ପରିମାଣ ☞ପୃଷ୍ଠା-୨

# ଜୁଏଲେରି ଶୋ'ରୁମ୍‌ରୁ ୧୫ କୋଟିର ଗହଣା ଲୁଟ୍

## ଦିନ ଦ୍ୱିପହରରେ ଡକାୟତି

ଯାଜପୁର ଅଫିସ, ୧୫।୫

ଯାଜପୁର ରୋଡ୍ ଥାନା ଅନ୍ତର୍ଗତ ଦଲା ଛକ ନିକଟରେ ଥିବା ଜୁଏଲେରି ଶୋ'ରୁମ୍ 'ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ'ରୁ ସୋମବାର ଅପରାହ୍ନ ୧ଟା ୨୫ ମିନିଟ୍‌ରେ ଏକ ବଡ଼ଧରଣର ଡକାୟତି ହୋଇଛି। ୭ଜଣ ମୁଖାପିନ୍ଧା ବ୍ୟକ୍ତି ଶୋ'ରୁମ୍ ଭିତରେ କର୍ମଚାରୀମାନଙ୍କୁ ଏକ କୋଣରେ ବନ୍ଧୁକ ମୁନରେ ରଖି ପ୍ରାୟ ୪୫ ମିନିଟ୍ ମଧ୍ୟରେ ୧୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସୁନା ଓ ହୀରା ଗହଣା ଲୁଟି ନେଇଛନ୍ତି। ସେମାନେ ଦୋକାନର ସିସିଟିଭିଗୁଡ଼ିକର ହାର୍ଡଡିସ୍କକୁ ମଧ୍ୟ ନେଇଯାଇଥିବାବେଳେ ପୂର୍ବଦିଗରେ ୨୦୦ ନମ୍ବର ଜାତୀୟ ରାଜପଥ ପଟକୁ ବାଇକ ଯୋଗେ ଫେରାର ହୋଇଯାଇଥିବା ପ୍ରତ୍ୟକ୍ଷଦର୍ଶୀଙ୍କଠାରୁ ଜାଣିବାକୁ ମିଳିଛି।

ସୂଚନା ଅନୁଯାୟୀ, ପ୍ରଥମେ ୨ ଜଣ ବ୍ୟକ୍ତି ଗ୍ରାହକ ସାଜି ଶୋ'ରୁମ୍ ଭିତରକୁ ପଶିଥିଲେ। ସେମାନେ ସୁନା ଦେଖିବାବେଳେ ଜଣେ ବାଥ୍‌ରୁମ୍‌କୁ ଯାଇ ବାହାରେ ଥିବା ଅନ୍ୟ ସାଥୀମାନଙ୍କୁ ଫୋନ୍ ଯୋଗେ ଡାକିଥିଲେ। ଏହାପରେ ଅନ୍ୟ ୫ ଜଣ ଶୋ'ରୁମ୍ ଭିତରକୁ ପ୍ରବେଶ କରିଥିଲେ। ଏହି ସମୟରେ ଗେଟ୍‌ରେ ନିୟୋଜିତ ସୁରକ୍ଷାକର୍ମୀଙ୍କୁ ମାଡ଼ ମାରି ତାଙ୍କ ବନ୍ଧୁକକୁ ଭାଙ୍ଗି ଦେଇଥିଲେ। ସମସ୍ତ କର୍ମଚାରୀଙ୍କ ମୋବାଇଲ ଲୁଟି ନେଇ ଏକ ବ୍ୟାଗରେ ଭର୍ତ୍ତି କରି ଦେଇଥିଲେ। ପୂର୍ବରୁ ଶୋରୁମର କାଚରେ ଲାଗିଥିବା ପରଦାଗୁଡ଼ିକ ଢଙ୍କାହୋଇଥିବାରୁ ଲୁଟେରାମାନଙ୍କୁ ତାହା ସୁହାଇଥିଲା। ଲୁଟେରାମାନେ ☞ପୃଷ୍ଠା-୨


**ଆଜିର ସମ୍ପାଦକୀୟ**

ଶତ୍ରୁର ଶତ୍ରୁ







# କ୍ଷତିପୂରକ ବନୀକରଣ ପାଇଁ ଗଠନ ହେବ ଲ୍ୟାଣ୍ଡ ବ୍ୟାଙ୍କ

ଭୁବନେଶ୍ୱର, ୧୫।୫(ବ୍ୟୁରୋ)

## ସବୁ ଜିଲାରେ ପତିତ ଜମି ଚିହ୍ନଟ ହେବ

ଶିଳ୍ପାୟନ, ସହରୀକରଣ, ଜନସଂଖ୍ୟା ବୃଦ୍ଧି ଯୋଗୁ ରାଜ୍ୟରେ ଜଙ୍ଗଲ ନଷ୍ଟହେବାରେ ଲାଗିଛି। ବିକାଶ ନାଁରେ ବ୍ୟାପକ ଗଛ କାଟି ପଦା କରାଯାଉଛି। ଅନ୍ୟପକ୍ଷରେ ନୂଆ ଜଙ୍ଗଲ ପାଇଁ ଜାଗା ନାହିଁ। ଏଥିଲାଗି ସରକାର ଲ୍ୟାଣ୍ଡ ବ୍ୟାଙ୍କ ଗଠନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏ ନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ସୋମବାର ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରତ୍ୟେକ ଜିଲାରେ ଲ୍ୟାଣ୍ଡ ବ୍ୟାଙ୍କ ଗଠନ କରାଯିବ। ଯେଉଁ ରାଜସ୍ୱ ଜମିକୁ ଜଙ୍ଗଲ ଅଞ୍ଚଳ ଘୋଷଣା କରାଯାଇଛି, ମାତ୍ର ସେଠାରେ କାଁ ଭାଁ ଗଛ ରହିଛି, ସେଭଳି ପତିତ ଜମିକୁ ଲ୍ୟାଣ୍ଡ ବ୍ୟାଙ୍କରେ ସାମିଲ କରାଯିବ। ରାଜସ୍ୱ ବିଭାଗର ଅବହେଳିତ ଜଙ୍ଗଲ ଜମିଗୁଡ଼ିକୁ ଚିହ୍ନଟ କରିବା ପାଇଁ ଜିଲାସ୍ତରରେ ଏକ କମିଟି ଗଠନ କରାଯିବ। ତେବେ ଏହି ଜମି ଅତିକମ୍‌ରେ ୨୫ ହେକ୍ଟର ହୋଇଥିବ। ଯଦି ଏହି ଜମି ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କିମ୍ବା ବନ୍ୟଜନ୍ତୁ କରିଡର ହୋଇଥିବ ତେବେ ଏହାର କୌଣସି ସୀମା ନିର୍ଦ୍ଧାରଣର ଆବଶ୍ୟକତା ନାହିଁ ବୋଲି ବିଜ୍ଞପ୍ତିରେ କୁହାଯାଇଛି। ଏହି ଜମିଗୁଡ଼ିକୁ କେବଳ ରାଜ୍ୟ ☞ପୃଷ୍ଠା-୨

# ଖରାଠୁ ବଳିଗଲା ଗୁଳୁଗୁଳି

## ବଲାଙ୍ଗୀରରେ ୪୪ ଡିଗ୍ରୀ ଟପିଲା ପାରଦ

**ଭୁବନେଶ୍ୱର, ୧୫।୫(ବ୍ୟୁରୋ):** ସୋମବାର ସାରା ରାଜ୍ୟରେ ଅସହ୍ୟ ଖରାତାତି ସହ ପ୍ରବଳ ଗୁଳୁଗୁଳି (ହିଟ୍ ୱେଭ୍) ଅନୁଭୂତ ହୋଇଥିଲା। ସକାଳ ୯ଟାରୁ ମୁଣ୍ଡଫଟା ଖରା ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଥିବାବେଳେ ପଶ୍ଚିମ ଓଡ଼ିଶାରେ ସ୍ଥିତି ସବୁଠୁ ବିଗିଡି ଯାଇଥିଲା। ଦ୍ୱୈତ ନଗରୀ କଟକ ଓ ଭୁବନେଶ୍ୱର ସମେତ ଆଭ୍ୟନ୍ତରୀଣ ଓଡ଼ିଶାରେ ଅପେକ୍ଷାକୃତ ତାପମାତ୍ରା କମ୍ ଥିଲେ ମଧ୍ୟ ସାନ୍ଦ୍ରତା ବେଶି କାରଣରୁ ଅଧିକ ଗୁଳୁଗୁଳି ହୋଇଥିଲା। ଦିନ ବଢ଼ିବା ସହ ଗୁଳୁଗୁଳି ତାତିଠୁ ବଳିଯାଇଥିଲା। ଲୋକେ ରାତି ପର୍ଯ୍ୟନ୍ତ ଘର ଭିତରେ ମଧ୍ୟ ସ୍ୱାଭାବିକ ଭାବେ ରହିପାରି ନ ଥିଲେ। ଗ୍ରାମାଞ୍ଚଳ ଓ କେତେକ ସହରରେ ବାରମ୍ବାର ବିଜୁଳି କାଟ ଲୋକଙ୍କ ଯନ୍ତ୍ରଣାକୁ ଆହୁରି ବଢ଼ାଇ ଦେଇଥିଲା। ୨ରୁ ୩ ଦିନ ମଧ୍ୟରେ ରାଜ୍ୟର ତାପମାତ୍ରା ୪୫° ଡିଗ୍ରୀ ଟପିବା ନେଇ ☞ପୃଷ୍ଠା-୨

# ସମୁଦ୍ରତଳେ ୭୪ ଦିନ

## ଫ୍ଲୋରିଡା ପ୍ରଫେସର କଲେ ୱାର୍ଲ୍ଡ ରେକର୍ଡ

ତାଲାହାସି, ୧୫।୫

ଗ୍ରହ, ନକ୍ଷତ୍ର ଓ ତାରକାପୁଞ୍ଜ ସମ୍ପର୍କରେ ତଥ୍ୟ ହାସଲ କରିବା ପାଇଁ ଜ୍ୟୋତିର୍ବିଜ୍ଞାନିମାନଙ୍କୁ ଅନେକ ମାସ ମହାକାଶରେ ରହିବାକୁ ପଡ଼େ। ସେହିପରି ସମୁଦ୍ରର ଗଭୀର ଜଳରେ ବାସ କରୁଥିବା ପ୍ରାଣୀଙ୍କ ସମ୍ବନ୍ଧରେ ଜାଣିବାକୁ ହେଲେ ସମୁଦ୍ର ବୁଡ଼ାଳିମାନଙ୍କୁ ମଧ୍ୟ ଅନେକ ଦିନ ଗଭୀର ଜଳରେ ରହିବାକୁ ପଡ଼ିଥାଏ। କିନ୍ତୁ ଏବେ ସମୁଦ୍ରର ଗଭୀର ଜଳରାଶିତଳେ ଦୁଇମାସରୁ ଊର୍ଦ୍ଧ୍ୱ ଦିନ ରହି ଫ୍ଲୋରିଡା ୟୁନିଭର୍ସିଟି ପ୍ରଫେସର ୱାର୍ଲ୍ଡ ରେକର୍ଡ କରିଛନ୍ତି। ୟୁନିକ୍ ବାୟୋଲଜି ଷ୍ଟଡି ପାଇଁ 'ପ୍ରୋଜେକ୍ଟ ନେପ୍‌ଚୁନ୍ ୧୦୦' ପ୍ରୋଜେକ୍ଟ ଜରିଆରେ ପ୍ରଫେସର



ପ୍ରଫେସର ଜୋଶେଫ ଡିଟୁରି

ଜୋଶେଫ ଡିଟୁରି ସମୁଦ୍ର ମଧ୍ୟକୁ ଓହ୍ଲାଇଛନ୍ତି।

କି ଲାର୍ଗୋରସ୍ଥିତ ଜୁଲ୍ସ ଅଣ୍ଡରସି ଲଜ୍‌ରେ ରହି ଜୋଶେଫ୍ ଏହି ଅଭିଯାନ ଚଳାଇଛନ୍ତି। ସୂଚନାନୁସାରେ, ସ୍ଥଳ ଭାଗରୁ ୩୦ ଫୁଟ ଗଭୀର ତଳେ ଏହି ଲଜ୍ ଅବସ୍ଥିତ। ସମୁଦ୍ର ତଳେ ୭୪ ଦିନ ରହି ରେକର୍ଡ କରିବା ପରେ ଜୋଶେଫ ଟୁଇଟରରେ ଏକ ପୋଷ୍ଟ ଶେୟାର କରିଛନ୍ତି। ସେ କହିଛନ୍ତି, ଅନୁସନ୍ଧାନ କରିବାର ଦୃଢ଼ ଇଚ୍ଛା ତାଙ୍କୁ ଏଠାକୁ ନେଇ ଆସିଛି। କେବଳ ଆଗାମୀ ପିଢ଼ିଙ୍କ ପାଇଁ ନୁହେଁ, ସାରା ବିଶ୍ୱର ବୈଜ୍ଞାନିକମାନଙ୍କୁ ଅଣ୍ଡରସି ସମ୍ପର୍କରେ ଅଧ୍ୟୟନ କରିବା ପାଇଁ ଏହା ପ୍ରେରଣା ଯୋଗାଇବ। ଅଭିଯାନ ଶେଷ ହେବା ଲାଗି ଆଉ ୨୩ ଦିନ ବାକି ଅଛି। ମାର୍ଚ୍ଚ ୧ରେ ଜୋଶେଫ ସମୁଦ୍ର ମଧ୍ୟକୁ ଯାଇଥିବାବେଳେ ଜୁନ୍ ୯ରେ ଏହି ଅଭିଯାନ ଶେଷ ହେବ। ଜାଶେଫଙ୍କ ପୂର୍ବରୁ ଅନ୍ୟ ଦୁଇଜଣ ପ୍ରଫେସର ସମୁଦ୍ର ଜଳରେ ୭୩ ଦିନ ରହି ବିଶ୍ୱ ରେକର୍ଡ କରିଥିଲେ। ଅନ୍ୟପକ୍ଷେ ଜୋଶେଫଙ୍କ ଉପରେ ☞ପୃଷ୍ଠା-୨


DSPL-43

5T TRANSPARENCY TECHNOLOGY TEAMWORK TIME TRANSFORMATION | ଓଡ଼ିଶା ସରକାର | ମୋ ସରକାର ☎ 14545

## ଜାତୀୟ ଡେଙ୍ଗୁ ଦିବସ

୧୬ ମଇ ୨୦୨୩

"ଆମ ଦ୍ୱାରା ଡେଙ୍ଗୁର ପ୍ରତିରୋଧ ସମ୍ଭବ। ସ୍ୱଚ୍ଛ ପରିବେଶ, ନିୟମିତ ମଶାରୀ ବ୍ୟବହାର ଏବଂ ଲକ୍ଷଣ ଦେଖା ଦେଲେ ତୁରନ୍ତ ପରୀକ୍ଷା ଓ ଚିକିତ୍ସା ଦ୍ୱାରା ଡେଙ୍ଗୁ କବଳରୁ ଆମେ ନିଜକୁ ସୁରକ୍ଷିତ ରଖିପାରିବା।"

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା



Healthy Odisha
Happy Odisha

### କ'ଣ କରିବା

- ପାଣି ଜମି ରହୁଥିବା ଟିଣ ଡବା, ଷଢେଇ, ପୁରୁଣା ଟାୟାର, ଫୁଲଦାନୀ, ଏୟାର କୁଲର୍ ଆଦିକୁ ଅନ୍ତତଃ ସପ୍ତାହରେ ଥରେ ସଫା କରିବା।
- ରାତି ହେଉ ବା ଦିନ, ଶୋଇଲା ବେଳେ ମଶାରୀ ନିଶ୍ଚୟ ଟାଙ୍ଗିବା।
- ମଶା ପ୍ରାଦୁର୍ଭାବ ଅଧିକ ଥିବା ଅଞ୍ଚଳରେ ପୁରା ହାତ ପୋଷାକ ପିନ୍ଧିବା।
- ଜ୍ୱର ସହ ଦେହ-ହାତ ଓ ଆଖି ବିନ୍ଧିବା ଓ ଦେହରେ ଲାଲ୍ ଲାଲ୍ ହୋଇ ଫଳି ଯିବା ଭଳି ଲକ୍ଷଣ ଦେଖା ଦେଲେ ତୁରନ୍ତ ଡାକ୍ତରଖାନା ଯାଇ ଚିକିତ୍ସିତ ହେବା।

### କ'ଣ କରିବା ନାହିଁ

- କୌଣସି ସ୍ଥାନରେ ୭ ଦିନରୁ ଅଧିକ ସମୟ ଧରି ପାଣି ଜମିବାକୁ ଦେବା ନାହିଁ।
- ଘର ପାଖରେ ବଣ ବୁଦା ବଢିବାକୁ ଦେବା ନାହିଁ।
- ଖୋଲା ଦେହରେ ବିଶେଷତଃ ଭୋର୍ ସକାଳେ ଓ ସନ୍ଧ୍ୟା ସମୟରେ ବାହାରେ ବୁଲାବୁଲି କରିବା ନାହିଁ।
- ଡାକ୍ତରଙ୍କ ବିନା ପରାମର୍ଶରେ ପୀଡା ନିବାରକ ଔଷଧ ଖାଇବା ନାହିଁ।

OIPR-10003/13/0028/2324

ଆବଶ୍ୟକ ହେଲେ ତୁରନ୍ତ ସ୍ୱାସ୍ଥ୍ୟ ସହାୟତା ନମ୍ବର ୧୦୪ରେ ଫୋନ୍ କରନ୍ତୁ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ

facebook.com/HFWOdisha
@HFWOdisha
http://www.health.odisha.gov.in




# ଓଡ଼ିଶାରେ ବଜ୍ରପାତ

# ବାର୍ଷିକ ୪୦୦ ଜୀବନହାନି

- ଜନସଚେତନତାକୁ ପ୍ରଶାସନର ଗୁରୁତ୍ୱ
- ୧୦ ଜିଲା ପାଇଁ ୧ କୋଟି ୧୪ ଲକ୍ଷ ଟଙ୍କାର ବଜେଟ

**ଯାଜପୁର ଅଫିସ,୧୫।୫**

ଭାରତର ବିପର୍ଯ୍ୟୟ ହଟ୍‌ସ୍ପଟ୍ ମଧ୍ୟରେ ଓଡ଼ିଶା ରହିଆସିଛି। ବାତ୍ୟା, ବନ୍ୟା, ମରୁଡ଼ି ଭଳି ଦୁର୍ବିପାକ ପ୍ରାୟ ପ୍ରତିବର୍ଷ ଘଟୁଛି। ଏଭଳି ବିପର୍ଯ୍ୟୟ ସହ ବଜ୍ରପାତରେ ଅଧିକ ଜୀବନହାନି ଘଟୁଛି। ୧୯୯୯ ମହାବାତ୍ୟା ପରେ ଏଯାଏ ବଜ୍ରପାତରେ ୫୦୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଛି। ବିଶେଷକରି ୨୦୧୫-୧୬ରୁ ବାର୍ଷିକ ହାରାହାରି ୪୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ବଜ୍ରପାତରେ ମୃତ୍ୟୁ ଘଟିଛି। ୨୦୧୭-୧୮ରେ ସର୍ବାଧିକ ୪୭୪ ଲୋକଙ୍କ ବଜ୍ରପାତଜନିତ ମୃତ୍ୟୁ ଘଟିଛି, ଯାହା ପୂର୍ବବର୍ଷ ତୁଳନାରେ ୧୮.୫% ଅଧିକ। ମୃତକଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି କୃଷକ, ବ୍ୟବସାୟୀ, ହକର ଏବଂ ନିର୍ମାଣ ଶ୍ରମିକ, ଯେଉଁମାନେ ବର୍ଷା ଓ ଘଡ଼ଘଡ଼ି ସମୟରେ ଖୋଲା ସ୍ଥାନରେ କାମ କରୁଥିଲେ କିମ୍ବା ଗଛ ତଳେ ଆଶ୍ରୟ ନେଇଥିଲେ। ତେବେ ଏଭଳି ମୃତ୍ୟୁକୁ ରୋକିବା ପାଇଁ ଜନସଚେତନତା ଗୁରୁତ୍ୱପୂର୍ଣ୍ଣ ଥିବାବେଳେ ଏହା ପ୍ରଶାସନ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଛି।

ପାଣିପାଗ ସଂକ୍ରାନ୍ତରେ ପୂର୍ବାନୁମାନ ଏବଂ ବଜ୍ରପାତ ନିୟନ୍ତ୍ରଣ ଉପରେ ଆବଶ୍ୟକ ପଦକ୍ଷେପ ଅଭାବରୁ ସାଧାରଣ ଲୋକଙ୍କ ଜୀବନ ବିପଦାପନ୍ନ ହୋଇଥିବା ମତପ୍ରକାଶ ପାଇଛି। ଯାଜପୁର ରୋଡ୍‌ର ବରିଷ୍ଠ ଆଇନଜୀବୀ ଚନ୍ଦ୍ରଶେଖର ପଣ୍ଡା କୁହନ୍ତି, ବଜ୍ରପାତ ବିଶେଷକରି ଗଛଲତା ଅଭାବରୁ ବୃଦ୍ଧି ହେଉଛି। ବିଭିନ୍ନ ଉନ୍ନୟନ କାର୍ଯ୍ୟ ଆଳରେ ବ୍ୟାପକ ଗଛକଟା ଚାଲିଛି। ସେହି ତୁଳନାରେ ବୃକ୍ଷରୋପଣ ହୋଇ ପାରୁନାହିଁ। ଏହାସହ ସାଧାରଣ ଲୋକଙ୍କ ମଧ୍ୟରେ ସେତେଟା ସଚେତନତା ସୃଷ୍ଟି କରାଯାଇ ପାରିନାହିଁ। ଏହାସହ ସରକାରୀସ୍ତରରେ ବଜ୍ରପାତକୁ ନେଇ ଠିକ୍ ଭାବେ ପୂର୍ବାନୁମାନ କରାଯାଇ ପାରୁନାହିଁ। ବୈଷୟିକ ଜ୍ଞାନକୌଶଳର ଅଭାବ ଯୋଗୁ ଉଚିତ ସମୟରେ ବଜ୍ରପାତ ସମ୍ପର୍କରେ ସୂଚନା ମିଳୁନି। ତେଣୁ ଜିଲାସ୍ତରରେ ଆବଶ୍ୟକ ଯନ୍ତ୍ରପାତି ଖଞ୍ଜାଯାଇ ସ୍ୱତନ୍ତ୍ର କେନ୍ଦ୍ର ମାଧ୍ୟମରେ ସୂଚନା ଦିଆଯାଇ ପାରିଲେ ବଜ୍ରପାତ



ମୃତ୍ୟୁ ସଂଖ୍ୟା ହ୍ରାସ ପାଇପାରିବ। ବରିଷ୍ଠ ନାଗରିକ ମାୟାଧର ନାୟକ କୁହନ୍ତି, ସଚେତନତା ଅଭାବରୁ ବଜ୍ରପାତ ମନୁଷ୍ୟକୃତ ବିପଦରେ ପରିଣତ ହେଉଛି। ଜଙ୍ଗଲ ସଫା ଏବଂ କଂକ୍ରିଟ ଜଙ୍ଗଲ ସୃଷ୍ଟି ଯୋଗୁ ଜଳବାୟୁ ପରିବର୍ତ୍ତନ ହେବା ସହ ପ୍ରଦୂଷଣ ବୃଦ୍ଧି ହୋଇଛି। ଧରଣୀ ମା' ଉପରେ ଅତ୍ୟାଚାର ବଢ଼ି ଚାଲିଛି। ଏହାସହ ଲୋକଙ୍କୁ ଯେତେ ସତର୍କ କଲେ ବି ସେମାନେ ସେତେଟା ସଚେତନ ହେଉନାହାନ୍ତି। ଫଳରେ ବଜ୍ରପାତ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି।

ବଜ୍ରପାତରୁ ଲୋକଙ୍କୁ ରକ୍ଷା କରିବା ନିମନ୍ତେ ୨୦୨୩-୨୪ ପାଇଁ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଆଇନ-୨୦୦୫ ଅନୁସାରେ ଏକ ଷ୍ଟେଟ ଏକ୍‌ଜିକ୍ୟୁଟିଭ କମିଟି ଗଠନ କରାଯାଇଛି। ଗତ ୨ ତାରିଖରେ ଏହି କମିଟିର ପ୍ରଥମ ବୈଠକର ନିଷ୍ପତ୍ତି ଅନୁସାରେ ପ୍ରଥମ ପର୍ଯ୍ୟାୟରେ ବଜ୍ରପାତରେ ଅଧିକ ମୃତ୍ୟୁ ହେଉଥିବା ୧୦ ଜିଲାରେ ଏକ ସ୍ୱତନ୍ତ୍ର ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯିବ। ଏଥିରେ ମୟୂରଭଞ୍ଜ, ଗଞ୍ଜାମ, କେନ୍ଦୁଝର, ବାଲେଶ୍ୱର, କଟକ, ସୁନ୍ଦରଗଡ଼, ନବରଙ୍ଗପୁର, ଯାଜପୁର, ବଲାଙ୍ଗୀର ଓ କୋରାପୁଟ ଜିଲା ରହିଛି। ଏଥିପାଇଁ ୧ କୋଟି ୧୪ ଲକ୍ଷ ଟଙ୍କାର ବଜେଟ ପ୍ରସ୍ତୁତ କରାଯାଇଛି। ଏହି ଅର୍ଥରେ ଘଡ଼ଘଡ଼ି ଓ ବଜ୍ରପାତ ସମ୍ପର୍କରେ ପୋଷ୍ଟର ତିଆରି, ଗ୍ରାମ୍ୟସ୍ତରରେ ପଥପ୍ରାନ୍ତ ନାଟକ ଓ ଲୋକନୃତ୍ୟ, ବିଭିନ୍ନ ଗଣମାଧ୍ୟମରେ ବିଜ୍ଞାପନ, ସଚେତନତା ରଥ ପରିକ୍ରମା, ହାଟ ଆଦି ଜନଗହଳି ସ୍ଥାନରେ ସଚେତନତା କ୍ୟାମ୍ପ, ଅଡିଓ/ଭିଡିଓ ଭିଜୁଆଲ, ୱାଲ ପେଣ୍ଟିଂ, ସ୍କୁଲ ଓ କଲେଜସ୍ତରରେ ସଚେତନତା କାର୍ଯ୍ୟକ୍ରମ, ଏସ୍‌ଏଚ୍‌ଜି ସଭ୍ୟାସଭ୍ୟଙ୍କ ମଧ୍ୟରେ ସଚେତନତା ବୈଠକ, କୃଷକ ଏବଂ କୃଷି ଉତ୍ପାଦକ ସଂସ୍ଥାଗୁଡ଼ିକୁ ନେଇ ବୈଠକ ଆଦି କାର୍ଯ୍ୟକ୍ରମ କରାଯିବ। ସରକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ସମୁଦାୟ ପ୍ରାକୃତିକ ବିପର୍ଯ୍ୟୟଜନିତ ମୃତ୍ୟୁ ମଧ୍ୟରୁ ବଜ୍ରପାତରେ ୨୫ ପ୍ରତିଶତରୁ ଅଧିକ ମୃତ୍ୟୁ ରହିଛି। ରାଜ୍ୟ ସରକାର ବଜ୍ରପାତ ମୃତ୍ୟୁକୁ ୨୦୧୫ରେ ଷ୍ଟେଟ ସ୍ପେଶିଫିକ୍ ଡିଜାଷ୍ଟର ଭାବେ ଘୋଷଣା କରିଛନ୍ତି। ଏହିକ୍ରମରେ କ୍ଷତିଗ୍ରସ୍ତ ପରିବାରବର୍ଗଙ୍କୁ ୪ ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରାଯାଉଛି। ତେବେ ସଚେତନତା ଅଭାବରୁ ବଜ୍ରପାତ ମୃତ୍ୟୁହାର ନିୟନ୍ତ୍ରଣ ହୋଇପାରୁନି ବୋଲି ମତପ୍ରକାଶ ପାଇଛି।

ଯାଜପୁର ଜିଲା ଜରୁରିକାଳୀନ ଅଧିକାରୀ ଉମେଶ ଚନ୍ଦ୍ର ଲେଙ୍କାଙ୍କୁ ପଚାରିବାରୁ ସେ କହିଛନ୍ତି, ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ ଜାରି ପୂର୍ବାନୁମାନ ତଥ୍ୟକୁ ତହସିଲଦାର ଏବଂ ବିଡିଓମାନଙ୍କ ଜରିଆରେ ଗ୍ରାମାଞ୍ଚଳକୁ ପହଞ୍ଚାଇ ଦିଆଯାଉଛି। ଏହାସହ ସରକାରୀସ୍ତରରେ ମୃତକଙ୍କ ପରିବାରବର୍ଗଙ୍କୁ ସହାୟତା ରାଶି ପ୍ରଦାନ କରାଯାଉଛି। ବଜ୍ରପାତ ପୂର୍ବାନୁମାନ ବାତ୍ୟା ଭଳି ବହୁ ପୂର୍ବରୁ ମିଳି ପାରୁନାହିଁ। ତେଣୁ ଲୋକଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି ପାଇଁ ଯୋଜନା ପ୍ରସ୍ତୁତ କରାଯାଉଛି।

# ଡ୍ରଇଂ ଶିଟ୍‌ରେ ୧ ଲକ୍ଷ ୧୦୮ ରାମ ନାମ

## ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଲେ ସୁଶ୍ରୀ

**କେନ୍ଦୁଝର, ୧୫।୫(ଡି.ଏନ୍.ଏ.)**

କେନ୍ଦୁଝର ପୁରୁଣା ସହରର ପ୍ରସନ୍ନ ପତିଙ୍କ କନ୍ୟା ସୁଶ୍ରୀ ସୁମନ ପତି ୨୮ ଇଞ୍ଚ ଓସାର, ୩୪ ଇଞ୍ଚ ଲମ୍ବ ବିଶିଷ୍ଟ ଏକ ଡ୍ରଇଂ ଶିଟ୍‌ରେ ୧ ଲକ୍ଷ ୧୦୮ ଥର ରାମ ନାମ ଲେଖିଛନ୍ତି। ଏହି ଲେଖା ମାଧ୍ୟମରେ ରାମ, ଲକ୍ଷ୍ମଣ, ସୀତା ଏବଂ ହନୁମାନଙ୍କ ଚିତ୍ର ଆଙ୍କି ଇଣ୍ଡିଆ ବୁକ୍ ଅଫ୍ ରେକର୍ଡର ଅଧିକାରିଣୀ ହୋଇପାରିଛନ୍ତି। ପେନ୍ ଓ ସ୍କେଜ୍ ସାହାଯ୍ୟରେ ନିଖୁଣ କଳା କାରିଗରି ବଳରେ ଦୀର୍ଘ ୧୪ ଦିନ ପରିଶ୍ରମ କରି ସେ ଏହା ଆଙ୍କିଛନ୍ତି ବୋଲି ପ୍ରକାଶ କରିଛନ୍ତି। ଚିତ୍ର ଆଙ୍କିବା ସମୟରେ ମାର୍ଚ୍ଚ ୧୭ ତାରିଖରେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ ପାଇଁ ଆବେଦନ କରିଥିଲେ। ତାହା ଏବେ ଘୋଷଣା ସହ ତାଙ୍କୁ ପଦକ ଓ ମାନପତ୍ର ପ୍ରଦାନ କରାଯାଇଛି। ଅନନ୍ୟ ପ୍ରତିଭା



ବାପାଙ୍କ ସହ ସୁଶ୍ରୀ ସୁମନ।

ପାଇଁ ତାଙ୍କ ପାଖକୁ ଶୁଭେଚ୍ଛାର ସୁଅ ଛୁଟୁଛି। ସୁଶ୍ରୀ ସୁମନ୍ ପେଣ୍ଟିଂ ସହ ସ୍ୟାଣ୍ଡ ଆର୍ଟ ଏବଂ ଆନିମେଶନରେ ମଧ୍ୟ ରୁଚି ରଖିଛନ୍ତି। ସେ ଉତ୍ତରାଖଣ୍ଡର ହରିଦ୍ୱାରଠାରେ ଥିବା ଦେବ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଆନିମେଶନରେ ଡିପ୍ଲୋମା କରିଛନ୍ତି। ସୁଶ୍ରୀ ଆନ୍ତର୍ଜାତିକ ସ୍ୟାଣ୍ଡ୍ ଆର୍ଟିଷ୍ଟ ଆୱାର୍ଡ ଏବଂ ଯୁବ କଳାକାର ଆୱାର୍ଡ ଆଦି ବହୁ ସମ୍ମାନର ଅଧିକାରିଣୀ ହୋଇପାରିଛନ୍ତି। ବର୍ତ୍ତମାନ ସେ କେନ୍ଦୁଝର ସହରର ପୁରୁଣାବଜାର ଏବଂ ମାଇନିଂ ରୋଡ୍‌ରେ ଗାୟତ୍ରୀ ନାମକ କଳା ଶିକ୍ଷାନୁଷ୍ଠାନ କରି ଶିଶୁମାନଙ୍କୁ ପେଣ୍ଟିଂ, ଆନିମେଶନ ଶିକ୍ଷା ଦେଉଛନ୍ତି। ସେ ନୂଆ ନୂଆ କଳା, କାରିଗରି କରି ବିଶ୍ୱସ୍ତରୀୟ ରେକର୍ଡ ପାଇଁ ଉଦ୍ୟମ କରିବେ ବୋଲି ପ୍ରକାଶ କରିଛନ୍ତି।

# ଶ୍ରୀମନ୍ଦିର ସିଂହଦ୍ୱାର ଗୁମୁଟ ନିକଟରେ ନିଆଁ

**ପୁରୀ ଅଫିସ, ୧୫।୫**

ଶ୍ରୀମନ୍ଦିର ସିଂହଦ୍ୱାର ଗୁମୁଟ ନିକଟ ତଥା ବଡ଼ଛତା ମଠ ପାର୍ଶ୍ୱରେ ସୋମବାର ଅଗ୍ନିକାଣ୍ଡ ଘଟିଛି। ଏଥିରେ କିଛି କ୍ଷୟକ୍ଷତି ହୋଇନାହିଁ। ଅଗ୍ନିଶମ ବାହିନୀ ପକ୍ଷରୁ ନିଆଁକୁ ତୁରନ୍ତ ଆୟତ୍ତ କରାଯାଇପାରିଛି। ସୂଚନାଯୋଗ୍ୟ, ଅପରାହ୍ନରେ ଶ୍ରୀମନ୍ଦିର ସିଂହଦ୍ୱାର ଗୁମୁଟ ନିକଟ ପିଟି ବକ୍ସ ୱେୟାରିଂ ତାରରୁ ଧୂଆଁ ବାହାରୁଥିବା ଦେଖିବାକୁ ମିଳିଥିଲା। କିଛି ସମୟ ପରେ ତାହା ଜଳିଥିଲା। ଏହା ଦେଖି ସେଠାରେ ଉପସ୍ଥିତ ଭକ୍ତ ଏବଂ ଅନ୍ୟମାନେ ଭୟଭୀତ ହୋଇପଡ଼ିଥିଲେ। ଶ୍ରୀମନ୍ଦିର ବିଦ୍ୟୁତ କର୍ମଚାରୀ ପହଞ୍ଚି ତାରକୁ ଅଲଗା କରିବା ସହ ନିଆଁ ଲିଭାଇଥିଲେ। ସେହିପରି ଅଗ୍ନିଶମ ବାହିନୀ ପହଞ୍ଚି ସ୍ଥିତି ପରଖିଥିଲେ। ତେବେ ସେତେବେଳକୁ ନିଆଁ ଲିଭିସାରିଥିଲା। ବିଦ୍ୟୁତ କର୍ମଚାରୀଙ୍କ ଯୋଗୁ ଏକ ବଡ଼ ଅଘଟଣ ଟଳିଯାଇଥିଲା। ମୂଷା କିମ୍ବା ଝିଟିପିଟି ତାର କାଟିଦେଇଥିବାରୁ ସର୍ଟ୍‌ସର୍କିଟ୍ ଘଟି ନିଆଁ ଲାଗିଥିଲା ବୋଲି ଅନୁମାନ କରାଯାଉଛି।




ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୬ ମେ, ୨୦୨୩



" ଇନ୍ଦ୍ରିୟ ସୁଖ ପାଇଁ ମଣିଷ ସର୍ବଦା ଆତୁର ହୁଏ। ସେଥିପାଇଁ ତାକୁ ଦୁଃଖ ଓ ଯନ୍ତ୍ରଣାର ଜୁଆଳି କାନ୍ଧରେ ବହନ କରିବାକୁ ପଡେ। କାରଣ, ଅବିମିଶ୍ର ଆନନ୍ଦ ଭୋଗ କରନ୍ତି କେବଳ ଯେଉଁମାନେ ମୁକ୍ତ ଓ ନିଷ୍କାମ ଆତ୍ମା। କିନ୍ତୁ ମଣିଷ ଭିତରେ ଯେଉଁ ସତ୍ତା କେବଳ ଇନ୍ଦ୍ରିୟ ସୁଖ ଖୋଜୁଥାଏ- ତାହା ହେଲା ଏକ ଯନ୍ତ୍ରଣାଦଗ୍ଧ- କଷ୍ଟଭୋଗୀ ସତ୍ତା। **-ଶ୍ରୀଅରବିନ୍ଦ**

# ଶତ୍ରୁର ଶତ୍ରୁ

୨୪ ଫେବୃୟାରୀ ୨୦୨୨ରେ ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣ କରିଥିଲା। ଏହି ଯୁଦ୍ଧକୁ ଏବେ ୧୫ ମାସ ଚାଲିଛି। ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି ସାହସ ଓ ଧୈର୍ଯ୍ୟର ସହ ରୁଷିଆ ଆକ୍ରମଣର ମୁକାବିଲା କରିଚାଲିଛନ୍ତି। ଯୁଦ୍ଧରେ ୮ ମିଲିୟନ ୟୁକ୍ରେନ୍ ଲୋକ ସ୍ଥାନାନ୍ତର ହୋଇଥିବାବେଳେ ୮ ମିଲିୟନ ଦେଶ ଛାଡ଼ି ପଳାଇଗଲେଣି। ଉଭୟ ପକ୍ଷର ୩,୫୪,୦୦୦ ସୈନ୍ୟଙ୍କ ମୃତ୍ୟୁ ଘଟିଲାଣି ବୋଲି ଆମେରିକା ଦ୍ୱାରା ପ୍ରସ୍ତୁତ ଏକ ରିପୋର୍ଟରୁ ଜଣାପଡ଼ିଛି। ଏହି ଯୁଦ୍ଧ ଦୀର୍ଘଦିନ ଜାରି ରହିବା କାରଣ ହେଉଛି ୟୁକ୍ରେନକୁ ନାଟୋ ଅସ୍ତ୍ରଶସ୍ତ୍ର ଯୋଗାଉଛି। ବିଶେଷ କରି ଏହି କ୍ଷେତ୍ରରେ ଆମେରିକା, ଜର୍ମାନୀ, ଫ୍ରାନ୍ସ, ଇଟାଲୀ ଓ ଇଂଲଣ୍ଡର ଭୂମିକା ବେଶି। ତେବେ ବର୍ତ୍ତମାନ ଜେଲେନସ୍କିଙ୍କ ଇଟାଲୀ, ଜର୍ମାନୀ, ଫ୍ରାନ୍ସ ଏବଂ ଇଂଲଣ୍ଡ ଗସ୍ତ ଯୁଦ୍ଧର ଏକ ସମ୍ଭାବ୍ୟ ଗମ୍ଭୀର ସ୍ଥିତିକୁ ସୂଚିତ କରିଛି। ଇଟାଲୀ ଗସ୍ତ ଶେଷ କରି ସେ ୧୪ ମେ'ରେ ଜର୍ମାନୀ ବାୟୁସେନାର ଲଢୁଆ ବିମାନ ସୁରକ୍ଷାବଳୟରେ ଜର୍ମାନୀରେ ପହଞ୍ଚି ଓଲାଫ ସ୍କଲ୍‌ଜଙ୍କ ସହ ସାକ୍ଷାତ କରିଥିଲେ। ଜର୍ମାନୀରେ ଜେଲେନସ୍କି କହିଛନ୍ତି ଯେ, ୟୁକ୍ରେନ ଓ ପାଶ୍ଚାତ୍ୟ ଦେଶ ମିଶି ଚଳିତ ବର୍ଷ ରୁଷିଆକୁ ହରାଇପାରିବେ ଏବଂ ଏହା ନିର୍ଦ୍ଧାରଣ କରିବା ହିଁ ଉପଯୁକ୍ତ ସମୟ । ଏହାସହ ୨.୭ ବିଲିୟନ ୟୁରୋ ବା ୩ ବିଲିୟନ ଡଲାର ମୂଲ୍ୟର ଅସ୍ତ୍ରଶସ୍ତ୍ର ଯୋଗାଇ ଦେବାକୁ ସ୍କଲ୍‌ଜ ପ୍ରତିଶ୍ରୁତି ଦେଇଛନ୍ତି। ଜେଲେନ୍‌ସ୍କି ମଧ୍ୟ ଲଢୁଆ ବିମାନ ମାଗିଛନ୍ତି। ଜର୍ମାନୀ ପରେ ଫ୍ରାନ୍ସ ଯାଇ ରାଷ୍ଟ୍ରପତି ଏମାନୁଏଲ ମାକ୍ରୋନଙ୍କୁ ଓ ପରେ ଇଂଲଣ୍ଡରେ ପ୍ରଧାନମନ୍ତ୍ରୀ ଋଷି ସୁନକଙ୍କୁ ସାକ୍ଷାତ କରିଛନ୍ତି। ସବୁଠି ତାଙ୍କୁ ସହଯୋଗର ପ୍ରତିଶ୍ରୁତି ମିଳିଛି। ଏଥିରୁ ସ୍ପଷ୍ଟ ଯେ, ୟୁରୋପ ସହ ଜେଲେନସ୍କିଙ୍କ ସମ୍ପର୍କ ମଜଭୁତ ହେଉଛି ଓ ରୁଷିଆ ଉପରେ ଚାପ ବଢୁଛି। ଜେଲେନସ୍କିଙ୍କ ପାଶ୍ଚାତ୍ୟ ଦେଶଗୁଡ଼ିକୁ ତୋଫାନୀ ଗସ୍ତ ରୁଷିଆ ଓ ପାଶ୍ଚାତ୍ୟ ମଧ୍ୟରେ ଅବିଶ୍ୱାସକୁ ଆହୁରି ବଢାଇଦେଇଛି। ଅନ୍ୟପକ୍ଷରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନଙ୍କର ଅନ୍ତିମ ଲଢେଇ ପ୍ରସ୍ତୁତି ଓ ପ୍ରକୃତ ଲଢେଇ ନାଟୋ ଲଢୁଛି ବୋଲି କହିବା ଭୁଲ୍ ହେବନି। ଏଥିସହିତ ପୁଟିନଙ୍କର ପରିସ୍ଥିତି ଦୁର୍ବଳ ହେଉଛି ବୋଲି ଆଜି ଜଣାପଡୁଛି। ସୋଭିଏଟ୍ ରୁଷ୍ ସହିତ ମିଶିକରି ଥିବା ପ୍ରାୟ ୧୫ଟି ଅଞ୍ଚଳ ସେହି ସଂଘ ଭାଙ୍ଗିବା ପରେ ଭିନ୍ନ ଦେଶ ହୋଇଯାଇଛନ୍ତି। ତନ୍ମଧ୍ୟରୁ ୯ଗୋଟି ଦେଶ ମିଶିକରି କମନୱେଲଥ ଅଫ୍ ଇଣ୍ଡିପେଣ୍ଡେଣ୍ଟ ଷ୍ଟେଟ୍ସ (ସିଆଇଏସ୍) ଭାବେ ଏକ ଗୋଷ୍ଠୀ କରିଥିଲେ, ଯାହାକି ୟୁକ୍ରେନ ଉପରେ ରୁଷିଆର ଆକ୍ରମଣକୁ ସକ୍ରିୟ ସହଯୋଗ ଆରମ୍ଭରୁ ଦେଇଆସୁଛି। ଆଜିର ଖବର ଅନୁଯାୟୀ ସେହି ୯ଟି ଦେଶ ମଧ୍ୟରୁ ମୋଲଡୋଭା ଯୁଦ୍ଧରୁ ବିରତି ନେବ ବୋଲି ଘୋଷଣା କରି ତା'ର ସୈନ୍ୟମାନଙ୍କୁ ପ୍ରତ୍ୟାହାର କରିନେବାର ନିଷ୍ପତ୍ତି ପୃଥିବୀକୁ ଜଣାଇଦେଲାଣି। ଏହା ପୁଟିନଙ୍କ ପାଇଁ ଏକ ବିରାଟ ବଡ଼ ଧକ୍କା।

ନିକଟ ଭବିଷ୍ୟତରେ ଏହି ଯୁଦ୍ଧ ଶେଷ ହେଲା ଭଳି ମନେ ହେଉନାହିଁ। ଦ୍ୱିତୀୟ ବର୍ଷରେ ପ୍ରବେଶ କରିଥିବା ରୁଷିଆ- ୟୁକ୍ରେନ ଯୁଦ୍ଧ ଦୀର୍ଘଦିନରୁ ଆଞ୍ଚଳିକ ଅସ୍ଥିରତା ସହିତ ବିଶ୍ୱବ୍ୟାପୀ ଅର୍ଥନୀତିକୁ ଦୋହଲାଇ ଦେଇଛି। ନଟୋ ତରଫରୁ ରୁଷିଆ ଉପରେ ଆର୍ଥିକ କଟକଣା ଲଗାଯାଇଛି। କିନ୍ତୁ ଏହି ସମୟରେ ଭାରତ ୟୁକ୍ରେନ ସଙ୍କଟକୁ ନେଇ ସବୁବେଳେ କୂଟନୈତିକ ଦ୍ୱନ୍ଦ୍ୱ ମଧ୍ୟରେ ରହିଆସିଛି। ରୁଷିଆ ସହ ଦୀର୍ଘଦିନର ଦ୍ୱିପାକ୍ଷିକ ସମ୍ପର୍କ ଦୃଷ୍ଟିରୁ ମାପିଚୁପି ପଦକ୍ଷେପ ନେଉଛି। କିନ୍ତୁ ଯାହା ଯେତିକି ଆଜି ପର୍ଯ୍ୟନ୍ତ ହୋଇଛି ସେଥିରେ ଭାରତର କୌଣସି ଲାଭ ହେବା ଭଳି ମନେହେଉନାହିଁ। ଉଦାହରଣସ୍ୱରୂପ, ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଅନେକ ମାସ ତଳେ, ଘୋଷଣା କରିଥିଲେ ଯେ, ମୋଦିଙ୍କ ନେତୃତ୍ୱରେ ହୋଇଥିବା ରୁଷିଆ ସାଙ୍ଗରେ ସମ୍ପର୍କ ସ୍ଥାପନ ଫଳରେ ଭାରତକୁ କମ୍ ଦରରେ ପେଟ୍ରୋଲିୟମଜାତ ଦ୍ରବ୍ୟ ରୁଷିଆରୁ ମିଳିବା ଯେକୌଣସି ଭାରତୀୟ ନାଗରିକ କହିପାରିବେ ଯେ, ଗତ ଦୁଇ ବର୍ଷ ମଧ୍ୟରେ ଡିଜେଲ ଦର ହ୍ରାସ ପାଇନାହିଁ। ଯଦି ଲାଭ ହୋଇଛି ତେବେ କେବଳ କିଛି ବେପାରୀଙ୍କ ହୋଇଥାଇପାରେ। ଏହାବ୍ୟତୀତ ବାଣିଜ୍ୟ ଦୃଷ୍ଟିରୁ ରୁଷିଆର ଅଧିକ ସମ୍ପର୍କ ଚାଇନା ସହିତ ବଢିଛି। ଏହା ଫଳରେ ରୁଷିଆ ତାହାର ଚାହିଦା ଥିବା ସାମଗ୍ରୀକୁ ଭାରତ ପରିବର୍ତ୍ତେ ଚାଇନାଠାରୁ କିଣୁଛି। ଗତ କିଛି ସପ୍ତାହ ପୂର୍ବେ ଭାରତକୁ ଆସିଥିବା ରୁଷିଆ ମନ୍ତ୍ରୀ ଲାଭରୋଭଙ୍କ କହିବା ଅନୁଯାୟୀ ତାଙ୍କ ସରକାରଙ୍କ ନିଷ୍ପତ୍ତି ଯେ, ଭାରତ ସହିତ ଭାରତୀୟ ଟଙ୍କାରେ ବ୍ୟବସାୟ କରିବ ନାହିଁ। ତାଙ୍କ କହିବା ଅନୁଯାୟୀ, ଭାରତୀୟ ବ୍ୟାଙ୍କରେ ବହୁ ଟଙ୍କା ଗଚ୍ଛିତ ରହିବା ସତ୍ତ୍ୱେ ତାକୁ ବ୍ୟବହାର କରିବା ପାଇଁ ରୁଷିଆର କୌଣସି ବାଟ ନାହିଁ। ଏଥିରୁ ବୁଝିବାକୁ ହେବ ଯେ, ଭାରତରୁ ଯେକୌଣସି ସାମଗ୍ରୀ କିଣିବାକୁ ରୁଷିଆ ଅନିଚ୍ଛୁକ।

ଏଭଳି ପ୍ରଚ୍ଛଦପଟରେ ଭାରତ ସରକାରଙ୍କ ଦ୍ୱାରା ରୁଷିଆ-ୟୁକ୍ରେନ ଯୁଦ୍ଧ ସମ୍ପର୍କିତ ଯେଉଁସବୁ ନୀତି ଗ୍ରହଣ କରାଯାଇଛି ତାହାର ପାରିଣାମ ଭୟଙ୍କର ହୋଇପାରେ। ବିଶ୍ୱାସ କରାଯାଏ ଯେ, ଭାରତ ସହ ତିକ୍ତ ସମ୍ପର୍କ ରହିଥିବା ଚାଇନାକୁ ଅଧିକ ପସନ୍ଦ କରୁଛି ରୁଷିଆ। ସେହି ପରିସ୍ଥିତିରେ ଭାରତ ସରକାରଙ୍କ ରୁଷିଆ ସପକ୍ଷବାଦୀ ନୀତି ଦ୍ୱାରା ଆମେରିକା ଏବଂ ନାଟୋ ଦେଶମାନଙ୍କର ସ୍ୱାର୍ଥ ବିରୋଧରେ ଭାରତ ଛିଡ଼ା ହୋଇଥିବାର ଚିତ୍ର ସ୍ପଷ୍ଟ ହୋଇସାରିଲାଣି। ଦୀର୍ଘମିଆଦୀ କୂଟନୈତିକ ଆବଶ୍ୟକତାକୁ ଦେଖିଲେ ଭାରତ ଏବଂ ଚାଇନା ମଧ୍ୟରେ ଅଶାନ୍ତ ପରିସ୍ଥିତି ସୃଷ୍ଟି ହେଲେ ଆମେରିକା ସାହାଯ୍ୟ ଲୋଡ଼ିବା ସମ୍ଭବପର ହୋଇ ନ ପାରେ। କୁହାଯାଏ, ଶତ୍ରୁର ଶତ୍ରୁ ହେଉଛି ମିତ୍ର। କିନ୍ତୁ ଆମ ସରକାରଙ୍କ ନୀତି ଫଳରେ ଭାରତ ମିତ୍ରହୀନ ହୋଇଯାଇପାରେ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 8 | | | 9 | | 6 | 5 | |
| 4 | | 5 | | | | 9 | | |
| | | | | | 8 | | | |
| 8 | 2 | 1 | | | | | 7 | |
| | | | | | 9 | 8 | | |
| | | | | 2 | | | | 3 |
| | 4 | 6 | | | | | | |
| | | | | | 7 | | | |
| 1 | | 9 | | 3 | 6 | | 2 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 4 | 1 | 2 | 7 | 8 | 3 | 6 | 5 |
| 7 | 6 | 5 | 3 | 9 | 1 | 2 | 4 | 8 |
| 8 | 3 | 2 | 5 | 6 | 4 | 9 | 1 | 7 |
| 3 | 9 | 6 | 1 | 8 | 7 | 5 | 2 | 4 |
| 5 | 1 | 4 | 9 | 3 | 2 | 7 | 8 | 6 |
| 2 | 7 | 8 | 4 | 5 | 6 | 1 | 3 | 9 |
| 1 | 5 | 7 | 6 | 4 | 3 | 8 | 9 | 2 |
| 6 | 2 | 9 | 8 | 1 | 5 | 4 | 7 | 3 |
| 4 | 8 | 3 | 7 | 2 | 9 | 6 | 5 | 1 |

ଗତକାଲିର ଉତ୍ତର

# ମହାନଦୀ ସମସ୍ୟାର ସମାଧାନ ଲୋଡ଼ା



ଅନିଲ ବିଶ୍ୱାଳ

ମହାନଦୀ ହେଉଛି ଓଡ଼ିଶାର ଜୀବନରେଖା। ହେଲେ ଆଜି ଓଡ଼ିଶାରେ ମହାନଦୀ ବଡ଼ ସଙ୍କଟ ଭିତରେ ବୋହୁଛି। ମହାନଦୀ ଓ ଏହାର ଉପନଦୀଗୁଡ଼ିକ କେବଳ ବର୍ଷା ୪ ମାସକୁ ଛାଡ଼ିଦେଲେ ବାକି ସମୟରେ ଶୁଖିଲା ପଡୁଛି। ଛତିଶଗଡ଼ ସହିତ ମହାନଦୀକୁ ନେଇ ଚାଲିଥିବା ବିବାଦ ଏବେ ଟ୍ରିବ୍ୟୁନାଲରେ ବିଚାରାଧୀନ ରହିଛି। ଟ୍ରିବ୍ୟୁନାଲର କ୍ଷେତ୍ର ପରିଦର୍ଶନ ମଧ୍ୟ ଚାଲିଛି। ସେମାନେ ପୂରା ପ୍ରସଙ୍ଗରେ ସମସ୍ୟା ଉପରେ ତଥ୍ୟ ସଂଗ୍ରହ କରୁଛନ୍ତି। ଗୋଟିଏ ପଟେ ଛତିଶଗଡ଼ ଉପରପଟେ ବନ୍ଧ କରି ପାଣି ଅଟକାଉଛି ଆଉ ଅନ୍ୟପକ୍ଷରେ ଓଡ଼ିଶା ମଧ୍ୟ କିଭଳି ବର୍ଷାଦିନେ ତଳ ମୁଣ୍ଡରେ ସମୁଦ୍ରକୁ ବୋହି ଯାଉଥିବା ପାଣିକୁ ସଂରକ୍ଷଣ କରାଯିବ, ସେଥିପାଇଁ ବିଶେଷ କିଛି କରିପାରି ନାହିଁ। ଏବେ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ବୟାନ ଆସିଛି। ରାଜନୈତିକ ବାଦବିବାଦ ତ ଚାଲିଛି ମହାନଦୀକୁ ନେଇ, କିନ୍ତୁ ଏହି ପ୍ରସଙ୍ଗର ଗଭୀରତା ରାଜନୈତିକ ବାଦବିବାଦର ବହୁ ଊର୍ଦ୍ଧ୍ୱରେ। ତେଣୁ ମହାନଦୀକୁ ନେଇ ଚାଲିଥିବା ସାମ୍ପ୍ରତିକ ପ୍ରସଙ୍ଗରେ ଏକ ଖୋଲା ଆଲୋଚନା କରିବା ଉଚିତ୍ ମନେକରୁଛୁ।

ପ୍ରଥମତଃ ଆଜି ଓଡ଼ିଶାରେ ମହାନଦୀର ଅବବାହିକାର ଯେଉଁ ସ୍ଥିତି ପାଲଟିଛି, ତାହା କୌଣସି ପ୍ରାକୃତିକ କାରଣ ପାଇଁ ହୋଇନାହିଁ, ବରଂ ଏହା ସମ୍ପୂର୍ଣ୍ଣ ଭାବରେ ମାନବକୃତ। ଓଡ଼ିଶା ପରିପ୍ରେକ୍ଷୀରେ ଆମେ ଯଦି ମହାନଦୀ ସମସ୍ୟାକୁ ଦେଖିବା, ତା'ହେଲେ ପୂରା ପ୍ରସଙ୍ଗର ମୁଖ୍ୟତଃ ଦୁଇଟି ଦିଗ ରହୁଛି। ଗୋଟିଏ ହେଲା ମହାନଦୀର ଉପରମୁଣ୍ଡ ଅର୍ଥାତ୍ ଛତିଶଗଡ଼ ପଟେ ଥିବା ମହାନଦୀ ଓ ଅନ୍ୟଟି ହେଲା ମହାନଦୀର ତଳମୁଣ୍ଡ ଅର୍ଥାତ୍ ହୀରାକୁଦ ବନ୍ଧରୁ ନେଇ ସମୁଦ୍ର ପର୍ଯ୍ୟନ୍ତ। ଦୁଇଟିଯାକ ଦିଗରେ ସମସ୍ୟା ରହିଛି, ଯାହାର ସମାଧାନ କାଢ଼ିବା ହିଁ ଆଜିର ସମୟର ବଡ଼ ଆହ୍ୱାନ। ମହାନଦୀ ବିବାଦ ଯଦିଓ ଗଣମାଧ୍ୟମରେ ବା ରାଜନୈତିକ ମହଲରେ ୨୦୧୬ରେ ବହୁତ ବିସ୍ତୃତ ଭାବରେ ଆଲୋଚିତ ହେବା ଆରମ୍ଭ ହେଲା, କିନ୍ତୁ ମହାନଦୀରେ ଛତିଶଗଡ଼ର ପ୍ରକଳ୍ପ ନିର୍ମାଣ ଆରମ୍ଭ କରିବା ନେଇ ଓଡ଼ିଶା ସହିତ କଥାବାର୍ତ୍ତା ୨୦୦୧-୦୨ ରୁ ଆରମ୍ଭ ହୋଇଛି। ସେ ସମୟରେ ଆମ ସରକାରରେ ଦାୟିତ୍ୱରେ ଥିବା ପ୍ରଶାସନିକ ଅଧିକାରୀମାନେ କହିଥିଲେ, ଛତିଶଗଡ଼ ୧୦୦ ବନ୍ଧ କଲେ ବି ଓଡ଼ିଶା ପ୍ରତି କିଛି ଅସୁବିଧା ହେବ ନାହିଁ। ଆଜି ଆମେ କାନ୍ଦୁଛୁ ପାଣି ପାଇଁ। ଛତିଶଗଡ଼ ପଟେ କେଲୋ, ଅରପା ଭଳି ସଂଖ୍ୟାଧିକ ବ୍ୟାରେଜ ନିର୍ମାଣ ୨୦୦୮ ରୁ ଆରମ୍ଭ ହେଲାଣି। ପରବର୍ତ୍ତୀ ସମୟରେ ୨୦୧୬ ବେଳକୁ ଯେତେବେଳେ ପାଖାପାଖି ଅନେକ ପ୍ରକଳ୍ପ ନିର୍ମାଣ କାମ ସରି ଆସୁଥିଲା, ସେତେବେଳେ ଆମେ ପ୍ରତିବାଦ କରିବା ଆରମ୍ଭ କଲୁ। ଉପରମୁଣ୍ଡର ସମସ୍ୟାକୁ ନେଇ ଆମ ପାଖରେ ଦୁଇଟି ରାସ୍ତା ଥିଲା। ଗୋଟିଏ ହେଲା ଆପୋସ ଆଲୋଚନା ମାଧ୍ୟମରେ ଜଳ ବିବାଦର ସମାଧାନ ଓ ଅନ୍ୟଟି ହେଲା ଟ୍ରିବ୍ୟୁନାଲ। ଦେଶର ସମ୍ବିଧାନରେ ରାଜ୍ୟ ଓ କେନ୍ଦ୍ର ଭିତରେ କ୍ଷମତା ଆବଣ୍ଟନ ସମ୍ବଳିତ ସପ୍ତମ ଅନୁଚ୍ଛେଦର ଧାରା ୧୭ ଓ ଧାରା ୫୬ ଅନୁସାରେ ନଦୀ ଜଳର ବିନିଯୋଗ, ପରିଚାଳନା ହେଉଛି ସମ୍ପୂର୍ଣ୍ଣ ଭାବରେ ରାଜ୍ୟର ବ୍ୟାପାର। କେନ୍ଦ୍ର ସରକାର ଯାହା କରିବେ ରାଜ୍ୟଗୁଡ଼ିକ ସହମତିରେ କରିବେ, ବଳପ୍ରୟୋଗ ବା ଏକପାଖିଆ କିଛି କରିପାରିବେ ନାହିଁ। ଯଦି ଆପୋସ ଆଲୋଚନାରେ ସମାଧାନ ହୋଇପାରେନି, ତା'ହେଲେ ଆନ୍ତଃ ରାଜ୍ୟ ଜଳ ବିବାଦ ଆଇନ-୧୯୫୬ (୨୦୧୯ରେ ସଂଶୋଧନ) ଅନୁସାରେ ମାମଲା ଟ୍ରିବ୍ୟୁନାଲକୁ ଯିବ। ବର୍ତ୍ତମାନ ମହାନଦୀ ମାମଲା ଟ୍ରିବ୍ୟୁନାଲକୁ ଯାଇଛି। ବାସ୍ତବରେ ଟ୍ରିବ୍ୟୁନାଲକୁ ନେଇ ଯାହା ଅଭିଜ୍ଞତା ଦେଶରେ ଅଛି, ଏହାର ଚୂଡ଼ାନ୍ତ ନ୍ୟାୟ ଆସିବା ବେଳକୁ କେତେ ଦିନ ଲାଗିବ ତାହା କହିବା ଅସମ୍ଭବ। କାବେରୀ ଟ୍ରିବ୍ୟୁନାଲ ରାୟ ଆସିବାକୁ ୨୭ ବର୍ଷ ଲାଗିଲା। ଏହା ପରେ ବି ବିବାଦ ତୁଟିଲାନି, ଆଉ ଏକ ଟ୍ରିବ୍ୟୁନାଲରେ ପୁଣି ମାମଲା ଚାଲୁଛି। ତେଣୁ ଟ୍ରିବ୍ୟୁନାଲକୁ ଯିବା ଅପେକ୍ଷା ଯେହେତୁ ଆମେ ନଦୀର ତଳମୁଣ୍ଡରେ ରହୁଛେ, ତେଣୁ ଆପୋସ ଆଲୋଚନା କରି ସମାଧାନ ହୋଇପାରିଥିଲେ ଭଲ ହୋଇଥାନ୍ତା, ଯାହା କୌଣସି କାରଣ ପାଇଁ ହୋଇପାରିଲା ନାହିଁ। ମହାନଦୀ ଟ୍ରିବ୍ୟୁନାଲରେ ୫ ବର୍ଷ ଭିତରେ ୩୪ଟି ବୈଠକ ସରିଛି। କିନ୍ତୁ କେବେ ରାୟ ଆସିବ, ତାହା ଏବେଠାରୁ କହିବା ଅସମ୍ଭବ।



ଓଡ଼ିଶାରେ ମହାନଦୀର ଅବବାହିକା ହେଉଛି ୬୫,୬୨୮ ବର୍ଗ କିମି। ଅନେକ ବଡ଼ ବଡ଼ ଶାଖାନଦୀ ଓ ଉପନଦୀ ମହାନଦୀ ଅବବାହିକାରେ ବୋହୁଛନ୍ତି। ବର୍ଷା ଦିନେ ଏହି ନଦୀମାନଙ୍କରେ ଜଳସ୍ତର ଢେର ରହୁଛି ଓ ବର୍ଷାଦିନେ ମହାନଦୀ ସମେତ ଅନେକ ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି। ଯଦି ଶେଷ କିଛି ବର୍ଷର ହିସାବ ଦେଖିବା ତା'ହେଲେ ମୌସୁମୀ ସମୟରେ ୨୦୧୮, ୨୦୨୦, ୨୦୨୧, ୨୦୨୨ରେ ମହାନଦୀ ଅବବାହିକାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ସେହିଭଳି ବିଭିନ୍ନ ବାତ୍ୟା ବା ଲଘୁଚାପ ବେଳେ ମଧ୍ୟ ନଦୀଜଳ ବିପଦସଙ୍କେତ ଛୁଇଁବା କଥା ଦେଖିବାକୁ ମିଳୁଛି। ଛତିଶଗଡ଼ ପଟେ ମହାନଦୀ ଅବବାହିକାରେ ବର୍ତ୍ତମାନ ସୁଦ୍ଧା ଛୋଟ ବଡ଼ ମିଶି ୧୫୦ଟି ବନ୍ଧ ନିର୍ମାଣ ଚାଲିଛି ଓ କିଛି ସରିଗଲାଣି। ଆମେ ତଳମୁଣ୍ଡରେ କେତୋଟି କରିଛେ, ଯଦି କରିପାରିନେ ତା'ହେଲେ କାହିଁକି କରିପାରିଲେ ନାହିଁ ତାହା ଉପରେ ଚର୍ଚ୍ଚା ଆଲୋଚନା ହେବାର ଆବଶ୍ୟକତା ରହିଛି। ଏବେ ବି ମହାନଦୀର ୫୨% ପାଣି ସମୁଦ୍ରକୁ ବୋହିଯାଉଛି। ଆମେ ଗୋଟିଏ ହୀରାକୁଦ ବନ୍ଧ କରି ଅଟକିଗଲୁ। ମୁଣ୍ଡଳି ଓ ଯୋବ୍ରାରେ ଆନିକଟ ଛଡ଼ା ଆଉ ସେଭଳି କିଛି କରାଯାଇ ପାରିଲା ନାହିଁ। ତା'ଛଡା ଆନିକଟଗୁଡ଼ିକ ମଧ୍ୟ ଜଳଭଣ୍ଡାର ଭଳି ଭୂମିକା ନେଇପାରନ୍ତି ନାହିଁ। ଆମେ ଯଦି ନଦୀର ତଳମୁଣ୍ଡରେ ଆଉ ଦୁଇଟି ବଡ଼ ନଦୀବନ୍ଧ ଯୋଜନା କରିପାରିଥାନ୍ତେ, ମୁଣ୍ଡଳି ଓ ଯୋବ୍ରା ଢାଞ୍ଚାରେ ସଂଖ୍ୟାଧିକ ବ୍ୟାରେଜ ନିର୍ମାଣ କରିପାରିଥାନ୍ତେ, ତା'ହେଲେ ଆଜି ଖରାଦିନେ ନଦୀଗୁଡ଼ିକର ଯେଉଁ ଶୁଖିଲା ସ୍ଥିତି ଦେଖିବାକୁ ମିଳୁଛି ତାହା ଦେଖିବାକୁ ମିଳନ୍ତା ନାହିଁ। ନଦୀର ଜଳଧାରଣ କ୍ଷମତା ବଢ଼ନ୍ତା ଓ ବିଜୁଳି ଉତ୍ପାଦନରୁ ନେଇ ଜଳସେଚନ ସୁବିଧା ମଧ୍ୟ ମିଳିପାରନ୍ତା। ଆମେ କେବଳ ପଡ଼ିଶା ରାଜ୍ୟକୁ ଦୋଷ ଦେଇ ନିଜ ରାଜ୍ୟକୁ ବିପଦମୁହଁକୁ ଠେଲିପାରିବା ନାହିଁ। ହୀରାକୁଦ ବନ୍ଧ ଆଜକୁ ୭୦ ବର୍ଷ ତଳେ ନିର୍ମାଣ ହୋଇଥିଲା। ବର୍ତ୍ତମାନ ଏହାର ଆୟୁ ମଧ୍ୟ ଧୀରେ ଧୀରେ ସରିବାକୁ ବସିଲାଣି। କିଛି ବର୍ଷ ପରେ ଏହା ଆମ ପାଇଁ ଆଉ ସମ୍ପତ୍ତି ନ ହୋଇ ବୋଝ ପାଲଟିବ। ଆମେ ଏବେଠାରୁ ଏହାର ବିକଳ୍ପ ବ୍ୟବସ୍ଥା ନ କଲେ କେବଳ ପାଣି ନୁହେଁ, ବରଂ ବିଜୁଳି, ଜଳସେଚନ, ବନ୍ୟା ସବୁ ସମସ୍ୟାକୁ ଆମେ ଧୀରେ ଧୀରେ ସାମ୍ନା କରିବା। ମହାନଦୀରେ ସମୁଦ୍ରକୁ ବୋହି ଯାଉଥିବା ପାଣିକୁ କୃଷି ଓ ଅନ୍ୟ କ୍ଷେତ୍ରରେ ବିନିଯୋଗ ପାଇଁ ୨୦୦୪ ରେ ଓଡ଼ିଶା ଜଳଯୋଜନା ନାମରେ ଏକ ବିସ୍ତୃତ ପରିକଳ୍ପନା ରାଜ୍ୟ ସରକାର କ୍ୟାବିନେଟ୍‌ରେ ପାରିତ କରାଇଥିଲେ। ୨୦୧୬ରେ ମଧ୍ୟ ସରକାର ଘୋଷଣା କରିଥିଲେ ୭ଟି ବ୍ୟାରେଜ୍ ଓ ୨୨ଟି ଅନ୍ୟ ପ୍ରକଳ୍ପ। ମହାନଦୀ ଓ ଏହାର ଉପନଦୀରେ ପ୍ରସ୍ତାବିତ ଅନେକ ପ୍ରକଳ୍ପ ଯଥା ଅଙ୍ଗ, ବୃତ୍ତଙ୍ଗ, ଅପର ଲନଥ, କୁଟୁଲିସିଙ୍ଗା, ତେଲ-ସମନ୍ୱିତ ପ୍ରକଳ୍ପ, ଖଡଗ, ଉତେଇ ରାଉଳ, ଜୀରା, ଅପର ଉଦନ୍ତୀ, ରାନଜୋର, ଲକ୍ଷ୍ମୀପଥର ନାଳ, ବ୍ରାହ୍ମଣୀପଦ, ସାଲକି ଜଳବିଦ୍ୟୁତ ଆଦି ପ୍ରସ୍ତାବିତ ପ୍ରକଳ୍ପ ସତରେ କ୍ରିୟାନ୍ୱୟନ ହୋଇପାରିଥିଲେ ଆମେ ଆଜି ତଳମୁଣ୍ଡ ନଦୀରେ ପାଣିକୁ ଆମେ ସଞ୍ଚିତ କରି ରଖିପାରିଥାନ୍ତେ।

**ହରିରାଜପୁର, ପୁରୀ**
**ମୋ: ୯୪୩୮୫୭୯୨୯୦**

# ସ୍ୱର୍ଗରେ ବି ନିୟନ୍ତ୍ରଣ



ଡ.ସତ୍ୟନାରାୟଣ ମିଶ୍ର

ବିଶ୍ୱାସ ଓ ଉପଲବ୍ଧିରୁ ସୃଷ୍ଟି ହୋଇଥାଏ ପ୍ରତ୍ୟେକ ଜାତିର ଧର୍ମ, ଯାହାର ଏକ ନୀତି ନିୟମର ଶୃଙ୍ଖଳିତ ରଜ୍ଜୁରେ ବନ୍ଧାହୋଇଥାଏ ମଣିଷ। ଜନ୍ମ ହେଲେ ମୃତ୍ୟୁ ଓ ମୃତ୍ୟୁ ହେଲେ ଜନ୍ମ ହେଉଛି ଏକ ସନ୍ତୁଳିତ ବିଧି ବ୍ୟବସ୍ଥା ଓ ଧର୍ମଶାସ୍ତ୍ରର ବିଧାନ ଅନୁଯାୟୀ ମଣିଷ ମୃତ୍ୟୁ ହେଲେ ସ୍ୱର୍ଗକୁ ଆରୋହଣ କରିଥାଏ ବା ସ୍ୱର୍ଗବାସ କରିଥାନ୍ତି ବୋଲି ବିଶ୍ୱାସ କରାଯାଏ। ସ୍ୱର୍ଗ ଏବଂ ନର୍କ, ପରବର୍ତ୍ତୀ ଜୀବନର ଦୁଇଟି ପରସ୍ପର ବିରୋଧୀ ଗନ୍ତବ୍ୟସ୍ଥଳ, ଯେଉଁଠାରେ ପ୍ରଥମଟି ସୁକର୍ମର ପୁରସ୍କାର ହୋଇଥିବାବେଳେ ଶେଷଟି କରୁଣ ଦଣ୍ଡ ଏବଂ ଯନ୍ତ୍ରଣାକୁ ଅନ୍ତର୍ଭୁକ୍ତ କରେ। ପୃଥିବୀରେ ବ୍ୟକ୍ତିର କାର୍ଯ୍ୟ ଏବଂ ଆଚରଣ ମୃତ୍ୟୁ ପରେ ସେମାନଙ୍କ ଆତ୍ମା ଗନ୍ତବ୍ୟସ୍ଥଳର ଭାଗ୍ୟ ନିର୍ଣ୍ଣୟ କରେ ଅର୍ଥାତ୍ ସ୍ୱର୍ଗରେ ପ୍ରବେଶ କରିବା ପାଇଁ ଜଣକୁ ନ୍ୟାୟପୂର୍ଣ୍ଣ, ନୀତିପୂର୍ଣ୍ଣ ଏବଂ ଧାର୍ମିକ ଜୀବନଯାପନ କରିବାକୁ ପଡ଼ିଥାଏ। ଅପରପକ୍ଷେ ପାପ ଓ ଭୁଲ୍‌ରେ ପରିପୂର୍ଣ୍ଣ ଏକ ମୂଲ୍ୟହୀନ ଜୀବନ ବଞ୍ଚିବା ଦ୍ୱାରା ଦଣ୍ଡ ଭାବରେ ନର୍କକୁ ଯିବା ପାଇଁ ପଡ଼ିପାରେ ବୋଲି ବିଶ୍ୱାସ କରାଯାଏ। ହିନ୍ଦୁ ବ୍ରହ୍ମାଣ୍ଡ ବିଜ୍ଞାନରେ ସ୍ୱର୍ଗ ହେଉଛି ୭ ଉଚ୍ଚ ଲୋକ ମଧ୍ୟରୁ ଏକ। ୭ ଲୋକ ହେଉଛି ଭୂଲୋକ, ଭୂଭଲୋକ, ସ୍ୱର୍ଗଲୋକ, ଇନ୍ଦ୍ରଲୋକ, ଜନଲୋକ, ତପଲୋକ, ସତ୍ୟଲୋକ। ୭ ନିମ୍ନ ଜଗତ ହେଉଛି ଅତଳ, ଭୂତଳ, ସୁତଳ, ତଳାତଳ, ମହାତଳ, ରସାତଳ ଏବଂ ପାତାଳ। ଜୀବାତ୍ମାର ମୂଳ ଲକ୍ଷ୍ୟ ହେଉଛି ମୋକ୍ଷ। ୭ଟି ନିମ୍ନ ସ୍ଥାନ ତୁଳନାରେ ସ୍ୱର୍ଗକୁ ଏକ ସର୍ବୋଚ୍ଚ ପବିତ୍ର ସ୍ଥାନ ଭାବରେ ବର୍ଣ୍ଣନା କରାଯାଏ।

ହିନ୍ଦୁ ବ୍ରହ୍ମାଣ୍ଡ ବିଜ୍ଞାନ ଅନୁଯାୟୀ ପାର୍ଥିବ ଲୋକ ଉପରେ ଅନ୍ୟାନ୍ୟ ଲୋକ ଅଛି। ଅନ୍ୟ କେତେକ ଲୋକ ହେଉଛି ସତ୍ୟଲୋକ (ବ୍ରହ୍ମଲୋକ), ତପଲୋକ, ଜନଲୋକ,ମହରଲୋକ,ସ୍ୱର୍ଗଲୋକ, ଭୁଭର୍ଲୋକ, ଭୂ-ଲୋକ ଓ ଅତଳଲୋକ। ମାତ୍ର ସ୍ୱର୍ଗ କେଉଁଠାରେ ଅଛି ଓ ସ୍ୱର୍ଗର ପ୍ରକୃତ ସ୍ଥାନ ନିର୍ଣ୍ଣୟ କରାଯାଇପାରିବ ନାହିଁ। ସ୍ୱର୍ଗାରୋହଣ ବା ସ୍ୱର୍ଗ ସମ୍ବନ୍ଧୀୟ ଆଲୋଚନା ସେତେବେଳେ ହିଁ ହୋଇଥାଏ ଯେତେବେଳେ ମଣିଷର ମୃତ୍ୟୁ ହୋଇଥାଏ ବା ମୃତ୍ୟୁ ସମ୍ବନ୍ଧୀୟ ଆଲୋଚନା ହୋଇଥାଏ। ପ୍ରତ୍ୟେକ ଧର୍ମ ଓ ସମ୍ପ୍ରଦାୟରେ ମଣିଷର ମୃତ୍ୟୁ ପରେ ମୁଖ୍ୟତଃ ଦୁଇଟି ପ୍ରକ୍ରିୟାରେ ଉକ୍ତ ସ୍ଥୂଳ ଶରୀରକୁ ସତ୍କାର କରାଯାଇଥାଏ। ପ୍ରଥମଟି ଶରୀରକୁ ଅଗ୍ନିଦ୍ୱାରା ଦାହ କରାଯାଇଥାଏ ଓ ଦ୍ୱିତୀୟଟି ଶରୀରକୁ ମାଟିରେ ଯଥାବିଧି ପୋତି ଦିଆଯାଇଥାଏ। କିନ୍ତୁ ମଣିଷର ମୃତ୍ୟୁ ପରେ ମୃତ ବ୍ୟକ୍ତିର ଆତ୍ମା ଯାହା ନଶ୍ୱର ତାହା ସ୍ୱର୍ଗକୁ ଯାଇଥାଏ ବୋଲି ସମସ୍ତେ ଆଲୋଚନା କରିଥାନ୍ତି। ସେଥିପାଇଁ ଯେକୌଣସି ବ୍ୟକ୍ତିର ମୃତ୍ୟୁ ପରେ ଉକ୍ତ ବ୍ୟକ୍ତିର ନାମର ପୂର୍ବରୁ ସ୍ୱର୍ଗତ ଦ୍ୱାରା ନାମର ଉପସ୍ଥାପନା କରାଯାଇଥାଏ। ତେବେ ଏଥିରୁ ପ୍ରତୀୟମାନ ହୋଇଥାଏ ଯେ ମନୁଷ୍ୟର ମୃତ୍ୟୁ ପରେ କ'ଣ ସମସ୍ତେ ସ୍ୱର୍ଗକୁ ଯାଇଥାନ୍ତି ? ମଣିଷର ଜୀବଦ୍ଦଶା ମଧ୍ୟରେ ଯଦି ଜଣେ ଅନ୍ୟାୟ, ଅନୀତି, ବଳାତ୍କାର, ବ୍ୟଭିଚାର, ଲୁଣ୍ଠନ, ହତ୍ୟା ଆଦି ପାପକର୍ମ କରିଥାଏ ଓ ଉକ୍ତ ବ୍ୟକ୍ତି ମୃତ୍ୟୁ ପରେ ହୋଇଥାଏ ସ୍ୱର୍ଗତ ଓ ଅନ୍ୟ ଏକ ବ୍ୟକ୍ତି ଜୀବଦ୍ଦଶା ମଧ୍ୟରେ କେବଳ ଦୟା, କରୁଣା, ନ୍ୟାୟ, ନୀତି, ନିୟମ ଓ ପୁଣ୍ୟ କର୍ମ



କରିଥାଏ ତେବେ ମୃତ୍ୟୁ ପରେ ସେ ମଧ୍ୟ ହୋଇଥାଏ ସ୍ୱର୍ଗତ। ଯଦି ସ୍ୱର୍ଗତ ସମସ୍ତେ ତେବେ ସୁକର୍ମ ଓ କୁକର୍ମର ପ୍ରତିଫଳନ କେଉଁ ସ୍ଥାନରେ ନିହିତ ରହିବ ?

ଚତୁର୍ଧାମର ଅନ୍ୟତମ ଧାମ ପୁରୀଠାରେ ମଣିଷର ମୃତ୍ୟୁ ପରେ ଶବ ସତ୍କାର ପାଇଁ ଯେଉଁ ସ୍ଥାନ ନିରୂପଣ କରାଯାଇଛି ତାହା ସ୍ୱର୍ଗଦ୍ୱାର। ବିଶ୍ୱାସ କରାଯାଏ ଯେ ମନୁଷ୍ୟ ଜୀବଦ୍ଦଶା ମଧ୍ୟରେ ଯେତେ କୁକର୍ମ ବା ସୁକର୍ମ କରିଥିଲେ ମଧ୍ୟ ଯଦି ଉକ୍ତ ସ୍ଥାନରେ ଶରୀର ସତ୍କାର ହୋଇଥାଏ, ତେବେ ଉକ୍ତ ଆତ୍ମା ସ୍ୱର୍ଗକୁ ଯାଇଥାଏ। କାରଣ ଏହା ହେଉଛି ସ୍ୱର୍ଗକୁ ଯିବା ପାଇଁ ଏକମାତ୍ର ଦ୍ୱାର। ତେବେ ପୃଥିବୀର ସମସ୍ତ ବ୍ୟକ୍ତି କର୍ମଫଳ ବିହୁନେ ଯଦି ସ୍ୱର୍ଗତ, ତା'ହେଲେ ପୃଥିବୀ ଭଳି ସ୍ୱର୍ଗରେ ମଧ୍ୟ ଭିଡ଼ ହୋଇଯିବ। ଯଦି ସମସ୍ତେ ସ୍ୱର୍ଗତ ତେବେ ନର୍କଗାମୀ କିଏ ହୋଇଥାଏ ତାହା ଏକ ଅସମାହିତ ଚିନ୍ତା। ମାତ୍ର ସ୍ୱର୍ଗରେ ଭିଡ଼ ହେବା ଯଦି ସତ୍ୟ ବା ସମସ୍ତ ମନୁଷ୍ୟ ମୃତ୍ୟୁ ପରେ ଯଦି ସ୍ୱର୍ଗତ, ତେବେ ଏହା ଭ୍ରମାତ୍ମକ ନିଷ୍ପତ୍ତି ବୋଲି ସ୍ୱୀକାର କରିବାକୁ ପଡ଼ିବ। ଆଜିର ସମାଜରେ ଅନେକ ମଣିଷ ଷଡ଼ରିପୁର ଅଧୀନ ହୋଇ ହିଂସା, ଅନ୍ୟାୟ, ଅନୀତି, ଲୁଣ୍ଠନ, ହତ୍ୟା, ବ୍ୟଭିଚାର ଆଦି କୁକର୍ମରେ ଲିପ୍ତ ରହି ଅସାଧୁ ଉପାୟରେ ଧନ ହଡ଼ପ କରି ସମାଜରେ ପ୍ରତିଷ୍ଠା ଅର୍ଜନ କରି ଯେତେବେଳେ ମୃତ୍ୟୁ ହୋଇଥାଏ, ପ୍ରତିପତ୍ତିର ଆବାହନରେ ଉକ୍ତ ବ୍ୟକ୍ତିକୁ ତୋଷାମଦକାରୀମାନେ ସ୍ୱର୍ଗତ ବୋଲି ଉଚ୍ଚାରଣ କରିଥାନ୍ତି। ଅନ୍ୟପକ୍ଷରେ ଜୀବଦ୍ଦଶା ମଧ୍ୟରେ ଅର୍ଥ, କ୍ଷମତା ଓ ପ୍ରତିପତ୍ତିର ଉଚ୍ଚାଟରେ ମଣିଷ ମଣିଷକୁ ଘୃଣା କରିଥାଏ ଓ ଭେଦଭାବର କୁତ୍ସିତ ଭ୍ରମରେ ମଣିଷ ମଣିଷକୁ ଚିହ୍ନିପାରି ନ ଥାଏ। ଦିନ ଦରିଦ୍ର ମଣିଷକୁ ଧନ କ୍ଷମତାର ଶିଖରରେ ଥିବା ମଣିଷ ଘୃଣା କରିଥାଏ। ଅନେକ କୁକର୍ମ କରି ମଧ୍ୟ ସୁରକ୍ଷା ବଳୟ ମଧ୍ୟରେ ସମାଜର ଅନ୍ୟମାନଙ୍କ ଅପେକ୍ଷା ଭିନ୍ନ ଆଡ଼ମ୍ବରପୂର୍ଣ୍ଣ ଜୀବନ ନିର୍ବାହ କରିଥାଏ, ମାତ୍ର ମୃତ୍ୟୁ ପରେ ଜଣେ ଦରିଦ୍ର, ନିଃସ୍ୱ ଗୁଣୀ ପୁଣ୍ୟାତ୍ମା ମଣିଷକୁ ଯେଉଁ ଅଗ୍ନିରେ ଓ ଯେଉଁ ସଂସ୍କାର ବିଧିରେ ଦାହ କରାଯାଇଥାଏ ଧନ ଓ ପ୍ରତିପତ୍ତିର ଶିଖରରେ ଥିବା ବ୍ୟକ୍ତିଙ୍କୁ ମଧ୍ୟ ସେହି ଅଗ୍ନି ଓ ସଂସ୍କାରରେ ଦାହ କରାଯାଇଥାଏ ବା ସମାନ ପଦ୍ଧତିରେ ମାଟିର ଆବରଣରେ ଉଭୟ ମନୁଷ୍ୟଙ୍କୁ ପୋତିଦିଆଯାଇଥାଏ, ଯାହା ପରବର୍ତ୍ତୀ ସମୟରେ ଉଭୟେ ସ୍ୱର୍ଗତ ହୋଇଥାନ୍ତି ବୋଲି ନାମିତ କରାଯାଏ। ଯେଉଁ ପୃଥିବୀରେ ମଣିଷ ମଣିଷକୁ ଧନ, କ୍ଷମତା, ପ୍ରତିପତ୍ତିର ଉଦ୍ଦାମରେ ଜଣେ ଜଣଙ୍କୁ ଚିହ୍ନିପାରି ନ ଥାଏ ଉକ୍ତ ବ୍ୟକ୍ତିମାନଙ୍କର ମୃତ୍ୟୁ ପରେ ଯେତେବେଳେ ସ୍ୱର୍ଗତ ହୋଇଥାନ୍ତି ସେଠାରେ କ'ଣ ଉକ୍ତ ଭେଦଭାବ କରିଥାନ୍ତି। ସେଠାରେ କ'ଣ ଅହଂକାର, ଆଭିଜାତ୍ୟ ଓ ଆଡ଼ମ୍ବରପୂର୍ଣ୍ଣ ଚଞ୍ଚକତାର ସ୍ୱାଦ ଥାଏ କିମ୍ବା ଉକ୍ତ ବ୍ୟକ୍ତି ମାନଙ୍କ ସ୍ଥାନ ଯେ ସ୍ୱର୍ଗରେ ସ୍ଥିରୀକୃତ ଏହା କେବଳ ଭ୍ରମାତ୍ମକ ଉଦ୍‌ବେଳନ। ଯଦି ସ୍ୱର୍ଗକୁ ଧନ, ପ୍ରତିପତ୍ତି, କ୍ଷମତା ଆଦି ଦ୍ୱାରା ସ୍ଥାନ ନିରୂପଣ କରାଯାଇ ପାରୁଥାନ୍ତା, ତେବେ ପୃଥିବୀର ବହୁ ଧନୀ ପ୍ରତିପତ୍ତିର ବ୍ୟକ୍ତିମାନେ ସ୍ୱର୍ଗରେ ନିଜସ୍ୱ ଅଟ୍ଟାଳିକା ନିର୍ମାଣ କରିସାରନ୍ତେଣି। ଧରା ବକ୍ଷରେ ଗର୍ବ, ଅହଂକାର, ଆତ୍ମବଡ଼ିମାର ତମସାଚ୍ଛନ୍ନ ବଳୟ ମଧ୍ୟରେ ମଣିଷର ମୃତ୍ୟୁ ପରେ ଯଦି ସ୍ୱର୍ଗାଲୋକର ଆଲୋକରେ ଆଲୋକିତ ହୁଏ, ତେବେ ସେ ସେଠାରେ କେବଳ ଦେଖିଥାଏ ମର୍ତ୍ତ୍ୟଲୋକର ନିଜ ଦ୍ୱାରା କୃତକର୍ମ ଫଳର ନ୍ୟାୟ ଅନ୍ୟାୟର ନିର୍ବିବାଦୀୟ ବିଚାର। ତେଣୁ ସ୍ୱର୍ଗରେ ଆସ୍ଥାନ କରିବାକୁ ହେଲେ ପ୍ରଥମେ ମର୍ତ୍ତ୍ୟଲୋକରେ ଉପଯୁକ୍ତ କର୍ମର ଆବଶ୍ୟକତା ରହିଛି।

**ମୋ -୯୯୩୭୩୪୫୯୦୦**

## ଏଇ ଭାରତରେ

ବିନା ମାଟିରେ ଅର୍ଥାତ୍ କେବଳ ପାଣିରେ ଚାଷକରି ନିଜେ ରୋଜଗାର କରିବା ସହ ଅନେକ ହଜାର କୃଷକଙ୍କ ଉତ୍ପାଦନ ବୃଦ୍ଧି କରିବାରେ ସକ୍ଷମ ହୋଇଛନ୍ତି କୋଏମ୍ବାଟୁରର ଗୌରବ ନାରଙ୍ଗ। ସେ ସିଟି ଗ୍ରୀନ୍ ନାମକ ସଂସ୍ଥା ଗଠନ କରି ତା' ମାଧ୍ୟମରେ ଏହି କାର୍ଯ୍ୟ କରୁଛନ୍ତି। ଗୌରବ ଆଇଆଇଏମ୍ କୋଲ୍‌କାତାରୁ ଡିଗ୍ରୀ ହାସଲ କରିବା ପରେ ଏହି କାର୍ଯ୍ୟ କରୁଛନ୍ତି। ସେ ପ୍ରଥମେ ଫାର୍ମା ସେକ୍ଟରରେ କାମ କରି ରୋଗୀମାନଙ୍କୁ ଘାତକ ରୋଗର ଔଷଧ ଯୋଗାଉଥିଲେ। ତା' ପରେ ସେ ହାଇଡ୍ରୋପୋନିକ ଚାଷକୁ ଗ୍ରହଣ କରିଥିଲେ। ସିଟି ଗ୍ରୀନ୍ ସ୍ଥାପନ କରି କୃଷକମାନଙ୍କୁ ଏହି ହାଇଡ୍ରୋପୋନିକ ଚାଷ ପ୍ରତି ଆକୃଷ୍ଟ କରିବାରେ ଲାଗିଲେ। ବର୍ତ୍ତମାନ ତାଙ୍କର ଅହମଦାବାଦ୍‌ରେ ୪ଟି ଫାର୍ମ ରହିଛି। ଏହାବାଦ୍ ଉତ୍ତରାଖଣ୍ଡରେ ମଧ୍ୟ ଫାର୍ମ ପ୍ରତିଷ୍ଠା କରିଛନ୍ତି, ଯାହା ଭାରତରେ ପ୍ରଥମ ସ୍ୱୟଂଚାଳିତ ହାଇଡ୍ରୋପୋନିକ୍ ଫାର୍ମ। ଗତ ଦୁଇ ବର୍ଷ ମଧ୍ୟରେ ସେ ୨୫ଟି ଫାର୍ମ ପ୍ରତିଷ୍ଠା କରି ୫,୦୦୦ ଚାଷୀଙ୍କୁ ସାହାଯ୍ୟ କରିପାରିଛନ୍ତି। ନିଜ ଫାର୍ମର କୃଷକମାନଙ୍କୁ ପ୍ରଶିକ୍ଷଣ ଦେବା ସହ ଚାଷ ପାଇଁ ସମସ୍ତ ଉପକରଣ ମଧ୍ୟ ଯୋଗାଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୬ ମେ ୧୯୯୮

- ଓଡ଼ିଶାର ୯ଟି ଜାତିକୁ କେନ୍ଦ୍ରୀୟ ପଛୁଆ ଶ୍ରେଣୀ ତାଲିକାଭୁକ୍ତ କରିବା ପାଇଁ ଜାତୀୟ ପଛୁଆଶ୍ରେଣୀ ଆୟୋଗଙ୍କ ପକ୍ଷରୁ କେନ୍ଦ୍ର ସରକାରଙ୍କୁ ସୁପାରିସ।
- ଭାରତୀୟ ବ୍ୟାଡ୍‌ମିଣ୍ଟନ ଫେଡେରେଶନର କାର୍ଯ୍ୟନିର୍ବାହୀ ସଭାପତି ପ୍ରକାଶ ପାଦୁକୋନ ଆନ୍ତର୍ଜାତିକ ବ୍ୟାଡ୍‌ମିଣ୍ଟନ ଫେଡେରେଶନର ପରିଚାଳନା ପରିଷଦ ସଦସ୍ୟ ଭାବେ ନିର୍ବାଚିତ।

## ଚିରନ୍ତନୀ

ଏ ବିଶ୍ୱର ଏକତମ କେନ୍ଦ୍ର ଯାହା
ଚଉପାଶେ ଯା'ର
ଘୂରିବୁଲେ କୋଟି ଗ୍ରହ ବହି କୋଟି
ଆଚାର ବିଚାର।
-(ପ୍ରାଚୀନ ଓ ନବୀନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ଆତଙ୍କବାଦର ମୁକାବିଲା ହେଉ

ମହାଶୟ,

ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦରେ ଶିକାର ହୋଇଥିବା ଶହୀଦଙ୍କ ଅମରଆତ୍ମାର ସଦ୍‌ଗତି ନିମନ୍ତେ ମୋଟା ଅଙ୍କରେ ଅନୁକମ୍ପା ରାଶି ପ୍ରଦାନ ଭାରତର ଆତଙ୍କବାଦୀ ସମସ୍ୟାର ପ୍ରକୃତ ସମାଧାନର ମାର୍ଗଦର୍ଶିକା ନୁହେଁ। ଦେଶର ପ୍ରତିରକ୍ଷା ଓ ନିରାପତ୍ତା ବ୍ୟବସ୍ଥାରେ କୌଣସି ପ୍ରକାର ସାଲିସ ନ କରି ଶତ୍ରୁପକ୍ଷର ଅତର୍କିତ ଆକ୍ରମଣକୁ ପ୍ରତି-ଆକ୍ରମଣରେ ଜବାବ ଦେବାରେ ସର୍ବଦା ପ୍ରସ୍ତୁତ ରହିବା ଆବଶ୍ୟକ। ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଅତ୍ୟାଧୁନିକ ଡ୍ରୋନ ଓ ସାଟେଲାଇଟ କ୍ୟାମେରାର ବ୍ୟବହାର ଦ୍ୱାରା ଆତଙ୍କବାଦୀଙ୍କ ଗତିବିଧି, କାର୍ଯ୍ୟକଳାପ ଉପରେ ଲକ୍ଷ୍ୟ ରଖି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ପର୍ଯ୍ୟନ୍ତ, ଭାରତ ଏହିପରି ଭାବେ ଆତଙ୍କବାଦୀଙ୍କ ଆକ୍ରମଣ ଦ୍ୱାରା ଶିକାର ହେଉଥିବ। ଭାରତରେ ଦେଖାଦେଇଥିବା ଆତଙ୍କବାଦୀଙ୍କ ଆତଙ୍କରାଜ ଅନ୍ତରାଳରେ ରହିଛି ପାକିସ୍ତାନର ପ୍ରଚ୍ଛନ୍ନ ହାତ। ପାକିସ୍ତାନୀ ଆତଙ୍କବାଦ ସମ୍ପୂର୍ଣ୍ଣ ବିଲୋପ ଓ ସେମାନଙ୍କ ଲୁଚାଛପା ଆକ୍ରମଣରୁ ସମ୍ପୂର୍ଣ୍ଣ ସୁରକ୍ଷା ପାଇଁ ସକଳସ୍ତରରେ ଭାରତର ଗୋଇନ୍ଦା ବିଭାଗକୁ ସଚେତନାତ୍ମକ ଭାବେ ସଜାଗ ହେବା ସହିତ ଭାରତ-ପାକ୍ ସୀମାରେ ମୁତୟନ ହୋଇଥିବା ସାମରିକ ବାହିନୀ ଅଧିକ ସତର୍କତା ଅବଲମ୍ବନ କରିବା ଜରୁରୀ। ସାରା ବିଶ୍ୱରୁ ଆତଙ୍କବାଦର ବିଲୋପ ପାଇଁ ବିଶ୍ୱ ସମୁଦାୟର ସମୃଦ୍ଧ ବିତ୍ତଶାଳୀ ରାଷ୍ଟ୍ରମାନେ ଏକଜୁଟ ହେଲେ ବ୍ୟକ୍ତି ରାଷ୍ଟ୍ର ଓ ସର୍ବୋପରି ବିଶ୍ୱର ମଙ୍ଗଳ ସାଧିତ ହୋଇପାରିବ।

**-ଅଶୋକ କୁମାର ଆଢ୍ୟ, ମରୀଚିକୋଟ ଗଳି, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ୨ ବର୍ଷ ପରେ ଅଭିଯୁକ୍ତ ଗିରଫ

**ନବାଳିକା ଅପହରଣ ମାମଲା**

**ଲୋଇସିଂହା,୧୫।୫(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ଥାନା ତଥା ଆଗଲପୁର ବ୍ଲକ ନଅଗାଁ(ଖ) ଗ୍ରାମର ଜଣେ ଅପହୃତ ନାବାଳିକାଙ୍କୁ ରାଉରକେଲାରୁ ରବିବାର ଉଦ୍ଧାର କରାଯାଇଛି।



ଏଥିସହ ଅପହରଣକାରୀ ଗ୍ରାମର ସୁବ୍ରତ ଛତ୍ରିଆ(୨୨)ଙ୍କୁ ଗିରଫ କରିଛି ପୋଲିସ। ସୋମବାର ନାବାଳିକା ଓ ଅଭିଯୁକ୍ତଙ୍କ ଡାକ୍ତରୀମାଇନା କରାଯାଇଛି। ଏହାପରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ନାବାଳିକାଙ୍କ ବୟାନକୁ ଆଧାର କରି ଅଭିଯୁକ୍ତଙ୍କ ବିରୋଧରେ ବଳାତ୍କାର ଓ ନିର୍ଯାତନା ମାମଲା ରୁଜୁ ହୋଇଥିବା ଆଇଆଇସି ବାମଦେବ ଶଙ୍ଖୁଆଳ କହିଛନ୍ତି। ୨୦୨୧ମାର୍ଚ୍ଚରେ ସୁବ୍ରତ ବାବାଳିକାଙ୍କୁ ଅପହରଣ କରିନେଇଥିବା ନେଇ ତାଙ୍କ ବାପା ଲୋଇସିଂହା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଏକ ମାମଲା(୭୮/୨୧) ରୁଜୁ ହୋଇଥିଲା। ସେବେଠାରୁ ପୋଲିସ ଅପହୃତାଙ୍କୁ ଖୋଜାଖୋଜି କରୁଥିଲା। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଲୋଇସିଂହା ପୋଲିସ ରାଉରକେଲା ସେକ୍ଟର ୬ ସୁବାଷପଲ୍ଲିରେ ଚଢାଉ କରି ଅପହୃତା ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତ ସୁବାଷଙ୍କୁ ଗିରଫ କରିଥିଲା।

### ଦୁଇ ଗାଡି ମୁହାଁମୁହିଁ ଧକ୍କା

**ଲୋଇସିଂହା,୧୫।୫(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଲୋଇସିଂହା-ପଦମପୁର ରାସ୍ତାର କନ୍ଦଜୁରୀ ଛକରେ ସୋମବାର ଏକ ଟ୍ରକ ଓ କଦଳି ବୋଝେଇ ୭୦୯ ଗାଡି ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣାପରେ ଉଭୟ ଗାଡି ରାସ୍ତା ଉପରେ ଓଲଟି ପଡିଥିଲା। ଏଥିରେ କନ୍ଦାଜୁରୀ ଗ୍ରାମର ଜଣେ ବ୍ୟକ୍ତିଙ୍କ ସାଇକେଲ ଚୁରମାର ହୋଇଯାଇଛି। ସାଇକେଲ ଆରୋହୀ ରୋହିତ ଭୋଇ ବର୍ତ୍ତି ଯାଇଛନ୍ତି। ଦୁର୍ଘଟଣାରେ ଉଭୟ ଗାଡିର ଡ୍ରାଇଭର ଆହତ ହୋଇଛନ୍ତି। ଲୋଇସିଂହା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦତନ୍ତ ଚଳାଇଛି।

### ମଥୁରାଙ୍କ ଘରେ ପହଞ୍ଚିବ ଭତ୍ତା ଟଙ୍କା: ବିଡିଓ

**ଲୋଇସିଂହା,୧୫।୫(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ସଦର ମହକୁମା ପଞ୍ଚାୟତ ନୂଆପଡାର ମଥୁରା ମେହେର(୯୫)। ବୟସାଧିକ ମଥୁରାଙ୍କୁ ଭତ୍ତା ଆଣିବା ପାଇଁ ବ୍ୟାଙ୍କ ଯିବାକୁ ରିକ୍ସାଭଡା କରିବା ସହ ବହୁ କଷ୍ଟ ସ୍ୱୀକାର କରିବାକୁ ପଡୁଥିଲା। ଗଣମାଧ୍ୟରେ ଏସଂକ୍ରାନ୍ତ ଖବର ପ୍ରକାଶ ପରେ ବ୍ଲକ ପ୍ରଶାସନ ମଥୁରାଙ୍କ ଘରେ ପହଞ୍ଚିଥିଲା। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଆଶା ପଧାନ ତାଙ୍କୁ ଭେଟିଥିଲେ। ମେ ମାସରୁ ୫ ଶହ ବଦଳରେ ବର୍ଦ୍ଧିତ ୭ ଶହ ଟଙ୍କା ଭତ୍ତା ପାଇବେ ଏବଂ ଜୁନରୁ ଭତ୍ତା ଟଙ୍କା ତାଙ୍କ ଘରେ ବ୍ଲକ ପ୍ରଶାସନ ପହଞ୍ଚାଇବ ବୋଲି ବିଡିଓ ଆକାଶ ରଞ୍ଜନ ସାହୁ ସୋମବାର କହିଛନ୍ତି। ଗତ ୯ ତାରିଖ ପୁଅ ପ୍ରବୀର ସହ ମଥୁରା ଲୋଇସିଂହା ସ୍ଥିତ ଇଣ୍ଡିଆନ ବ୍ୟାଙ୍କକୁ ଭତ୍ତା ଟଙ୍କ ନେବାକୁ ଆସିଥିଲେ। ୫ ଶହ ଟଙ୍କା ଭତ୍ତା ପାଇଁ ରକ୍ସା ଭଡା ଦେଢଶହ ଟଙ୍କା ଦେଉଥିବା ପ୍ରବୀର କହିଥିଲେ। ଏହାବାଦ ୮୦ ବର୍ଷରୁ ଊର୍ଦ୍ଧ୍ୱ ହୋଇଥିଲେ ମଧ୍ୟ ତାଙ୍କୁ ବର୍ଦ୍ଧିତ ଭତ୍ତା ଟଙ୍କା ମିଳୁ ନ ଥିବା ଜଣାପଡିଥିଲା। ବିଡିଓ ସାହୁଙ୍କ ନିର୍ଦ୍ଦେଶରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଆଶା ପଧାନ ମଥୁରାଙ୍କ ଘରକୁ ଯାଇ ମାସିକ ୭ ଶହ ଟଙ୍କା ପାଇଁ ଆବଶ୍ୟକ କାଗଜ ପତ୍ର ସଂଗ୍ରହ କରିଥିଲେ ବୋଲି ବିଡିଓ ସାହୁ କହିଛନ୍ତି।

### ୧୧କେଭି ବିଦ୍ୟୁତ୍ ତାର ଚୋରି

**ଦେଓଗାଁ,୧୫।୫(ଡି.ଏନ.ଏ):** ଦେଓଗାଁ ଥାନା ବିଡିଘାଟ ଆଶ୍ରମସ୍କୁଲ ପଛପଟରେ ନୂତନଭାବେ ଲଗାଯାଉଥିବା ୧୧କେଭି ବିଦ୍ୟୁତ୍ ତାର ଚୋରି ହୋଇଛି। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ତାରାବତୀ ପ୍ରଧାନ ସୂଚନା ଦେଇଛନ୍ତି। ୧୧କେଭି ତାର ପ୍ରାୟ ୧କିଲୋମିଟର ପର୍ଯ୍ୟନ୍ତ ଚୋରି ହୋଇଥିବା ନେଇ ସର୍କଲ ଇନଚାର୍ଜ ଦିଲିପ କୁମାର ନାଏକ ଦେଓଗାଁ ଥାନାରେ ଲିଖିତଭାବେ ଅଭିଯୋଗ କରିଥିଲେ। ସୋମବାର ପୋଲିସ ଘଟଣାସ୍ଥଳକୁ ଯାଇ ଛାନଭିନ ଆରମ୍ଭ କରିଛି।

# ରାସ୍ତାରେ ଖାଲ, ବିପଦକୁ ଆମନ୍ତ୍ରଣ

**ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଅଞ୍ଚଳବାସୀଙ୍କ ଦାବି**

**ଖଡ଼ିଆଳ,୧୫।୫(ଡି.ଏନ୍.ଏ.)**

ନୂଆପଡ଼ା ଜିଲା ଖଡ଼ିଆଳ ଲାଲସାହେବ ପଡ଼ା ୱାର୍ଡ ନଂ ୭ ରାସ୍ତା ଖାଲଖମାରେ ଭର୍ତ୍ତି। ଏହି ରାସ୍ତା ନିର୍ମାଣ ପାଇଁ ବିଗତ ଏକ ବର୍ଷ ପୂର୍ବରୁ ଖଡ଼ିଆଳ ଏନ୍ଏସି ପକ୍ଷରୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଖଡ଼ିଆଳକୁ ହସ୍ତାନ୍ତର କରାଯାଇଛି। ହେଲେ ବିଭାଗ କାର୍ଯ୍ୟ କରୁନଥିବା ଅଭିଯୋଗ କରି ପଡ଼ାବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ରାସ୍ତା ୩୫୩ ନଂ ଜାତୀୟ ରାଜପଥକୁ ସଂଯୋଗ କରିଛି। ରାସ୍ତା ଉପରେ ମହିଳା ମହାବିଦ୍ୟାଳୟ, ମୋଡେଲ ଡିଗ୍ରୀ ମହାବିଦ୍ୟାଳୟ, ପଶୁ ଚିକିତ୍ସାଳୟ, ଓମ୍ଫେଡ, ବିଜେପୁର ଗ୍ରାମ ସମେତ



ଖାଲଖମା ହୋଇଥିବା ରାସ୍ତା।

ଅନେକ ପଞ୍ଚାୟତର ଜନସାଧାରଣ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି। ଖଡ଼ିଆଳରୁ ସିନାପାଲିକୁ ସଂଯୋଗ କରୁଥିବା ମୁଖ୍ୟ ବାଇପାସ ରାସ୍ତାଭାବେ ବ୍ୟବହାର ହେଉଥିବା ବେଳେ ଏହି ରାସ୍ତା ଖାଲଖମାରେ ଭର୍ତ୍ତି ହେବା ସହିତ ବର୍ଷା ଦିନେ ପାଣି ଜମି ରହି ସମସ୍ୟା ସୃଷ୍ଟି କରୁଛି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ରାସ୍ତା କାର୍ଯ୍ୟ ତୁରନ୍ତ ଆରମ୍ଭ କରିବାକୁ ପଡ଼ାବାସୀ ଦାବି କରିଛନ୍ତି। ଏନେଇ ଉପାଧ୍ୟକ୍ଷ ସକୁନ୍ତଳା ରାଉତଙ୍କୁ ପଚାରିବାରୁ, ଏନଏସି ବୈଠକରେ ପ୍ରସ୍ତାବ ଦିଆଯାଇଛି ବୋଲି କହିଛନ୍ତି। ଏହି କାମ ଗ୍ରାମ ଉନ୍ନୟନ ବିଭାଗକୁ ହସ୍ତାନ୍ତର କରାଯାଇଥିବା ରାଉତ ପ୍ରକାଶ କରିଛନ୍ତି।

# କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ଜବରଦଖଲ ଉଚ୍ଛେଦ



ଜବରଦଖଲ କରାଯାଉଛି।

**ଟିଟିଲାଗଡ଼,୧୫।୫(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଟିଟିଲାଗଡ ସହରର ହାଟପଦାରେ ଏକ କଲ୍ୟାଣମଣ୍ଡପ ନିର୍ମାଣ ପାଇଁ ପୂର୍ବରୁ ଚିହ୍ନଟ ହୋଇଥିବା ପଥର ଚଟାଣରେ ବାସ କରୁଥିବା ୨୨ ପରିବାରକୁ ସୋମବାର ଉଚ୍ଛେଦ କରାଯାଇଛି। ପୂର୍ବରୁ ଉଚ୍ଛେଦ ପାଇଁ ଏହି ପରିବାରଙ୍କୁ ପ୍ରଶାସନ ନୋଟିସ୍ ଜାରି କରିଥିଲା। ହେଲେ ପ୍ରଶାସନ ସହିତ ଆଲୋଚନା ପରେ ଏହା ସ୍ଥଗିତ ରହିଥିଲା। କିଛି ଦିନ ବ୍ୟବଧାନ ପରେ ସୋମବାର ପ୍ରଶାସନ ଜବରଦଖଲ ଉଚ୍ଛେଦ କରିଛି। ପ୍ରକାଶଥାଉକି ଏହି କଲ୍ୟାଣମଣ୍ଡପ ନିର୍ମାଣ ପାଇଁ ପଶ୍ଚିମ ଓଡିଶା ବିକାଶ ପରିଷଦ ଓ ବିଧାୟକ ଉନ୍ନୟନ ପାଣ୍ଠିରୁ ସମସ୍ତ ଅର୍ଥ ବ୍ୟବସ୍ଥା ହୋଇଛି। ଏହାର ନିର୍ମାଣ ପାଇଁ ଟେଣ୍ଡର ପୂର୍ତ୍ତ ବିଭାଗ ଦ୍ୱାରା ଶେଷ ହୋଇଛି। ଜବରଦଖଲ ଉଚ୍ଛେଦ ସମୟରେ ଚାପା ଉତ୍ତେଜନା ଦେଖାଯାଇଥିଲା। ପୂର୍ବତନ ନଗରପାଳ ଶୁଭ୍ରାଂଶୁ ଦାସ, ବୀରେନ୍ଦ୍ର ବାଗ, ନୀଳମିଶ୍ର, ରବି ପଟ୍ଟନାୟକ ପ୍ରମୁଖ ତହସିଲଦାର ଡ଼ ଲଳିତ ବାଗ, ପୌର ପରିଷଦ ନିର୍ବାହୀ ଅଧିକାରୀ ବିପିନ ବିହାରୀ ଦୀପଙ୍କ ସହିତ ଆଲୋଚନା କରି ଉଚ୍ଛେଦ ହୋଇଥିବା ବ୍ୟକ୍ତିଙ୍କ ଥଇଥାନ ପାଇଁ ତୁରନ୍ତ ପଦକ୍ଷେପ ନେବାପାଇଁ କହିଥିଲେ। ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି ଏସ୍‌ଡିପିଓ ଅଙ୍କିତା କୁମ୍ଭାର, ଆଇଆଇସି ରଞ୍ଜନ ବରିହାଙ୍କ ସମେତ ପୋଲିସ ଫୋର୍ସ ଉପସ୍ଥିତ ଥିଲେ।

# ଶ୍ରମିକ ବଦଳରେ ମେଶିନ କରୁଛି କାମ

**ଲାଠୋର, ୧୫।୫(ଡି.ଏନ.ଏ.)**

ଦାଦନ ଶ୍ରମିକ ଚାଲାଣରେ ରୋକ ଲଗାଇବା ପାଇଁ ସରକାର ଏମ୍‌ଜିଏନଆରଇଜିଏସ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ହେଲେ ପ୍ରଶାସନର ଖାମଖିଆଲ ନୀତି ଯୋଗୁଁ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଟଙ୍କପାଣି ପଞ୍ଚାୟତ ଅନ୍ତର୍ଗତ ପତ୍ରାପାଲି ଗ୍ରାମରେ ଜମି ଉନ୍ନତୀକରଣ କାମରେ ଶ୍ରମିକ ନିୟୋଜିତ କରା ନ ଯାଇ ମେଶିନରେ କରାଯାଉଥିବା ଅଭିଯୋଗ ହୋଇଛି। ଏହି ଅଭିଯୋଗକୁ ଆଧାର କରି ସାମାଜିକ କର୍ମୀ ଦୀପା ବାରିକ ଟ୍ୱିଟର ଯୋଗେ ସିଏମଓ ଓଡ଼ିଶା, ମୋ ସରକାର ୫-ଟି, ଭିଜିଲାନ୍ସ ଓଡ଼ିଶା, ପଞ୍ଚାୟତିରାଜ ବିଭାଗ ଏବଂ ବିଡ଼ିଓ ଖପ୍ରାଖୋଲଙ୍କୁ ଏହାର ତଦନ୍ତ କରି ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ, କନିଷ୍ଠ ଯନ୍ତ୍ରୀ ଏବଂ ଗ୍ରାମ ରୋଜଗାର ସେବକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରିଥିବା ସୂଚନା ଦେଇଛନ୍ତି। ପତ୍ରାପାଲି ଗ୍ରାମରେ ଚଳିତ ବର୍ଷ ୬୭ ହିତାଧିକାରୀଙ୍କୁ ଜମି ଉନ୍ନତୀକରଣ ପାଇଁ ଏମ୍‌ଜିଏନଆରଇଜିଏସ୍ ଜରିଆରେ ୫୦ହଜାର ଟଙ୍କା ଲେଖାଏ ବ୍ୟୟରେ କାର୍ଯ୍ୟ କରିବା ପାଇଁ କାର୍ଯ୍ୟାଦେଶ ଦିଆଯାଇଥିଲା। କାର୍ଯ୍ୟାଦେଶ ପାଇ ହିତାଧିକାରୀମାନେ କାର୍ଯ୍ୟରେ ଶ୍ରମିକମାନଙ୍କୁ ନିୟୋଜିତ କରି କାର୍ଯ୍ୟ କରିବା କଥା। ହେଲେ ସେଠାରେ ଶ୍ରମିକ ନିୟୋଜିତ ନକରି ପଞ୍ଚାୟତ କର୍ତ୍ତୃପକ୍ଷ ଏବଂ ହିତାଧିକାରୀ ମିଶି ଜେସିବି ମେଶିନରେ କାମ କରୁଥିବା ଅଭିଯୋଗ ହେଉଛି। ଏନେଇ ଟଙ୍କପାଣି ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବାହୁବଳେନ୍ଦ୍ର ପୁରୋହିତଙ୍କୁ ପଚାରିବାରୁ ହିତାଧିକାରୀ ଏବଂ କନିଷ୍ଠ ଯନ୍ତ୍ରୀ ଏ ବିଷୟରେ କହି ପାରିବେ ବୋଲି କହିଥିଲେ। କନିଷ୍ଠ ଯନ୍ତ୍ରୀ ରାଜକିଶୋର ନାଏକଙ୍କୁ ପଚାରିବାରୁ ବର୍ତ୍ତମାନ ଯାଏ କୌଣସି ପେମେଣ୍ଟ ହୋଇନାହିଁ। କାର୍ଯ୍ୟ ଦେଖିଲା ପରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ବିଡ଼ିଓ ବିଜୟ କୁମାର ହୋତାଙ୍କୁ ପଚାରିବାରେ ଘଟଣାର ତଦନ୍ତ କରି ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

### ଭାଲୁ ଆକ୍ରମଣରେ ବୃଦ୍ଧା ଗୁରୁତର

**ନୂଆପଡ଼ା ଅଫିସ,୧୫।୫**

ନୂଆପଡ଼ା ଜିଲା ଲଖନା ଥାନା କୁରୁମପୁରି ପଞ୍ଚାୟତ କୁସ ଦହନା ଗାଁରେ ଜଣେ ବୃଦ୍ଧା ଜଙ୍ଗଲି ଭାଲୁ ଆକ୍ରମଣରେ ଗୁରୁତର ହୋଇଛନ୍ତି। ସେ ହେଲେ ଉକ୍ତ ଗ୍ରାମର ଚିତ୍ରୀ ପ୍ରଧାନୀ (୬୫)। ସୋମବାର ୧୧ଟା ସମୟରେ ଗାଁର ଲୋକଙ୍କ ସହ ପାଖ ଜଙ୍ଗଲକୁ କେନ୍ଦୁ ପତ୍ର ତୋଳିବା ପାଇଁ ଯାଇଥିଲେ। ସେହି ସମୟରେ ଜଙ୍ଗଲରୁ ହଠାତ ଏକ ଜଙ୍ଗଲି ଭାଲୁ ଆସି ବୃଦ୍ଧାଙ୍କୁ ଆକ୍ରମଣ କରିଥିଲା। ପାଖରେ ଥିବା କେନ୍ଦୁ ପତ୍ର ତୋଳାଳିମାନେ ବହୁତ ଜୋରରେ ଚିତ୍କାର କରିବାରୁ ପାଖ ପଡୋଶୀ ଦୌଡ ଆସି ଭାଲୁକୁ ଘଉଡ଼ାଇଥିଲେ। ପରେ ବୃଦ୍ଧାଙ୍କୁ ଗୁରୁତର ଅବସ୍ଥାରେ ଆମ୍ବୁଲାନ୍ସଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ବୃଦ୍ଧାଙ୍କ ଡାହାଣ ଗୋଡ଼ରେ ଆଘାତ ଲାଗିଛି। ବର୍ତ୍ତମାନ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି।

# ଜିଲାସ୍ତରୀୟ ଅଭିଯୋଗ ଶୁଣାଣି



ଜିଲାପାଳ ଅଭିଯୋଗ ଶୁଣୁଛନ୍ତି।

**ଖଡ଼ିଆଳ,୧୫।୫(ଡି.ଏନ୍.ଏ.)**

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ସମ୍ମିଳନୀ ସଭାଗୃହରେ ଜିଲା ସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ହେମକାନ୍ତ ସାଏଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରରେ ୫୧ଅଭିଯୋଗର ଶୁଣାଣି ହୋଇଥିଲା। ଅଭିଯୋଗ ଶୁଣାଣି କରି ଆବଶ୍ୟକ ପଦକ୍ଷେପ ଗ୍ରହଣ ପାଇଁ ବିଭଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ଶୁଣାଣି ଶିବିରରେ ମଣ୍ଡୋସିଲ ଗ୍ରାମବାସୀ ଗ୍ରାମର ସମସ୍ୟା ନେଇ ଦାବି ପତ୍ର ଜିଲାପାଳଙ୍କୁ ପ୍ରଦାନ କରିଥିଲେ। ମାଣ୍ଡୋସିଲ ପଞ୍ଚାୟତ କେନ୍ଦ୍ର ସ୍ଥଳୀରେ ହାଇସ୍କୁଲ ସ୍ଥାପନ କରିବା, ଖାଉଟି ସାମଗ୍ରୀ ବଣ୍ଟନ ନେଇ ଏକ କେନ୍ଦ୍ର ସ୍ଥାପନ କରିବା କାରଣ ୨ରୁ ୩ କିଲୋମିଟର ଦୂରକୁ ଯାଇ ଖାଉଟି ସାମଗ୍ରୀ ଆଣିବା ସମସ୍ୟା ସୃଷ୍ଟି କରୁଛି, ସେହିପରି ଗ୍ରାମରେ ଏକ ଓଭର ହେଡ ଟ୍ୟାଙ୍କ ନିର୍ମାଣ ଓ ପାନୀୟ ଜଳ ଠିକଭାବେ ବଣ୍ଟନ କରିବାକୁ ସେମାନେ ଦାବି କରିଛନ୍ତି। ସମସ୍ୟାର ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଶିବିରରେ ଜିଲା ଆରକ୍ଷୀ ଅଧକ୍ଷକ ରାଘବେନ୍ଦ୍ର ଗୁଣ୍ଡାଲା ରେଡ୍ଡୀ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ.ଚୌଧୁରି ଶୋଭାରଣୀ ମିଶ୍ର, ଜିଲା ସମାଜ ମଙ୍ଗଳ ଅଧିକାରୀ ଡ. ନନ୍ଦକିଶୋର ତାଣ୍ଡି, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମନ କୁମାରି ଲମ୍ବୋ, ଜିଲା କ୍ଷୁଦ୍ର ଶିଳ୍ପ ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଖଡ଼ିଆଳ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳୀ ନନ୍ଦ, ବିଡିଓ ବିରସେନ ବେହେରା, ଜିଲା ସ୍ତରୀୟ ଅଧିକାରୀ ଏବଂ ବ୍ଲକ ସ୍ତରୀୟ ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ।

### ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ଉଦ୍‌ଯାପିତ

**ନୂଆପଡ଼ା ଅଫିସ,୧୫।୫**

ନୂଆପଡ଼ା ଜିଲା କୋମନା ବ୍ଲକ ରଜନା ପଞ୍ଚାୟତ ବେଲଗାଁରେ ୩ ଦିନ ଧରି ଅନୁଷ୍ଠିତ ହୋଇଥିବା ଷୋହଳ ପ୍ରହର ଅଖଣ୍ଡ ନାମ ଯଜ୍ଞ ରବିବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ଦିନରେ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଘଣ୍ଟବାଦ୍ୟ, ସଙ୍କୀର୍ତ୍ତନ ଦଳ ସହ ବିରାଟ ଶୋଭାଯାତ୍ରାରେ ବାହାରି ସାଗର ବନ୍ଧରୁ କଳସ ଆଣି ମଣ୍ଡପରେ ସ୍ଥାପନ କରିଥିଲେ। ପରେ ନାମଯଜ୍ଞ ଆରମ୍ଭ ହୋଇଥିଲା। ଏହି ନାମଯଜ୍ଞରେ ନୂଆପଡ଼ା ସମେତ କଳାହାଣ୍ଡି, ବରଗଡ଼ ଓ ବଲାଙ୍ଗିର ଜିଲାର ବଛା ବଛା ସଙ୍କୀର୍ତ୍ତନ ଦଳ ଯୋଗଦେଇଥିଲେ। ଗ୍ରାମର ରଘୁମଣୀ ଦଳ ଓ ତାଙ୍କ ଧର୍ମପତ୍ନୀ ପଦ୍ମିନୀ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପୂଜକ ସରୋଜକୁମାର ତ୍ରିପାଠୀ ଓ ଜପକ ମଧୁସୂଦନ କର କାର୍ଯ୍ୟ ସମ୍ପାଦନ କରିଥିଲେ। ଲଛମନ ଶଗରିଆ, ଖିରୋଦ ଭୋଇ, ଜୟସିଂ କରୁଆ, ମୋହନ କେତକି, କ୍ଷୀରସିନ୍ଧୁ ଭୋଇ, ଗୌତମ ବାଗ, କେଶବ ଚରଣ ମାଝି ସହଯୋଗ କରିଥିଲେ।

# ଜିଲାପାଳଙ୍କ ଉଦ୍ଦେଶ୍ୟରେ ୭ଦଫା ଦାବିପତ୍ର ପ୍ରଦାନ



ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**କଣ୍ଟାବାଞ୍ଜି,୧୫।୫(ଡି.ଏନ.ଏ.)**

**ଅବ୍ୟବସ୍ଥାରେ ଚାଲିଛି କଣ୍ଟାବାଞ୍ଜି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅବ୍ୟବସ୍ଥା ନେଇ ସ୍ୱର ଉଠାଇଛି ସ୍ଥାନୀୟ ବିଜୁ ଜନତା ଦଳ। ସୋମବାର ବରିଷ୍ଠ ନେତା ଅଜୟ ଦାସଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲାପାଳଙ୍କ ଉଦ୍ଦେଶ୍ୟରେ ୭ ଦଫା ସମ୍ବଳିତ ଏକ ଦାବିପତ୍ର ସୁପରିଣ୍ଟେଣ୍ଡେଣ୍ଟ ଡା.ଏସ.ପି.ଡି.ପଣ୍ଡାଙ୍କୁ ପ୍ରଦାନ କରାଯାଇଛି। ଏଥିରେ ଉଲ୍ଲେଖ କରାଯାଇଛି ଯେ, ଡାକ୍ତରଖାନାର ଅନେକ ସମସ୍ୟା ରହିଥିଲେ ମଧ ତାର ସମାଧାନ କରାଯାଉନାହିଁ। ଫଳରେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରୁଥିବା ତୁରେକେଲା, ବଙ୍ଗୋମୁଣ୍ଡା, ମୁରିବାହାଲ, ବେଲପଡା, ଖପ୍ରାଖୋଲ ବ୍ଲକ ସହ ପଡୋଶୀ ନୂଆପଡା ଜିଲା ଖରିଆର, କୋମନା ବ୍ଲକର ରୋଗୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଡାକ୍ତରଖାନାରେ ପାଣି ସମସ୍ୟା ରହିଛି। ନିରାମୟରେ ଦିନରାତି ଔଷଧ ବଣ୍ଟନ, ଡାକ୍ତରଖାନା ଅନ୍ତେବାସୀଙ୍କୁ ୨ ରାଉଣ୍ଡ ଚିକିତ୍ସା, ଡାକ୍ତରଙ୍କ କ୍ଲିନିକ ଚିକିତ୍ସା ବନ୍ଦ କରିବା, ଲାଗିଥିବା ସିସି ଟିଭି କ୍ୟାମେରା କାର୍ଯ୍ୟକାରୀ କରିବା ଆଦି ଦାବି ରହିଛି। ଦାବିପତ୍ର ପ୍ରଦାନ ସମୟରେ ଦେବାର ବାରିକ, ଶାନ୍ତନୁ ବିଭାର, ପିଙ୍କି ଖର୍ସେଲ, ପୁରୁଷୋତ୍ତମ କୁଅଁର, ଭୁବନାନନ୍ଦ ମହାନ୍ତିଙ୍କ ସହ ଅନେକ ବିଜେଡି କର୍ମୀ ସାମିଲ ଥିଲେ।

# ଆମ୍ବମେଳା ଉଦ୍‌ଘାଟିତ

**ଟିଟିଲାଗଡ଼,୧୫।୫(ଡି.ଏନ.ଏ.)**

ଓରମାସ ବଲାଙ୍ଗୀର ପକ୍ଷରୁ ଟିଟିଲାଗଡ଼ ହାଇସ୍କୁଲ ପଡିଆରେ ସୋମବାର ଆମ୍ବ ମେଳା ଉଦ୍‌ଘାଟିତ ହୋଇଛି। ମୁଖ୍ୟ ଅତିଥିଭାବେ ଯୋଗଦେଇ ଟିଟିଲାଗଡ଼ ଉପଜିଲାପାଳ ଦୟାମୟ ପାଢ଼ୀ ମେଳାକୁ ଉଦ୍‌ଘାଟନ କରିଥିଲେ। ଏହି ମେଳାରେ ଟିଟିଲାଗଡ଼ ଉପଖଣ୍ଡ ଅନ୍ତର୍ଗତ ୫ଟି ବ୍ଲକର ଚାଷୀ, କୃଷକ ଉତ୍ପାଦକ ଗୋଷ୍ଠୀ ସେମାନଙ୍କ ଉତ୍ପାଦିତ ଆମ୍ବ ବିକ୍ରୟ ନେଇ ଷ୍ଟଲ ବ୍ୟବସ୍ଥା ହୋଇଛି। ବିଡ଼ିଓ ନବୀନ ଚନ୍ଦ୍ର ନାୟକ, ବଲାଙ୍ଗୀର ଜିଲା ଓରମାସ ଜଏଣ୍ଟ ସିଇଓ କମଳେନ୍ଦୁ ପାଳ, ଟିଟିଲାଗଡ଼ ଉଦ୍ୟାନ କୃଷି ନିର୍ଦ୍ଦେଶକ ମନବୋଧ ମାଝି, ଆଶା ସମ୍ପାଦକ ସଞ୍ଜୀବ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମେଳାର ପ୍ରଚାର ପ୍ରସାର ପାଇଁ ବାହାରି ଥିବା ଆମ୍ବ ରଥକୁ ଉପଜିଲାପାଳ ପାଢୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ମେଳା ୨୧ତାରିଖ ପର୍ଯ୍ୟନ୍ତ ଚାଲିବ।



ଅତିଥିମାନେ ଆମ୍ବ ଷ୍ଟଲ ବୁଲି ଦେଖୁଛନ୍ତି।

# ପାଚିକା ସହାୟିକା ସଂଘର ବିକ୍ଷୋଭ

**ଲୋଇସିଂହା,୧୫।୫(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ବ୍ଲକ ପାଚିକା ସହାୟିକା ସଂଘ ପକ୍ଷରୁ ସୋମବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଅବସରରେ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୬ଦଫା ସମ୍ବଳିତ ଏକ ଦାବିପତ୍ର ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ସଂଘ ପକ୍ଷରୁ ଦିଆଯାଇଥିବା ଦାବିପତ୍ରକୁ ଏବିଓ ଟଙ୍କଧର ଭୋଇ ଗ୍ରହଣ କରିଥିଲେ। ସଂଘ ଜିଲା ସଭାପତି ପାଣ୍ଡବ ଭୋଇ, ଉପସଭାପତି ଅର୍ଜନ ଖର୍ସେଲ, ବ୍ଲକ ସଭାନେତ୍ରୀ ରୀନା ବିଶ୍ୱାଳ, ସମ୍ପାଦିକା ଅନନ୍ତା କରଙ୍କ ନେତୃତ୍ୱରେ ପାଚିକା ସହାୟିକା ସ୍ଥାନୀୟ ଅଗ୍ରସେନ ଭବନରୁ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ରାଲିରେ ଯାଇଥିଲେ। ୨୦୨୦ ନୂତନ ଶିକ୍ଷାନୀତି ବାତିଲ, ୨୦୦୯ ଡିସେମ୍ବରରୁ ୨୦୨୨ ମାର୍ଚ୍ଚ ପର୍ଯ୍ୟନ୍ତ କାମ କରିଥିବା ପାଚିକାଙ୍କ ତାଲିକା ପ୍ରସ୍ତୁତ କରି




ପାଚିକା ସହାୟିକା ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

୨୮ ମାସର ବର୍ଦ୍ଧିତ ବକେୟା ପାରିଶ୍ରମିକ ପ୍ରଦାନ, ପାଚିକାମାନଙ୍କୁ ସରକାରୀ ମାନ୍ୟତା ଓ ମାସିକ ସର୍ବନିମ୍ନ ୨୬ ହଜାର ଟଙ୍କା ପ୍ରଦାନ, ସ୍କୁଲ ବନ୍ଦ ଏବଂ ମିଶ୍ରଣ ଫଳରେ ବାଦ୍ ପଡିଥିବା ପାଚିକାଙ୍କୁ ଥଇଥାନ, ପିଲାସଂଖ୍ୟା କମ୍ ଦର୍ଶାଇ ବନ୍ଦ କରିଥିବା ସ୍କୁଲକୁ ପୁନଃ ଖୋଲିବା, ୧୦ ମାସ ବଦଳରେ ୧୨ମାସର ପାରିଶ୍ରମିକ ପ୍ରଦାନ, ମଧ୍ୟାହ୍ନଭୋଜନ ବ୍ୟତିରେକ ଅନ୍ୟକାମରେ ନିୟୋଜିତ ନକରିବାକୁ ସଂଘ ଦାବି କରିଛି। ପାଚିକା ସହାୟିକାଙ୍କ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବଜେଟରେ ଆବଶ୍ୟକ ବ୍ୟବରାଦ ବ୍ୟବସ୍ଥା ସହ ଛାତ୍ରୀଛାତ୍ର ମୁଣ୍ଡପିଛା ଖାଇବା ଖର୍ଚ୍ଚ ବୃଦ୍ଧି ଆଦି ଦାବି ରହିଛି।

## ସଡ଼କ ଦୁର୍ଘଟଣାରେ ଜଣେ ମୃତ

ଗାଇସିଲେଟ୍ (ଡି.ଏନ,ଏ): ବରଗଡ଼ ଜିଲା ଗାଇସିଲେଟ ଥାନା ତାଲପାଲି ସରକାରୀ କଟା ନିକଟରେ ରବିବାର ଏକ ସଡ଼କ ଦୁର୍ଘଟଣା ହୋଇଥିଲା। ବାଇକ୍‌ରେ ଯାଉଥିବାବେଳେ ଗାଇସିଲେଟ ନିବାସୀ ପରମାନନ୍ଦ ନାଗ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ତାଙ୍କୁ ଗୁରୁତର ଭାବେ ଉଦ୍ଧାର କରି ଭିମସାର, ବୁର୍ଲା ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା।

# ସଂକ୍ଷେପରେ

## ଆଶ୍ରୟସ୍ଥଳୀ ନାହିଁ, ଯାତ୍ରୀ ହଇରାଣ

**ପଦ୍ମପୁର,୧୫।୫(ଡି.ଏନ.ଏ.):** ଗମନାଗମନର ସୁବିଧା ପାଇଁ ସରକାର ବିଜୁ ଏକ୍ସପ୍ରେସ ୱେ କରିଛନ୍ତି। ରାସ୍ତା ନିର୍ମାଣ ପୂର୍ବରୁ ରାସ୍ତା ପାର୍ଶ୍ୱ ଓ ଛକ ଜାଗାରେ ଥିବା ଗଛ ଗୁଡିକକୁ କାଟି ଦିଆଯାଇଛି। ବରଗଡ଼ ଜିଲା ପଦ୍ମପୁର ଅଞ୍ଚଳରେ ଚଳିତ ବର୍ଷ ପ୍ରଚଣ୍ଡ ତାତିରେ ଜନଜୀବନ ବ୍ୟତିବ୍ୟସ୍ତ ପଡିପଡିଛି। ଦିନ ତାପମାତ୍ରା ୪୦ଡିଗ୍ରୀରୁ ଅଧିକ ରହୁଛି। ବିଭିନ୍ନ ସ୍ଥାନରୁ ଯାତ୍ରୀମାନେ ଆସି ଅନ୍ୟ ଗ୍ରାମକୁ ଯିବା ପାଇଁ ଛକ ଜାଗାରେ ଅପେକ୍ଷା କରିଥାନ୍ତି। ଗଛ ଛାଇ କିମ୍ବା ଆଶ୍ରୟସ୍ଥଳୀ ନ ଥିବାରୁ ଯାତ୍ରୀମାନେ ପ୍ରଚଣ୍ଡ ତାତିରେ ସିଝୁଛନ୍ତି। ତେଣୁ ବିଭାଗୀୟ ଅଧିକାରୀ ଏ ନେଇ ଦୃଷ୍ଟି ଦେବାକୁ ଦାବି ହେଉଛି।

## ଲାୟନ୍ସ କ୍ଲବର ପରିଚାଳନା କମିଟି ଗଠନ

**ପାଇକମାଲ,୧୫।୫(ଡି.ଏନ.ଏ.):** ବରଗଡ ଜିଲା ପାଇକମାଲ ଲାୟନ୍ସ କ୍ଲବ କର୍ମକର୍ତ୍ତାମାନଙ୍କ ଏକ ବୈଠକ କ୍ଲବ ସଭାପତି ଜନାର୍ଦ୍ଦନ ପଣ୍ଡାଙ୍କ ସଭାପତିତ୍ୱରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କ୍ଲବର ସମ୍ପାଦକ ନନ୍ଦଲାଲ ନାୟକ ବିବରଣୀ ପଠନ କରିଥିଲେ। ନିର୍ଦ୍ଦେଶକ ସୁନ୍ଦରମଣି ନାୟକ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସର୍ବସମ୍ମତି କ୍ରମେ ଗୋବର୍ଦ୍ଧନ ଅଗ୍ରୱାଲ ସଭାପତି, ଶ୍ୟାମଲାଲ ପ୍ରଧାନ, ଯୋଗେଶ୍ୱର ସାହୁ, ଡାକ୍ତର ଲମ୍ବୋଦର ପଣ୍ଡା ଉପସଭାପତି, ନନ୍ଦଲାଲ ନାୟକ ସମ୍ପାଦକ ଓ ଆନନ୍ଦ ଅଗ୍ରୱାଲଙ୍କୁ କୋଷାଧକ୍ଷ ଭାବେ ମନୋନିତ କରାଯାଇଥିଲା। ନୂତନ ସଭାପତି ଗୋବର୍ଦ୍ଧନ ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଶିପାଲିରେ ମୋହିନୀ ଏକାଦଶୀ ପାଳନ

**ବରପାଲି,୨।୫(ଡି.ଏନ.ଏ.):** ବରପାଲି ନିକଟସ୍ଥ ବିଶିପାଲି ଗ୍ରାମରେ ସୋମବାର ମୋହିନୀ ଏକାଦଶୀ ବ୍ରତ ପାଳନ କରାଯାଇଛି। ଆଦିତ୍ୟ ପାଣିଗ୍ରାହୀ ସକାଳୁ ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା କରି ପଦ୍ମପୁରାଣ ପାଠ କରିଥିଲେ। ସନ୍ଧ୍ୟାରେ ପ୍ରବଚକ ରାମକିଙ୍କର ଦାସ ପ୍ରବଚନ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପ୍ରକାଶ ସାହୁ, ସଞ୍ଜୟ ସାହୁ, ସରୋଜ ସାହୁ, ପଦ୍ମଲୋଚନ ସାହୁ, ଆଲିପ ସାହୁ, ମନୋଜ ବଢେଇ ସଙ୍ଗୀତ ପରିବେଷଣ କରିଥିଲେ। କୁଞ୍ଜବିହାରୀ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଗ୍ରାମର ଶତାଧିକ ମହିଳା ପୁରୁଷ ଅଂଶଗ୍ରହଣ କରିଥିଲେ।

## ବରଗଡ଼ ଶିକ୍ଷୟିତ୍ରୀ ପାଇଲେ ଓଇଏସ୍

**ବରଗଡ଼ ଅଫିସ୍,୧୫।୫:** ବରଗଡ଼ ରାଣାପ୍ରତାପ ସ୍କୁଲର ଶିକ୍ଷୟିତ୍ରୀ ଭାବନା ସାହୁ ଓଡ଼ିଶା ଶିକ୍ଷା ସେବା (ଓଇଏସ୍)ରେ କୃତକାର୍ଯ୍ୟ ହୋଇଛନ୍ତି। ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ ନଂ-୩ ନିବାସୀ ବାପା ନରେନ୍ଦ୍ର ସାହୁ ଓ ମା' କାଞ୍ଚନଙ୍କ ଝିଅ ଭାବନାଙ୍କ ଏହି ସଫଳତା ପାଇଁ ସ୍କୁଲ ଏବଂ ପରିବାରରେ ଆନନ୍ଦ ପ୍ରକାଶ ପାଇଛି । ଏଥିପାଇଁ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟୁଛି। ରାଣାପ୍ରତାପ ସ୍କୁଲର ପ୍ରଧାନ ଶିକ୍ଷକ ସୁଦୀପ କୁମାର ରଥଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଭାବନାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



## ୨ ବର୍ଷ ପରେ ଅଭିଯୁକ୍ତ ଗିରଫ

**ଲୋଇସିଂହା,୧୫।୫(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ଥାନା ତଥା ଆଗଲପୁର ବ୍ଲକ ନଅଗାଁ(ଖ) ଗ୍ରାମର ଜଣେ ଅପହୃତ ନାବାଳିକାଙ୍କୁ ରାଉରକେଲାରୁ ରବିବାର ଉଦ୍ଧାର କରାଯାଇଛି। ଏଥିସହ ଅପହରଣକାରୀ ଗ୍ରାମର ସୁବ୍ରତ ଛତ୍ରିଆ(୨୨)ଙ୍କୁ ଗିରଫ କରିଛି ପୋଲିସ। ସୋମବାର ନାବାଳିକା ଓ ଅଭିଯୁକ୍ତଙ୍କ ଡାକ୍ତରୀମାଇନା କରାଯାଇଛି। ଏହାପରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ନାବାଳିକାଙ୍କ ବୟାନକୁ ଆଧାର କରି ଅଭିଯୁକ୍ତଙ୍କ ବିରୋଧରେ ବଳାତ୍କାର ଓ ନିର୍ଯାତନା ମାମଲା ରୁଜୁ ହୋଇଥିବା ଆଇଆଇସି ବାମଦେବ ଶଙ୍ଖୁଆଳ କହିଛନ୍ତି। ୨୦୨୧ମାର୍ଚ୍ଚରେ ସୁବ୍ରତ ବାବାଳିକାଙ୍କୁ ଅପହରଣ କରିନେଇଥିବା ନେଇ ତାଙ୍କ ବାପା ଲୋଇସିଂହା ଥାନାରେ ଅଭିଯୋଗ କରିଥିଲେ।

# ଗାଁ କଡ଼ରେ କ୍ରଶର, ବିପଦରେ ଜୀବନ

- ପଥର ଖାଦାନରେ ଚାଲିଛି ବିସ୍ଫୋରଣ
- ବନ୍ଦ ଦାବି ନେଇ ଜିଲାପାଳଙ୍କୁ ଫେରାଦ

**ବରଗଡ଼ ଅଫିସ୍,୧୫।୫**

ବରଗଡ଼ ଜିଲା ପଦ୍ମପୁର ବ୍ଲକ ଜ୍ଞାନ ପଞ୍ଚାୟତ ଅନ୍ତର୍ଗତ ଖଲିଆମୁଣ୍ଡା ଗ୍ରାମ ନିକଟ ପଥର ଖାଦାନ ପାଖରେ ଏକ କ୍ରଶର ରହିଛି। ଗୋଟିଏ ପଟେ ଖାଦାନରେ ବିସ୍ଫୋରଣ କରି ପଥର ଫଟାଇବା ଏବଂ ଅନ୍ୟପଟେ କ୍ରଶର ଦ୍ୱାରା ପଥର ଗୁଣ୍ଡ କରିବା ଯୋଗୁ ଅଞ୍ଚଳ ପ୍ରଦୂଷିତ ହେଉଛି। ଏଭଳି ଅଭିଯୋଗ ନେଇ ସୋମବାର ଗ୍ରାମର ଯୁବକମାନେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ଜିଲାପାଳ ମୋନିଷା ବାନାର୍ଜୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋଙ୍କୁ ସେମାନେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଗ୍ରାମ ନିକଟରେ ରହିଥିବା ପଥର ଖାଦାନରେ ବିସ୍ଫୋରଣ ତଥା ସେଠାକାର କ୍ରଶର ବନ୍ଦ କରିବାକୁ ଗ୍ରାମର ଯୁବକମାନେ ଦାବି କରିଛନ୍ତି। ସ୍ମାରକପତ୍ର ପାଇବା ପରେ ଅତିରିକ୍ତ ଜିଲାପାଳ ଟପ୍ପୋ ଫୋନ ଯୋଗେ ପଦ୍ମପୁର ଉପଜିଲାପାଳ ସଦାକର କୁମ୍ଭାରଙ୍କୁ ଯୋଗାଯୋଗ କରି ତଦନ୍ତ ସହ ବିହିତ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି।



କ୍ରଶର ବନ୍ଦ ଦାବିରେ ଜିଲାପାଳଙ୍କୁ ଫେରାଦ ହୋଇଥିବା ଯୁବକମାନେ।

ସୂଚନା ଅନୁସାରେ, ଖଲିଆମୁଣ୍ଡା ଗ୍ରାମଠାରୁ ମାତ୍ର ୩ଶହ ମିଟର ଦୂରରେ ପଥର ଖାଦାନ ଏବଂ କ୍ରଶର ରହିଛି। ଏହି ପଥର ଖାଦାନରେ ବାରମ୍ବାର ବିସ୍ଫୋରଣ କରାଯାଉ ଥିବାରୁ ଗ୍ରାମବାସୀଙ୍କ ଘର କାନ୍ଥ, ଛାତ ଦୁର୍ବଳ ହୋଇ ପଡୁଛି। ସେହିପରି ବିସ୍ଫୋରଣରେ ବ୍ୟବହୃତ ବିସ୍ଫୋରକ ସାମଗ୍ରୀ ଯୋଗୁ ଅଞ୍ଚଳର ବାୟୁମଣ୍ଡଳ ବିଷାକ୍ତ ହେଉଛି। କ୍ରଶରର ପଥର ଗୁଣ୍ଡ ସବୁଆଡ଼େ ଉଡୁଛି। ଫଳରେ ଲୋକେ ଚକ୍ଷୁରୋଗ, ଶ୍ୱାସରୋଗ ଭଳି ନାନାଦି ରୋଗରେ ଆକ୍ରାନ୍ତ ହେଉଛନ୍ତି। କେବଳ ସେତିକି ନୁହେଁ, ପଥର ଖାଦାନରେ ବହୁ ଗଭୀର ଗାତ ସୃଷ୍ଟି ହୋଇଛି। ଫଳରେ ସେହି ଗାତ ସ୍ଥାନୀୟ ଲୋକ ତଥା ଗୃହପାଳିତ ପ୍ରାଣୀଙ୍କ ପାଇଁ ବିପଦ ସାଜିଛି। ସେହିପରି ଗ୍ରାମ ମୁଖ୍ୟ ରାସ୍ତା ଦେଇ ପଥର ଖାଦାନ ତଥା କ୍ରଶରରୁ ପଥର, ପଥର ଗୁଣ୍ଡ ପରିବହନ କରାଯାଉଥିବା ଯୋଗୁ ରାସ୍ତା ମଧ୍ୟ ଶୋଚନୀୟ ହୋଇ ପଡ଼ିଛି। ଏହାଦ୍ୱାରା ବିଭିନ୍ନ ସମୟରେ ଲୋକେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ସେହି ପଥର ଖାଦାନ ଏବଂ କ୍ରଶରର ଅନତି ଦୂରରେ ଖଲିଆମୁଣ୍ଡା ସମେତ ଆହୁରି ୬ଟି ଗ୍ରାମ ରହିଛି। ଅଞ୍ଚଳବାସୀଙ୍କ ହିତ ଦୃଷ୍ଟିରୁ ତୁରନ୍ତ ସମ୍ପୃକ୍ତ କ୍ରଶର ଏବଂ ପଥର ଖାଦାନରେ ବିସ୍ଫୋରଣ ବନ୍ଦ କରାଯିବାକୁ କାହ୍ନା ବରିହା, ରମଣୀ ରଞ୍ଜନ ବଡ଼େଇ, ହେମରାଜ ଅମରୀ, ଚନ୍ଦନ ମଲ୍ଲିକ, ରାହୁଲ ଗଡ଼ତିଆ, ଅନିଲ ସାହୁ ପ୍ରମୁଖ ଦାବି କରିଛନ୍ତି।

# ସମ୍ପାଦକ, ପ୍ରଧାନ ଆଚାର୍ଯ୍ୟ ବୈଠକ ଉଦ୍‌ଯାପିତ



ବୈଠକରେ ଉପସ୍ଥିତ ଅତିଥିଗଣ।

**ପଦ୍ମପୁର,୧୫।୫(ଡି.ଏନ.ଏ.)**

ପଦ୍ମପୁର କୁସୁନାପାଲି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଚାଲିଥିବା ବିଭାଗସ୍ତରୀୟ ସମ୍ପାଦକ ଓ ପ୍ରଧାନ ଆଚାର୍ଯ୍ୟ ବୈଠକ ସୋମବାର ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପଶ୍ଚିମ ସମ୍ଭାଗ ସଂଯୋଜକ ଜ୍ୟୋତି ରଞ୍ଜନ ମିଶ୍ର ମୁଖ୍ୟ ଅତିଥି, ପଶ୍ଚିମ ସମ୍ଭାଗ କୋଷାଧକ୍ଷ ଶିବ ପ୍ରସାଦ ବାଗ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ରାଷ୍ଟ୍ର ପ୍ରତି ସମର୍ପଣ ଭାବନା ବିଷୟରେ ଆଲୋକପାତ କରିଥିଲେ। ବରଗଡ ବିଭାଗ ନିରୀକ୍ଷକ ବିଜନ କୁମାର ଜେନା ବୈଠକର ବୃତ୍ତ କଥନ କରିଥିଲେ। ଅନ୍ୟତମ ଅତିଥି ଭାବେ ମାଧ୍ୟମିକ ବିଭାଗ ଶୈକ୍ଷିକ ସଂଯୋଜକ ଆଶିଷ କୁମାର ରଥ, ଅଶ୍ୱିନୀ କୁମାର ଦାଶ, ଦ୍ୱାଦଶ କୁମାର ପଧାନ, ଆନନ୍ଦ କୁମାର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲା ସହ ପ୍ରମୁଖ ମନୋଜ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ୪୧ଟି ଶିଶୁ ମନ୍ଦିରର ୩୮ ଜଣ ପ୍ରଧାନ ଆଚାର୍ଯ୍ୟ ବୈଠକରେ ଭାଗନେଇ ଶିଶୁମାନଙ୍କ ଶୈକ୍ଷିକ ବିକାଶ ଉନ୍ନତି ପାଇଁ ଆଲୋଚନା କରିଥିଲେ।

# ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲାକୁ ଗୁରୁତ୍ୱ

**ବରଗଡ଼ ଅଫିସ୍,୧୫।୫**

ବରଗଡ଼ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ସୋମବାର ସନ୍ଧ୍ୟାରେ ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ମୋନିଷା ବାନାର୍ଜୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ଆସନ୍ତା ବର୍ଷାଋତୁରେ ମହାନଦୀ ପଛୁଆ ପାଣିରେ ଅମ୍ବାଭୋନା ଏବଂ ଭେଡ଼େନ ବ୍ଲକର ବନ୍ୟା ପରିସ୍ଥିତି ତଥା ଅନ୍ୟାନ୍ୟ ବ୍ଲକର ବନ୍ୟାସ୍ଥିତିକୁ ନିୟନ୍ତ୍ରଣରେ ରଖିବା ପାଇଁ ସଜାଗ ରହିବାକୁ ଜିଲାପାଳ ବାନାର୍ଜୀ ସମସ୍ତ ନୋଡ଼ାଲ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ବରଗଡ଼ ଏମ୍‌ପିଙ୍କ ପ୍ରତିନିଧି ସୁରେଶ୍ୱର ଶତପଥୀ, ଅତିରିକ୍ତ ଜିଲାପାଳ (ରାଜସ୍ୱ) କୃତ୍ତିବାସ ରାଉତ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଆଦିତ୍ୟ ଗୋୟଲ,



ବୈଠକରେ ବିଧାୟିକା, ଜିଲା ପରିଷଦ ଅଧ୍ୟକ୍ଷା, ଜିଲାପାଳ ଏବଂ ଅନ୍ୟମାନେ ।

ପଦ୍ମପୁର ଉପଜିଲାପାଳ ସଦାକର କୁମ୍ଭାର, ବରଗଡ଼ ଉପଜିଲାପାଳ ଲଲାଟ କୁମାର ଲୁହାଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀମାନେ ଯୋଗଦାନ କରିଥିଲେ ।

ବର୍ଷା ଆଗରୁ ସମସ୍ତ ଏନ୍‌ଏସି ଏବଂ ମ୍ୟୁନିସିପାଲିଟି ଅଞ୍ଚଳରେ ଡ୍ରେନ ମରାମତି, ଡ୍ରେନ ସଫା ରଖିବା, ପ୍ରତ୍ୟେକ ଅଞ୍ଚଳରେ ପାନୀୟଜଳ ବ୍ୟବସ୍ଥା ଠିକ୍‌ରଖିବା, ଗଛପତ୍ର, ଡାଳ ଆଦି କାଟି ରାସ୍ତା ସଫା ନିମିତ୍ତ ବ୍ୟବସ୍ଥା କରିବା, ନୌଯାତ୍ରାରେ ସୁରକ୍ଷା ବ୍ୟବସ୍ଥା ନିଶ୍ଚିତ କରିବା, ଗୋରୁ ଏବଂ ଅନ୍ୟାନ୍ୟ ଗୃହପାଳିତ ପଶୁମାନଙ୍କ ନିମିତ୍ତ ପ୍ରଚୁର ପରିମାଣରେ ଖାଦ୍ୟ ଓ ସୁରକ୍ଷା ଯୋଜନାକୁ ନିଶ୍ଚିତ କରିବା, ବିଦ୍ୟୁତ ସରବରାହ ଠିକ୍ ରଖିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ପ୍ରତ୍ୟେକ ଗ୍ରାମାଞ୍ଚଳରେ ପାନୀୟଜଳ ବ୍ୟବସ୍ଥାକୁ ଠିକ୍ ରଖିବା ପାଇଁ ବିଧାୟିକା ଛୁରିଆ ପରାମର୍ଶ ଦେଇଥିଲେ। ସମସ୍ତଙ୍କ ସହଯୋଗରେ ବାତ୍ୟା, ବନ୍ୟାଜନିତ କ୍ଷୟକ୍ଷତି ଆକଳନ କରି ତୁରନ୍ତ ସହାୟତା ପ୍ରଦାନ ଦିଗରେ ପଦକ୍ଷେପ ନିଆଯିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜିଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଗୋୟଲ ଧନ୍ୟବାଦ ଅର୍ପଣ କରିଥିଲେ।

## ଖୋଲିଲା ଗୁଡ଼େଶିରା ମଣ୍ଡି

**ବରଗଡ଼ ଅଫିସ୍,୧୫।୫**

ବରଗଡ଼ ବ୍ଲକ ଅନ୍ତର୍ଗତ ଗୁଡ଼େଶିରା ମାର୍କେଟ୍ ୟାର୍ଡରେ ସୋମବାର ଧାନ ସଂଗ୍ରହ ପ୍ରକ୍ରିୟାର ଶୁଭାରମ୍ଭ ହୋଇଛି। ଗୋବିନ୍ଦପୁର ପ୍ରାଥମିକ କୃଷି ସମବାୟ ସମିତିର ଅଧ୍ୟକ୍ଷ ତଥା ସରପଞ୍ଚ ପ୍ରଫୁଲ୍ଲ କୁମାର ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ମଣ୍ଡିରେ ପାନୀୟଜଳ, ଚାଷୀଙ୍କ ପାଇଁ ଆଶ୍ରୟ ବ୍ୟବସ୍ଥା କରିବାକୁ ମଧ୍ୟ ସେ ପରାମର୍ଶ ଦେଇଥିଲେ। ସମିତି ସମ୍ପାଦକ ଅଶୋକ କୁମାର ଥପା ଓ ଆନନ୍ଦ ରଥଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ ଅନନ୍ତ ମହାପାତ୍ର, ଶ୍ରୀକାନ୍ତ ମହାପାତ୍ର, ଚାଷୀନେତା ଛତ୍ରପତି ଭୋଇ, ରଘୁମଣି ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ନିୟନ୍ତ୍ରିତ ବଜାର କମିଟି ତରଫରୁ ଗୋକୁଳାନନ୍ଦ ଆଚାର୍ଯ୍ୟ, ପବନ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। କେନ୍ଦପାଲି ଗ୍ରାମର ସରୋଜ ପତି ମଣ୍ଡିକୁ ପ୍ରଥମେ ଧାନ ଆଣିଥିଲେ।

# ସରଣ୍ଡାରେ ଆଦିତ୍ୟଙ୍କୁ ଶ୍ରଦ୍ଧାଞ୍ଜଳି



ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ କର୍ମକର୍ତ୍ତାଗଣ।

- ଶରୀର ଦାନ କରିଥିଲେ

**ସରଣ୍ଡା,୧୫।୫(ଡି.ଏନ.ଏ.)**

ଶରୀର ଦାନ କରି ଥାନାପତି ଜାତିକୁ ଗୌରବାନ୍ୱିତ କରିଥିବା ଭଟଲି ବ୍ଲକ ଉର୍ଦ୍ଦୁନା ନିବାସୀ ସ୍ୱର୍ଗତ ଆଦିତ୍ୟ ମହାପାତ୍ରଙ୍କ ଶ୍ରଦ୍ଧାଞ୍ଜଳି ସଭା ବରଗଡ଼ ଜିଲା ଅତାବିରା ବ୍ଲକ ସରଣ୍ଡା ସ୍ଥିତ ଅଷ୍ଟଶମ୍ଭୁ ଶୈବ ପୀଠରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ସଭାରେ ସ୍ୱର୍ଗତ ଆତ୍ମାର ସଦଗତି ପାଇଁ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ତାଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଆୟୋଜକ ଉତ୍କଳ ଶିବ ଶକ୍ତି ମନ୍ଦିର ପୂଜକ ସଂଘ ବରଗଡ଼ ଶାଖା ପକ୍ଷରୁ ଅନୁଷ୍ଠିତ ସଭାରେ ଥାନାପତି ମହାସଭା ସଭାପତି ଶିବ ମହାପାତ୍ର ସଭାପତିତ୍ୱ ଓ ଉପଦେଷ୍ଟା ଯୁଧିଷ୍ଠିର ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବରଗଡ଼ ଶାଖା ସଭାପତି ମଦନ ମହାପାତ୍ର, ସରଣ୍ଡା ଆଞ୍ଚଳିକ ସଭା ସଭାପତି ପର୍ଶୁରାମ ମହାପାତ୍ର, ରୁଦ୍ର ମହାପାତ୍ର, ରଘୁ ମହାପାତ୍ର, ସୁରେନ୍ଦ୍ର ମହାପାତ୍ର, ପ୍ରଦୀପ ମହାପାତ୍ର, ମହାଦେବ ମହାପାତ୍ର, ରାଧେଶ୍ୟାମ ମହାପାତ୍ର, ଦାରାସିଂ ମହାପାତ୍ର, ମନୋଜ ମହାପାତ୍ର, ସାହେବ ମହାପାତ୍ର ପ୍ରମୁଖ ଆଦିତ୍ୟଙ୍କ ସ୍ମୃତିଚାରଣ କରିଥିଲେ। ପରେ ଥନାପତି ଜାତି ସମାଜର ସାମୂହିକ ବିକାଶ ପାଇଁ ଆଲୋଚନା କରାଯାଇଥିଲା।

# ବନ୍ଦ ସ୍କୁଲ ପୁଣି ଖୋଲାଯାଉ

- ଜିଲାପାଳଙ୍କୁ ଅଭିଭାବକ ଫେରାଦ

**ବରଗଡ଼ ଅଫିସ୍,୧୫।୫**

ଛାତ୍ରୀଛାତ୍ରଙ୍କ ଉପସ୍ଥାନ କମ୍ ଥିବା ଦର୍ଶାଇ ବରଗଡ଼ ଜିଲା ସୋହେଲା ବ୍ଲକ ବିଜାପାଲି ପଞ୍ଚାୟତ ଅନ୍ତର୍ଗତ ଟେଙ୍ଗେରପଦର ପ୍ରାଥମିକ ସ୍କୁଲକୁ ବନ୍ଦ କରି ଦିଆଯାଇଛି। ଫଳରେ ଗ୍ରାମର ଛାତ୍ରୀଛାତ୍ର ପ୍ରାଥମିକ ଶିକ୍ଷା ଗ୍ରହଣରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳି ଅଭିଯୋଗ ନେଇ ସୋମବାର ଛାତ୍ରୀଛାତ୍ରଙ୍କ ଅଭିଭାବକମାନେ ବରଗଡ଼ ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ଜିଲାପାଳ ମୋନିଷା ବାନାର୍ଜୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋଙ୍କୁ ସେମାନେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି ।

ସ୍ମାରକପତ୍ରରେ ଉଲ୍ଲେଖ ରହିଛି, ଟେଙ୍ଗେରପଦର ଗ୍ରାମର ଜନସଂଖ୍ୟା ୫୦୦ରୁ ଅଧିକ ଅଟେ। ଏଠାରେ ପ୍ରାଥମିକ ସ୍କୁଲ ଥିଲା। ୩୬ଜଣ ଛାତ୍ରୀଛାତ୍ରଙ୍କୁ ନେଇ ସ୍କୁଲଟି ଚାଲୁଥିଲା ଏବଂ ଗ୍ରାମର ପିଲାମାନେ ଠିକ୍ ଭାବେ ପ୍ରାଥମିକ ଶିକ୍ଷା ଗ୍ରହଣ କରୁଥିଲେ। ମାତ୍ର କମ୍ ଉପସ୍ଥାନ ଦର୍ଶାଇ ସ୍କୁଲକୁ ବନ୍ଦ କରିଦିଆଯାଇଛି। ଫଳରେ ଛାତ୍ରୀଛାତ୍ରଙ୍କୁ ହଟହଟା ହେବାକୁ ପଡୁଛି। ସେମାନଙ୍କୁ ଗ୍ରାମଠାରୁ ବହୁଦୂରରେ ରହିଥିବା ସ୍କୁଲକୁ ପାଠ ପଢ଼ିବା ପାଇଁ ଯିବାକୁ ପଡୁଛି। ଦୂରସ୍ଥାନକୁ ପଢ଼ିବାକୁ ଯିବା ଛାତ୍ରୀଛାତ୍ରଙ୍କ ପାଇଁ ସୁରକ୍ଷିତ ନୁହେଁ ବୋଲି ଗ୍ରାମବାସୀ କହିଛନ୍ତି। ଫଳରେ ବନ୍ଦ ପଡ଼ିଥିବା ଗ୍ରାମର ପ୍ରାଥମିକ ସ୍କୁଲକୁ ପୁନଃ କାର୍ଯ୍ୟକ୍ଷମ କରାଯାଉ ବୋଲି ଦଶରଥ ନାଏକ, ଆନନ୍ଦ ସାହୁ, ଆନନ୍ଦ ନାଏକ ପ୍ରମୁଖ ଗ୍ରାମବାସୀ ଦାବି କରଛନ୍ତି ।



ସ୍କୁଲ ଖୋଲିବାକୁ ଜିଲାପାଳଙ୍କୁ ଫେରାଦ ହୋଇଥିବା ଅଭିଭାବକବୃନ୍ଦ ।

## ଭାଲୁ ଆକ୍ରମଣରେ ବୃଦ୍ଧା ଗୁରୁତର

**ନୂଆପଡ଼ା ଅଫିସ,୧୫।୫**

ନୂଆପଡ଼ା ଜିଲା ଲଖନା ଥାନା କୁରୁମପୁରି ପଞ୍ଚାୟତ କୁସ ଦହନା ଗାଁରେ ଜଣେ ବୃଦ୍ଧା ଜଙ୍ଗଲି ଭାଲୁ ଆକ୍ରମଣରେ ଗୁରୁତର ହୋଇଛନ୍ତି। ସେ ହେଲେ ଉକ୍ତ ଗ୍ରାମର ଚିତ୍ରୀ ପ୍ରଧାନୀ (୬୫)। ସୋମବାର ୧୧ଟା ସମୟରେ ଗାଁର ଲୋକଙ୍କ ସହ ପାଖ ଜଙ୍ଗଲକୁ କେନ୍ଦୁ ପତ୍ର ତୋଳିବା ପାଇଁ ଯାଇଥିଲେ। ସେହି ସମୟରେ ଜଙ୍ଗଲରୁ ହଠାତ ଏକ ଜଙ୍ଗଲି ଭାଲୁ ଆସି ବୃଦ୍ଧାଙ୍କୁ ଆକ୍ରମଣ କରିଥିଲା । ପାଖରେ ଥିବା କେନ୍ଦୁ ପତ୍ର ତୋଳାଳିମାନେ ବହୁତ ଜୋରରେ ଚିତ୍କାର କରିବାରୁ ପାଖ ପଡୋଶୀ ଦୌଡ ଆସି ଭାଲୁକୁ ଘଉଡ଼ାଇଥିଲେ। ପରେ ବୃଦ୍ଧାଙ୍କୁ ଗୁରୁତର ଅବସ୍ଥାରେ ଆମ୍ବୁଲାନ୍ସଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ବୃଦ୍ଧାଙ୍କ ଡାହାଣ ଗୋଡ଼ରେ ଆଘାତ ଲାଗିଛି । ବର୍ତ୍ତମାନଅବସ୍ଥା ଗୁରୁତରଥିବା ଜଣାପଡ଼ିଛି।

# ୮୪ ଅଭିଯୋଗର ଶୁଣାଣି

**ଅମ୍ବାଭୋନା,୧୫।୫(ଡି.ଏନ,ଏ)**

ଅମ୍ବାଭୋନା ପଞ୍ଚାୟତ ସମିତିରେ ସୋମବାର ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲାପାଳ ମୋନିଷା ବାନାର୍ଜୀ, ଏସ୍‌ପି ପି.ଏସ୍ ମିନା, ମୁଖ୍ୟ ଉନ୍ନୟନ ଅଧିକାରୀ ଆଦିତ୍ୟ ଗୋୟଲଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀମାନେ ଯୋଗଦାନ କରିଥିଲେ। ଅମ୍ବାଭୋନା ବ୍ଲକର ବିଭିନ୍ନ ଗ୍ରାମର ଲୋକେ ଶିବିରରେ ଜିଲାପାଳ, ଏସପିଙ୍କ ନିକଟରେ ଅଭିଯୋଗ କରିଥିଲେ। ଶିବିରରେ ୮୪ଅଭିଯୋଗ ପଞ୍ଜୀକୃତ ହୋଇଥିଲା ଏବଂ ସେହି ଅଭିଯୋଗ ଉପରେ ପଦକ୍ଷେପ ନେବାକୁ ଜିଲାପାଳ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ମଥୁରାଙ୍କ ଘରେ ପହଞ୍ଚିବ ଭତ୍ତା ଟଙ୍କା

**ଲୋଇସିଂହା,୧୫।୫(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ସଦର ମହକୁମା ପଞ୍ଚାୟତ ନୂଆପଡାର ମଥୁରା ମେହେର(୯୫) । ବୟସାଧିକ ମଥୁରାଙ୍କୁ ଭତ୍ତା ଆଣିବା ପାଇଁ ବ୍ୟାଙ୍କ ଯିବାକୁ ରିକ୍ସାଭଡା କରିବା ସହ ବହୁ କଷ୍ଟ ସ୍ୱୀକାର କରିବାକୁ ପଡୁଥିଲା । ଗଣମାଧ୍ୟରେ ଏସଂକ୍ରାନ୍ତ ଖବର ପ୍ରକାଶ ପରେ ବ୍ଲକ ପ୍ରଶାସନ ମଥୁରାଙ୍କ ଘରେ ପହଞ୍ଚିଥିଲା। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଆଶା ପଧାନ ତାଙ୍କୁ ଭେଟିଥିଲେ । ମେ ମାସରୁ ୫ ଶହ ବଦଳରେ ବର୍ଦ୍ଧିତ ୭ ଶହ ଟଙ୍କା ଭତ୍ତା ପାଇବେ ଏବଂ ଜୁନରୁ ଭତ୍ତା ଟଙ୍କା ତାଙ୍କ ଘରେ ବ୍ଲକ ପ୍ରଶାସନ ପହଞ୍ଚାଇବ ବୋଲି ବିଡିଓ ଆକାଶ ରଞ୍ଜନ ସାହୁ ସୋମବାର କହିଛନ୍ତି।

# ଗଙ୍ଗାଧର ସ୍ମୃତି ଭବନ ପୁନଃ ନିର୍ମାଣ ଦାବି



ବୈଠକରେ ଉପସ୍ଥିତ କମିଟି କର୍ମକର୍ତ୍ତାଗଣ।

**ବରପାଲି,୧୫।୫(ଡି.ଏନ.ଏ.)**

କବି ଗଙ୍ଗାଧରଙ୍କ ଜନ୍ମପୀଠ ବରପାଲିରେ ଥିବା ଗଙ୍ଗାଧର ସ୍ମୃତି ଭବନକୁ ଭାଙ୍ଗି ଦିଆଯାଇଛି। ତେବେ ଏହାର ପୁନଃ ନିର୍ମାଣ ପାଇଁ ଦାବି ଜୋର୍ ଧରିଛି। ଏହି କ୍ରମରେ ରବିବାର ସନ୍ଧ୍ୟାରେ ଗଙ୍ଗାଧର ସ୍ମୃତି ଭବନ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଡକ୍ଟର ରବୀନ୍ଦ୍ର ଗଡତିୟାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସ୍ମୃତି ଭବନ ପରିସର ଜବରଦଖଲ ଉଚ୍ଛେଦ ଓ ପୁନରୁଦ୍ଧାର ଦାବି କରାଯାଇଥିଲା। ସର୍ବସମ୍ମତି କ୍ରମେ 'ଗଙ୍ଗାଧର ସ୍ମୃତି ଭବନ ପୁନଃନିର୍ମାଣ କମିଟି' ଗଠନ କରାଯାଇଥିଲା। ଏହାସହ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ନାମରେ ଥିବା ସ୍ମୃତି ଗୁଡିକୁ ପୁନରୁଦ୍ଧାର କରିବାକୁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ବୈଠକରେ କମିଟି କର୍ମକର୍ତ୍ତାଙ୍କ ସମେତ ସ୍ଥାନୀୟ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

# ବିକାଶରେ ବ୍ୟକ୍ତିତ୍ୱ ବିକାଶ କର୍ମଶାଳା

**ବରଗଡ଼ ଅଫିସ୍,୧୫।୫**

ବିକାଶ ହାୟର ଏଜୁକେଶନାଲ ଇନ୍‌ଷ୍ଟିଚ୍ୟୁଶନ୍ସ ଅନ୍ତର୍ଗତ ବିକାଶ ଡିଗ୍ରୀ କଲେଜ ବାଣିଜ୍ୟ ବିଭାଗର ଛାତ୍ରୀଛାତ୍ରଙ୍କ ପାଇଁ ଏକ ବିଶେଷ ବ୍ୟକ୍ତିତ୍ୱ ବିକାଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଯୁକ୍ତ ତିନି ବାଣିଜ୍ୟ ପରେ ଉପଲବ୍ଧ କ୍ୟାରିୟର ପ୍ଲାନିଂ ଏବଂ ସୁବିଧା ସୁଯୋଗ ବାବଦରେ ପ୍ରବକ୍ତା ଡଃ ସିଦ୍ଧାନ୍ତ ମହାନ୍ତି ଚିତ୍ତାକର୍ଷକ ଉପସ୍ଥାପନ ରଖିଥିଲେ। ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡାଙ୍କ ଉପସ୍ଥିତିରେ ଉପାଧ୍ୟକ୍ଷ ଆର.ଏସ.ଭି କ୍ରିଷ୍ଣା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଛାତ୍ରୀଛାତ୍ର ଜୀବନର ଲକ୍ଷ୍ୟ ସ୍ଥିରୀକୃତ କରିବା ଏବଂ ଶୃଙ୍ଖଳିତ ଜୀବନଯାପନ କରିବା ଆବଶ୍ୟକତା ଉପରେ ବକ୍ତା ଆଲୋକପାତ କରିଥିଲେ। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ପଚାରିଥିବା ବିଭିନ୍ନ କ୍ୟାରିୟର ସମ୍ବନ୍ଧିତ ପ୍ରଶ୍ନର ଉତ୍ତର ବକ୍ତା ଡ. ମହାନ୍ତି ନିଆରା ଢଙ୍ଗରେ ଦେଇଥିଲେ। ଏହି ଅବସରରେ ବିକାଶ ଗ୍ରୁପ୍ ପକ୍ଷରୁ ବକ୍ତା ଡ. ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ଯଶ୍ ସୋଢ଼ୀ ଓ ସୋନୁ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବରିଷ୍ଠ ଅଧ୍ୟାପକ ମନ୍ଦରଧର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



କର୍ମଶାଳାରେ ବିକାଶ ଗ୍ରୁପ୍ ପକ୍ଷରୁ ପ୍ରବକ୍ତା ଡଃ ସିଦ୍ଧାନ୍ତ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

## ସଂକ୍ଷେପରେ

### ବାଇକ୍-ଜିପ୍ ମୁହାଁମୁହିଁ ଧକ୍କା, ଜଣେ ଛାତ୍ର ମୃତ

**ସୁନ୍ଦରଗଡ଼,୧୫।୫(ଡି.ଏନ.ଏ.):** ସ୍ଥାନୀୟ ସରକାରୀ କଲେଜ ରୋଡରେ ସୋମବାର ଅପରାହ୍ନ ୫ଟାବେଳେ ଦୁର୍ଘଟଣା ଘଟିଛି। ଏକ ବାଇକ୍ ଓ ମହିନ୍ଦ୍ରାଥର୍ ଗାଡି (ଜିପ) ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ଘଟଣାସ୍ଥଳରେ ବାଇକ୍‌ରେ ଥିବା ଜଣେ ସ୍କୁଲ ଛାତ୍ରଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଛାତ୍ରଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ଜିଲା ମୁଖ୍ୟ ଡାକ୍ତରଖାନାକୁ ନିଆଯାଇ ପରେ ସେଠାରୁ ରାଉରକେଲା ଆଇଜିଏଚକୁ ସ୍ଥାନାନ୍ତର କରାଯାଇଛି। ମୃତକ ଜଣକ ହେଲେ ସ୍ଥାନୀୟ ନିରଞ୍ଜନ ନଗରର ସୁରେଶ ପଣ୍ଡାଙ୍କ ପୁଅ ଆଶିଷ ପଣ୍ଡା(୧୫)। ଆହତ ଛାତ୍ର ଜଣକ ହେଲେ ଆର୍‌ଆର୍‌ଆଇଟି କଲୋନୀର ବୈକୁଣ୍ଠ ବନଛୋରଙ୍କ ପୁଅ ବିବେକ ବନଛୋର (୧୫)। ଉଭୟେ ସ୍ଥାନୀୟ କେନ୍ଦ୍ରୀୟ ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ର। ସ୍ଥାନୀୟ ବ୍ରାହ୍ମଣପଡାରୁ ଟିଉସନରୁ ଆଶିଷ ଅନ୍ୟ ଜଣେ ସାଙ୍ଗର ବାଇକ ଓଆର୧୬ଇ-୦୦୦୫ ଆଣି ସାଙ୍ଗ ବିବେକଙ୍କୁ ଆରଆରଆଇଟି କଲୋନୀରେ ଛାଡିବାକୁ ଆସୁଥିବାବେଳେ କଲେଜ ରୋଡରେ ସମ୍ମୁଖ ଦିଗରୁ ଆସୁଥିବା ଏହି ମହିନ୍ଦ୍ରାଥାର୍ ଗାଡି ଓଡି୧୬କେ-୦୦୦୫ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଟାଉନଥାନା ପୋଲିସ ମୃତ ଛାତ୍ରଙ୍କ ବାପାଙ୍କ ରିପୋର୍ଟ ଆଧାରରେ ଏକ ଦୁର୍ଘଟଣା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ ହେବ। ବାଇକ୍ ଏବଂ ମହିନ୍ଦ୍ରାଥର୍ ଗାଡିକୁ ମଧ ଜବତ କରିଛି ପୋଲିସ। ମହିନ୍ଦ୍ରାଥର୍ ଗାଡି ସ୍ଥାନୀୟ ଜଣେ କଂଗ୍ରେସ ନେତାଙ୍କର ବୋଲି କୁହାଯାଉଛି।

### ପଞ୍ଚାୟତର ଉନ୍ନୟନ କାର୍ଯ୍ୟ ପାଇଁ ଡିଏମ୍‌ଏଫ୍ ପାଣ୍ଠି ପ୍ରଦାନ କରାଯାଉ

**ହେମଗିର,୧୫।୫(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା ହେମଗିରର ୧୯ଟି ପଞ୍ଚାୟତର ସମିତି ସଭ୍ୟ ଓ ସଭ୍ୟାମାନେ ଅଞ୍ଚଳର ଉନ୍ନତି ଓ ବିକାଶ ପାଇଁ ଜିଲା ଖଣିଜ ପଦାର୍ଥ ପାଣ୍ଠିର ସହାୟତା ଯୋଗାଇବା ପାଇଁ ସୋମବାର ଜିଲାପାଳଙ୍କ ନିକଟରେ ଦାବି ଜଣାଇଛନ୍ତି। ଜିଲା ଖଣିଜ ପ୍ରତିଷ୍ଠାନ ପାଣ୍ଠି ସହାୟତାରେ ଅଞ୍ଚଳର ଅନେକ ସମସ୍ୟାଗୁଡିକର ସମାଧାନ କରିବା ସହିତ ଅଞ୍ଚଳର ବିକାଶ ହୋଇପାରିବ। ସେଥିପାଇଁ ବ୍ଲକର ସମସ୍ତ ପଞ୍ଚାୟତକୁ ଡିଏମଏଫ ତରଫରୁ ସ୍ୱତନ୍ତ୍ର ପାଣ୍ଠିର ବ୍ୟବସ୍ଥା କରିବା ପାଇଁ ଜିଲାପାଳଙ୍କ ନିକଟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ କନିକା ସମିତି ସଭ୍ୟ ଡିସେମ୍ବର ବାଗ, ଟପରିଆ ପଞ୍ଚାୟତର ସମିତି ସଭ୍ୟା ପାଉଲିନା ଲାକ୍ରା, କୁଚେଡେଗା ସମିତି ସଭ୍ୟା ନଳିନୀ ବଢେକ, ଗୋପାଳପୁର ସମିତି ସଭ୍ୟା ସୁଶମିତା ସେଠ ପ୍ରମୁଖ ଉପସ୍ଥିତ ଥିଲେ।

### ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ହତ୍ୟା ଉଦ୍ୟମ: ୨ ଗିରଫ, ମାରଣାସ୍ତ୍ର ଜବତ



**ଦେବଗଡ଼,୧୫।୫(ଡି.ଏନ୍.ଏ.):** ଦେବଗଡ଼ ଥାନା ଅଧୀନ କଞ୍ଚ ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜଣେ ବ୍ୟକ୍ତିଙ୍କୁ ହତ୍ୟା ଉଦ୍ୟମ ହୋଇଥିବା ନେଇ ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ସ୍ଥାନୀୟ ପୋଲିସ ବିଭିନ୍ନ ଦଫାରେ ଏକ ମାମଲା ରୁଜୁ କରି ୨ ଅଭିଯୁକ୍ତଙ୍କୁ ଅଟକ ରଖିବା ସହ ସେମାନଙ୍କ ନିକଟରୁ ୨ଟି ଦେଶୀ ବନ୍ଧୁକ, ଧନୁ ତୀର ଓ କୁରାଢ଼ି ଆଦି ମରଣାସ୍ତ୍ର ଜବତ କରିଛି। ଖବର ମୁତାବକ, କଞ୍ଚ ଗ୍ରାମର ଦାଶରଥୀ ମୁଣ୍ଡାଙ୍କ ସହ ଉକ୍ତ ଗ୍ରାମର ଅଜୟ ମୁଣ୍ଡାଙ୍କ କୌଣସି କାରଣରୁ ବିବାଦ ରହିଥିଲା। ଅଜୟ ବିରୁଦ୍ଧରେ ଦାଶରଥି ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରିଥିଲେ ମଧ ଉଭୟଙ୍କ ମଧରେ ଥାନାରେ ମିଳାମିଶା ହୋଇଯାଇଥିଲା। ମାତ୍ର ଏହି ଘଟଣାକୁ ନେଇ ଅଜୟଙ୍କ ମନରେ ଅସନ୍ତୋଷ କୁହୁଳୁ ଥିଲା। ରବିବାର ଦାଶରଥୀ ଘରେ ଏକୁଟିଆ ଥିବାର ସୁଯୋଗନେଇ ଅଜୟ ଓ ତାଙ୍କ ଭାଇ ମସ୍ତିକ ମୁଣ୍ଡା ରାତିରେ ତାଙ୍କ ଘରକୁ ଆସି ଡାକିଥିଲେ । ଦାଶରଥୀ ଘରୁ ବାହାରକୁ ଆସିବା ପରେ ଉଭୟ ଧନୁ ତୀର, ଦେଶୀ ବନ୍ଧୁକ ଓ କୁରାୀ ଧରି ହତ୍ୟା ଉଦ୍ଦେଶ୍ୟରେ ଆକ୍ରମଣ କରିଥିଲେ। ଦଶରଥୀ କୌଶଳପୂର୍ବକ ଆକ୍ରମଣରୁ ବର୍ତ୍ତି ଯାଇ ଗାଁରୁ ଦୌଡ଼ି ପଳାଇ ପୋଲିସକୁ ୧୧୨ ଯୋଗେ ସୂଚନା ଦେଇଥିଲେ। ସୂଚନା ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ୨ ଅଭିଯୁକ୍ତ ଭାଇଙ୍କୁ କାବୁ କରିବା ସହ ସେମାନଙ୍କ ନିକଟରୁ ମାରଣାସ୍ତ୍ର ଜବତ କରିଥିଲା।

# ୬ଘଣ୍ଟିଆ ବନ୍ଦ ପାଳନ, ଗଣଧାରଣା

## ଦ୍ୱିତୀୟ ଏଡିଏମ୍ କ୍ୱାର୍ଟର୍ସ ନିର୍ମାଣକୁ ବିରୋଧ

**ସୁନ୍ଦରଗଡ଼,୧୫।୫(ଡି.ଏନ.ଏ.)**



ଆନ୍ଦୋଳନ ଯୋଗୁଁ ଦୋକାନ ବନ୍ଦ ରହିଛି।

ବସଷ୍ଟାଣ୍ଡ ଛକ ପାଲ ହୋଟେଲ ସାମ୍ନାରେ ନିର୍ମାଣ ହେଉଥିବା ଦ୍ୱିତୀୟ ଏଡିଏମ୍ କ୍ୱାର୍ଟର୍ସ ନିର୍ମାଣକୁ ବିରୋଧ କରି ସୋମବାର ସ୍ଥାନୀୟ ଅଞ୍ଚଳରେ ୬ଘଣ୍ଟିଆ ବନ୍ଦ ପାଳନ କରାଯାଇଥିଲା। ଏହାକୁ କେନ୍ଦ୍ରକରି ଉପୁଜିଥିବା ବିବାଦ କିଛିଦିନ ଶାନ୍ତ ରହିବା ପରେ ପୁଣି ଉତ୍ତେଜନା ଆରମ୍ଭ ହୋଇଛି। ଦୀର୍ଘ ଦୁଇମାସ ନିର୍ମାଣ କାର୍ଯ୍ୟ ବନ୍ଦ ରହିବା ପରେ ଦୁଇ ଦିନ ଆଗରୁ ଠିକାଦାର ପୁଣିଥରେ କାର୍ଯ୍ୟ ଆରମ୍ଭ କରିଥିବାବେଳେ ରବିବାର ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ତଥା ବସଷ୍ଟାଣ୍ଡ ଅଞ୍ଚଳର ଯୁବକ ଓ ଦୋକାନୀମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ନିର୍ମାଣସ୍ଥଳର ଅନତି ଦୂରରେ ଅନେକ ଖାଲି ସରକାରୀ ଜାଗା ଅବ୍ୟବହୃତ ହୋଇ ପଡିଥିବା ସ୍ଥଳେ ନିର୍ଦ୍ଦିଷ୍ଟ ଏହି ଜାଗା ଉପରେ ପ୍ରଶାସନ କ୍ୱାର୍ଟର୍ସ ନିର୍ମାଣ କରିବାକୁ ଜିଦ ଧରିବା ପ୍ରତିବାଦରେ ସୋମବାର ସରକାରୀବସଷ୍ଟାଣ୍ଡ ଅଞ୍ଚଳର ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା। ସ୍ୱତଃପ୍ରବୃତ୍ତ ଭାବରେ ଦୋକାନୀ ସ୍ଥାନୀୟ ଯୁବକମାନେ ଏହି ବନ୍ଦ ପାଳନରେ ସାମିଲ ହୋଇ ନିର୍ମାଣ ସ୍ଥଳରେ ଧାରଣାରେ ବସିଥିବାବେଳେ ନିର୍ମାଣ କାର୍ଯ୍ୟ ଠିକାଦାରଙ୍କୁ ଅନୁରୋଧ କରି ବନ୍ଦ କରିଥିଲେ। କୌଣସି ପ୍ରଶାସନିକ ଅଧିକାରୀ ନିର୍ମାଣସ୍ଥଳକୁ ଆସି ନ ଥିବାବେଳେ ଡହଡହ ଖରାରେ ବସିଥିବା ଆନ୍ଦୋଳନକାରୀଙ୍କ ପାଖକୁ ଜିଲା ପରିଷଦ ଅଧକ୍ଷା କୁନ୍ତି ପ୍ରଧାନ ପହଞ୍ଚି ନିର୍ମାଣସ୍ଥଳକୁ ଦେଖିବା ସହିତ ଜନସାଧାରଣ କରୁଥିବା ଦାବି ନ୍ୟାର୍ଯ୍ୟ ଓ ଆନ୍ଦୋଳନକୁ ନୈତିକ ସମର୍ଥନ ଦେଇଥିଲେ। ଏଥି ସହିତ ଏହା ବାବଦରେ ଜିଲା ପ୍ରଶାସନ ସହିତ ଆଲୋଚନା କରି ନିର୍ମାଣ ବନ୍ଦ କରାଇବା ସହିତ ଏହି ଜାଗାଟିକୁ ଜନସାଧାରଣଙ୍କ ବ୍ୟବହାର ଉପଯୋଗୀ କରିବା ପାଇଁ ଦାବି କରିବି ବୋଲି ପ୍ରତିଶ୍ରୁତି ଦେଇଥିଲେ। ସକାଳୁ ସୁପର ମାର୍କେଟ, ନେହେରୁ ମାର୍କେଟ, ପୁରୁଣା ବସଷ୍ଟାଣ୍ଡ, କଚେରି ରୋଡ, ନାରୀକଲ୍ୟାଣ କେନ୍ଦ୍ର ପରିସର, ପଞ୍ଚମୁଖୀ ଛକ, ରାଣିବଗିଚା ରୋଡ ଅଞ୍ଚଳର ସମସ୍ତ ଦୋକାନ ସକାଳୁ ବନ୍ଦ ରହିଥିବା ବେଳେ ନିର୍ମାଣ ସ୍ଥଳରେ ସମସ୍ତ ଦୋକାନୀ ଆସି ନିର୍ମାଣକୁ ବିରୋଧ କରିଥିଲେ।

# ସ୍କାଉଟ୍ସ ଗାଇଡ୍ସ ପକ୍ଷରୁ ଥଣ୍ଡା ପାନୀୟ ବଣ୍ଟନ




ଶିବିରରେ ଉପସ୍ଥିତ ପୁରାତନ ଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ।

**ବଡ଼ଗାଁ, ୧୫।୫(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ସରକାରୀ ଉଚ୍ଚ ବିଦ୍ୟାଳୟର ସ୍କାଉଟ୍ସ ଗାଇଡ୍ସ ପକ୍ଷରୁ ବିଦ୍ୟାଳୟ ସମ୍ମୁଖରେ ଜଳଦାନ ଶିବିର ଆୟୋଜିତ ହୋଇଯାଇଛି। ବଡ଼ଗାଁ ବ୍ଲକ ଅଧକ୍ଷା ଦୁଲାରୀ ସୋରେଙ୍ଗ ଶିବିରକୁ ଉଦ୍‌ଘାଟନ କରି ଜଳଦାନ ସେବାକୁ ପ୍ରଶଂସା କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁନୀତା ଲାକ୍ରା, ଶିକ୍ଷୟିତ୍ରୀ ତୃପ୍ତିମୟୀ ଦାସ, ପୁରାତନ ଛାତ୍ର ରଞ୍ଜନ ପଟେଲ, ଉପାଧ୍ୟାୟ ପାଣିଗ୍ରାହୀ, ପୀତବାସ ପଣ୍ଡା, ଅବସରପ୍ରାପ୍ତ ଶିକ୍ଷକ ଧରଣୀଧର ସା କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଛାତ୍ରୀଛାତ୍ରମାନେ ବାଟୋଇମାନଙ୍କୁ ସରବତ, ଦହି ସରବତ ଓ ଥଣ୍ଡା ପାନୀୟ ଜଳ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ସହିତ ସ୍କାଉଟ୍ସ ଶିକ୍ଷକ ଜନସନ ଖାଖାଙ୍କ ତତ୍ତ୍ୱାବଧାନରେ ପିଲାମାନେ ସେବା ଯୋଗାଇଦେଇଥିଲେ।

# ବେଆଇନ ଗଞ୍ଜେଇ ଗଛ ନଷ୍ଟ, ଜଣେ ଗିରଫ



ଗଞ୍ଜେଇ ଗଛ ନଷ୍ଟ କରୁଛି ଅବକାରୀ ଓ ପୋଲିସ ଅଧିକାରୀ।

**ଦେବଗଡ଼,୧୫।୫(ଡି.ଏନ୍.ଏ.)**

ଦେବଗଡ଼ ଥାନା ଅଧୀନ ବିଶିବାଲିପୋଷି ଗ୍ରାମରେ ଜଣେ ବ୍ୟକ୍ତି ନିଜ ଘର ବାରିପଟେ ବେଆଇନଭାବେ ଗଞ୍ଜେଇ ଚାଷ କରିଥିଲେ। ଏନେଇ ପୋଲିସ ବିଶେଷ ସୂତ୍ରରୁ ଖବର ପାଇ ସୋମବାର ଅତର୍କିତ ଚଢ଼ାଉ କରି ୩୨ ଗଞ୍ଜେଇ ଗଛ ଜବତ କରଛି। ଦେବଗଡ଼ ଅବକାରୀ ବିଭାଗ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚିଥିଲା। ପୋଲିସ ଓ ଅବକାରୀ ବିଭାଗ ଜବତ ଗଞ୍ଜେଇ ଗଛକୁ ନିଆଁରେ ପୋଡ଼ି ନଷ୍ଟ କରିଦେଇଛନ୍ତି। ଏଥିସହ ଗଞ୍ଜେଇ ଚାଷ କରିଥିବା ଅଭିଯୁକ୍ତ କୃଷ୍ଣ ସିଂ(୩୨)ଙ୍କୁ ପୋଲିସ ଗିରଫ କରି ଅଧିକ ତଦନ୍ତ ଜାରି ରଖିଛି।

# ଯୁଗ୍ମ ଅଭିଯୋଗ ଶୁଣାଣି

**ସୁନ୍ଦରଗଡ଼, ୧୫।୫(ଡି.ଏନ୍.ଏ.)**

ହେମଗିର ବ୍ଲକ ପରିସରରେ ସୋମବାର ଜିଲାପ୍ରଶାନ ପକ୍ଷରୁ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଡା. ପରାଗ ହର୍ଷଦ ଗଭାଲି ଏବଂ ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିବାକର ଏହି ଶିବିରରେ ଯୋଗଦେଇ ବିଭିନ୍ନ ଅଭିଯୋଗର ଶୁଣାଣି କରିଥିଲେ। ଏହି ଅଭିଯୋଗ ଶୁଣାଣିରେ ମୋଟ ୧୨୫ଟି ଅଭିଯୋଗ ଆସିଥିଲା । ସେଥିମଧ୍ୟରୁ ୮୫ଟି ବ୍ୟକ୍ତିଗତ ସମସ୍ୟା ଜନିତ ଅଭିଯୋଗ ଗୁଡିକ ଥିବାବେଳେ ୪୦ଟି ସାମୂହିକ ସମସ୍ୟା ଜନିତ ଅଭିଯୋଗ ରହିଥିଲା। ୨୩ଟି ଅଭିଯୋଗର ତତ୍‌କ୍ଷଣାତ ସମାଧାନ ହୋଇଥିଲା । ସେହିପରି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ୩ଟି ଆବେଦନ ଦାଖଲ ହୋଇଥିଲା। ଅଭିଯୋଗଗୁଡ଼ିକ ମଧ୍ୟରେ ମୁଖ୍ୟତଃ ପାନୀୟ ଜଳ ସମସ୍ୟା, ରାସ୍ତାଘାଟ ନିର୍ମାଣ ତଥା ମରାମତି, ବିସ୍ଥାପିତ ସମସ୍ୟା ଆଦି ରହିଥିଲା। ସମସ୍ତ ଅଭିଯୋଗଗୁଡ଼ିକର ତୁରନ୍ତ ସମାଧାନ କରିବା ନିମନ୍ତେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ବେହେରା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲା ପରିଷଦ ମନୋଜ ମହାଜନ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସରୋଜ କୁମାର ମିଶ୍ର, ପିଏଆଇଟିଡିଏ ସୁନ୍ଦରଗଡ ରାମକୃଷ୍ଣ ଗଣ୍ଡ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜଗଦୀଶ ମହାନନ୍ଦ, ସମସ୍ତ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ନିଶା ନିବାରଣ, ଶିକ୍ଷାର ଉନ୍ନତି ଉପରେ ଗୁରୁତ୍ୱ

## ୯ଶହ ନାଗ୍ରା ପଞ୍ଚଶତ ଭୂୟାଁ ସମାଜ ବାର୍ଷିକ ବୈଠକ

**କୁଆଁରମୁଣ୍ଡା,୧୫।୫(ଡି.ଏନ.ଏ.)**

୯ଶହ ନାଗ୍ରା ପଞ୍ଚଶତ ଭୂୟାଁ ସମାଜର ପ୍ରତ୍ୟେକ ପରିବାରରେ ଶିକ୍ଷାର ଉନ୍ନତି, ନିଶା ନିବାରଣ ଓ ଭୂୟାଁ ସମାଜର ନୀତି, ଆଦର୍ଶ ଇତ୍ୟାଦି କିଭଳି ବଜାୟ ରହିବ ସେ ସମ୍ପର୍କରେ ରବିବାର କୁଆଁରମୁଣ୍ଡା ବ୍ଲକ ପଦମପୁର ପଞ୍ଚାୟତ ଜଗଦୀଶପୁର ଗ୍ରାମରେ ଅନୁଷ୍ଠିତ ବାର୍ଷିକ ବୈଠକରେ ଉପସ୍ଥିତ ଅତିଥି ଓ କାର୍ଯ୍ୟକର୍ତ୍ତାମାନେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ନାରାୟଣ ଦେହୁରୀ,ସୁରେନ୍ଦ୍ର ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ। ଖାରତରଙ୍ଗ,ବିରକେରା, ଦେଓଗାଁ, ବଣ୍ଡମୁଣ୍ଡା, ତେତେରକେଲା, ସତରା, ବରସୁଆଁ, ରାମପୁର, ହମିରପୁରକୁ ନେଇ ସର୍ବମୋଟ ୫୦ଟି ଗ୍ରାମ ଓ ୯ଟି ସର୍କଲର ସମ୍ପାଦକମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ୯ଶହ ନାଗ୍ରା ପଞ୍ଚଶତ ଭୂୟାଁ ସମାଜର ସଭାପତି ଦିବା ନାଏକ, ଉପସଭାପତି ଗୁପ୍ତେଶ ସିଂ ଉପସ୍ଥିତ ମହିଳା/ପୁରୁଷ, ଯୁବତୀ/ଯୁବକମାନଙ୍କୁ ଭୂୟା ସମାଜର ନୀତି, ଆଦର୍ଶରେ ଅନୁପ୍ରାଣିତ ହୋଇ ସମାଜର ପ୍ରଗତିରେ ସହାୟକ ହେବା ପାଇଁ ପରାମର୍ଶ ଦେଇଛନ୍ତି। ଏହି କାର୍ଯ୍ୟକ୍ରମଟି ଖାରତରଙ୍ଗ ସର୍କଲର ସମ୍ପାଦକ ତଥା ପଦମପୁର ପଞ୍ଚାୟତର ଯୁବନେତା ଟିକେଶ୍ୱର କାଲୋଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ବେଳେ ବିରକେରା ସର୍କଲର ସମ୍ପାଦକ ଉଗ୍ରସେନ ବେହେରା ଏହାକୁ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜଗଦୀଶପୁର ଗ୍ରାମର ଭୂୟା ସମାଜର ସମସ୍ତ ପରିବାର ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସୁଚାରୁରୂପେ ସଞ୍ଚାଳନ କରିଥିଲେ।

# ବଢୁଛି ବାଲି ଚୋରି, ବ୍ୟାପକ ରାଜସ୍ୱ ହାନି

**ରାଉରକେଲା ଅଫିସ,୧୫।୫**



ବ୍ରାହ୍ମଣୀ ନଦୀଘାଟରୁ ଡମ୍ପରରେ ବାଲିଚାଲାଣ ହେଉଛି।

ରାଉରକେଲା ତହସିଲ ଅଧୀନରେ ରହିଥିବା ୭ଟି ବାଲିଘାଟରୁ ପ୍ରତିଦିନ ବାଲି ଚୋରାଚାଲାଣ କରାଯାଉଛି। ଫଳରେ ସରକାରଙ୍କ ବ୍ୟାପକ ରାଜସ୍ୱ ହାନି ହେଉଛି।

ସୂଚନା ଅନୁସାରେ, ରାଉରକେଲା ତହସିଲ ଅଧୀନରେ କୋଏଲ ନଗର, ତୁମକେଲା, ଲୁଆକେରା, ପ୍ରଧାନପାଲି, ତରକେରା-୧, ତରକେରା-୨ ଏବଂ ତରକେରା-୩ ବାଲିଘାଟ ରହିଛି। ପ୍ରତିବର୍ଷ ତହସିଲ ପକ୍ଷରୁ ଏହି ୭ ବାଲିଘାଟକୁ ନିଲାମ କରି ପ୍ରାୟ ୪କୋଟି ଟଙ୍କା ରାଜସ୍ୱ ଆଦାୟ କରାଯାଇଥାଏ। ତେବେ ଉକ୍ତ ୭ଟି ବାଲିଘାଟରୁ ୩ ବାଲିଘାଟ ହୋଇ ହୋଇ ନ ଥିବାବେଳେ ସେଠାରୁ ଦୈନିକ ବାଲି ଉତ୍ତୋଳନ ହେଉଛି। ରାଉରକେଲା ସହରର ତାପାମାତ୍ରା ୪୪ ଡିଗ୍ରୀ ରହୁଥିବା ବେଳେ ପ୍ରଚଣ୍ଡ ଖରାରେ ଶ୍ରମିକମାନଙ୍କ ମାଧ୍ୟମରେ ବାଲି ଉତ୍ତୋଳନ କରାଯାଉଛି। ସେହିପରି ବିଭିନ୍ନ ଲିଜ୍‌ଧାରୀଙ୍କ ନାଁରେ ଥିବା କୋଟି କୋଟି ଟଙ୍କା ବକେୟା ରାଜସ୍ୱ ଆଦାୟ ହେଉନାହିଁ। ମାସ ମାସ ଧରି ବାଲିଘାଟଗୁଡିକ ନିଲାମ ହେଉନାହିଁ। ଫଳରେ ବାଲି ଚୋରା ଚାଲାଣ ବୃଦ୍ଧି ପାଉଛି। ଏ ସମ୍ପର୍କରେ ରାଉରକେଲା ତହସିଲଦାର ଚନ୍ଦ୍ରକାନ୍ତ ମଲ୍ଲିକଙ୍କୁ ପଚାରିବାରୁ ସେ କହିଲେ, ୭ଟି ଯାକ ବାଲିଘାଟ ନିଲାମ ପ୍ରକ୍ରିୟା ଠିକ୍ ଭାବେ ଚାଲିଛି। ଯେଉଁଠି ବେଆଇନ ଭାବେ ବାଲିଚାଲାଣ ହେଉଛି ତାର ବିଧିବଦ୍ଧ ତଦନ୍ତ କରି ବିହିତ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ।

# ଶକ୍ତି ଉତ୍ତୋଳନରେ ପଦକ ହାସଲ

**ରାଉରକେଲା ଅଫିସ,୧୫।୫**



ପଦକ ହାସଲ କରିଥିବା ପ୍ରତିଯୋଗୀଗଣ।

ଭାରତୀୟ ଶକ୍ତି ଉତ୍ତୋଳନ ସଂଘ ଆନୁକୂଲ୍ୟରେ ରାଷ୍ଟ୍ରୀୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତା-୨୦୨୩ ତାମିଲନାଡୁର ତ୍ରିଚିଠାରେ ଅନୁଷ୍ଠିତ ହୋଇଛି। ଗତ ୧୨ରୁ ୧୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଉକ୍ତ ପ୍ରତିଯୋଗିତାରେ ସର୍ବଭାରତୀୟସ୍ତରରେ ୧୬୫୯ ଜଣ ମହିଳାପୁରୁଷ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଓଡ଼ିଶାର ସୁନ୍ଦରଗଡ଼ ସମେତ ରାଉରକେଲାରୁ ୭୬ କେଜି ବର୍ଗରେ ମହିଳା ସବ୍‌ଜୁନିୟର ବିଭାଗରେ ସିମରନ କୁଜୁର ରୌପ୍ୟ ପଦକ ହାସଲ କରିଛନ୍ତି। ୮୪ କେଜି ମହିଳା ସବ୍‌ଜୁନିୟର ବିଭାଗରେ ମୌସୁମୀ ଦାସ ସ୍ୱର୍ଣ୍ଣ ପଦକ ଓ ୮୪ କେଜିରୁ ଉର୍ଦ୍ଧ୍ୱ ମହିଳା ସବ୍‌ଜୁନିୟରରେ ଆକାଂକ୍ଷା ପରିଡ଼ା ରୌପ୍ୟ ପଦକ ହାସଲ କରିଛନ୍ତି। ସେହିପରି ପୁରୁଷ ବିଭାଗରେ ୯୩ କେଜି ଜୁନିୟର ବର୍ଗରେ ଶୁଭମ ସିଂ ସ୍ୱର୍ଣ୍ଣ ପଦକ ଓ କାହ୍ନା ନାୟକ ରୌପ୍ୟ ପଦକ ହାସଲ କରିଛନ୍ତି। ସୁନ୍ଦରଗଡ଼ ଖେଳକୁଦ ସଂଘର କର୍ମକର୍ତ୍ତା ଜୟଦେବ ପାତ୍ର, ଦୁର୍ଗାମାଧବ ନାୟକ, ରାଧାମୋହନ ନାୟକ, ଅରବିନ୍ଦ ପାତ୍ର, ଅଜୟ ବହିଦାର, ରାଜେନ୍ଦ୍ର ପାଣ୍ଡେ, ଅନିଲ ବହିଦାର ଓ ରାଏମା (ରାଉରକେଲା ୟଙ୍ଗମେନ ଆସୋସିଏଶନ) କ୍ଲବର ସଭାପତି ବିଷ୍ଣୁ ମହାନ୍ତି, ସନ୍ତୋଷ ଭୂୟାଁ, ବାବୁ ଭୂତିଆ, ମନଜିତ କଂସାରୀ, ସମିତା ବାରିକ ଓ ଅନ୍ୟମାନେ ଶୁଭକାମନା ଜଣାଇଛନ୍ତି। କୋଚ୍ ବାସୁଦେବ ବାନାର୍ଜୀ ଓ ବିକ୍ରମ ସ୍ୱାଇଁ ମଧ୍ୟ ପ୍ରତିଯୋଗୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ବିସ୍ଥାପିତଙ୍କ ସମସ୍ୟାକୁ ନେଇ ଗୁହାରି

**ହେମଗିର,୧୫।୫(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ହେମଗିରଠାରେ ସୋମବାର ସୁନ୍ଦରଗଡ଼ ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବେଦାନ୍ତ କମ୍ପାନୀ ଦ୍ୱାରା ବିସ୍ଥାପିତ ହୋଇଥିବା ଝାରପଲମ, ଗିରିସିମା, ମେଣ୍ଡା, ଜାମକାନୀ ଆଦି ୪ଟି ଗ୍ରାମର ଲୋକେ ବିସ୍ଥାପିତ ହେଉଥିବାବେଳେ ଏମାନଙ୍କ ଦାବିକୁ କମ୍ପାନୀ ଓ ପ୍ରଶାସନ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ କରିଛନ୍ତି। ବିସ୍ଥାପିତ ହେଉଥିବା ଲୋକଙ୍କ ସମସ୍ୟାର ସମାଧାନ ନ କରି ଖଣି ଖନନ, ଚାକିରି ବାବଦକୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନରେ ବିଳମ୍ବ, ବିସ୍ଥାପିତମାନଙ୍କ ପାଇଁ ତିଆରି ହୋଇଥିବା କଲୋନୀର ପୁନରୁଦ୍ଧାର କରିବା, ଭୂମିହିନମାନଙ୍କୁ ଚିହ୍ନଟ କରିବା ସହ କ୍ଷତିପୂରଣ ପ୍ରଦାନ କରିବା, ୨୦୦୭ ମସିହା ଠାରୁ କମ୍ପାନୀରେ ନିଯୁକ୍ତି ପାଇଁ ଯୋଗ୍ୟଥିବା ବ୍ୟକ୍ତିମାନଙ୍କୁ କ୍ଷତିପୂରଣ ପ୍ରଦାନ କରିବା ଆଦି ବିଭିନ୍ନ ଦାବିକୁ ନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି।

# ବନ୍ଦ ସ୍କୁଲ ପୁଣି ଖୋଲାଯାଉ

**ବରଗଡ଼ ଅଫିସ୍,୧୫।୫**

ଛାତ୍ରୀଛାତ୍ରଙ୍କ ଉପସ୍ଥାନ କମ୍ ଥିବା ଦର୍ଶାଇ ବରଗଡ଼ ଜିଲା ସୋହେଲା ବ୍ଲକ ବିଜାପାଲି ପଞ୍ଚାୟତ ଅନ୍ତର୍ଗତ ଟେଙ୍ଗେରପଦର ପ୍ରାଥମିକ ସ୍କୁଲକୁ ବନ୍ଦ କରି ଦିଆଯାଇଛି। ଫଳରେ ଗ୍ରାମର ଛାତ୍ରୀଛାତ୍ର ପ୍ରାଥମିକ ଶିକ୍ଷା ଗ୍ରହଣରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳି ଅଭିଯୋଗ ନେଇ ସୋମବାର ଛାତ୍ରୀଛାତ୍ରଙ୍କ ଅଭିଭାବକମାନେ ବରଗଡ଼ ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ଜିଲାପାଳ ମୋନିଷା ବାନାର୍ଜୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋଙ୍କୁ ସେମାନେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ବନ୍ଦ ପଡ଼ିଥିବା ଗ୍ରାମର ପ୍ରାଥମିକ ସ୍କୁଲକୁ ପୁନଃ କାର୍ଯ୍ୟକ୍ଷମ କରାଯାଉ ବୋଲି ଦଶରଥ ନାଏକ, ଆନନ୍ଦ ସାହୁ, ଆନନ୍ଦ ନାଏକ ପ୍ରମୁଖ ଗ୍ରାମବାସୀ ଦାବି କରଛନ୍ତି ।

# ଆର୍‌ଏସ୍‌ପିର ଅଶୋଧିତ ପିଚୁ ଚାଲାଣରେ ରେକର୍ଡ



କୋଲ କେମିକାଲ ବିଭାଗ ସାମୂହିକଙ୍କ ସହ ଏସ. ଆର. ସୂର୍ଯ୍ୟବଂଶୀ ।

**ରାଉରକେଲା ଅଫିସ,୧୫।୫**

ଆରଏସପିର କୋଲ କେମିକାଲ ବିଭାଗ (ସିସିଡି) ମଇ ୧୨ ଓ ୧୩ ତାରିଖ ଏକଦିବସୀୟ ଅଶୋଧିତ ପିଚୁ ଚାଲାଣ କ୍ଷେତ୍ରରେ କ୍ରମାଗତ ଭାବେ ଦୁଇଟି ରେକର୍ଡ ସ୍ଥାପନ କରିଛି। ଉକ୍ତ ୟୁନିଟ୍ ଗତ ୧୨ତାରିଖରେ ୯୨୦ଟନ୍ ଅଶୋଧିତ ପିଚୁ ଚାଲାଣ କରିଥିଲା। କିନ୍ତୁ ୧୩ତାରିଖରେ ୧୦୧୦ଟନ୍ ଅଶୋଧିତ ପିଚୁ ଚାଲାଣ ପୂର୍ବକ ରେକର୍ଡ ସୃଷ୍ଟି କରିଥିଲା। ଏହାସହିତ ସିସିଡି ବିଭାଗ କାରଖାନା ପାଇଁ ୧୨ ତାରିଖରେ ୩.୮୬କୋଟି ଟଙ୍କା ଏବଂ ୧୩ତାରିଖରେ ୪.୧୬କୋଟି ଟଙ୍କା ରାଜସ୍ୱ ସୃଷ୍ଟି କରିବାରେ ସକ୍ଷମ ହୋଇଥିଲା।

ସୂଚନାଯୋଗ୍ୟ, ଆର୍‌ଏସ୍‌ପି ଗତ ଆର୍ଥିକ ବର୍ଷ ୨୦୨୨-୨୩ମଧ୍ୟରେ ଅଶୋଧିତ ପିଚୁ ବିକ୍ରିରୁ ୪୮୬କୋଟି ଟଙ୍କାର ରାଜସ୍ୱ ଆଦାୟ କରିଥିଲା। ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ସାମୂହିକଙ୍କୁ ଅଭିନନ୍ଦନ ଜଣାଇବା ପାଇଁ କାର୍ଯ୍ୟ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏସ. ଆର ସୂର୍ଯ୍ୟବଂଶୀ ସିସିଡି ବିଭାଗ ପରିଦର୍ଶନ କରିଥିଲେ। ଏହି ଅବସରରେ ସେବା ବିଭାଗର ସିଜିଏମ ଇନଚାର୍ଜ ଦେବବ୍ରତ ଦତ୍ତ, ୟୁଟିଲିଟି ଓ ପରିବେଶ ବିଭାଗର ସିଜିଏମ ଆଇ. ରାଜନ, କୋକ୍ ଓଭେନ ଓ ସିସିଡି ବିଭାଗର ସିଜିଏମ ତୁଳାରାମ ବେହେରା, ଶପ୍‌ସ ଓ ଡିଜାଇନ ବିଭାଗର ସିଜିଏମ ରବି ରଞ୍ଜନ, ମାର୍କେଟିଂ ବିଭାଗର ଜିଏମ ଇନଚାର୍ଜ ଏସ. ସି. ମହାନ୍ତି ଏବଂ ବିଭିନ୍ନ ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହିଥିଲେ। ସୂର୍ଯ୍ୟବଂଶୀ ସମସ୍ତଙ୍କୁ ଅଭିନନ୍ଦନ ଜଣାଇବା ସହିତ ଟିମ୍ ସିସିଡି, ମାର୍କେଟିଂ ବିଭାଗ ଏବଂ ସମସ୍ତ ସହାୟକ ଏଜେନ୍ସିର ମିଳିତ ପ୍ରୟାସର ଉଚ୍ଚ ପ୍ରଶଂସା କରିଥିଲେ। ଏହାସହ ବିଭାଗର ଅପରିମିତ ସାମର୍ଥ୍ୟର ବିନିଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ। ସିସିଡି ବିଭାଗର ସିଜିଏମ ଇନଚାର୍ଜ ବି. କେ. ତିୱାରି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଇସ୍ପାତ ସାହିତ୍ୟ ସଂସଦରେ ଭୀମ ଭୋଇ ଜୟନ୍ତୀ

**ରାଉରକେଲା ଅଫିସ,୧୫।୫**



ଜୟନ୍ତୀ ସଭାରେ ମଞ୍ଚାସୀନ ଅତିଥିଗଣ।

ସନ୍ଥକବି ଭୀମ ଭୋଇଙ୍କ ଜୟନ୍ତୀ ଉପଲକ୍ଷେ ରାଉରକେଲା ଇସ୍ପାତ ସାହିତ୍ୟ ସଂସଦ ସଭାଗୃହରେ ସୋମବାର ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଛି। ସଂସଦ ସଭାପତି ବ୍ରଜେନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମହିମା ଆଶ୍ରମର ସାଧୁ କରୁଣାକର ଦାସ ମୁଖ୍ୟ ଅତିଥି ଓ ଇସ୍ପାତ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଶଙ୍କର ପ୍ରସାଦ ତ୍ରିପାଠୀ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଭୀମ ଭୋଇଙ୍କ ଜୀବନୀ ଓ ତାଙ୍କ ସାହିତ୍ୟ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକାରୀ ସଭାପତି ମନୋଜ ନନ୍ଦ ସ୍ୱାଗତ ଭାଷଣ ଦେଇଥିବା ବେଳେ ଉପସଭାପତି ରଶ୍ମିବାଳା ରାଉତରାୟ ମଞ୍ଚ ପରିଚାଳନା କରିଥିଲେ। ବିଜୟିନୀ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ କବି ତାରିଣୀ ଚରଣ ସାହୁଙ୍କ ସଭାପତିତ୍ୱରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏହାକୁ କବି ସବିତା ବସ୍ତିଆ ଓ ସୁଶାନ୍ତ ନାୟକ ସଂଯୋଜନା କରିଥିଲେ। ଅଜୟ ମହାନ୍ତି, ମୂଳା ପାତ୍ର, ଉପେନ୍ଦ୍ର ବସ୍ତିଆ, ମୂଳା ରଥ, ପ୍ରତାପ ପଣ୍ଡା, ରଶ୍ମିବାଳା ରାଉତରାୟ, ବ୍ରଜବିହାରୀ ଦାଶ, ମୀନକେତନ ପଶାୟତଙ୍କ ସମେତ ସହରର କବୟିତ୍ରୀ କବିମାନେ ସ୍ୱରଚିତ କବିତା ପାଠ କରିଥିଲେ। ଅର୍ଚ୍ଚନା ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଲକ୍ଷ୍ମଣ ନାଥ ଦାସ, ପ୍ରତାପ ରାୟ, ଉମେଶ ଚନ୍ଦ୍ର ଜେନା, ଅଶୋକ ପଟ୍ଟନାୟକ, ଡ. କିଶୋରୀ ଦାସ, ବିଭୁ ପ୍ରସାଦ ନାୟକଙ୍କ ସମେତ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଓଲଟିଲା ଟ୍ରାକ୍ଟର, ଚାପି ହୋଇ ଚାଳକ ମୃତ

ଜୁନାଗଡ,୧୫।୫(ଡି.ଏନ.ଏ.): କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ କାନ୍ଦୁଲବନ୍ଧ ଗ୍ରାମରେ ସୋମବାର ଏକ ଅଭାବନୀୟ ଘଟଣା ସାମାନକୁ ଆସିଛି। ଭାରସମ୍ୟ ହରାଇ ଏକ ଟ୍ରାକ୍ଟର ଓଲଟି ପଡିବାରୁ ଚାଳକ ଟ୍ରାକ୍ଟର ତଳେ ଚାପି ହୋଇ ମୃତ୍ୟୁ ବରଣ କରିଛନ୍ତି। ମୃତ ଚାଳକ ହେଲେ ଗୌଡଛେଣ୍ଡିଆ ଗାଁର ମୁରଲୀ ଲହଜଲ (୨୫)। ମିଳିଥିବା ସୂଚନା ଅନୁଯାୟୀ, ମୁରଲୀ କାନ୍ଦୁଲବନ୍ଧ ଗ୍ରାମର ଲାଲୁ ପଟ୍ଟଯୋଷୀଙ୍କ ଘରେ ଟ୍ରାକ୍ଟର ଚାଳକ ଭାବେ ନିୟୋଜିତ ଥିଲେ। ସୋମବାର ସେ ମାଲିକଙ୍କ ଅମଳ ଧାନ ଟ୍ରାକ୍ଟରରେ ନେଇ ଆସୁଥିବାବେଳେ ବାଟରେ ହିଡ ରାସ୍ତାରେ ଭାରସମ୍ୟ ହରାଇ ଟ୍ରାକ୍ଟରର (ହେଡ)ଟି ତଳକୁ ଓଲଟି ପଡିଥିଲା। ଫଳରେ ମୁରଲି ଟ୍ରାକ୍ଟର ତଳେ ଚାପି ହୋଇ ମୃତ୍ୟୁ ବରଣ କରିଥିଲେ। ଖବର ପାଇ ସ୍ଥାନୀୟ ପୋଲିସ ମୃତଦେହ ଜବତ ବ୍ୟବଚ୍ଛେଦ ପାଇଁ ଜୁନାଗଡ ଡାକ୍ତରଖାନାକୁ ନେଇଥିବା ଜଣାପଡିଛି। ମଙ୍ଗଳବାର ବ୍ୟବଚ୍ଛେଦ କରାଯିବ ବୋଲି ସୂଚନା ମିଳିଛି।

### ଇନ୍ଦ୍ରାବତୀ ବାମ କେନାଲରେ ବନ୍ଦ ହେଲା ରବି ଜଳସେଚନ



ଭବାନୀପାଟଣା,୧୫।୫(ସ୍ୱ.ପ୍ର.): କଳାହାଣ୍ଡି ଜିଲା ଇନ୍ଦ୍ରାବତୀ ବାମ କେନାଲରେ ସୋମବାରଠାରୁ ରବି ଚାଷ ପାଇଁ ଜଳସେଚନ ବନ୍ଦ କରାଯାଇଥିବା ବିଭାଗଠାରୁ ସୂଚନା ମିଳିଛି। ଗତ ଜାନୁୟାରୀ ୭ ତାରିଖରେ ରବି ଚାଷ ପାଇଁ ବାମ କେନାଲରେ ଜଳ ସେଚନ ଆରମ୍ଭ ହୋଇଥିଲା। ଏଥିରେ ୧୫୨ଟି ଗ୍ରାମର ପ୍ରାୟ ୮୬ ହଜାର ୨୮୫ ଏକର ଚାଷ ଜମିକୁ ଜଳସେଚନ କରାଯାଇଥିଲା। ସେହିପରି ବୃହତ୍ତ ଉଠାଜଳସେଚନ ପ୍ରକଳ୍ପ ମାଧ୍ୟମରେ ୫୧ଟି ଗ୍ରାମର ୩୨ହଜାର ୪୯୫ ଏକର ଜମିକୁ ଜଳସେଚନ କରାଯାଉଥିଲା। ଏଭଳି ମୋଟ ବାମ କେନାଲ ଓ ବୃହତ୍ତ ଉଠାଜଳସେଚନ ପ୍ରକଳ୍ପ ମାଧ୍ୟମରେ ୨୦୩ଟି ଗ୍ରାମର ପ୍ରାୟ ୧ଲକ୍ଷ ୧୮ହଜାର ୭୮୦ ଏକର ଚାଷ ଜମିକୁ ଜଳସେଚନ କରାଯାଉଥିଲା। ବର୍ତ୍ତମାନ ଧାନ ପାକଳ ଅବସ୍ଥାକୁ ଆସୁଥିବାରୁ ଜଳ ସେଚନର ଆବଶ୍ୟକତା ନ ଥିବା ମନେକରି ସୋମବାର ସନ୍ଧ୍ୟାରେ ମଙ୍ଗଳପୁର ବ୍ୟାରେଜରୁ ବାମ କେନାଲ ଯାଇଥିବା ଫାଟକକୁ ବନ୍ଦ କରାଯାଇଥିବା ଜଣାପଡିଛି।

### ମଶାଲ ଯାତ୍ରା ନେଇ ପ୍ରସ୍ତୁତି ବୈଠକ

ଖଡ଼ିଆଳ,୧୫।୫(ଡି.ଏନ୍.ଏ.): ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ନେହେନା ଗ୍ରାମ କ୍ଷତ୍ରିୟ ଅଞ୍ଚଳ ଖମାରୀପଡ଼ାରେ ମଶାଲ ଯାତ୍ରା ପ୍ରସ୍ତୁତି ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଖଡ଼ିଆଳ ପାଟଣା କ୍ଷତ୍ରିୟ ସମାଜର କୁଳପତି ଶମ୍ଭୁ କିଶୋର ଦଣ୍ଡସେନା ଅଧକ୍ଷତା କରିଥିଲେ। ମେ ୨୭ରେ କ୍ଷତ୍ରିୟ ସମାଜର ସ୍ୱନକ୍ଷେତ୍ର ଦିବସ ଓ ୫୦ ବର୍ଷ ପୂରଣ ହେଉଥିବାରୁ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ କରାଯିବ। ଏହି ଅବସରରେ ମଶାଲ ଯାତ୍ରାକୁ କିପରି ଭବ୍ୟ କରାଯିବ ଓ କ୍ଷତ୍ରିୟ ଯୁବକ କିପରି ନିଜ କଳା ପ୍ରଦର୍ଶନ କରିବେ ତାହା ଉପରେ ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ବରିଷ୍ଠ ପରାମର୍ଶଦାତା ବିଦ୍ୟାଧର ବିଶି, ଖରତ ଚନ୍ଦ୍ର ବାରିକ, ରମଣ ସିଂ ବାରିକ, ନେହେନା ଅଞ୍ଚଳ ସଭାପତି ଅନିଲ କୁମାର ଦଣ୍ଡସେନା, ସମ୍ପାଦକ ଦେବକୁମାର ସିଂ ଦଣ୍ଡସେନା, ଅଶୋକ କୁମାର ଦଣ୍ଡସେନା, ବିରେନ୍ଦ୍ର ସିଂ ଦଣ୍ଡସେନା, ଖଡ଼ିଆଳ ଅଞ୍ଚଳ ସମ୍ପାଦକ ରତନ ସିଂ ବାରିକ ସମେତ ନେହେନା କ୍ଷତ୍ରିୟ ଅଞ୍ଚଳ ଛନ୍ଦା ଚରଣ ଦଣ୍ଡସେନା, କୃଷ୍ଣ ଦଣ୍ଡସେନା, ଦେବସିଂ ରାଉତରାୟ, ବିଶ୍ୱବନ୍ଧୁ ଦଣ୍ଡସେନା, ଯୁଗଲ ଦଣ୍ଡସେନା, ଅମର ସିଂ ରାଉତରାୟଙ୍କ ସମେତ ଶତାଧିକ କ୍ଷତ୍ରିୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ବିଶ୍ୱରଂଜନ ସିଂ ଦଣ୍ଡସେନା ମଞ୍ଚ ଆବାହନ କରିଥିବା ବେଳେ ସଙ୍ଗଠକ ପରମେଶ୍ୱର ବାରିକ ଧନ୍ୟବାଦ ଦେଇଥିଲେ।

# ଏନ୍‌ଏଚ୍ ୨୬ରେ ରହିଛି ୪ଟି ବ୍ଲାକ ସ୍ପଟ୍

ଭବାନୀପାଟଣା,୧୫।୫(ସ୍ୱ.ପ୍ର.)

## ଜିଲା ସଡ଼କ ସୁରକ୍ଷା କମିଟିର ବୈଠକ

■ ଏପ୍ରିଲରେ ୧୭୫ଜଣଙ୍କ ଲାଇସେନ୍ସ ବାତିଲ

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସୋମବାର ଜିଲା ସଡ଼କ ସୁରକ୍ଷା କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଭବାନୀପାଟଣା ଉପଜିଲାପାଳ ଡ଼. ବିଶ୍ୱଜିତ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏନଏଚ ବିଭାଗ ନିର୍ବାହ ଯନ୍ତ୍ରୀ ଅମିତ ଟୁଡୁ ଏଜେଣ୍ଡା ଅନୁଯାଇ ବ୍ଲାକ ସ୍ପଟ୍, ରାସ୍ତା ଅବରୋଧ, ରାସ୍ତା ମରାମତି, ଚଢ଼ାଉ, ଅବକାରୀ, ଜରୁରୀକାଳୀନ ଯତ୍ନ, ସଚେତନତା ଉପରେ ନିଆଯାଇଥିବା ପଦକ୍ଷେପ ଓ ଗତ ୯।୧।୨୦୨୩ ରିଖରେ ଅନୁଷ୍ଠିତ ବୈଠକର ବିଭିନ୍ନ ପଦକ୍ଷେପ ଉପରେ ଗୃହରେ ସୂଚନା ଦେଇଥିଲେ। ବର୍ତ୍ତମାନ ଜିଲା ଦେଇ ଯାଇଥିବା ୨୬ନଂ. ଜାତୟ ରାଜପଥରେ କନ୍ତେସିରରୁ ତହସିର, ଉକ୍ରେଲା ବଙ୍ଗଳା



ବୈଠକରେ ସଡ଼କ ସୁରକ୍ଷା ଉପରେ ଆଲୋଚନା କରାଯାଉଛି।

ଛକ, ଚାଞ୍ଚେରରୁ କୋକୋମୁଣ୍ଡା, ଜୁନାଗଡ଼ ହାତୀବ୍ରିଜରୁ ବଳଦିଆମାଲ ଏଭଳି ୪ଟି ବ୍ଲାକ ସ୍ପଟ୍ ରହିଛି। ଯେଉଁ ରାସ୍ତାରେ ରାସ୍ତା ନିରାପତ୍ତା ସାଇନ୍ ବୋର୍ଡ, ସତର୍କତା ବାର୍ତ୍ତା, ଗତି ସୀମା ବୋର୍ଡ, ରମ୍ବଲରସ୍ ନାହିଁ ତାହା ଲଗାଇବାକୁ ଶୀଘ୍ର ପଦକ୍ଷେପ ନେବାକୁ ଏନ୍‌ଏଚ, ଆରଡିଓ ଆର୍‌ବି ନିର୍ବାହୀ ଯନ୍ତ୍ରୀଙ୍କୁ ଉପଜିଲାପାଳ କହିଥିଲେ। ସେଭଳି ଆରଡି ଓ ପିଡବ୍ଲୁଡି ରାସ୍ତା ଅନେକ ଜାଗାରେ ମରାମତି ଆବଶ୍ୟକ ଅଛି। ଏଥିପାଇଁ ଦୁର୍ଘଟଣା ଘଟୁଛି। ଏହି ରାସ୍ତାର ଶୀଘ୍ର ଚିହ୍ନଟ କରିବାକୁ କହିଥିଲେ। ଗତ ଏପ୍ରିଲରେ ଜିଲାରେ ଆର୍‌ଟିଓ ଓ ପୋଲିସ ବିଭାଗ ଦ୍ୱାରା ଦ୍ରୁତଗାଡ଼ି ଚାଳନା, ବିନା ହେଲମେଟ ଓ ସିଟ୍ ବେଲ୍ଟ, ମଦ୍ୟପାନ ସହ ଗାଡ଼ି ଚାଳନା, ମୋବାଇଲରେ କଥା ହୋଇ ଗାଡ଼ି ଚାଳନା, ଅଧିକ ଓଜନ, ସିଗ୍ନାଲ ଜମ୍ପିଂ ଭଳି ଅପରାଧ ପାଇଁ ୧୭୫ଜଣଙ୍କ ଲାଇସେନ୍ସ ବାତିଲ କରାଯାଇଛି। ବିଶେଷତ ଆର୍‌ଟିଓ ବିଭାଗ ଦ୍ୱାରା ଗତି ସୀମା ଉଲ୍ଲଂଘନରେ ଏପ୍ରିଲ ମାସରେ ୮୯ ଜଣଙ୍କ ଡ୍ରାଇଭିଂ ଲାଇସେନ୍ସ ବାତିଲ କରାଯାଇଛି। ବୈଠକରେ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

# ମହିଳାଙ୍କ ଆତ୍ମହତ୍ୟା, ହତ୍ୟା ଅଭିଯୋଗ ଆଣିଲେ ମୃତାଙ୍କ ବାପା

ଗୋଲାମୁଣ୍ଡା,୧୫।୫(ଡି.ଏନ.ଏ.)

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ଥାନା ଅନ୍ତର୍ଗତ ଦଶପୁର ଫାଣ୍ଡି ଅଧୀନ ବୋରଗୁଡା ବୋରପଦର ସାଇରେ ସୋମବାର ଜଣେ ମହିଳା ଆତ୍ମହତ୍ୟା କରିଥିବା ଜଣାପଡିଛି। ମହିଳା ଜଣକ ହେଲେ ଜଂଜିତା ବାରିକ। ବୋରଗୁଡା ଗ୍ରାମର ଧୀରେନ ବାରିକଙ୍କୁ ଜଂଜିତା ୧୪ ବର୍ଷ ତଳେ ବିବାହ କରିଥିଲେ। ସ୍ୱାମୀ ସ୍ତ୍ରୀଙ୍କୁ ନିର୍ଯାତନା ଓ ମାରପିଟ କରୁଥିବାରୁ ୩ ବର୍ଷ ତଳେ ଦଶପୁର ଫାଣ୍ଡିରେ ଜଂଜିତା ଲିଖିତ ଅଭିଯୋଗ କରିଥିଲେ। ମହିଳା ସଙ୍ଗଠନ ନେତ୍ରୀଙ୍କ ଉପସ୍ଥିତିରେ ଫାଣ୍ଡିରେ ବୁଝାମଣା ହୋଇ ସ୍ୱାମୀ ଧୀରେନ ଏକ ଚୁକ୍ତିନାମା କରିଥିବା ମୃତକଙ୍କ ବାପା ସୀମାଞ୍ଚଳ ଭୋଇ ପ୍ରକାଶ କରିଥିଲେ। ସକାଳ ୫ଟାରେ ଧୀରେନ ପୋଖରୀରୁ ସ୍ନାନ କରି ଘରକୁ ଆସିବା ବେଳେକୁ ଜଂଜିତା ଶାଢୀରେ ଆତ୍ମହତ୍ୟା କରିଥିବା ଦେଖିଥିଲେ। ପୋଲିସରେ ନ ଜଣାଇ ଶାଢ଼ୀ ଖୋଲି ଖଟିଆରେ ଶୁଆଇ ଦେଇଥିଲେ। ପଡୋଶୀ ଲୋକଙ୍କୁ ଡାକିବାରୁ ଲୋକ ରୁଣ୍ଡ ହୋଇଥିବା ବେଳେ ଜଂଜିତାଙ୍କ ମୃତ୍ୟୁ ହୋଇ ସାରିଥିଲା। ପରେ ଧୀରେନ ଶ୍ୱଶୁର ଘରକୁ ଜଣାଇଥିଲେ। ଶ୍ୱଶୁର ସୀମାଞ୍ଚଳ ଆସି ଝିଅକୁ ହତ୍ୟା କରାଯାଇଛି ବୋଲି କେଗାଁ ଥାନା ଓ ଦଶପୁର ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ଗୋଲାମୁଣ୍ଡା ଥାନା ଓ ଦଶପୁର ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଧର୍ମଗଡ଼ ଏସଡ଼ିପିଓଙ୍କୁ ଜଣାଇଥିଲେ। ଏସଡ଼ିପିଓ ଖବର ପାଇ ସାଇଣ୍ଟିଫିକ ଟିମ ସହ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଧର୍ମଗଡ଼ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ। ଏହା ହତ୍ୟା ନା ଆତ୍ମହତ୍ୟା ବ୍ୟବଚ୍ଛେଦ ରିପୋର୍ଟ ପରେ ହିଁ ଜଣାପଡିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

# ୪ କୋର୍ଟ ଚାଲାଣ, ପରିବାରକୁ ମୃତଦେହ ହସ୍ତାନ୍ତର

ଲାଞ୍ଜିଗଡ଼,୧୫।୫(ଡି.ଏନ.ଏ.)

## ପୂର୍ବ ଶତ୍ରୁତାରୁ ଠେଙ୍ଗାରେ ପିଟି ହତ୍ୟା ଘଟଣା

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ସହରର ସୁବାସ ମହାକୁଡ଼(୫୫)ଙ୍କୁ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଠେଙ୍ଗାରେ ପିଟି ହତ୍ୟା କରିବା ଘଟଣାରେ ପୋଲିସ ସୋମବାର ୪ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ମନୋଜ ପ୍ରଧାନ, ମିନତୀ ଗୌଡ଼, ଶାନ୍ତିଲତା ମହାକୁଡ଼ ଓ ଯୋଗେଶ ମହାକୁଡ଼।

ପୋଲିସ ସୂଚନା ଅନୁଯାୟୀ ରବିବାର ସନ୍ଧ୍ୟାରେ ସୁବାସ ନିଜର ଜଣେ ବନ୍ଧୁଙ୍କ ସହିତ କୁଆଡ଼େ ଯାଇ କାରରେ ଘରକୁ ଫେରିଥିଲେ। ଏହି ସମୟରେ ତାଙ୍କ ଘର ସାମ୍ନାରେ ମେଟାଲ ଓ ଚିପ୍ସ ଜମା ହୋଇଥିବା ଦେଖି ପଡ଼ୋଶୀ ଘରଙ୍କୁ ଏ ସମ୍ପର୍କରେ ପଚାରିଥିଲେ। ଏହାକୁ ନେଇ ସେମାନଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ପଡୋଶୀ ମନୋଜ, ତାଙ୍କ ସ୍ତ୍ରୀ ମିନତୀ, ମନୋଜଙ୍କ ବଡ଼ଭଉଣୀ ଶାନ୍ତିଲତା, ଭଣଜା ଯୋଗେଶ ମିଶି ସୁବାସଙ୍କୁ ଠେଙ୍ଗାରେ ଆକ୍ରମଣ କରିଥିଲେ। ପ୍ରବଳ ମାଡ଼ ଯୋଗୁ ସୁବାସଙ୍କ ମୁହଁ ଓ ନାକରୁ ପ୍ରଚୁର ରକ୍ତସ୍ରାବ ହେବା ସହ ସେ ତଳେ ପଡ଼ିଯାଇଥିଲେ। ପରିବାର ଲୋକେ ଗୁରୁତର ଭାବେ ତାଙ୍କୁ ଉଦ୍ଧାର କରି ଲାଞ୍ଜିଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୋମବାର ସକାଳେ ବ୍ୟବଚ୍ଛେଦ ପରେ ପରିବାରର୍ଗଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ପୋଲିସ ଧାରା ୩୦୨/୩୪ରେ ଏକ ମାମଲା (ନଂ.୩୩/୨୩) ରୁଜୁ କରି କୋର୍ଟ ଚାଲାଣ କରିଛି। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲକୁ ପଠାଇ ଦିଆଯାଇଥିବା ପୋଲିସ ସୂତ୍ରରୁ ଜଣାପଡିଛି। ସୁବାସଙ୍କ ପୁଅ ଶୁଭେନ୍ଦୁ ମହାକୁଡ଼ ଲାଞ୍ଜିଗଡ଼ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୩୩/୨୩) ରୁଜୁ କରି ୪ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଥିଲା। ଅପରପକ୍ଷରେ ମୁଖ୍ୟ ଅଭିଯୁକ୍ତ ମନୋଜଙ୍କ ସ୍ତ୍ରୀ ମିନତୀ ମଧ୍ୟ ପାଲଟା ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଏକ ମାମଲା (ନଂ. ୩୪/୨୩) ରୁଜୁ କରିଥିଲା। ସୂଚନାଯୋଗ୍ୟ, ଗତ ୨ବର୍ଷ ତଳେ ସୁବାସଙ୍କ ପୁଅ ଶୁଭେନ୍ଦୁ ମନୋଜଙ୍କ ଭାଣିଜୀ ତଥା ଶାନ୍ତିଲତାଙ୍କ ଝିଅକୁ ଧରି ପଳାଇବା ସହ କୋର୍ଟ ମ୍ୟାରେଜ କରିବା ଦିନଠୁ ଉଭୟ ପରିବାର ମଧ୍ୟରେ ଶତ୍ରୁତା ଲାଗି ରହିଥିଲା।

### ନବନିର୍ମିତ ଯଜ୍ଞ ମଣ୍ଡପ ଉଦ୍‌ଘାଟିତ

ନୂଆପଡ଼ା ଅଫିସ,୧୫।୫

ନୂଆପଡ଼ା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ଜାମଗାଁରେ ନବ ନିର୍ମିତ ଯଜ୍ଞମଣ୍ଡପ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଜିଲା ବିଜେଡି ସାଧାରଣ ସମ୍ପାଦକ ଲମ୍ବୋଦର ନିଆଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ମଣ୍ଡପ ଉଦ୍‌ଘାଟନ କରିଥିଲେ । ଚାରିଗଡ଼ ଯାଦବ ମହାସଂଘ ସମ୍ପାଦକ ହଳଧର ଯାଦବ, ପର୍ଶୁରାମ କଟା, ଜଗତ ରାମ କଟା, ଜୟବ୍ରତ କାଣ୍ଡ, ଘନଶ୍ୟାମ ନିଆଲ, ଗିରିଧାରି ବାଗ, ଶତ୍ରୁଜିତ କଟା, ଭିକାରୀ କଟା, ଦୁଲ୍ଲଭ କଟା, ଲୋକେଶ୍ୱର ନାଗ, ପିତାମ୍ବର ନାଗ, ଦେବରାଜ କଟା, ନାଥୁରାମ କଟା ଓ କୁମୁଦ କଟା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ରାଜାରାମ କଟା ଓ ତାଙ୍କ ଧର୍ମପତ୍ନୀ ଯାଜ୍ଞସିନୀ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ବସନ୍ତ ପତି ଓ ଦାମୋଦର ହୋତା ପୂଜକଭାବେ କାର୍ଯ୍ୟ ସମ୍ପାଦନା କରିଥିଲେ।

# ଯୁଗ୍ମ ଜନଶୁଣାଣିରେ ୧୪୯ ଅଭିଯୋଗର ଶୁଣାଣି




ଅଭିଯୋଗ ଶୁଣାଣି ଶିବିର।

କୋକସରା,୧୫।୫(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ପଞ୍ଚାୟତରେ ଯୁଗ୍ମଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଆମପାଣି ସରପଞ୍ଚ ରୁକ୍ମଣୀ ବାଣୁଆ ସଭାପତିତ୍ୱ କରିଥିବା ବେଳେ ବିଡିଓ ଅନୁପସ୍ଥିତ ଥିବାରୁ ଜିପିଇଓ ନାରାୟଣ ଭୋଇ, ସମିତି ସଭ୍ୟା ନର୍ତ୍ତକୀ ଦଣ୍ଡସେନା, ଯୋଗାଣ ଅଧିକାରୀ ଜଗାରାମ ମୁର୍ମୁ ସମେତ ବ୍ଲକ ବିଭିନ୍ନ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ପଞ୍ଚାୟତର ବିଭିନ୍ନ ଗ୍ରାମରୁ ଅଭିଯୋଗ ନେଇ ଆସିଥିବା ହିତାଧିକାରୀଙ୍କ ଅଭିଯୋଗ ଶୁଣିଥିଲେ। ମୋଟ ୧୪୯ଟି ଅଭିଯୋଗ ଉପରେ ଶୁଣାଣି ହୋଇଥିଲା। ଆବାସ ଘର, ପିଡିଏସ, ଭତ୍ତା ଓ ଅନ୍ୟାନ୍ୟ ଅଭିଯୋଗ ଓ ସମସ୍ୟା ଉପରେ ଅଭିଯୋଗ ଶୀଘ୍ର ସମାଧାନ କରାଯିବା ନେଇ ପ୍ରତିଶ୍ରୁତି ଦିଆଯାଇଛି। କାର୍ଯ୍ୟକ୍ରମ ଆମପାଣି ପଞ୍ଚାୟତ ନିର୍ବାହୀ ଅଧିକାରୀ ଗିରିଶ ଚନ୍ଦ୍ର ନାଏକ ପରିଚାଳନା କରିଥିଲେ। ଗ୍ରାମ ରୋଜଗାର ସେବକ ଦୁଷ୍ମନ୍ତ ନାଗ ଓ ପଞ୍ଚାୟତ କର୍ମଚାରୀ ଓ ମନୋରଞ୍ଜନ ବାଣୁଆ ପ୍ରମୁଖ ସହଯୋଗ କରିଥିଲେ। ଏହି ଜନଶୁଣାଣିରେ ଅନେକ ବିଭାଗର ଅଧିକାରୀ ଅନୁପସ୍ଥିତ ରହିଥିବାରୁ ଆସିଥିବା ଅଭିଯୋଗକାରୀ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଥିଲା।

# କୃଷକଙ୍କୁ ସେବା ପ୍ରଦାନ କରିବା ଉପରେ ଗୁରୁତ୍ୱ



ଦକ୍ଷତା ବୃଦ୍ଧି କର୍ମଶାଳାରେ ଯୋଗଦେଇଥିବା କର୍ମକର୍ତ୍ତା।

ଭବାନୀପାଟଣା,୧୫।୫(ସ୍ୱ.ପ୍ର.)

କୃଷକମାନେ ଅଣ ଧାନ ଚାଷ ମାଧ୍ୟମରେ ନିଜ ରୋଜଗାରକୁ ବୃଦ୍ଧି କରିପାରିବେ। ଗୋଟିଏ ଅଞ୍ଚଳରେ ବଜାର ଚାହିଦା ଥିବା ଉତ୍ପାଦ ଗୁଡ଼ିକର ବହୁଳ ଭାବେ ଚାଷ କଲେ ଉତ୍ପାଦର ସହଜ ବଜାରୀକରଣ କରିହେବ। ଚାଷୀମାନଙ୍କ ଆଧୁନିକ ଜ୍ଞାନକୌଶଳ ପ୍ରଦାନ କଲେ ଉତ୍ପାଦନ ବୃଦ୍ଧି ପାଇବ। ଗ୍ରାମସ୍ତରରେ କୃଷକ ଉତ୍ପାଦକ ଦଳ ଓ ଆଞ୍ଚଳିକ ସ୍ତରରେ କୃଷକ ଉତ୍ପାଦକ କମ୍ପାନୀ ମାଧ୍ୟମରେ ଚାଷୀ ମାନଙ୍କୁ ମଞ୍ଜି, ସାର, କୀଟ ନାଶକ ଇତ୍ୟାଦି ଯୋଗାଣ କରି ସେମାନଙ୍କ ଉତ୍ପାଦକୁ ବିକ୍ରିବଟାର ବ୍ୟବସ୍ଥା କରାଯାଇ ପାରିବ। ଚାଷୀମାନଙ୍କୁ ବିଭିନ୍ନ ସେବା ପ୍ରଦାନରେ କୃଷକ ଉତ୍ପାଦକ କମ୍ପାନୀର ନିର୍ଦ୍ଦେଶକ ମଣ୍ଡଳୀର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସରକାରଙ୍କ ବିଭିନ୍ନ କୃଷି ସମ୍ପର୍କିତ ଯୋଜନାଗୁଡ଼ିକୁ ଏହି ଅନୁଷ୍ଠାନ ମାଧ୍ୟମରେ ଚାଷୀମାନଙ୍କ ପାଖରେ ସହଜରେ ପହଞ୍ଚାଯାଇ ପାରିବ। କେନ୍ଦ୍ରୀୟ ଯୋଜନା ଅନ୍ତର୍ଗତ ନାବାର୍ଡ ସହାୟତାରେ ମହାଶକ୍ତି ଫାଉଣ୍ଡେସନ ପକ୍ଷରୁ ଭବାନୀପାଟଣା ଏସଡିଏ ତାଲିମ୍ କେନ୍ଦ୍ରରେ ଆୟୋଜିତ ଦୁଇ ଦୁନିଆ ଦକ୍ଷତା ବୃଦ୍ଧି କର୍ମଶାଳାରେ ବକ୍ତାମାନେ ଏହି ବିଷୟ ଆଲୋଚନା କରିଛନ୍ତି। ନାବାର୍ଡ ଡିଡିଏମ୍ ମହେଶ୍ୱର ଦାସ କର୍ମଶାଳା ଉଦଘାଟନ କରି ଏଫ୍‌ପିଓର ସଦସ୍ୟତା ବୃଦ୍ଧି, କେନ୍ଦ୍ରୀୟ ଯୋଜନା ତଥା ବ୍ୟବସାୟିକ ଯୋଜନାର କାର୍ଯ୍ୟକାରୀ ବିଷୟରେ ଗୁରୁତ୍ୱ ଆରୋପ କରିଥିଲେ। ଓଡ଼ିଶା ଜୀବିକା ମିଶନର ଜିଲା ପ୍ରକଳ୍ପ ପରିଚାଳକ ପ୍ରଶାନ୍ତ ମିଶ୍ର କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ପାଦକ ଦଳ ଗଠନ ଓ ବିଭିନ୍ନ ସରକାରୀ ଯୋଜନା ବିଷୟରେ ଆଲୋଚନା କରିଥିଲେ। ମହାଶକ୍ତି ଫାଉଣ୍ଡେସନର କାର୍ଯ୍ୟକ୍ରମ ନିର୍ଦ୍ଦେଶକ ଡ. ଅମୂଲ୍ୟ କୁମାର ମହାନ୍ତି ଓ ଜିଲା ସଂଯୋଜକ ଦେବେନ୍ଦ୍ର ମିଶ୍ର, ଏଫ୍ ପି ଓ ନିର୍ଦ୍ଦେଶକ ଜଗଦୀଶ ଦାସ କର୍ମଶାଳା ପରିଚାଳନା କରିଥିଲେ। ଜିଲାର ୬ଟି ବ୍ଲକରେ ନୂତନ ଭାବେ ଗଠନ ହୋଇଥିବା ୬ଟି କୃଷକ ଉତ୍ପାଦକ କମ୍ପାନୀରୁ ମୋଟ ୪୦ଜଣ ନିର୍ଦ୍ଦେଶକ ମଣ୍ଡଳୀ ଓ କର୍ମକର୍ତ୍ତା କର୍ମଶାଳାରେ ଯୋଗଦେଇଥିଲେ।

### କୃଷକ ଉତ୍ପାଦକ ଗୋଷ୍ଠୀ ଗଠନ ତାଲିମ ଶିବିର

କେସିଙ୍ଗା,୧୫।୫(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଉକ୍ରେଲା ଆଦିବାସୀ କୃଷକ ଉତ୍ପାଦକ ଗୋଷ୍ଠି ପକ୍ଷରୁ ଉକ୍ରେଲା ବଜାର ପ୍ରାଙ୍ଗଣରେ ଚାଷୀମାନଙ୍କୁ ନେଇ କୃଷକ ଉତ୍ପାଦକ ଗୋଷ୍ଠୀ ଗଠନ ତାଲିମ ଶିବିର ଓ ଡିଏସସିଭି ସାଇନ କର୍ମଶାଳା ସୋମବାର ଅନୁଷ୍ଠିତ ହୋଇଥିଲା। ଏହି କର୍ମଶାଳାରେ କୃଷକ ଉତ୍ପାଦକ ଗୋଷ୍ଠୀ ଗଠନର ରହିଥିବା ନିୟମ, ଆବଶ୍ୟକତା, ଏହାର ଉପାଦେୟତା ଆଦି ବିଭିନ୍ନ ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଥିଲା। ଗ୍ରୀନ ଲାଣ୍ଡ କୃଷକ ଉତ୍ପାଦକ ଗୋଷ୍ଠିର ମୁଖ୍ୟ ଜଗଦୀଶ ସିଂ ଭୋଇ, ତରୁଣ ପୁଟେଲ ପ୍ରମୁଖ କୃଷକମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ତାଲିମ ଶିବିରରେ ଦୁଲେଣି ମାଝି, ଦୀପାଞ୍ଜଳି ମାଝି, ସୁଜାତା ଦାସ, ଗିରିଶ କୁମାର ସାହୁ, ଦେବରାଜ ମାଝି, ଡୁଲେଶ୍ୱର ଚନ୍ଦନ, ଶ୍ରୀକାନ୍ତ ମାଝି, ବିରଞ୍ଚି ପ୍ରଧାନ, କୁଳମଣି ଗହୀର, ବିକ୍ରମ ମାଝି, କମ୍ବୁପାଣି ଚନ୍ଦନ, ତୁଳସୀରାମ ବେମାଲ, ଭବାନୀ ଶଙ୍କର ବୁଦ୍ଧିଆ, ମାଧବ ମାଝି, ଅଶ୍ୱିନୀ ବେମାଲ, ଗୁକୁ ବର୍ଗର୍ତ୍ତି, ଶେଷଦେ ଗହୀର, ଭୀମ ଭାଟି, ତ୍ରିଭୁବନ ମାଝିଙ୍କ ସହ ବହୁ କୃଷକ ଉପସ୍ଥିତ ଥିଲେ।

# ଜିଲାପାଳଙ୍କ ଅଭିଯୋଗ ଶୁଣାଣି



ଜିଲାପାଳ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

କେସିଙ୍ଗା,୧୫।୫(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ପଞ୍ଚାୟତ ସମିତି ସଭାଗୃହରେ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ସୋମବାର ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସର୍ବମୋଟ ୯୪ଟି ଅଭିଯୋଗ ଦାଖଲ ହୋଇଥିଲା। ସେଥିମଧ୍ୟରୁ ରାଶନ୍ କାର୍ଡ ବାବଦରେ ୧୦ଜଣ ଅଭିଯୋଗ କରିଥିବା ବେଳେ ଇନ୍ଦିରା ଆବାସ ପାଇଁ ୪୫ଜଣ ଅଭିଯୋଗ କରିଥିଲେ। ସେହିପରି ଭତ୍ତା ପାଇଁ ୩୪ ଓ ଅନ୍ୟାନ୍ୟ ୫ଟି ଅଭିଯୋଗ ଦାଖଲ ହୋଇଥିଲା। ଅଭିଯୋଗ ଶୁଣାଣିରେ ଉପଜିଲାପାଳ ଡ ବିଶ୍ୱଜିତ୍ ଦାସ, କେସିଙ୍ଗା ଏସ୍‌ଡିପିଓ ରୋହିତ ବର୍ମା, ବିଡିଓ ପ୍ରଫୁଲ୍ଲ କୁମାର ଅଦୁ, ଏନ୍‌ଏସି ନିର୍ବାହୀ ଅଧିକାରିଣୀ କିରଣ ବେହେରାଙ୍କ ସମେତ ସମସ୍ତ ବ୍ଲକ, ଏନ୍‌ଏସି, ଆରଡ଼ି, ପିଡବ୍ଲୁଡି, ଜଙ୍ଗଲ ବିଭାଗ, ଆଇସିଡିଏସ, ଯୋଗାଣ ବିଭାଗ, ବିଦ୍ୟୁତ୍ ବିଭାଗ, ସମସ୍ତ ବିଭାଗ କର୍ମଚାରୀମାନେ ଯୋଗଦେଇଥିଲେ। ପ୍ରଚଣ୍ଡ ଗ୍ରୀଷ୍ମ ଯୋଗୁ ବୃଦ୍ଧବୃଦ୍ଧା ଓ ଦିବ୍ୟାଙ୍ଗମାନେ ବହୁ କଷ୍ଟ ଅନୁଭବ କରିଥିଲେ।

# ଭତ୍ତା ପ୍ରମାଣ ପତ୍ର ବଣ୍ଟନ

ଖପ୍ରାଖୋଲ, ୧୫।୫(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କାର୍ଯ୍ୟାଳୟ ସଭା ଗୃହଠାରେ ସୋମବାର ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡ଼ିଓ ବିଜୟ କୁମାର ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପାଟଣାଗଡ ବିଧାୟକ ସରୋଜ ମେହେର ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ବ୍ଲକ ଅଧକ୍ଷା ନିରୂପମା ପଟେଲ, ଉପାଧ୍ୟକ୍ଷ ଶୁଖି ରାମ ସାଣ୍ଡ, ଜିଲା ପରିଷଦ ସଭ୍ୟା ପ୍ରମିଳା ପାଥର, ସରପଞ୍ଚ ଶାନ୍ତି ଛୁରା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଖପ୍ରାଖୋଲ ଓ ଓଡ଼ିଆପାଲି ପଞ୍ଚାୟତର ୪୭ଜଣଙ୍କୁ ଭତ୍ତା ପ୍ରମାଣ ପତ୍ର ବଣ୍ଟନ କରାଯାଇଥିଲା। ସଭାରେ ବିଏସଏସଓ କନିଷ୍କ ବିଭାର, ପିଇଓ ରାଧେଶ୍ୟାମ ମେହେର, ମନୋଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଧାଣ୍ଡାମୁଣ୍ଡା ପଞ୍ଚାୟତରେ ସରପଞ୍ଚ ବୈଦ୍ୟନାଥ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ମେହେର ଯୋଗଦେଇ ୪୧ଜଣଙ୍କୁ ଭତ୍ତା ବଣ୍ଟନ କରିଥିଲେ।




ବିଧାୟକ ଜଣେ ହିତାଧିକାରୀଙ୍କୁ ଭତ୍ତା ପ୍ରମାଣ ପତ୍ର ବଣ୍ଟନ କରୁଛନ୍ତି।

# ଭତ୍ତା ପାଇଁ ବୃଦ୍ଧ ଦମ୍ପତି ଚାଲିଲେ ୭ କି.ମି.

କେସିଙ୍ଗା,୧୫।୫(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଶିରୋଲ ଗ୍ରାମପଞ୍ଚାୟତ ପୋଡ଼ଖମ୍ଭ ଗ୍ରାମର ନବ ଛତ୍ରିଆ (୭୦), ଫୁଲମତି ଛତ୍ରିଆ (୬୮) ବୃଦ୍ଧ ଦମ୍ପତି ସୋମବାର ଜିଲାପାଳଙ୍କ ଅଭିଯୋଗ ଶିବିରକୁ ଅଭିଯୋଗ କରିବା ପାଇଁ ବ୍ଲକ କାର୍ଯ୍ୟାଳୟ ଆସିଥିଲେ। ବାର୍ଦ୍ଧକ୍ୟ ଭତ୍ତା ପାଇ ନ ଥିବାରୁ ଦୁହେଁ ଜିଲାପାଳଙ୍କୁ ଅଭିଯୋଗ କରିବା ପାଇଁ ବ୍ଲକ କାର୍ଯ୍ୟାଳୟକୁ ଆସିଥିଲେ। ପ୍ରଚଣ୍ଡ ଖରାରେ ଉଭୟେ ବ୍ଲକ କାର୍ଯ୍ୟାଳୟକୁ ପ୍ରାୟ ୭ କି.ମି. ଚାଲି ଆସିଥିଲେ। ବ୍ଲକ କାର୍ଯ୍ୟାଳୟରେ ବ୍ଲକ ଅଧ୍ୟକ୍ଷ ଚନ୍ଦନ ସେନାପତି ତାଙ୍କ ଦୁଃଖ ଦେଖି ଦୁଃଖ ପ୍ରକାଶ କରିଥିଲେ। ଶିରୋଲ ପଞ୍ଚାୟତ ନିର୍ବାହୀ ଅଧିକାରୀ ଗଜିନ୍ଦ୍ର ସାହାଙ୍କୁ ଡାକି ଘରକୁ ଯାଇ ଭତ୍ତା ଦେବା ପାଇଁ କହିଥିଲେ। ଭୋକ ଉପାସରେ ସ୍ୱାମୀ ସ୍ତ୍ରୀ ଟାଣ ଖରାରେ ଆସିଥିବାରୁ ଦୁହିଁଙ୍କୁ ଚା, ପାଣି ପିଆଇ ଏକ ଅଟୋରେ ପୋଡ଼ଖମ୍ଭ ଗ୍ରାମକୁ ପଠାଇ ଦେଇଥିଲେ। ଶିରୋଲ ଗ୍ରାମପଞ୍ଚାୟତ




ହିତାଧିକାରୀଙ୍କୁ ବ୍ଲକ କାର୍ଯ୍ୟାଳୟରୁ ଅଟୋ ଯୋଗେ ତାଙ୍କ ଗାଁକୁ ପଠାଯାଉଛି।

## ଘରକୁ ଯାଇ ଭତ୍ତା ଦେବା ପାଇଁ ନିର୍ଦ୍ଦେଶ ଦେଲେ ବ୍ଲକ ଅଧ୍ୟକ୍ଷ

ନିର୍ବାହୀ ଅଧିକାରୀଙ୍କ ମନମୁଖୀ କାର୍ଯ୍ୟ ଓ ଅବହେଳା ଏବଂ ଲୋକଙ୍କ ସେବା ଠିକ ଭାବେ କରୁ ନ ଥିବାରୁ ଯୋଗୁ ବ୍ଲକ ଅଧ୍ୟକ୍ଷ ଅସନ୍ତୋଷ ପ୍ରକାଶ କରି ଅତିଶୀଘ୍ର ଘରକୁ ଯାଇ ଭତ୍ତା ତୁରନ୍ତ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ଅବହେଳା କଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ନିର୍ବାହୀଙ୍କୁ ତାଗିତ କରିଥିଲେ। ଏ ସଂକ୍ରାନ୍ତରେ ଶିରୋଲ ପଞ୍ଚାୟତ ନିର୍ବାହୀ ଅଧିକାରୀ ଗଜିନ୍ଦ୍ର ସାହାଙ୍କୁ ପଚାରିବାରୁ ବ୍ୟାଙ୍କ ଆକାଉଣ୍ଟରେ ଆଧାର ସଂଯୋଗ ହୋଇ ନ ଥିବାରୁ ଏହି ଅସୁବିଧା ହେଉଛି ବୋଲି ପ୍ରକାଶ କରିଥିଲେ।

## ସଂକ୍ଷେପରେ

### ବିଧାୟକଙ୍କୁ ଭେଟିଲେ ଲୁତୁରପଙ୍କ ପଞ୍ଚାୟତବାସୀ

ଅମରପାଲି,୧୫।୫(ଡି.ଏନ.ଏ): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଲୁତୁରପଙ୍କ ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଗ୍ରାମର ଲୋକେ ବିଧାୟକ ପଦ୍ମନାଭ ବେହେରାଙ୍କୁ ସୋନପୁର ସର୍କିଟ ହାଉସରେ ଭେଟି ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି। ରାଧାମାଧବ ବେହେରା, ପୂର୍ବତନ ୱାର୍ଡସଭ୍ୟ ପୃଥ୍ୱୀରାଜ ମହାକୁର, କ୍ରୀଡାବିତ ସୁଶୀଲ ପ୍ରଧାନ, ଶଶାଙ୍କ ପ୍ରଧାନ, ବୈଷ୍ଣବ ସାହୁ, ସାର୍ତ୍ତିକ ପ୍ରଧାନ, ମାଧବ ନାଏକ, ବିଭୀଷଣ ସାହୁ, ସନତ ସାହୁ, ତରଣୀ ସିଙ୍ଗାର, ପ୍ରଶାନ୍ତ ସାହୁ, ସବଦିଲାଲ ବିଶ୍ୱାଳ, ଅନିଲ ସାହୁ, ଧନଞ୍ଜୟ ସାହୁ ପ୍ରମୁଖ ବିଧାୟକଙ୍କୁ ଭେଟି ବିଭିନ୍ନ ସମସ୍ୟା ଓ ପଞ୍ଚାୟତର ଉନ୍ନୟନମୂଳକ କାମ ଉପରେ ଆଲୋଚନା କରିଥିଲେ। ପଞ୍ଚାୟତର ବିଭିନ୍ନ ଗ୍ରାମର ଚାଷଜମିରେ ଖୋଳାଯାଇଥିବା ଗଭୀର ନଳକୂପକୁ କିଭଳି ଶୀଘ୍ର ବିଦ୍ୟୁତ ସଂଯୋଗ କରାଯିବ, ବିଭିନ୍ନ ଗ୍ରାମରେ ଆବଶ୍ୟକ ଥିବା ରାସ୍ତା ନିର୍ମାଣ, ସ୍କୁଲ ସମଥସ୍ୟା, ଗ୍ରାମ୍ୟ ଖେଳ ପଡିଆର ଉନ୍ନତୀକରଣ, ପାନୀୟ ଜଳଯୋଗାଣ ବିଷୟରେ ଆଲୋଚନା ହୋଇଥିଲା। ସମସ୍ୟା ଗୁଡିକର ତ୍ୱରିତ ସମାଧାନ ପାଇଁ ବିଧାୟକ ବିଭିନ୍ନ ବିଭାଗ ଅଧିକାରୀଙ୍କ ସହିତ ଆଲୋଚନା କରାଯିବ ବୋଲି କହିଥିଲେ।

### ମିଶନ ଶକ୍ତି ଗୃହ ଉଦ୍‌ଘାଟିତ

ଅମରପାଲି,୧୫।୫(ଡି.ଏନ.ଏ): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ କମିରା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ପୂର୍ବାହ୍ନରେ ମିଶନ ଶକ୍ତି ଗୃହ ଉଦ୍‌ଘାଟିତ ହୋଇଛି। ବୀରମହାରାଜପୁର ବ୍ଲକ ଅଧକ୍ଷା ଶାନ୍ତି ଲୁହା ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଛନ୍ତି। କମିରା ସରପଞ୍ଚ ଅନୁସୟା ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଉପାଧକ୍ଷ ନାରାୟଣ ଲୁହା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ମୋତିଲାଲ ସୁଲିଆ, ଚମ୍ପାମାଳ ସମିତି ସଭ୍ୟ ଲକ୍ଷ୍ମୀନାରାୟଣ ପୁରୋହିତ, କମିରା ସରପଞ୍ଚ ପ୍ରତିନିଧି ସପନ ପଧାନ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। କମିରାରେ ମିଶନ ଶକ୍ତି ଗୃହ ହେବା ଫଳରେ ପଞ୍ଚାୟତର ସମସ୍ତ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନେ ତାଙ୍କର ବୈଠକ କରିବା ସହିତ ଅନ୍ୟାନ୍ୟ ସଭା ସମିତି କରିବା ପାଇଁ ଏହା ସହାୟକ ହେବ।

# ପୁରୁଣା ବଜାର ଛାଡ଼ିବାକୁ ବୁଣାକାର ନାରାଜ

ବରଗଡ଼ ଅଫିସ୍,୧୫।୫

ବରଗଡ଼-ବଲାଙ୍ଗୀର ରାସ୍ତାକଡ଼ରେ ଥିବା ବେହେରା ବଜାରରେ ସମ୍ବଲପୁରୀ କପଡ଼ା ବଜାର ଛାଡ଼ି ନୂତନ ବୁଣାକାର ବଜାରକୁ ଆସିବା ପାଇଁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ମାତ୍ର ସର୍ବପୁରାତନ ସେହି ସମ୍ବଲପୁରୀ କପଡ଼ା ବଜାର ଛାଡ଼ିବାକୁ ବୁଣାକାରମାନେ ରାଜି ନାହାନ୍ତି। ଏ ନେଇ ସୋମବାର ମାଁ ସମଲେଇ ସମ୍ବଲପୁରୀ କପଡ଼ା ବଜାର ବୁଣାକାର ସଂଘର ଏକ ପ୍ରତିନିଧି ଦଳ ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋଙ୍କୁ ସେମାନେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ସେହି ପୁରୁଣା ବଜାରରୁ ସେମାନଙ୍କୁ ସ୍ଥାନାନ୍ତର ନ କରିବା ପାଇଁ ବୁଣାକାରମାନେ ପ୍ରଶାସନକୁ ଅନୁରୋଧ କରିଛନ୍ତି ।

ବେହେରା ବଜାର ପରିସରରେ ଥିବା ସର୍ବପୁରାତନ ସମ୍ବଲପୁରୀ କପଡ଼ା ବଜାରରେ ଦୀର୍ଘ ୨୫ବର୍ଷ ହେଲା ବୁଣାକାରମାନେ ବେପାର କରିଆସୁଛନ୍ତି। ଉକ୍ତ ବଜାରକୁ ରାଜ୍ୟର ୧୮ଜିଲା ସମେତ ପଡ଼ୋଶୀ ଛତିଶଗଡ଼ ରାଜ୍ୟର ମହାସମୁନ୍ଦ, ରାୟଗଡ଼ର ବୁଣାକାରମାନେ ଆସିଥାନ୍ତି। ଖୋଲାସ୍ଥାନରେ ରହିଥିବା ଏହି ବଜାରରେ ସେମାନଙ୍କ ବ୍ୟବସାୟ ଠିକ୍ ଭାବେ ଚାଲିଛି ଏବଂ ସେଥିରୁ ରୋଜଗାର ଟଙ୍କାରେ ସେମାନେ ପରିବାର ପୋଷଣ କରୁଛନ୍ତି ବୋଲି ବୁଣାକାରମାନେ କହିଛନ୍ତି। ଅନ୍ୟପଟେ ଗତ ୧୦ତାରିଖରେ ସେହି ବଜାର ସ୍ଥାନ ଛାଡ଼ି ନୂତନ ବୁଣାକାର ବଜାରକୁ ଯିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ବ୍ୟାନର ମାଧ୍ୟମରେ ସୂଚୀତ କରାଯାଇଛି। ପ୍ରଶାସନର ଏଭଳି ପଦକ୍ଷେପ ସେମାନଙ୍କୁ ବ୍ୟଥିତ କରିଛି ବୋଲି ବୁଣାକାରମାନେ କହିଛନ୍ତି। ପ୍ରଶାସନ ଯେଉଁ ସ୍ଥାନକୁ ସ୍ଥାନାନ୍ତର କରୁଛି, ତାହା କପଡ଼ା ବଜାର ପାଇଁ ପର୍ଯ୍ୟାପ୍ତ ନୁହେଁ। ଫଳରେ ପୁରୁଣା ବଜାର ଭଳି ସମାନ୍ତରାଳ ତଥା ପର୍ଯ୍ୟାପ୍ତ ଖୋଲାସ୍ଥାନ, ପାର୍କିଂ, ପିଣ୍ଡି ବ୍ୟବସ୍ଥା ରହିଥିବା ବଜାର ଯୋଗାଇ ଦିଆଯାଉ ବୋଲି ସ୍ମାରକପତ୍ରରେ ଉଲ୍ଲେଖ ରହିଛି।


ଅତିରିକ୍ତ ଜିଲାପାଳଙ୍କୁ ବୁଣାକାରମାନେ ସ୍ମାରକପତ୍ର ପ୍ରଦାନ କରୁଛନ୍ତି ।

ସେଭଳି କରା ନ ଗଲେ ପୁରୁଣା ବଜାର ଛାଡ଼ିବେ ନାହିଁ ବୁଣାକାରମାନେ କହିଛନ୍ତି।

ସେହିପରି କପଡ଼ା ବଜାର ପାଇଁ ବୁଣାକାରମାନେ ଦୀର୍ଘଦିନ ହେଲା ୨୦ଏକର ଜମି ଦାବି କରିଆସୁଛନ୍ତି। ମାତ୍ର ତାହା କରା ନ ଯାଇ ଏବେ ଯେଉଁ ନୂତନ ବୁଣାକାର ବଜାରକୁ ସ୍ଥାନାନ୍ତର କରାଯାଉଛି, ତାହା ସେମାନଙ୍କ ପାଇଁ ବଜାର ଉପଯୋଗୀ ନୁହେଁ ବୋଲି ବୁଣାକାରମାନେ କହିଛନ୍ତି। ସ୍ମାରକପତ୍ର ଗ୍ରହଣ ସମୟରେ ପୁରୁଣା କପଡ଼ା ବଜାର ଛାଡ଼ି ନୂତନ ବୁଣାକାର ବଜାରକୁ ଆସି ବ୍ୟବସାୟ କରିବାକୁ ଅତିରିକ୍ତ ଜିଲାପାଳ ଟପ୍ପୋ କହିଥିଲେ। ଯଦି କିଛି ସମସ୍ୟା ଉପୁଜେ, ତେବେ ପଦକ୍ଷେପ ନିଆଯିବ ବୋଲି ଟପ୍ପୋ କହିଥିଲେ। ମାତ୍ର ସେହି ପୁରୁଣା କପଡ଼ା ବଜାର ଛାଡ଼ିବୁ ନାହିଁ ବୋଲି ବୁଣାକାରମାନେ ଅତିରିକ୍ତ ଜିଲାପାଳଙ୍କୁ ରୋକ୍‌ଠୋକ୍ ଶୁଣାଇ ଦେଇଥିଲେ। ସ୍ମାରକପତ୍ର ପ୍ରଦାନ ବେଳେ ବୁଣାକାର ସଂଘ ସଭାପତି ଅଯୋଧ୍ୟା ମେହେର, ସମ୍ପାଦକ ଶିବ ମେହେର, କୋଷାଧ୍ୟକ୍ଷ ଗିରିଧାରୀ ମେହେର ପ୍ରମୁଖ ଉପସ୍ଥିତ ଥିଲେ।

# ଯାଦୁଗର ଉଦ୍ଧବ ପଧାନଙ୍କୁ ସଂସ୍କୃତି ସେବା ସମ୍ମାନ


ଯାଦୁଗର ଉଦ୍ଧବ ପଧାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଅମରପାଲି,୧୫।୫(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲ ବୀରମହାରାଜପୁର ଉପଖଣ୍ଡ କାଦୋଦରସ୍ଥିତ ଉମାଦେବୀ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧାପକ ତଥା ଯାଦୁଗର ଉଦ୍ଧବ ପଧାନଙ୍କୁ ସଂସ୍କୃତି ସେବା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି। ଭୁବନେଶ୍ୱରରେ ସାମାଜିକ ସାଂସ୍କୃତିକ ଅନୁଷ୍ଠାନ କଳାଭୂମି ଆନୁକୂଲ୍ୟରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଉଦ୍ଧବଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କଳାଭୂମି ସଭାପତି ପ୍ରମୋଦ କୁମାର ପତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ମୁଖ୍ୟ ଅତିଥିଭାବେ ଯୋଗଦେଇ ଯାଦୁଗର ପଧାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଉଦ୍ଧବଙ୍କ ଏହି ସଫଳତା ପାଇଁ ସୁବର୍ଣ୍ଣପୁର ଯାଦୁଗର ସଂଘ ସମେତ ଉମାଦେବୀ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ ଅଧାପିକାଆଧାପକ ଏବଂ ଛାତ୍ରୀଛାତ୍ରମାନେ ଶୁଭେଚ୍ଛା ପ୍ରଦାନ କରିଛନ୍ତି।

# ଅଭିଯୁକ୍ତ ଦୁଇ ପୁତୁରାଙ୍କୁ ଆଜୀବନ କାରାଦଣ୍ଡାଦେଶ

ବୌଦ୍ଧ,୧୫।୫(ସ୍ୱ.ପ୍ର.)

- ଜମିବାଡ଼ିକୁ କେନ୍ଦ୍ର କରି ବିଭୀଷଣ ହତ୍ୟା ମାମଲା
- ଭାଇ, ଭଣଜା ନିର୍ଦ୍ଦୋଷରେ ଖଲାସ

ବୌଦ୍ଧଜିଲା ଦୌରାଜଜ୍ ବିକ୍ରମ କୁମାର ପ୍ରଧାନ ସୋମବାର ଏକ ହତ୍ୟା ମାମଲାର ବିଚାର କରି ଅଭିଯୁକ୍ତ ଦୁଇ ପୁତୁରାଙ୍କୁ ଆଜୀବନ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ଆଦେଶ ପ୍ରଦାନ କରିଥିବା ବେଳେ ଭାଇ ଓ ଭଣଜାଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି।

ମାମଲାରୁ ପ୍ରକାଶ ଯେ, ପୁରୁଣା କଟକ ଥାନା ଅନ୍ତର୍ଗତ ଜିରାଡ ଗ୍ରାମର ଆନନ୍ଦ ସ୍ୱାଇଁ ଓ ବିଭୀଷଣ ସ୍ୱାଇଁ ଦୁଇ ଭାଇ। ଜମିବାଡିକୁ କେନ୍ଦ୍ର କରି ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ଲାଗି ରହିଥିଲା। ଆନନ୍ଦଙ୍କ ଦୁଇ ପୁଅ ଅଚ୍ୟୁତ ଓ ବାବୁଲା ପ୍ରତିଶୋଧ ନେବାକୁ ସୁଯୋଗ ଖୋଜୁଥିଲେ। ଗତ ୭।୭।୧୮ରେ ବାବୁଲାର ମାମୁଁ ପୁଅ ଭାଇ ବୌଦ୍ଧ ଥାନା ସରସରା ଗ୍ରାମର ପ୍ରଫୁଲ ସ୍ୱାଇଁ ଜିରାଡ ଗ୍ରାମକୁ ଆସି ବିଭୀଷଣଙ୍କୁ ଏକ ମୋଟର ସାଇକେଲରେ ବସାଇ ବାବୁଲା ଘରକୁ ନେଇଥିଲେ । ସମସ୍ତେ ବାବୁଲା ଘରେ ମିଶି ଖାଇବା ପରେ ଝଗଡା ହୋଇଥିଲା। ଝଗଡା ସମୟରେ ବିଭୀଷଣ ପ୍ରଥମେ ଏକ ଲୁହାରେ ବାବୁଲାଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଏହାପରେ ସମସ୍ତ ଅଭିଯୁକ୍ତ ଆନନ୍ଦ ସ୍ୱାଇଁ, ପ୍ରଫୁଲ ସ୍ୱାଇଁ, ବାବୁଲା ସ୍ୱାଇଁ ଓ ଅଚ୍ୟୁତ ସ୍ୱାଇଁ ବିଭୀଷଣଙ୍କୁ ଧରି ପକାଇଥିଲେ। ଏହାର ସୁଯୋଗ ନେଇ ଅଭିଯୁକ୍ତ ଅଚ୍ୟୁତ ଏକ ଟାଙ୍ଗିଆରେ କାକା ବିଭୀଷଣଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲା। ଅନ୍ୟ ଅଭିଯୁକ୍ତମାନେ ମଧ୍ୟ ଲଙ୍ଗଳ ଲୁହାରେ ମାଡ ମାରିବା ଫଳରେ ବିଭୀଷଣ ଗୁରୁତର ହୋଇ ପଡିଥିଲେ। ଏହି ସମୟରେ ବିଭୀଷଣଙ୍କ ସ୍ତ୍ରୀ ରୁନୁ ସ୍ୱାଇଁ ଓ ଝିଅ ଲକ୍ଷ୍ମୀ ଉଦ୍ଧାର କରିବାକୁ ଆସିଥିବା ବେଳେ ଅଭିଯୁକ୍ତମାନେ ସେମାନଙ୍କୁ ମାଡ ମାରିଥିବା ଅଭିଯୋଗ ହୋଇଛି। ପରେ ପରିବାର ଲୋକ ୧୦୮ ଆମ୍ବୁଲାନ୍ସ ଯୋଗେ ଆହତ ବିଭୀଷଣଙ୍କୁ ବୌଦ୍ଧ ମେଡିକାଲ ଚିକିତ୍ସା ପାଇଁ ନେଇଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ଉକ୍ତ ଦିନ ବିଭୀଷଣଙ୍କ ସ୍ତ୍ରୀ ରୁନୁ ପୁରୁଣାକଟକ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୁରୁଣାକଟକ ଥାନା ପୋଲିସ ନଂ ୭୧/୧୮ରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହି ଘଟଣାରେ ପୋଲିସ ଅଭିଯୁକ୍ତ ପ୍ରଫୁଲ ସ୍ୱାଇଁ (୫୫), ଆନନ୍ଦ ସ୍ୱାଇଁ (୭୮) ଅଚ୍ୟୁତ ସ୍ୱାଇଁ (୩୫) ଓ ବାବୁଲା ସ୍ୱାଇଁ (୩୭)ଙ୍କୁ ଗତ ୯।୭।୨୦୧୮ରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରବର୍ତ୍ତୀ ସମୟରେ ଏହି ମାମଲା ଜିଲା ଦୌରାଜଜ୍‌ଙ୍କ ଅଦାଲତରେ (ଏସଟି ୮୫/୧୮) ରେ ବିଚାର ହୋଇଥିଲା। ସରକାରଙ୍କ ପକ୍ଷରୁ ୨୩ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ପ୍ରମାଣ ଥିବା ନେଇ ଅଦାଲତ ଅଭିଯୁକ୍ତ ଦୁଇ ପୁତୁରା ଅଚ୍ୟୁତ ସ୍ୱାଇଁ ଓ ବାବୁଲା ସ୍ୱାଇଁଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧୦ ହଜାର ଟଙ୍କା ଜରିମାନା ଆଦେଶ ପ୍ରଦାନ କରିଛନ୍ତି। ତେବେ ଭାଇ ଆନନ୍ଦ ସ୍ୱାଇଁ ଓ ଭଣଜା ପ୍ରଫୁଲ ସ୍ୱାଇଁଙ୍କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସକରିଛନ୍ତି। ସରକାରଙ୍କ ପକ୍ଷରୁ ଏହି ମାମଲାକୁ ସରକାରୀ ଓକିଲ ସବିତା କୁମାରୀ ପଣ୍ଡା ପରିଚାଳନା କରିଥିଲେ।

# ସମାଜ ସଂସ୍କାରକ ଥିଲେ ଭୀମ ଭୋଇ


ଭୀମ ଭୋଇ ଜୟନ୍ତୀରେ ଉପସ୍ଥିତ ଦର୍ଶକ।

ବିନିକା,୧୫।୫(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକାଠାରେ ଭୀମଭୋଇଙ୍କ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ଜୟନ୍ତୀ କମିଟି ସଭାପତି ସୁନ୍ଦରମଣି ମେହେରଙ୍କ ସଭାପତିତ୍ୱରେ ଏକ ସଭା ରବିବାର ଟାଉନ ହଲ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା, ମୁଖ୍ୟବକ୍ତା ପ୍ରାଧ୍ୟାପିକା ମୀନା ମହାରଣା, ସ୍ୱତନ୍ତ୍ର ଅତିଥି ସିଦ୍ଧାର୍ଥ ଜୁନିଅର କଲେଜ ଅଧକ୍ଷା ରେଖା ପ୍ରଧାନ, ସାମ୍ବାଦିକ ସଂଘ ସଭାପତି ଗୋରେଖନାଥ ସାହୁ, ସାମାଜିକ କର୍ମୀ ପ୍ରକାଶ ଅଗ୍ରୱାଲା, ଭୀମ ଭୋଇଙ୍କ ବାର୍ତ୍ତା ପ୍ରଚାରକ ରାମ ଗୋପାଳ ବାଘ ଉପସ୍ଥିତ ରହି ସନ୍ଥ କବି ଜୀବନୀ ଉପରେ ଆଲୋକପାତ କରିଥିଲେ। ସମାଜର କଲ୍ୟାଣ ପାଇଁ, ସଂସ୍କାରଧର୍ମୀ କରିବା ପାଇଁ ନିଜ ଲିଖନୀ ମାଧ୍ୟମରେ ସନ୍ଥକବି କାର୍ଯ୍ୟ କରିଥିଲେ ବୋଲି ଅତିଥିମାନେ କହିଥିଲେ। ଦୁର୍ଗାଚରଣ କଲତା ଅତିଥି ପରିଚୟ ପ୍ରଦାନ କରିଥିଲେ। ଖଲିଆପାଲି ସମାଧିପୀଠ ମଠଧୀଶ ସନ୍ୟାସୀ ଦାସ ବାବା ଘୃତାହୁତି ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ ମହିମା ଧର୍ମାବଲମ୍ବୀ ଯୋଗଦେଇଥିଲେ। ସୋମବାର ପୂର୍ବାହ୍ନରେ ପଣା ଭୋଗ କରାଯାଇଥିଲା। ସମସ୍ତ ଭଜନ ପାର୍ଟି ଓ ଭକ୍ତ ମିଶି ଜଗତ କଲ୍ୟାଣ ପାଇଁ ଏକାଠି ଜଣାଣ ଗାଇଥିଲେ। ଫୁଲମୁଠି ମହିଳା ଭଜନ ପାର୍ଟି ଓ ଚଢ଼େଇପଙ୍କ ମହିଳା ଭଜନ ପାର୍ଟି ଦର୍ଶକଙ୍କୁ ମୁଗ୍ଧ କରିଥିଲା। କାର୍ଯ୍ୟକ୍ରମକୁ ବାବା ବାସୁଦେବ ଦାସ, ଭକ୍ତବିଦୁର ବେହେରା, ବିନୋଦ ପାତ୍ର, ସରୋଜ ମେହେର, ଅଚ୍ୟୁତ ବିଭାର, କ୍ଷେତ୍ର ଭେସ୍ରା, ବିଷ୍ଣୁ ମେହେର, ବଳରାମ କୁମ୍ଭାର, ସୁନା ପାଢ଼ୀ, କିଶୁ ପାଢ଼ୀ ସହଯୋଗ କରିଥିଲେ। ମୋହନ ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ସୋମବାର ସକାଳେ ମହିମା ଧର୍ମାବଲମ୍ବୀ ଜଗତ କଲ୍ୟାଣ ପାଇଁ ଜଣାଣ ଗାଇଥିଲେ।

# ସର୍ବସାଧାରଣ ଶୌଚାଳୟରେ ନିଆଯାଉଛି ସେବା ଦେୟ

ସୋନପୁର,୧୫।୫(ନି.ପ୍ର.)

ଉଲ୍ଲଂଘନ ହେଉଛି ସରକାରଙ୍କ ନିର୍ଦ୍ଦେଶ

ଓଡିଶାର ସମସ୍ତ ସର୍ବସାଧାରଣ ଶୌଚାଳୟକୁ ରାଜ୍ୟ ସରକାର ଦେୟମୁକ୍ତ କରିଛନ୍ତି। ମାର୍ଚ୍ଚ ୧ ତାରିଖରୁ ଜନସାଧାରଣ ସର୍ବସାଧାରଣ ଶୌଚାଳୟକୁ ମାଗଣାରେ ବ୍ୟବହାର କରିପାରିବେ। ଏ ସମ୍ପର୍କରେ ସରକାରଙ୍କ ସ୍ପଷ୍ଟ ନିର୍ଦ୍ଦେଶ ରହିଛି। କିନ୍ତୁ ସୁବର୍ଣ୍ଣପୁର ସହରରେ ସରକାରଙ୍କ ନିର୍ଦ୍ଦେଶକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଛି। ବସ୍‌ଷ୍ଟାଣ୍ଡ ପରିସର ଓ ବ୍ଲକ ଛକରେ ଥିବା ସର୍ବସାଧାରଣ ଶୌଚାଳୟରେ ଲୋକଙ୍କ ନିକଟରୁ ସେବା ଦେୟ ଆଦାୟ କରାଯାଉଛି। ଶୌଚ ଓ ସ୍ନାନ ପାଇଁ ୧୦ ଟଙ୍କା ଲେଖାଏ ଏବଂ ପରିସ୍ରା ପାଇଁ ୫ ଟଙ୍କା ନିଆଯାଉଛି। ଜିଲାର ବିନିକା ଓ ତରଭା ସହରରେ ସର୍ବସାଧାରଣ ଶୌଚାଳୟ ବ୍ୟବହାର ପାଇଁ ଦେୟ ଦେବାକୁ ପଡୁ ନଥିବା ବେଳେ ଜିଲା ସଦର ମହକୁମାରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ସଚେତନତା ଅଭାବରୁ ଲୋକେ ଅଯଥାରେ ଟଙ୍କା ଦେଉଛନ୍ତି। ସୋମବାର ଧୋବାବାହାଲି ଅଞ୍ଚଳର ସୁଶାନ୍ତ କୁମାର ସାହୁ ବ୍ଲକ ଛକ ସ୍ଥିତ ଶୌଚଳୟକୁ ଯାଇଥିଲେ। ତାଙ୍କୁ ୧୦ ଟଙ୍କା ସେବା ଦେୟ ମାଗିବାରୁ ସେ ବିରୋଧ କରିଥିଲେ। ଅନ୍ୟମାନେ ସରକାରଙ୍କ ନିର୍ଦ୍ଦେଶ ଜାଣିବା ପରେ ସେବା ଦେୟ ଆଦାୟକୁ ବିରୋଧ କରିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ଏ ସମ୍ପର୍କରେ ସୁବର୍ଣ୍ଣପୁର ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ସୂର୍ଯ୍ୟାଂଶୁ ରୁଟ୍ କୁହନ୍ତି, ସୁଲଭ ନାମକ ସଂସ୍ଥାକୁ ଶୌଚାଳୟ ଦାୟିତ୍ୱ ଦିଆଯାଇଛି। ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଶୌଚାଳୟ ବ୍ୟବହାର ପାଇଁ ଲୋକଙ୍କୁ ଟଙ୍କା ଦେବାକୁ ପଡିବ ନାହିଁ। ମ୍ୟୁନିସିପାଲିଟି ଏ ବାବଦରେ ସୁଲଭ ଶୌଚାଳୟ ସଂସ୍ଥାକୁ ଅର୍ଥ ପ୍ରଦାନ କରିବ। ପରିଷଦ ବୈଠକରେ ଏ ସମ୍ପର୍କରେ ଆଲୋଚନା ହେବ। ମାତ୍ର ସୁଲଭ ସଂସ୍ଥାର କର୍ମଚାରୀ ଟଙ୍କା ଆଦାୟ କରୁଥିବା ଅଭିଯୋଗ ହେଉଥିବା ନିର୍ବାହୀ ଅଧିକାରୀ କହିଛନ୍ତି। ଶୌଚାଳୟରେ ସେବା ଦେୟ ଆଦାୟ ସମ୍ପର୍କରେ ସୁଲଭ ସଂସ୍ଥାର କର୍ମଚାରୀ ବବ୍ଲୁ ଶର୍ମାଙ୍କୁ ପଚାରିବାରୁ ଆମେ କାହାରିକୁ ଜୋର କରି ମାଗୁନୁ। ଯିଏ ଖୁସିରେ ଦେଉଛି ଆମେ ରଖୁଛୁ । ମ୍ୟୁନିସିପାଲିଟି ଏ ପର୍ଯ୍ୟନ୍ତ ଆମକୁ ଟଙ୍କା ଟିଏ ଦେଇ ନଥିବା ଶର୍ମା କହିଛନ୍ତି। ଜିଲା ପ୍ରଶାସନ ଓ ପୌର ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।



ବ୍ଲକ ଛକରେ ଥିବା ସର୍ବସାଧାରଣ ଶୌଚାଳୟ।

## ଓଲଟିଲା ଟ୍ରାକ୍ଟର, ଚାପି ହୋଇ ଚାଳକ ମୃତ

ଜୁନାଗଡ,୧୫।୫(ଡି.ଏନ.ଏ.): କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ କାନ୍ଦୁଲବନ୍ଧ ଗ୍ରାମରେ ସୋମବାର ଏକ ଅଭାବନୀୟ ଘଟଣା ସାମାନକୁଆସିଛି। ଭାରସମ୍ୟ ହରାଇ ଏକ ଟ୍ରାକ୍ଟର ଓଲଟିପଡିବାରୁ ଚାଳକ ଟ୍ରାକ୍ଟର ତଳେ ଚାପି ହୋଇ ମୃତ୍ୟୁ ବରଣ କରିଛନ୍ତି। ମୃତ ଚାଳକ ହେଲେ ଗୌଡଛେଣ୍ଡିଆ ଗାଁର ମୁରଲୀ ଲହଜଲ (୨୫)। ମିଳିଥିବା ସୂଚନା ଅନୁଯାୟୀ, ମୁରଲୀ କାନ୍ଦୁଲବନ୍ଧ ଗ୍ରାମର ଲାଲୁ ପଟ୍ଟଯୋଷୀଙ୍କ ଘରେ ଟ୍ରାକ୍ଟର ଚାଳକ ଭାବେ ନିୟୋଜିତ ଥିଲେ। ସୋମବାର ସେ ମାଳିକଙ୍କ ଅମଳ ଧାନ ଟ୍ରାକ୍ଟରରେ ନେଇ ଆସୁଥିବାବେଳେ ବାଟରେ ହିଡ ରାସ୍ତାରେ ଭାରସମ୍ୟ ହରାଇ ଟ୍ରାକ୍ଟରର (ହେଡ)ଟି ତଳକୁ ଓଲଟି ପଡିଥିଲା। ଫଳରେ ମୁରଲି ଟ୍ରାକ୍ଟର ତଳେ ଚାପି ହୋଇ ମୃତ୍ୟୁ ବରଣ କରିଥିଲେ। ଖବର ପାଇ ସ୍ଥାନୀୟ ପୋଲିସ ମୃତଦେହ ଜବତ ବ୍ୟବଚ୍ଛେଦ ପାଇଁ ଜୁନାଗଡ ଡାକ୍ତରଖାନାକୁ ନେଇଥିବା ଜଣାପଡିଛି। ମଙ୍ଗଳବାର ବ୍ୟବଚ୍ଛେଦ କରାଯିବ ବୋଲି ସୂଚନା ମିଳିଛି।

## ଇନ୍ଦ୍ରାବତୀ ବାମ କେନାଲରେ ବନ୍ଦ ହେଲା ରବି ଜଳସେଚନ

ଭବାନୀପାଟଣା,୧୫।୫(ସ୍ୱ.ପ୍ର.): କଳାହାଣ୍ଡି ଜିଲା ଇନ୍ଦ୍ରାବତୀ ବାମ କେନାଲରେ ସୋମବାରଠାରୁ ରବି ଚାଷ ପାଇଁ ଜଳସେଚନ ବନ୍ଦ କରାଯାଇଥିବା ବିଭାଗଠାରୁ ସୂଚନା ମିଳିଛି। ଗତ ଜାନୁୟାରୀ ୭ ତାରିଖରେ ରବି ଚାଷ ପାଇଁ ବାମ କେନାଲରେ ଜଳ ସେଚନ ଆରମ୍ଭ ହୋଇଥିଲା। ଏଥିରେ ୧୫୨ଟି ଗ୍ରାମର ପ୍ରାୟ ୮୬ ହଜାର ୨୮୫ ଏକର ଚାଷ ଜମିକୁ ଜଳସେଚନ କରାଯାଇଥିଲା। ସେହିପରି ବୃହତ୍ତ ଉଠାଜଳସେଚନ ପ୍ରକଳ୍ପ ମାଧ୍ୟମରେ ୫୧ଟି ଗ୍ରାମର ୩୨ହଜାର ୪୯୫ ଏକର ଜମିକୁ ଜଳସେଚନ କରାଯାଉଥିଲା। ଏଭଳି ମୋଟ ବାମ କେନାଲ ଓ ବୃହତ୍ତ ଉଠାଜଳସେଚନ ପ୍ରକଳ୍ପ ମାଧ୍ୟମରେ ୨୦୩ଟି ଗ୍ରାମର ପ୍ରାୟ ୧ଲକ୍ଷ ୧୮ହଜାର ୭୮୦ ଏକର ଚାଷ ଜମିକୁ ଜଳସେଚନ କରାଯାଉଥିଲା। ବର୍ତ୍ତମାନ ଧାନ ପାକଳ ଅବସ୍ଥାକୁ ଆସୁଥିବାରୁ ଜଳ ସେଚନର ଆବଶ୍ୟକତା ନ ଥିବା ମନେକରି ସୋମବାର ସନ୍ଧ୍ୟାରେ ମଙ୍ଗଳପୁର ବ୍ୟାରେଜରୁ ବାମ କେନାଲ ଯାଇଥିବା ଫାଟକକୁ ବନ୍ଦ କରାଯାଇଥିବା ଜଣାପଡିଛି।

# ସୁବର୍ଣ୍ଣପୁର ଜିଲା ଫୁଟବଲ ଲିଗ୍ ପାଇଁ ପ୍ରସ୍ତୁତି

ସୋନପୁର,୧୫।୫(ନି.ପ୍ର.)

ସୁବର୍ଣ୍ଣପୁର ଜିଲା କ୍ରୀଡା ସଂଘ ପକ୍ଷରୁ ସୁବର୍ଣ୍ଣପୁର ଜିଲା ଫୁଟବଲ ଲିଗ୍ ଅନୁଷ୍ଠିତ ହେବ। ତୃଣମୂଳସ୍ତରରୁ ଭଲ ଫୁଟବଲ ଖେଳାଳି ବାହାର କରିବା ଏହି ଲିଗ୍ ଆୟୋଜନର ଲକ୍ଷ୍ୟ। ଏଥିପାଇଁ କ୍ରୀଡା ସଂଘ କାର୍ଯ୍ୟାଳୟରେ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲା କ୍ରୀଡା ସଂଘର ସମ୍ପାଦକ ପିୟୁଷ କୁମାର ପଣ୍ଡା ଅଧକ୍ଷତା କରିଥିଲେ। ଜିଲାର ସମସ୍ତ ୬ଟି ବ୍ଲକକୁ ୬ଟି ଜୋନରେ ବିଭକ୍ତ କରି ପ୍ରତି ଜୋନରେ ଫୁଟବଲ ମ୍ୟାଚ୍ ଅନୁଷ୍ଠିତ ହେବ। ଫୁଟବଲ ଲିଗ୍ ଜୁଲାଇ ପ୍ରଥମ ସପ୍ତାହରେ ଆୟୋଜନ ହେବ। ସୋନପୁର ସହର ଓ ସମସ୍ତ ୬ ଗୋଟି ବ୍ଲକରୁ ଫୁଟବଲ ଦଳର ମ୍ୟାନେଜର, କୋଚ ଓ କ୍ୟାପଟେନ୍ ଏହି ବୈଠକରେ ଉପସ୍ଥିତ ଥିଲେ। ବୈଠକରେ ଚିତ୍ତରଞ୍ଜନ ତରାସିଆ, ଫୁଟବଲ ସମ୍ପାଦକ ରାଜୀବ କୁମାର ସାହୁ, ଆଦିତ୍ୟ କିଶୋର ଦାନୀ, ପୁରୁଷୋତ୍ତମ ପାଣିଗ୍ରାହୀ, ବଳରାମ ପଟ୍ଟନାୟକ, ସୁବାସ ବିଶ୍ୱାଳ, ଜିତେନ୍ଦ୍ର ସାହୁ, ଗୌରିଶ୍ୟାମ ପଣ୍ଡା, କଳାକାହ୍ନୁ ବାଘ, ଦିଗାମ୍ବର ଶତପଥୀ, ସତ୍ୟନାରାୟଣ ରାଓ, କମଳାକାନ୍ତ ସାହୁ, ପିଣ୍ଟୁ ପଣ୍ଡା, କଲିମ ମହମ୍ମଦ, ଚନ୍ଦନ ବେହେରା, ଲିପୁନ ପଧାନ, ସୁରୋଟି ଦୀପ, ସନତ ହୋତା, କିରଣ ନାଏକ, ରାଜେଶ ଥନାପତି, ଗୁରୁ ଦଳେଇ ଓ ଜିଲା କ୍ରୀଡା ସଂଘର ସମସ୍ତ ସଦସ୍ୟ ବୃନ୍ଦ ଉପସ୍ଥିତ ଥିଲେ।


ବୈଠକରେ ଉପସ୍ଥିତ ଜିଲା କ୍ରୀଡା ସଂଘର କର୍ମକର୍ତ୍ତା।

# ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

ଅମରପାଲି,୧୫।୫(ଡି.ଏନ୍.ଏ.)

- ୫୯ ଅଭିଯୋଗର ଦରଖାସ୍ତ ଗ୍ରହଣ
- ମିଳୁନି ସୂଚନା, କମୁଛି ଅଭିଯୋଗ ସଂଖ୍ୟା

ସୁବର୍ଣ୍ଣପୁର ଜିଲା ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ବୀରମହାରାଜପୁର ବ୍ଲକ ସଭାଗୃହରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ ଓ ଆରକ୍ଷୀ ଅଧିକ୍ଷକ ଅମରେଶ ପଣ୍ଡା ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୫୯ ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ସେଥିରୁ ୪୪ଟି ବ୍ୟକ୍ତିଗତ ଦରଖାସ୍ତ ଓ ୧୫ ଟି ସାମୂହିକ ଦରଖାସ୍ତ ଗ୍ରହଣ କରାଯାଇଛି। ଆପତ୍ତି ଅଭିଯୋଗ ଦରଖାସ୍ତକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ତୁରନ୍ତ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ କୁହାଯାଇଛି। ବୀରମହାରାଜପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ମୋତିଲାଲ ସୁଲିଆଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲାପରିଷଦ ନିହାର ରଞ୍ଜନ କହଁର, ବୀରମହାରାଜପୁର ଉପଜିଲାପାଳ ଅଶୋକ କୁମାର ଭୋଇ, ସ୍ଥାନୀୟ ତହସିଲଦାର ବିବୁଧ ଗଡନାୟକ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ବିଶ୍ୱରଞ୍ଜନ ପତି, ଅଧୀକ୍ଷଣ ଯନ୍ତ୍ରୀ ପିଡବ୍ଲୁଡି ଇଂ. ଦାମୋଦର କୈବର୍ତ୍ତ, ଡିଇଓ ଲକ୍ଷ୍ମଣ ଭୋଇ, ସିଏସଓ ସୁରେଶ ପାଣିଗ୍ରାହୀ, ଡିଏସ୍‌ଏସଓ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ, ସମସ୍ତ ଜିଲା ସ୍ତରୀୟ ଅଧିକାରୀ, ବୀରମହାରାଜପୁର ବ୍ଲକ ଅଧକ୍ଷା ଶାନ୍ତି ଲୁହା, ଉପାଧକ୍ଷ ନାରାୟଣ ଲୁହା, ବ୍ଲକସ୍ତରୀୟ କର୍ମଚାରୀ ଯୋଗଦାନ କରିଥିଲେ। ଉପଯୁକ୍ତ ପ୍ରଚାର ପ୍ରସାର ସହିତ ଉପାନ୍ତର ଅଞ୍ଚଳର ଲୋକଙ୍କୁ ସୂଚନା ମିଳିପାରୁ ନ ଥିବାରୁ କେବେ ଅଭିଯୋଗ ଶୁଣାଣି ଶିବିର ହେଉଛି ଲୋକେ ଜାଣି ପାରୁ ନାହାନ୍ତି। ଫଳରେ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ ସଂଖ୍ୟା ଆଶାଜନକ ହୋଇ ପାରୁନାହିଁ। ଗତ ଫେବୃୟାରୀ ୧୩ରେ ବୀରମହାରାଜପୁର ବ୍ଲକରେ ହୋଇଥିବା ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ମାତ୍ର ୪୪ ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେହିପରି ମାର୍ଚ୍ଚ ୨୭ରେ ୫୦ଅଭିଯୋଗ ପଞ୍ଜିକୃତ ହୋଇଥିଲା। ମେ ୧୫ରେ ୫୯ଟି ଅଭିଯୋଗ ପଞ୍ଜିକୃତ ହୋଇଛି। ଉପାନ୍ତ ଅଞ୍ଚଳର ଅସହାୟ ଲୋକେ ବ୍ଲକ କାର୍ଯ୍ୟାଳୟକୁ ଦୂରତା ଯୋଗୁଁ ଅଭିଯୋଗ କରିବାକୁ ଆସି ପାରୁ ନ ଥିବା ବେଳେ ଅଭିଯୋଗ କରିବାକୁ ଆଗ୍ରହୀମାନେ ସୂଚନା ନ ପାଇ ଶିବିରକୁ ଆସି ପାରୁ ନାହାନ୍ତି। ସମସ୍ତ ଗ୍ରାମର ଲୋକଙ୍କୁ ଶିବିର ବିଷୟରେ ସୂଚନା ଦେବାକୁ କୁହାଯାଉଥିବାବେଳେ ଅଧିକାରୀ କିମ୍ବା ପ୍ରତିନିଧି ଲୋକଙ୍କୁ ସୂଚନା ଦେଉ ନାହାନ୍ତି। ତେଣୁ ଅଭିଯୋଗ ସଂଖ୍ୟା କମିବାରେ ଲାଗୁଛି। ତେଣୁ ଶିବିର ହେବା ପୂର୍ବରୁ ଲୋକଙ୍କୁ ସୂଚନା ଦେବାକୁ ସାଧାରଣରେ ଅଭିଯୋଗ ହେଉଛି।


ଶିବିରରେ ଜନ ଅଭିଯୋଗର ଶୁଣାଣି କରାଯାଉଛି।

## ସଂକ୍ଷେପରେ

### ଇନ୍ଦ୍ରାବତୀ ବାମ କେନାଲରେ ବନ୍ଦ ହେଲା ରବି ଜଳସେଚନ



**ଭବାନୀପାଟଣା,୧୫।୫(ସ୍ୱ.ପ୍ର.):** କଳାହାଣ୍ଡି ଜିଲା ଇନ୍ଦ୍ରାବତୀ ବାମ କେନାଲରେ ସୋମବାରଠାରୁ ରବି ଚାଷ ପାଇଁ ଜଳସେଚନ ବନ୍ଦ କରାଯାଇଥିବା ବିଭାଗଠାରୁ ସୂଚନା ମିଳିଛି। ଗତ ଜାନୁୟାରୀ ୭ ତାରିଖରେ ରବି ଚାଷ ପାଇଁ ବାମ କେନାଲରେ ଜଳ ସେଚନ ଆରମ୍ଭ ହୋଇଥିଲା। ଏଥିରେ ୧୫୨ଟି ଗ୍ରାମର ପ୍ରାୟ ୮୬ ହଜାର ୨୮୫ ଏକର ଚାଷ ଜମିକୁ ଜଳସେଚନ କରାଯାଇଥିଲା। ସେହିପରି ବୃହତ୍ତ ଉଠାଜଳସେଚନ ପ୍ରକଳ୍ପ ମାଧ୍ୟମରେ ୫୧ଟି ଗ୍ରାମର ୩୨ହଜାର ୪୯୫ ଏକର ଜମିକୁ ଜଳସେଚନ କରାଯାଉଥିଲା। ଏଭଳି ମୋଟ ବାମ କେନାଲ ଓ ବୃହତ୍ତ ଉଠାଜଳସେଚନ ପ୍ରକଳ୍ପ ମାଧ୍ୟମରେ ୨୦୩ଟି ଗ୍ରାମର ପ୍ରାୟ ୧ଲକ୍ଷ ୧୮ହଜାର ୭୮୦ ଏକର ଚାଷ ଜମିକୁ ଜଳସେଚନ କରାଯାଉଥିଲା। ବର୍ତ୍ତମାନ ଧାନ ପାକଳ ଅବସ୍ଥାକୁ ଆସୁଥିବାରୁ ଜଳ ସେଚନର ଆବଶ୍ୟକତା ନ ଥିବା ମନେକରି ସୋମବାର ସନ୍ଧ୍ୟାରେ ମଙ୍ଗଳପୁର ବ୍ୟାରେଜରୁ ବାମ କେନାଲ ଯାଇଥିବା ଫାଟକକୁ ବନ୍ଦ କରାଯାଇଥିବା ଜଣାପଡିଛି।

### ଓଲଟିଲା ଟ୍ରାକ୍ଟର, ଚାପି ହୋଇ ଚାଳକ ମୃତ

**ଜୁନାଗଡ,୧୫।୫(ଡି.ଏନ.ଏ.):** କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ କାନ୍ଧୁଲବନ୍ଧ ଗ୍ରାମରେ ସୋମବାର ଏକ ଅଭାବନୀୟ ଘଟଣା ସାମାନକୁ ଆସିଛି। ଭାରସମ୍ୟ ହରାଇ ଏକ ଟ୍ରାକ୍ଟର ଓଲଟି ପଡିବାରୁ ଚାଳକ ଟ୍ରାକ୍ଟର ତଳେ ଚାପି ହୋଇ ମୃତ୍ୟୁ ବରଣ କରିଛନ୍ତି। ମୃତ ଚାଳକ ହେଲେ ଗୌଡଛେଣ୍ଡିଆ ଗାଁର ମୁରଲୀ ଲହଜଲ (୨୫)। ମିଳିଥିବା ସୂଚନା ଅନୁଯାୟୀ, ମୁରଲୀ କାନ୍ଧୁଲବନ୍ଧ ଗ୍ରାମର ଲାଲୁ ପଟ୍ଟଯୋଷୀଙ୍କ ଘରେ ଟ୍ରାକ୍ଟର ଚାଳକ ଭାବେ ନିୟୋଜିତ ଥିଲେ। ସୋମବାର ସେ ମାଲିକଙ୍କ ଅମଳ ଧାନ ଟ୍ରାକ୍ଟରରେ ନେଇ ଆସୁଥିବାବେଳେ ବାଟରେ ହିଡ ରାସ୍ତାରେ ଭାରସମ୍ୟ ହରାଇ ଟ୍ରାକ୍ଟରର (ହେଡ)ଟି ତଳକୁ ଓଲଟି ପଡିଥିଲା। ଫଳରେ ମୁରଲି ଟ୍ରାକ୍ଟର ତଳେ ଚାପି ହୋଇ ମୃତ୍ୟୁ ବରଣ କରିଥିଲେ। ଖବର ପାଇ ସ୍ଥାନୀୟ ପୋଲିସ ମୃତଦେହ ଜବତ ବ୍ୟବଚ୍ଛେଦ ପାଇଁ ଜୁନାଗଡ ଡାକ୍ତରଖାନାକୁ ନେଇଛି। ମଙ୍ଗଳବାର ବ୍ୟବଚ୍ଛେଦ କରାଯିବ ବୋଲି ସୂଚନା ମିଳିଛି।

### ମଶାଲ ଯାତ୍ରା ନେଇ ପ୍ରସ୍ତୁତି ବୈଠକ

**ଖଡ଼ିଆଳ,୧୫।୫(ଡି.ଏନ୍.ଏ.):** ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ନେହେନା ଗ୍ରାମ କ୍ଷତ୍ରିୟ ଅଞ୍ଚଳ ଖମାରୀପଡ଼ାରେ ମଶାଲ ଯାତ୍ରା ପ୍ରସ୍ତୁତି ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଖଡ଼ିଆଳ ପାଟଣା କ୍ଷତ୍ରିୟ ସମାଜର କୁଳପତି ଶମ୍ଭୁ କିଶୋର ଦଣ୍ଡସେନା ଅଧକ୍ଷତା କରିଥିଲେ। ମେ ୨୭ରେ କ୍ଷତ୍ରିୟ ସମାଜର ସ୍ୱନକ୍ଷେତ୍ର ଦିବସ ଓ ୫୦ ବର୍ଷ ପୂରଣ ହେଉଥିବାରୁ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ କରାଯିବ। ଏହି ଅବସରରେ ମଶାଲ ଯାତ୍ରାକୁ କିପରି ଭବ୍ୟ କରାଯିବ ଓ କ୍ଷତ୍ରିୟ ଯୁବକ କିପରି ନିଜ କଳା ପ୍ରଦର୍ଶନ କରିବେ ତାହା ଉପରେ ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ବରିଷ୍ଠ ପରାମର୍ଶଦାତା ବିଦ୍ୟାଧର ବିଶି, ଖରତ ଚନ୍ଦ୍ର ବାରିକ, ରମଣ ସିଂ ବାରିକ, ନେହେନା ଅଞ୍ଚଳ ସଭାପତି ଅନିଲ କୁମାର ଦଣ୍ଡସେନା, ସମ୍ପାଦକ ଦେବକୁମାର ସିଂ ଦଣ୍ଡସେନା, ଅଶୋକ କୁମାର ଦଣ୍ଡସେନା, ବିରେନ୍ଦ୍ର ସିଂ ଦଣ୍ଡସେନା, ଖଡ଼ିଆଳ ଅଞ୍ଚଳ ସମ୍ପାଦକ ରତନ ସିଂ ବାରିକ ସମେତ ନେହେନା କ୍ଷତ୍ରିୟ ଅଞ୍ଚଳ ଛନ୍ଦା ଚରଣ ଦଣ୍ଡସେନା, କୃଷ୍ଣ ଦଣ୍ଡସେନା, ଦେବସିଂ ରାଉତରାୟ, ବିଶ୍ୱବନ୍ଧୁ ଦଣ୍ଡସେନା, ଯୁଗଲ ଦଣ୍ଡସେନା, ଅମର ସିଂ ରାଉତରାୟଙ୍କ ସମେତ ଶତାଧିକ କ୍ଷତ୍ରିୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ବିଶ୍ୱରଂଜନ ସିଂ ଦଣ୍ଡସେନା ମଞ୍ଚ ଆବାହନ କରିଥିବା ବେଳେ ସଙ୍ଗଠକ ପରମେଶ୍ୱର ବାରିକ ଧନ୍ୟବାଦ ଦେଇଥିଲେ।

# ଏନ୍ଏଚ୍ ୨୬ରେ ରହିଛି ୪ଟି ବ୍ଲାକ ସ୍ପଟ୍

**ଭବାନୀପାଟଣା,୧୫।୫(ସ୍ୱ.ପ୍ର.)**

### ଜିଲା ସଡ଼କ ସୁରକ୍ଷା କମିଟିର ବୈଠକ

■ ଏପ୍ରିଲରେ ୧୭୫ଜଣଙ୍କ ଲାଇସେନ୍ସ ବାତିଲ



ବୈଠକରେ ସଡ଼କ ସୁରକ୍ଷା ଉପରେ ଆଲୋଚନା କରାଯାଉଛି।

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସୋମବାର ଜିଲା ସଡ଼କ ସୁରକ୍ଷା କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଭବାନୀପାଟଣା ଉପଜିଲାପାଳ ଡ଼. ବିଶ୍ୱଜିତ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଏନଏଚ ବିଭାଗ ନିର୍ବାହ ଯନ୍ତ୍ରୀ ଅମିତ ଟୁଡୁ ଏଜେଣ୍ଡା ଅନୁଯାଇ ବ୍ଲାକ ସ୍ପଟ୍, ରାସ୍ତା ଅବରୋଧ, ରାସ୍ତା ମରାମତି, ଚଢ଼ାଉ, ଅବକାରୀ, ଜରୁରୀକାଳୀନ ଯତ୍ନ, ସଚେତନତା ଉପରେ ନିଆଯାଇଥିବା ପଦକ୍ଷେପ ଓ ଗତ ୯।୧।୨୦୨୩ ରିଖରେ ଅନୁଷ୍ଠିତ ବୈଠକର ବିଭିନ୍ନ ପଦକ୍ଷେପ ଉପରେ ଗୃହରେ ସୂଚନା ଦେଇଥିଲେ। ବର୍ତ୍ତମାନ ଜିଲା ଦେଇ ଯାଇଥିବା ୨୬ନଂ. ଜାତୟ ରାଜପଥରେ କନ୍ତେସିରରୁ ତହସିର, ଉକ୍ଳେଲା ବଙ୍ଗଳା ଛକ, ଚାଙ୍ଗେରରୁ କୋକୋମୁଣ୍ଡା, ଜୁନାଗଡ଼ ହାତୀବ୍ରିଜରୁ ବଳଦିଆମାଲ ଏଭଳି ୪ଟି ବ୍ଲାକ ସ୍ପଟ୍ ରହିଛି। ଯେଉଁ ରାସ୍ତାରେ ରାସ୍ତା ନିରାପତ୍ତା ସାଇନ୍ ବୋର୍ଡ, ସତର୍କତା ବାର୍ତ୍ତା, ଗତି ସୀମା ବୋର୍ଡ, ରମ୍ବଲରସ୍ ନାହିଁ ତାହା ଲଗାଇବାକୁ ଶୀଘ୍ର ପଦକ୍ଷେପ ନେବାକୁ ଏନ୍ଏଚ, ଆରଡିଓ ଆର୍‌ବି ନିର୍ବାହୀ ଯନ୍ତ୍ରୀଙ୍କୁ ଉପଜିଲାପାଳ କହିଥିଲେ। ସେଭଳି ଆରଡି ଓ ପିଡବ୍ଲୁଡି ରାସ୍ତା ଅନେକ ଜାଗାରେ ମରାମତି ଆବଶ୍ୟକ ଅଛି। ଏଥିପାଇଁ ଦୁର୍ଘଟଣା ଘଟୁଛି। ଏହି ରାସ୍ତାର ଶୀଘ୍ର ଚିହ୍ନଟ କରିବାକୁ କହିଥିଲେ। ଗତ ଏପ୍ରିଲରେ ଜିଲାରେ ଆର୍‌ଟିଓ ଓ ପୋଲିସ ବିଭାଗ ଦ୍ୱାରା ଦ୍ରୁତଗାଡ଼ି ଚାଳନା, ବିନା ହେଲମେଟ ଓ ସିଟ୍ ବେଲ୍ଟ, ମଦ୍ୟପାନ ସହ ଗାଡ଼ି ଚାଳନା, ମୋବାଇଲରେ କଥା ହୋଇ ଗାଡ଼ି ଚାଳନା, ଅଧିକ ଓଜନ, ସିଗ୍ନାଲ ଜମ୍ପିଂ ଭଳି ଅପରାଧ ପାଇଁ ୧୭୫ଜଣଙ୍କ ଲାଇସେନ୍ସ ବାତିଲ କରାଯାଇଛି। ବିଶେଷତ ଆର୍‌ଟିଓ ବିଭାଗ ଦ୍ୱରା ଗତି ସୀମା ଉଲଂଘନରେ ଏପ୍ରିଲ ମାସରେ ୮୯ ଜଣଙ୍କ ଡ୍ରାଇଭିଂ ଲାଇସେନ୍ସ ବାତିଲ କରାଯାଇଛି। ବୈଠକରେ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

# ଅର୍ଥ ଆତ୍ମସାତ ଅଭିଯୋଗରେ କାର୍ଯ୍ୟନିର୍ବାହୀ ଅଧିକାରୀ କୋର୍ଟ ଚାଲାଣ

**ଲହୁଣୀପଡ଼ା, ୧୫।୫(ଡି.ଏନ.ଏ)**

ପଞ୍ଚାୟତର ଅର୍ଥ ଆତ୍ମସାତ କରି ଜଣେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିବା ଜଣାପଡିଛି। ପ୍ରକାଶ ଯେ, କେ.ବଲାଙ୍ଗ ଥାନା ଅନ୍ତର୍ଗତ କେ.ବଲାଙ୍ଗ ଗ୍ରାମ ପଞ୍ଚାୟତରେ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ରଞ୍ଜନ କୁମାର ପାତ୍ର ଦାୟିତ୍ୱ ତୁଲାଇ ଆସୁଛନ୍ତି। କିନ୍ତୁ ଗତ ଡିସେମ୍ବରରେ ପଞ୍ଚାୟତର କୌଣସି କାର୍ଯ୍ୟକ୍ରମ ପାଇଁ ପଞ୍ଚାୟତ ଚେକରେ ୨୦ ହଜାର ଟଙ୍କା ଉଠାଇବା ନିମନ୍ତେ ସରପଞ୍ଚ ସୁପ୍ରିୟା ମୁଣ୍ଡାଙ୍କ ଠାରୁ ଦସ୍ତଖତ କରାଇବା ସମୟରେ ସରପଞ୍ଚ ମୁଣ୍ଡା କହିଥିଲେ ଯେ ଚେକରେ କେବଳ ୨୦ ହଜାର ଟଙ୍କା ବୋଲି ସଂଖ୍ୟାରେ ଲେଖିଛନ୍ତି। ଅକ୍ଷରରେ ଲେଖି ନାହାନ୍ତି କାହିଁକି ବୋଲି ପ୍ରଶ୍ନ କରିବାରୁ ପିଇଓ କହିଥିଲେ ବ୍ୟସ୍ତତାରେ ଲେଖିପାରି ନାହିଁ। ଅକ୍ଷରରେ ପରେ ଲେଖିଦେବି। କିନ୍ତୁ ଅକ୍ଷରରେ ଲେଖିବା ବଦଳରେ ୨୦ ହଜାର ଟଙ୍କାର ଚେକରେ ଅଧିକ ଶୁନ ଲେଖି ଦୁଇ ଲକ୍ଷ ଟଙ୍କା ଉଠାଇ ଅର୍ଥ ଆତ୍ମସାତ କରିଛନ୍ତି। ପିଇଓ ରଞ୍ଜନ କୁମାର ପାତ୍ର ଚଞ୍ଚକତା କରି ୨୦ ହଜାର ଟଙ୍କା ବଦଳରେ ୨ଲକ୍ଷ ଟଙ୍କା ଆତ୍ମସାତ କରିଥିବା ଜାଣିବା ପରେ ସରପଞ୍ଚ ସେ ସମ୍ପର୍କରେ କେ.ବଲାଙ୍ଗ ଥାନାରେ ଲିଖିତ ଅଭିଯୋଗ କରିବା ସହିତ କୋଇଡା ବିଡ଼ିଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଫଳରେ କେ.ବଲାଙ୍ଗ ଥାନାରେ ସମସ୍ତଙ୍କ ଉପସ୍ଥିତିରେ ଉକ୍ତ ଏକଲକ୍ଷ ୮୦ ହଜାର ଟଙ୍କାକୁ ଭରଣ ଦେବା ପାଇଁ ସ୍ୱୀକାର କରିଥିଲେ। କେ ବଲାଙ୍ଗ ପିଇଓ ରଞ୍ଜନ କୁମାର ପାତ୍ରଙ୍କର ଅର୍ଥ ଆତ୍ମସାତ କରିବା ଘଟଣା ପ୍ରଚାରିତ ହେବା ପରେ ଗତ ଡିସେମ୍ବର ମାସ ୧୫ ତାରିଖ କେ ବଲାଙ୍ଗ ପଞ୍ଚାୟତବାସୀଙ୍କ ତରଫରୁ ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲେ। କିନ୍ତୁ ଏହି ସବୁକାର୍ଯ୍ୟ କଳାପ ପରେ ପିଇଓ ରଞ୍ଜନ କୁମାର ପାତ୍ର ପଞ୍ଚାୟତର ବିଭିନ୍ନ ପ୍ରକାର ପାସବୁକ ଆବଶ୍ୟକ ଫାଇଲପତ୍ର ସରପଞ୍ଚଙ୍କୁ ନ ଦେଇ ନିଜ ଅକ୍ତିଆରରେ ରଖି ମନମୁଖୀ କାର୍ଯ୍ୟକଳାପ ଚଳାଇଥିଲେ। ଯଦ୍ୱାରା କିପଞ୍ଚାୟତର ଉନ୍ନୟନ କାର୍ଯ୍ୟରେ ପ୍ରତିବନ୍ଧକ ଦେଖାଦେଇଥିଲା। କେ.ବଲାଙ୍ଗ ପୋଲିସ ତଦନ୍ତ ଜାରି ରଖିଥିଲେ ମଧ୍ୟ ବେନିୟମ ଭାବେ ପଞ୍ଚାୟତର ଅର୍ଥ ଆତ୍ମସାତ କରିଥିବା ଅଭିଯୋଗରେ ସୋମବାର ପିଇଓ ରଞ୍ଜନ କୁମାର ପାତ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି।

# ଶିଳ୍ପାଞ୍ଚଳ ଶ୍ରମିକ ସଭାର ବିକ୍ଷୋଭ ପ୍ରଦର୍ଶନ



ରାଉରକେଲା ଇଏସ୍ଆଇସି ମଡେଲ ହସ୍ପିଟାଲ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ରାଉରକେଲା ଅଫିସ,୧୫।୫**

ସୁନ୍ଦରଗଡ ଜିଲା ଶିଳ୍ପାଞ୍ଚଳ ଶ୍ରମିକ ସଭା ପକ୍ଷରୁ ରାଉରକେଲା ଇଏସ୍ଆଇସି ମଡେଲ ହସ୍ପିଟାଲ ସମ୍ମୁଖରେ ସୋମବାର ବିକ୍ଷୋଭ ପ୍ରଦର୍ଶନ ସହ ଧାରଣା ଦିଆଯାଇଛି। ଏଥିରେ ଗତ ଏପ୍ରିଲ ୨୮ରେ ଇଏସ୍ଆଇସି ମୁଖ୍ୟ କାର୍ଯ୍ୟାଳୟ ଦିଲ୍ଲୀର ଉପଚିକିତ୍ସା ଆୟୁକ୍ତ ଡାକ୍ତର ରେଶମା ଶର୍ମାଙ୍କ ନିର୍ଦ୍ଦେଶନାମାକୁ ବିରୋଧ କରାଯାଇଥିଲା। କାର୍ଯ୍ୟକ୍ରମରେ ସୁନ୍ଦରଗଡ ଜିଲା ଶ୍ରମିକ ସଭାର ସାଧାରଣ ସମ୍ପାଦକ ଦିଗମ୍ବର ମହାନ୍ତି, ଓଡିଶା ମେଡିକାଲ କର୍ମଚାରୀ ସଂଘ ଉପଦେଷ୍ଟା ଦେବେନ୍ଦ୍ର ନାଥ ଆଚାର୍ଯ୍ୟ, ସୁବାଷ ପାଣିଗ୍ରାହୀ, ମହେଶ୍ୱର ମହାପାତ୍ର, ଆଦିତ୍ୟ ମହାପାତ୍ର, ଆଦିତ୍ୟ ସାମଲ, ନଟବର ପାତ୍ର, ପ୍ରଶାନ୍ତ ବିଶୋଇ, ଅମିତାଭ ଦାସ, ଜିତେନ୍ଦ୍ର ମଲ୍ଲିକ, ରବୀନ୍ଦ୍ର ଭୂୟାଁ, ରାଜୁ ବିଭାର, ବିଜୟ ମହାନ୍ତି, ହରି ନାରାୟଣ ଶାହା ପ୍ରମୁଖ ଉପସ୍ଥିତ ଥିଲେ।

# ନବନିର୍ମିତ ଯଜ୍ଞ ମଣ୍ଡପ ଉଦ୍‌ଘାଟିତ

**ନୂଆପଡ଼ା ଅଫିସ,୧୫।୫**

ନୂଆପଡ଼ା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ଜାମଗାଁରେ ନବ ନିର୍ମିତ ଯଜ୍ଞମଣ୍ଡପ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଜିଲା ବିଜେଡି ସାଧାରଣ ସମ୍ପାଦକ ଲମ୍ବୋଦର ନିଆଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ମଣ୍ଡପ ଉଦ୍‌ଘାଟନ କରିଥିଲେ। ଚାରିଗଡ଼ ଯାଦବ ମହାସଂଘ ସମ୍ପାଦକ ହଳଧର ଯାଦବ, ପର୍ଶୁରାମ କଟା, ଜଗତ ରାମ କଟା, ଜୟବ୍ରତ କାଣ୍ଡ, ଘନଶ୍ୟାମ ନିଆଲ, ଗିରିଧାରି ବାଗ, ଶତ୍ରୁଜିତ କଟା, ଭିକାରୀ କଟା, ଦୁଲ୍ଲଭ କଟା, ଲୋକେଶ୍ୱର ନାଗ, ପିତାମ୍ବର ନାଗ, ଦେବରାଜ କଟା, ନାଥୁରାମ କଟା ଓ କୁମୁଦ କଟା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ରାଜାରାମ କଟା ଓ ତାଙ୍କ ଧର୍ମପତ୍ନୀ ଯାଜ୍ଞସିନୀ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ବସନ୍ତ ପତି ଓ ଦାମୋଦର ହୋତା ପୂଜକଭାବେ କାର୍ଯ୍ୟ ସମ୍ପାଦନା କରିଥିଲେ।

# ବକେୟା ପ୍ରାପ୍ୟ ନେଇ ଆନ୍ଦୋଳନ ଚେତାବନୀ




ରିଟେଲର୍ସ ଆସୋସିଏଶନ ପକ୍ଷରୁ ସୂଚନା ପ୍ରଦାନ କରାଯାଉଛି।

**ରାଉରକେଲା ଅଫିସ,୧୫।୫**

ରାଉରକେଲା ସରକାରୀ ରିଟେଲର୍ସ ଆସୋସିଏଶନ ପକ୍ଷରୁ ବକେୟା ପ୍ରାପ୍ୟକୁ ନେଇ ସୋମବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ବକେୟା ପାରିଶ୍ରମିକ, ଇ-ପିଓଏସ୍ ମେଶିନ ବ୍ୟବହାର ଖର୍ଚ୍ଚ, ମଧ୍ୟାହ୍ନ ଭୋଜନ ବାବଦ ପାରିଶ୍ରମିକ, ବକେୟା ଅଖା ମୂଲ୍ୟ ପ୍ରଦାନ, ମୃତ୍ୟୁବରଣ କରୁଥିବା ଖୁଚୁରା ବିକ୍ରେତାଙ୍କ ପରିବାରକୁ ପୁନଃ ନିଯୁକ୍ତି, ପଶ୍ଚିମବଙ୍ଗ ରାଜ୍ୟ ପରି ପ୍ରତ୍ୟେକ ୩ ବର୍ଷରେ ସନନ୍ଦ ନବୀକରଣ ଆଦି ପ୍ରଦାନ ଦାବି କରାଯାଇଥିଲା। ସରକାର ଜୁନ ପ୍ରଥମ ସପ୍ତାହରେ ଉକ୍ତ ଦାବି ଉପରେ କୌଣସି ପଦକ୍ଷେପ ଗ୍ରହଣ ନ କଲେ ରିଟେଲର୍ସ ଆସୋସିଏଶନ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସଭାପତି ରିତ କୁମାର ନାୟକ ଓ ସମ୍ପାଦକ ଦଣ୍ଡହରି ସାମଲ ସୂଚନା ଦେଇଛନ୍ତି।

# ରପ୍ତାନି ବୃଦ୍ଧି ପାଇଁ ଆଲୋଚନା

### ଫିଟିଗ ଓଡ଼ିଶାର ଖବରଦାତା ସମ୍ମିଳନୀ

**ରାଉରକେଲା ଅଫିସ,୧୫।୫**



ଖବରଦାତା ସମ୍ମିଳନୀରେ ମଞ୍ଚାସୀନ ଅତିଥିଗଣ।

ଫେଡେରେଶନ ଅଫ୍ ଇଣ୍ଟରନ୍ୟାଶନାଲ ଟ୍ରେଡ୍ ଇନଭେଷ୍ଟର୍ସ ଗୁଣୋଦୟ ଆସୋସିଏଶନ (ଫିଟିଗ) ଓଡ଼ିଶା ପକ୍ଷରୁ ରାଉରକେଲାର ଏକ ଘରୋଇ ହୋଟେଲରେ ସୋମବାର ସନ୍ଧ୍ୟାରେ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଫିଟିଗର ଅଧ୍ୟକ୍ଷ ତଥା ପୂର୍ବତନ ଆର୍‌ଏସ୍‌ପି ଡ଼ିଜିଏମ ବ୍ରହ୍ମା ମିଶ୍ର, ସଭାପତି ଅମିତାଭ ସାମଲ, ରାଉରକେଲା ଚ୍ୟାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜ୍‌ର ସଭାପତି ସୁବ୍ରତ ପଟ୍ଟନାୟକ, ବରିଷ୍ଠ ଖବରଦାତା ସତ୍ୟାନନ୍ଦ ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। ସମ୍ମିଳନୀରେ ଜିଏସ୍‌ଟି, ଆୟକରରେ ତୃଣମୂଳସ୍ତରରେ ଥିବା ସମସ୍ୟା ଓ ଏହାର ଦୂରୀକରଣ, ସ୍ଥାନୀୟ ଉତ୍ପାଦଗୁଡ଼ିକର ବହୁଳ ରପ୍ତାନୀ କରି ଦେଶର ଆର୍ଥିକ ଅଭିବୃଦ୍ଧିରେ ସହାୟକ ହେବା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଉକ୍ତ କାର୍ଯ୍ୟଗୁଡ଼ିକରେ ଉଭୟ ଉତ୍କଳ ଚ୍ୟାମ୍ବର ଓ ରାଉରକେଲା ଚ୍ୟାମ୍ବରର ସହଯୋଗ ରହିବ ବୋଲି ମଞ୍ଚାସୀନ ଅତିଥିମାନେ କହିଥିଲେ। ଫିଟିଗ ଓଡ଼ିଶା ସଭାପତି ସାମଲଙ୍କ ସଂଯୋଜନାରେ ବିଦେଶରେ ରପ୍ତାନୀ ବୃଦ୍ଧି ପାଇଁ ସୁଦୂର ପ୍ରସାରୀ ନିୟମ ଅବଲମ୍ବନ କରିବା ଲାଗି ପ୍ରସ୍ତାବ ଗ୍ରହଣ କରାଯାଇଥିଲା।

# କୃଷକ ଉତ୍ପାଦକ ଗୋଷ୍ଠୀ ଗଠନ ତାଲିମ ଶିବିର

**କେସିଙ୍ଗା,୧୫।୫(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଉକ୍ଳେଲା ଆଦିବାସୀ କୃଷକ ଉତ୍ପାଦକ ଗୋଷ୍ଠି ପକ୍ଷରୁ ଉକ୍ଳେଲା ବଜାର ପ୍ରାଙ୍ଗଣରେ ଚାଷୀମାନଙ୍କୁ ନେଇ କୃଷକ ଉତ୍ପାଦକ ଗୋଷ୍ଠୀ ଗଠନ ତାଲିମ ଶିବିର ଓ ଡିଏସସିଭି ସାଇନ କର୍ମଶାଳା ସୋମବାର ଅନୁଷ୍ଠିତ ହୋଇଥିଲା। ଏହି କର୍ମଶାଳାରେ କୃଷକ ଉତ୍ପାଦକ ଗୋଷ୍ଠୀ ଗଠନର ରହିଥିବା ନିୟମ, ଆବଶ୍ୟକତା, ଏହାର ଉପାଦେୟତା ଆଦି ବିଭିନ୍ନ ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଥିଲା। ଗ୍ରୀନ ଲାଣ୍ଡ କୃଷକ ଉତ୍ପାଦକ ଗୋଷ୍ଠିର ମୁଖ୍ୟ ଜଗଦୀଶ ସିଂ ଭୋଇ, ତରୁଣ ପୁଟେଲ ପ୍ରମୁଖ କୃଷକମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ତାଲିମ ଶିବିରରେ ଦୁଲେଣି ମାଝି, ଦୀପାଞ୍ଜଳି ମାଝି, ସୁଜାତା ଦାସ, ଗିରିଶ କୁମାର ସାହୁ, ଦେବରାଜ ମାଝି, ଡୁଲେଶ୍ୱର ଚନ୍ଦନ, ଶ୍ରୀକାନ୍ତ ମାଝି, ବିରଞ୍ଚି ପ୍ରଧାନ, କୁଳମଣି ଗହୀର, ବିକ୍ରମ ମାଝି, କମ୍ବୁପାଣି ଚନ୍ଦନ, ତୁଳସୀରାମ ବେମାଲ, ଭବାନୀ ଶଙ୍କର ବୁଦ୍ଧିଆ, ମାଧବ ମାଝି, ଅଶ୍ୱିନୀ ବେମାଲ, ଟୁକୁ ବର୍ଗତ୍ତି, ଶେଷଦେ ଗହୀର, ଭୀମ ଭାଟି, ତ୍ରିଭୁବନ ମାଝିଙ୍କ ସହ ବହୁ କୃଷକ ଉପସ୍ଥିତ ଥିଲେ।

# ଜିଲାପାଳଙ୍କ ଅଭିଯୋଗ ଶୁଣାଣି



ଜିଲାପାଳ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

**କେସିଙ୍ଗା,୧୫।୫(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ପଞ୍ଚାୟତ ସମିତି ସଭାଗୃହରେ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ସୋମବାର ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସର୍ବମୋଟ ୯୪ଟି ଅଭିଯୋଗ ଦାଖଲ ହୋଇଥିଲା। ସେଥିମଧ୍ୟରୁ ରାଶନ୍ କାର୍ଡ ବାବଦରେ ୧୦ଜଣ ଅଭିଯୋଗ କରିଥିବା ବେଳେ ଇନ୍ଦିରା ଆବାସ ପାଇଁ ୪୫ଜଣ ଅଭିଯୋଗ କରିଥିଲେ। ସେହିପରି ଭତ୍ତା ପାଇଁ ୩୪ ଓ ଅନ୍ୟାନ୍ୟ ୫ଟି ଅଭିଯୋଗ ଦାଖଲ ହୋଇଥିଲା। ଅଭିଯୋଗ ଶୁଣାଣିରେ ଉପଜିଲାପାଳ ଡ ବିଶ୍ୱଜିତ୍ ଦାସ, କେସିଙ୍ଗା ଏସ୍‌ଡିପିଓ ରୋହିତ ବର୍ମା, ବିଡିଓ ପ୍ରଫୁଲ୍ଲ କୁମାର ଅଦୁ, ଏନ୍ଏସି ନିର୍ବାହୀ ଅଧିକାରିଣୀ କିରଣ ବେହେରାଙ୍କ ସମେତ ସମସ୍ତ ବ୍ଲକ, ଏନ୍ଏସି, ଆରଡ଼ି, ପିଡବ୍ଲୁଡି, ଜଙ୍ଗଲ ବିଭାଗ, ଆଇସିଡିଏସ, ଯୋଗାଣ ବିଭାଗ, ବିଦ୍ୟୁତ୍ ବିଭାଗ, ସମସ୍ତ ବିଭାଗ କର୍ମଚାରୀମାନେ ଯୋଗଦେଇଥିଲେ। ପ୍ରଚଣ୍ଡ ଗ୍ରୀଷ୍ମ ଯୋଗୁ ବୃଦ୍ଧବୃଦ୍ଧା ଓ ଦିବ୍ୟାଙ୍ଗମାନେ ବହୁ କଷ୍ଟ ଅନୁଭବ କରିଥିଲେ।

# ଚୋରା କାଠ ବୋଝେଇ ଗାଡ଼ି ଜବତ

**ଦେବଗଡ଼,୧୫।୫(ଡି.ଏନ୍.ଏ.)**

ଦେବଗଡ଼ ପ୍ରଭାଶୁଣି ସଂରକ୍ଷିତ ଜଙ୍ଗଲ ଭାଲୁଟୁଆ ଗ୍ରାମ ନିକଟ ଖୋଲଡ଼ିହ ଖାରପୁର ରାସ୍ତାରେ ବେଆଇନ କାଠ ଚୋରା ଚାଲାଣ ବେଳେ ବନ କର୍ମଚାରୀଙ୍କୁ ଦେଖି ଡ୍ରାଇଭର ଓ ସହଯୋଗୀ ଫେରାର ହୋଇଯାଇଛନ୍ତି। ଘଟଣାସ୍ଥଳରୁ କାଠ ଗଣ୍ଡି ବୋଝେଇ ମିନି ଟ୍ରକ ଜବତ ହୋଇଛି। ଏନେଇ ଏକ ମାମଲା ରୁଜୁ ହୋଇ ଘଟଣାର ତଦନ୍ତ କରାଯାଉଛି। ମିଳିଥିବା ସୂଚନା ଅନୁଯାୟୀ, ପ୍ରଭାଶୁଣି ସଂରକ୍ଷିତ ଜଙ୍ଗଲରେ ବନ କର୍ମଚାରୀଙ୍କ ପକ୍ଷରୁ ରବିବାର ରାତିରେ ପାଟ୍ରୋଲିଂ କରାଯାଉଥିଲା। ଖୋଲଡିହ-ଖାରପୁର ରାସ୍ତାଦେଇ କାଠ ଚୋରା ଚାଲାଣ ହେଉଥିବା ନେଇ ଲଇମୁରା ବନପାଳ ଛବିଳ ବେହେରା ବିଶେଷ ସୂତ୍ରରୁ ଖବର ପାଇ ଛକି ରହିଥିଲେ। ବିଳମ୍ବିତ ରାତିରେ ଚୋରା କାଠ ବୋଝେଇ ଗାଡ଼ି ଉକ୍ତ ରାସ୍ତା ଦେଇ ଆସୁଥିଲା। ସେଠାରେ ବନକର୍ମଚରୀଙ୍କୁ ଦେଖି ଗାଡ଼ି ଚାଳକ ଓ ତାଙ୍କ ସହଯୋଗୀମାନେ ଅନ୍ଧାରର ସୁଯୋଗ ନେଇ ଗାଡ଼ି ଛାଡ଼ି ଜଙ୍ଗଲ ମଧ୍ୟକୁ ଦୌଡ଼ି ପଳାଇଥିଲେ।

# ଭତ୍ତା ପ୍ରମାଣ ପତ୍ର ବଣ୍ଟନ

**ଖପ୍ରାଖୋଲ, ୧୫।୫(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କାର୍ଯ୍ୟାଳୟ ସଭା ଗୃହଠାରେ ସୋମବାର ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡ଼ିଓ ବିଜୟ କୁମାର ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପାଟଣାଗଡ ବିଧାୟକ ସରୋଜ ମେହେର ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ବ୍ଲକ ଅଧ୍ୟକ୍ଷା ନିରୂପମା ପଟେଲ, ଉପାଧ୍ୟକ୍ଷ ଶୁଖି ରାମ ସାଣ୍ଡ, ଜିଲା ପରିଷଦ ସଭ୍ୟା ପ୍ରମିଳା ପାଥର, ସରପଞ୍ଚ ଶାନ୍ତି ଛୁରା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଖପ୍ରାଖୋଲ ଓ ଓଡ଼ିଆପାଲି ପଞ୍ଚାୟତର ୪୭ଜଣଙ୍କୁ ଭତ୍ତା ପ୍ରମାଣ ପତ୍ର ବଣ୍ଟନ କରାଯାଇଥିଲା। ସଭାରେ ବିଏସଏସଓ କନିସ୍କ ବିଭାର, ପିଇଓ ରାଧେଶ୍ୟାମ ମେହେର, ମନୋଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଧାଣ୍ଡାମୁଣ୍ଡା ପଞ୍ଚାୟତରେ ସରପଞ୍ଚ ବୈଦ୍ୟନାଥ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ମେହେର ଯୋଗଦେଇ ୪୧ଜଣଙ୍କୁ ଭତ୍ତା ବଣ୍ଟନ କରିଥିଲେ।




ବିଧାୟକ ଜଣେ ହିତାଧିକାରୀଙ୍କୁ ଭତ୍ତା ପ୍ରମାଣ ପତ୍ର ବଣ୍ଟନ କରୁଛନ୍ତି।

# ଭତ୍ତା ପାଇଁ ବୃଦ୍ଧ ଦମ୍ପତି ଚାଲିଲେ ୭ କି.ମି.

**କେସିଙ୍ଗା,୧୫।୫(ଡି.ଏନ.ଏ.)**

### ଘରକୁ ଯାଇ ଭତ୍ତା ଦେବା ପାଇଁ ନିର୍ଦ୍ଦେଶ ଦେଲେ ବ୍ଲକ ଅଧକ୍ଷ




ହିତାଧିକାରୀଙ୍କୁ ବ୍ଲକ କାର୍ଯ୍ୟାଳୟରୁ ଅଟୋ ଯୋଗେ ତାଙ୍କ ଗାଁକୁ ପଠାଯାଉଛି।

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଶିରୋଲ ଗ୍ରାମପଞ୍ଚାୟତ ପୋଡ଼ଖମ୍ବ ଗ୍ରାମର ନବ ଛତ୍ରିଆ (୭୦), ଫୁଲମତି ଛତ୍ରିଆ (୬୮) ବୃଦ୍ଧ ଦମ୍ପତି ସୋମବାର ଜିଲାପାଳଙ୍କ ଅଭିଯୋଗ ଶିବିରକୁ ଅଭିଯୋଗ କରିବା ପାଇଁ ବ୍ଲକ କାର୍ଯ୍ୟାଳୟ ଆସିଥିଲେ। ବାର୍ଦ୍ଧକ୍ୟ ଭତ୍ତା ପାଇ ନ ଥିବାରୁ ଦୁହେଁ ଜିଲାପାଳଙ୍କୁ ଅଭିଯୋଗ କରିବା ପାଇଁ ବ୍ଲକ କାର୍ଯ୍ୟାଳୟକୁ ଆସିଥିଲେ। ପ୍ରଚଣ୍ଡ ଖରାରେ ଉଭୟେ ବ୍ଲକ କାର୍ଯ୍ୟାଳୟକୁ ପ୍ରାୟ ୭ କି.ମି. ଚାଲି ଆସିଥିଲେ। ବ୍ଲକ କାର୍ଯ୍ୟାଳୟରେ ବ୍ଲକ ଅଧକ୍ଷ ଚନ୍ଦନ ସେନାପତି ତାଙ୍କ ଦୁଃଖ ଦେଖି ଦୁଃଖ ପ୍ରକାଶ କରିଥିଲେ। ଶିରୋଲ ପଞ୍ଚାୟତ ନିର୍ବାହୀ ଅଧିକାରୀ ଗଜିନ୍ଦ୍ର ସାହାଙ୍କୁ ଡାକି ଘରକୁ ଯାଇ ଭତ୍ତା ଦେବା ପାଇଁ କହିଥିଲେ। ଭୋକ ଉପାସରେ ସ୍ୱାମୀ ସ୍ତ୍ରୀ ଟାଣ ଖରାରେ ଆସିଥିବାରୁ ଦୁହିଁଙ୍କୁ ଚା, ପାଣି ପିଆଇ ଏକ ଅଟୋରେ ପୋଡ଼ଖମ୍ବ ଗ୍ରାମକୁ ପଠାଇ ଦେଇଥିଲେ। ଶିରୋଲ ଗ୍ରାମପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ମନମୁଖୀ କାର୍ଯ୍ୟ ଓ ଅବହେଳା ଏବଂ ଲୋକଙ୍କ ସେବା ଠିକ ଭାବେ କରୁ ନ ଥିବାରୁ ଯୋଗୁ ବ୍ଲକ ଅଧକ୍ଷ ଅସନ୍ତୋଷ ପ୍ରକାଶ କରି ଅତିଶୀଘ୍ର ଘରକୁ ଯାଇ ଭତ୍ତା ତୁରନ୍ତ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ଅବହେଳା କଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ନିର୍ବାହୀଙ୍କୁ ତାଗିଦ କରିଥିଲେ। ଏ ସଂକ୍ରାନ୍ତରେ ଶିରୋଲ ପଞ୍ଚାୟତ ନିର୍ବାହୀ ଅଧିକାରୀ ଗଜିନ୍ଦ୍ର ସାହାଙ୍କୁ ପଚାରିବାରୁ ବ୍ୟାଙ୍କ ଆକାଉଣ୍ଟରେ ଆଧାର ସଂଯୋଗ ହୋଇ ନ ଥିବାରୁ ଏହି ଅସୁବିଧା ହେଉଛି ବୋଲି ପ୍ରକାଶ କରିଥିଲେ।

## ସଂକ୍ଷେପରେ

### ଦୁର୍ବ୍ୟବହାର ଅଭିଯୋଗ ପରେ ଫରେଷ୍ଟରଙ୍କ ବଦଳି

**ଭୁଲ ମାଗିବା ପରେ ମାମଲା ରୁଜୁ ନ କରି ଛାଡିଲା ପୋଲିସ**

ଦେଓଗାଁ,୧୫।୫(ଡି.ଏନ.ଏ): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବନ୍ଧପଡା ଫରେଷ୍ଟ ବିଟ୍ ଅଧିନରେ କାର୍ଯ୍ୟରତ ଫରେଷ୍ଟର ନବକିଶୋର ଦାସ ଜୁରାବନ୍ଧ ଗାଁକୁ ଚଢାଉ କରିବାକୁ ଯାଇଥିବା ବେଳେ ମହିଳାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଟିକ୍ରାପଡା ଫାଣ୍ଡିରେ ଅଭିଯୋଗ ହୋଇଥିଲା । ଏନେଇ ରବିବାର ଅପରାହ୍ନରେ ଟିକ୍ରାପଡା ଫାଣ୍ଡି ଅଧିକାରୀ ଗୋପାଳ ଚନ୍ଦ୍ର ମିଶ୍ର ଉଭୟ ପକ୍ଷଙ୍କୁ ଡାକି ତଦନ୍ତ ଆରମ୍ଭ କରିଥିଲେ। ଏହାପରେ ଫାଣ୍ଡିରେ ପାଟଣାଗଡ ରେଞ୍ଜର ଆନନ୍ଦ ଚନ୍ଦ୍ର ବିଶି ପହଞ୍ଚି ଥିଲେ। ରେଞ୍ଜରଙ୍କ ଉପସ୍ଥିତିରେ ଫରେଷ୍ଟର ଅଭିଯୋଗକାରୀଙ୍କ ପରିବାରକୁ କ୍ଷମା ମାଗିବା ସହ ଏପରି ଆଉ କେବେ ହେବ ନାହିଁ ବୋଲି ଲେଖି ଦେବାପରେ ମାମଲା ରଫାଦଫା ହୋଇଥିଲା। ତେବେ ବିଭାଗୀୟ କାର୍ଯ୍ୟାନୁଷାନ ସ୍ୱରୂପ ସମ୍ପୃକ୍ତ ଫରେଷ୍ଟରଙ୍କୁ ଜିଲା ବନଖଣ୍ଡ ଅଧିକାରୀ ବଦଳି କରିଛନ୍ତି। ବିଭାଗୀୟ ସୂଚନାନୁସାରେ ପତ୍ରସଂଖ୍ୟା ୨୧୦/ତା୧୫।୫।୨୦୨୩ରିଖରେ ଫରେଷ୍ଟର ନବ କିଶୋର ଦାସଙ୍କୁ ପାଟଣାଗଡ ରେଞ୍ଜ କାର୍ଯ୍ୟାଳୟକୁ ବଦଳି କରାଯାଇଛି। ବଲାଙ୍ଗୀର ଡିଭିଜନ ଅଫିସରୁ ମଧୁସୂଦନ ଗଡୁଆଙ୍କୁ ବନ୍ଧପଡା ସେକସନକୁ ବଦଳି କରାଯାଇଛି । ତେବେ କାହା ଚାପରେ ପୋଲିସ କେଉଁ ଉଦ୍ଦେଶ୍ୟରେ ମାମଲା ରୁଜୁ ନ କରି ରଫାଦଫା କଲେ ତାହାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି।

### ନାବାଳିକାଙ୍କୁ ବଳାତ୍କାର, ଶିକ୍ଷକ ଗିରଫ

ପାଟଣା,୧୫।୫(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରି ବଳାତ୍କାର ଅଭିଯୋଗରେ ପୋଲିସ ଜଣେ ଶିକ୍ଷକଙ୍କୁ ଗିରଫ କରିଛି। ଗିରଫ ଶିକ୍ଷକ ମୟୂରଭଞ୍ଜ ଜିଲା ବାରିପଦା ଟାଉନ ଅଞ୍ଚଳ ବାରକୁଳି ଗାଁର ଶୁଭେନ୍ଦୁ ପ୍ରଧାନ(୩୫)। ଅଭିଯୁକ୍ତ ପଟଣା ବ୍ଲକ୍ ଟାଙ୍ଗରପଡ଼ା ଉଚ୍ଚ ବିଦ୍ୟାଳୟର ଭୋକେସନାଲ ଶିକ୍ଷକ ଭାବେ ନିଯୁକ୍ତ ଥିଲେ। ନାବାଳିକା ଜଣକ ପାଟଣା ଅଞ୍ଚଳର ଏକ ମହାବିଦ୍ୟାଳୟରେ ଯୁକ୍ତ ୨ ପ୍ରଥମ ବର୍ଷରେ ଅଧ୍ୟୟନ କରୁଥିଲେ। ଏପ୍ରିଲ ୧୧ରେ କଲେଜ ଯାଇ ଆଉ ଘରକୁ ଫେରି ନ ଥିଲେ। ଏ ନେଇ ପରିବାର ପକ୍ଷରୁ ପାଟଣା ଥାନାରେ ଅପହରଣ ଅଭିଯୋଗ ହୋଇଥିଲା। ପାଟଣା ଥାନାରେ (ନଂ.୬୨/୨୩) ଏକ ମାମଲା ରୁଜୁ ହୋଇଥିଲା। କିଛିଦିନ ପରେ ସମ୍ପୃକ୍ତ ନାବାଳିକା ଇନଷ୍ଟାଗ୍ରାମ ମାଧମରେ ପରିବାର ଲୋକଙ୍କୁ କଲ କରି ଶିକ୍ଷକ ଜଣକ ଏକ ଘରେ ତାଙ୍କୁ ବନ୍ଦୀ ଭଳି ରଖିଥିବା କହିଥିଲେ। ଉକ୍ତ ଘରର ଲୋକେସନ ପଠାଇଥିଲେ। ପରିବାର ଲୋକେ ପାଟଣା ପୋଲିସ ସହାୟତାରେ ବେଙ୍ଗାଲୁରୁ ମାଜିଷ୍ଟିଟ ଟାଉନର ଏକ ଘରୁ ଗୁରୁବାର ନାବାଳିକାଙ୍କୁ ଉଦ୍ଧାର କରିବା ସହ ଶୁଭେନ୍ଦୁଙ୍କୁ ଗିରଫ କରିଥିଲା। ରବିବାର ଉଭୟଙ୍କ ଡାକ୍ତରୀ ପରୀକ୍ଷା ପରେ ଅଭିଯୁକ୍ତ ଶିକ୍ଷକଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ମନୋରଞ୍ଜନ ପ୍ରଧାନ କହିଛନ୍ତି। ଗିରଫ ପୂର୍ବରୁ ଗଣ ଶିକ୍ଷା ବିଭାଗ ପକ୍ଷରୁ ଅଭିଯୁକ୍ତଙ୍କୁ ଚାକିରୀରୁ ବହିଷ୍କାର କରାଯାଇଥିବା ଜଣାପଡ଼ିଛି।

# ସମର୍ପିତ ଭାବ ନେଇ ସୃଜନ କର୍ମ କର

**ଅତିବଡୀ ପୁରସ୍କାର ପାଇଲା ପରେ ଶ୍ରୀନିବାସଙ୍କୁ ନାଗରିକ ସମ୍ବର୍ଦ୍ଧନା**

ବଲାଙ୍ଗୀର ଅଫିସ, ୧୫।୫

ପ୍ରଥିତଯଶା ସାରସ୍ୱତ ସାଧକ ତଥା କବି ପଦ୍ମଶ୍ରୀ ବିଦ୍ୟାବାଚସ୍ପତି ଡ ଶ୍ରୀନିବାସ ଉଦ୍‌ଗାତାଙ୍କୁ ଓଡିଶା ସାହିତ୍ୟ ଏକାଡେମୀର ସର୍ବୋଚ୍ଚ ସମ୍ମାନ ଅତିବଡୀ ଜଗନ୍ନାଥ ଦାସ ପୁରସ୍କାର ପ୍ରଦାନ କରାଯିବା ପରେ ସୋମବାର ବଲାଙ୍ଗୀର ଟାଉନ୍ ବାଳିକା ଉଚ୍ଚବିଦ୍ୟାଳୟ ପ୍ରାଙ୍ଗଣରେ ନାଗରିକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। କବି ତଥା ଅଧ୍ୟାପକ ସନ୍ଦୀପ କୁମାର କୁଅଁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଡ. ଉଦ୍‌ଗାତାଙ୍କ ସହ ଅତିଥି ମର୍ଯ୍ୟାଦାରେ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ମଞ୍ଚାସୀନ ହୋଇଥିଲେ। ଛୁରିଆ କବି ଉଦ୍‌ଗାତାଙ୍କ ସଂଘର୍ଷ ଏବଂ ସଂରଚନା ବିଷୟରେ ବକ୍ତବ୍ୟ ରଖିଥିଲେ। ତାଙ୍କ ଭଳି ସାଧକ କ୍ୱଚିତ୍ ଦେଖଯାଆନ୍ତି ବୋଲି କହିଥିଲେ। ରଚନାର ସମ୍ପାଦକ କବି ଭାଗରଥି ମିଶ୍ର କୌଣସି ବି ପୁରସ୍କାରର ବହୁ ଉଚ୍ଚରେ କବି ଉଦ୍‌ଗାତା ବୋଲି କହିଥିଲେ। ନାଗରିକ କମିଟି ସମ୍ପାଦକ ମନୋରଞ୍ଜନ ସାହୁ ବହୁ ବିଳମ୍ବରେ ଓଡିଶା



ପଦ୍ମଶ୍ରୀ ଡ. ଶ୍ରୀନିବାସ ଉଦ୍‌ଗାତାଙ୍କୁ ନାଗରିକ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।

ସାହିତ୍ୟ ଏକାଡେମୀ କବି ଉଦ୍‌ଗାତାଙ୍କୁ ଏହି ପରସ୍କାର ପ୍ରଦାନ କରିଛି ବୋଲି କହିଥିଲେ। ସଭାରେ କବି ନେପାଳ ବାଗ ଏବଂ ବୀରେନ୍ଦ୍ର କୁମାର ଝାଙ୍କର ବକ୍ତବ୍ୟ ରଖିଥିଲେ। ପ୍ରଥମେ ଅତିଥି ଛୁରିଆ, କବି କୁଅଁର ଉପାୟନ ଏବଂ ପୁଷ୍ପଗୁଚ୍ଛ ଦେଇ ପଦ୍ମଶ୍ରୀ ଉଦଗାତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପରେ ବଲାଙ୍ଗୀର ନାଗରିକ କମିଟି, ବଲାଙ୍ଗୀର ଆକ୍ସନ କମିଟି, ତହଁକ ସାହିତ୍ମ କୁଟୁମ୍ବ, ଜିଲା ସାମ୍ବାଦିକ ସଂଘ, ପୂଜ୍ୟପୂଜା ଅନୁଷ୍ଠାନ, ପୁଇଁତଳା ସାହିତ୍ୟ ଘର, ରଚନା, ସତ୍ୟନାରାୟଣ ବେହେରା ସ୍ମୃତି ନ୍ୟାସ, ନାଟ୍ୟଗ୍ରାମ, ସ୍ମୃତିବିନ୍ଦୁ ଫାଉଣ୍ଡେସନ୍, ବିଙ୍ଗ୍ ହ୍ୟୁମାନ୍ ଫାଉଣ୍ଡେସନ୍, ପଲ୍ଲୀ ଆଲୋକ ପାଠାଗାର, ଆଦ୍ୟାଶକ୍ତି ନାରୀ ସଙ୍ଗଠନ, ଅଙ୍କୁର ସାହିତ୍ୟ ସଂସଦ, ଆମ୍ବେଦକରବାଦୀ ସାହିତ୍ୟ ସଙ୍ଗଠନ, ଉତ୍କଳ ସାହିତ୍ୟ ସମାଜ ବଲାଙ୍ଗୀର ଶାଖା ପକ୍ଷରୁ ସମ୍ବର୍ଦ୍ଧିତ କରାଯିବା ସହ କବିଙ୍କ ଦୀର୍ଘ ନିରାମୟ ଜୀବନ କାମନା କରାଯାଇଥିଲା। ସମ୍ବର୍ଦ୍ଧନା ଉତ୍ତରରେ କବି ଉଦ୍‌ଗାତା ସାହିତ୍ୟ ପାଇଁ ଅର୍ଥ ବାଧକ ନୁହଁ। ଜୀବନରେ ସରସ୍ୱତୀଙ୍କ ସେବା କରି କୃତଜ୍ଞ। ସମର୍ପିତ ଭାବ ନେଇ ସାହିତ୍ୟ ସାଧକଟିଏ ନିଜର ସୃଜନ କର୍ମକୁ ଆଗେଇ ନେବା ଉଚିତ୍ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ନାଗରିକ କମିଟି ସଭାପତି ଇଂ.ବେଲାର ସିଂ ଭୋଇ, ସମ୍ପାଦକ ମନୋରଞ୍ଜନ ସାହୁ, ପୀତବାସ ପଣ୍ଡା, ଗୋପଭୂଷଣ ନାଥ, ଜୟରାମ ମିଶ୍ର, ସତ୍ୟାନନ୍ଦ ମିଶ୍ର, ମଦନ ମୋହନ ରଥ, ପ୍ରଧାନ ଶିକ୍ଷକ ନରେନ୍ଦ୍ର ମିଶ୍ର, ଆଡଭୋକେଟ ଭବାନୀ ଶଙ୍କର ଶତପଥୀ, କସ୍ତୁରୀ ରଥ, ରଘୁନନ୍ଦନ ସିଂ, ରଞ୍ଜନ ମିଶ୍ର, ରତ୍ନମୟ ତ୍ରିପାଠୀ, କବି ଭାଗିରଥି ମିଶ୍ର, କବି ପ୍ରହଲ୍ଲାଦ ଶତପଥି, ମଧୁ ସାହୁ, ବ୍ୟାସଦେବ ନନ୍ଦ, ଅର୍ଜୁନ୍ ସାହୁ, ସୁଧାକର ବେହେରା ଉପସ୍ଥିତ ଥିଲେ।

## ସଂସଦୀୟ ପ୍ରତିରକ୍ଷା ଷ୍ଟାଣ୍ଡିଂ କମିଟିର ଗୋଳାବାରୁଦ କାରଖାନା ପରିଦର୍ଶନ

ସଇଁତଳା, ୧୫।୫(ଡି.ଏନ.ଏ.)

ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ବଡ଼ମାଳ ଗୋଳାବାରୁଦ କାରଖାନାକୁ ସଂସଦୀୟ ପ୍ରତିରକ୍ଷା ଷ୍ଟାଣ୍ଡିଂ କମିଟି ସୋମବାର ପରିଦର୍ଶନ କରିଥିଲେ। ଏମ୍‌ପି ଜୁଏଲ ଓରାମଙ୍କ ଅଧକ୍ଷତାରେ ଆସିଥିବା କମିଟି ସଦସ୍ୟ ଭାଜପା ଏମ୍‌ପି ଡ଼ା ଅଶୋକ ବାଜପେୟୀ, ଲେଫଟନେଣ୍ଟ ଜେନେରାଲ ଡ଼ି.ପି.ଭାଟ୍ସ, କାମାକ୍ଷା ପ୍ରସାଦ ତାସା, ଯୁଗଳ କିଶୋର ଶର୍ମା, ପ୍ରଫେସର ଡ଼. ରାମଶଙ୍କର କଟାରିଆ, ଜନତା ଦଳ ୟୁନାଇଟେଡ଼ ଏମ୍‌ପି ମହାବଳୀ ସିଂ, ବିଏସପିର କୁନୱାର ଡ଼ାନିସ ଅଲ୍ଲୀ, ବିଜେଡିର୍ ଡ଼ା. ରାଜଶ୍ରୀ ମଲ୍ଲିକ, ୱାଇଏସଆରସିପିର ରେଡ୍ଡିପା ନାଲାକୋଣ୍ଡା ଗରି, ଏଏପିର ସୁଶୀଲ କୁମାର ଗୁପ୍ତା ଓ ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ସାମିଲ ଥିଲେ। ଏମ୍‌ପିମାନଙ୍କ ବ୍ୟତୀତ ଲୋକ ସଭା ସଚିବାଳୟ ତଥା ପ୍ରତିରକ୍ଷା ମନ୍ତ୍ରଣାଳୟର ଉଚ୍ଚ ପଦାଧିକାରୀମାନେ ଏହି ଗସ୍ତରେ ସାମିଲ ଥିଲେ। ସାଂସଦମାନେ କାରଖାନାର ୟୁନିଟ -୧୦ରେ ଗୋଳା ପ୍ରସ୍ତୁତି ଓ ୟୁନିଟ-୫ରେ ଏକ୍ସରେ ନିରୀକ୍ଷଣ ପ୍ରକ୍ରିୟାକୁ ଅନୁଧ୍ୟାନ କରିବା ପରେ



ଗୋଳାବାରୁଦ କାରଖାନାରେ କମିଟି ସଦସ୍ୟ ଅନୁଧ୍ୟାନ କରୁଛନ୍ତି।

ପ୍ରଶାସନିକ ଭବନରେ ଥିବା ପ୍ରଦର୍ଶନୀ କକ୍ଷକୁ ବୁଲି ଦେଖିଥିଲେ। କାରଖାନାର ସଭାଗୃହରେ ମ୍ୟୁନିସନ ଇଣ୍ଡିଆ ଲିମିଟେଡ଼ ଓ କାରଖାନା ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ । ଗସ୍ତ ସମୟରେ ପୁନେ ସ୍ଥିତ ମ୍ୟୁନିସନ ଇଣ୍ଡିଆ ଲିମିଟେଡ଼ର ନିର୍ଦ୍ଦେଶକ (ମାନବ ସଂଶାଧନ) ଦେବାଶିଷ ବାର୍ନାଜୀ, ମହାପ୍ରବନ୍ଧକ ପ୍ରଦୀପ କୁମାର ଦାଶଙ୍କ ସମେତ କାରଖାନାର ବରିଷ୍ଠ ଅଧିକାରୀଗଣ ଉପସ୍ଥିତ ଥିଲେ । ସଂସଦୀୟ କମିଟି ଗସ୍ତ ସମୟରେ ମଜଦୁର ୟୁନିଅନ ସଭାପତି ପଞ୍ଚୁ ପଟେଲ, ସମ୍ପାଦକ ସତ୍ୟପ୍ରେମ ମାଝି, ବିପିଏମଏସର ରବିନ୍ଦ୍ର ମିଶ୍ର, ପ୍ରକାଶ ମହାପାତ୍ର, ହରିହର ସିଂ, ବିଶ୍ୱମ୍ବର ତ୍ରିପାଠୀ ପ୍ରମୁଖ କମିଟି ଅଧକ୍ଷ ଜୁଏଲ ଓରାମଙ୍କୁ ଭେଟି ବଡ଼ମାଳ ରେଳଷ୍ଟେଶନରେ ଦ୍ରୁତଗାମୀ ଟ୍ରେନ ରହଣୀ ଏବଂ ଗୋଳାବାରୁଦ କାରଖାନା ନିଗମୀକରଣ ଯୋଗୁଁ କର୍ମଚାରୀ ତଥା କାରଖାନାର ଭବିଷ୍ୟତ ସମ୍ବନ୍ଧରେ ଦାବିପତ୍ର ପ୍ରଦାନ କରିଥିଲେ। କାରଖାନା ପରିଦର୍ଶନ ପରେ କମିଟି ସଦସ୍ୟ ହେଲିକପ୍ଟର ଯୋଗେ ଚାନ୍ଦିପୁର ଯାଇଥିଲେ।

### ତୈଳିକ ବୈଶ୍ୟ ହଳଦିଆ ସାହୁ ସମାଜର ନୂତନ କର୍ମକର୍ତ୍ତା

ସଇଁତଳା, ୧୫।୫(ଡି.ଏନ.ଏ.)

ବଲାଙ୍ଗୀର ଜିଲା ସଇଁତଳା ବ୍ଲକ କଅଁସର ପଞ୍ଚାୟତରେ ତୈଳିକ ବୈଶ୍ୟ ହଳଦିଆ ସାହୁ ସମାଜର ପଞ୍ଚାୟତସ୍ତରୀୟ ନୂତନ କର୍ମକର୍ତ୍ତା ଚୟନ ହୋଇଛି। ହେମକାନ୍ତୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକସ୍ତରୀୟ କମିଟିର ଛବିଲାଲ ସାହୁ, ହରିବନ୍ଧୁ ସାହୁ, ସତ୍ୟନାରାୟଣ ସାହୁ, ବରୁଣ ସାହୁ, ମୁରଲୀ ସାହୁ ମଞ୍ଚାସୀନ ଥିଲେ। ସଭାପତି ଭାବେ ପର୍ଶୁରାମ ସାହୁ, ସମ୍ପାଦକ ବିଶ୍ୱାମିତ୍ର ସାହୁ, କୋଷାଧ୍ୟକ୍ଷ ଯଦୁମଣୀ ସାହୁ, ଉପସଭାପତି ସୁରେଶ ଚନ୍ଦ୍ର ସାହୁ, ସଦସ୍ୟ ଭାବେ ଲୋଚନ ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ, ରାଜେନ୍ଦ୍ର ସାହୁ, ରୀତା ସାହୁ, ଯଶୋବନ୍ତୀ ସାହୁ, ଗଣେଶ୍ୱର ସାହୁ, ଘନଶ୍ୟାମ ସାହୁ, ଯୁଜେଷ୍ଟି ସାହୁ, ହେମନ୍ତ ସାହୁ ମନୋନୀତ ହୋଇଥିଲେ। ସମାଜକୁ ଆଗେଇ ନେବାକୁହେଲେ ସମସ୍ତଙ୍କୁଏକଜୁଟ ହୋଇ ସମାଜ ପ୍ରତି ଅବଦାନ ଦେବାକୁ ପଡ଼ିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସଭାକୁ ଚନ୍ଦ୍ରମଣୀ ସାହୁ ଓ ଦେବରାଜ ସାହୁ ପରିଚାଳନା କରିଥିଲେ। ଅଜିତ ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ।

### କଲ୍ୟାଣ ମଣ୍ଡପ ଉଦ୍‌ଘାଟିତ

ଦେଓଗାଁ,୧୫।୫(ଡି.ଏନ.ଏ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସିକୁଆଁ ସିଦ୍ଧେଶ୍ୱର ଶିବ ମନ୍ଦିର ପରିସରରେ ନବନିର୍ମିତ କଲ୍ୟାଣ ମଣ୍ଡପ ସୋମବାର ଉଦ୍‌ଘାଟିତ ହୋଇଯାଇଛି । ମନ୍ଦିର ପରିଚାଳନା କମିଟି ସଭାପତି ଦିଜନ କୁମାର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡିଶା ରାଜ୍ୟ ହାଉସିଂ ବୋର୍ଡ ଅଧକ୍ଷ କଳିକେଶ ନାରାୟଣ ସିଂଦେଓ, ସମ୍ମାନୀତ ଅତିଥିଭାବେ ବ୍ଲକ ଅଧକ୍ଷ ଦୟାନିଧି ଖମାରୀ, ଜିଲା ପରିଷଦ ସଭ୍ୟା ମମତା କୁମୁରା, ସମିତି ସଭ୍ୟା ଟୁନି ସେଠ, ସରପଞ୍ଚ ରାଜକୁମାର ଭୋଇ, ବିଜେଡି



ସିକୁଆଁରେ କଲ୍ୟାଣ ମଣ୍ଡପକୁ ଉଦ୍‌ଘାଟନ କରାଯାଉଛି।

ବ୍ଲକ ସଭାପତି ଶୁଶିଲ କୁମାର ଚାନ୍ଦ ଯୋଗଦେଇଥିଲେ । ବନ୍ଧପଡା ସରପଞ୍ଚ ଗୋପାଳ ଚନ୍ଦ୍ର ମିଶ୍ର, ସାରସମାଲ ପାକ୍ସ ନିର୍ଦ୍ଦେଶକ ଅନ୍ତର୍ଯ୍ୟାମୀ ଭୋଇ, କବି ସାହୁ, ବିକ୍ରମ ସାମଲ, ବ୍ଲକ ଛାତ୍ର ସଭାପତି ଦୀପକ ବେହେରା, ସାଧୁ ଗଡତ୍ୟା, ପ୍ରଦୀପ ବଗର୍ତ୍ତିପ୍ରମୁଖ ଯୋଗଦେଇଥିଲେ। ପଞ୍ଚାୟତ ପରିସରରେ ଦଶଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ସାଧାରଣ ସୁବିଧା କେନ୍ଦ୍ର ଗୃହର ଶୁଭ ଦେବା ସହ ହାଇସ୍କୁଲ ରୂପାନ୍ତରଣ କାମର ତଦାରଖ କରିଥିଲେ ସିଂଦେଓ।

### ସ୍କାଉଟ ଗ୍ରୁପ୍ ପକ୍ଷରୁ ଥଣ୍ଡା ପାଣି, ସରବତ ବଣ୍ଟନ

କର୍ଲାମୁଣ୍ଡା,୧୫।୫(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟ କର୍ଲାମୁଣ୍ଡା ନେତାଜୀ ସ୍କାଉଟ ଗ୍ରୁପ ଓ ଗ୍ରାମପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ରିଞ୍ଜା ରେଣ୍ଡୋ ମାଝି ସ୍କାଉଟ୍ ଗ୍ରୁପ ପକ୍ଷରୁ ଥଣ୍ଡା ପାଣି, ସରବତ, ତରବୁଜ ବଣ୍ଟନ କରାଯାଇଛି। ଏଥିରେ ସ୍କାଉଟ ମାଷ୍ଟର ପବିତ୍ର ମୋହନ ପଶା ଓ ସ୍କାଉଟ ମାଷ୍ଟର ଅରବିନ୍ଦ ସାହୁଙ୍କ ତତ୍ତ୍ୱାବଧାନରେ ରିଞ୍ଜା ଓ କର୍ଲାମୁଣ୍ଡାର ବିଭିନ୍ନ ଛକଗୁଡ଼ିକରେ ସ୍କାଉଟସ୍ ପିଲାମାନଙ୍କ ଦ୍ୱାରା ସରବତ ବଣ୍ଟନ କରାଯାଇଥିବା ଦେଖିବାକୁ ମିଳିଛି। ଏହା ଦ୍ୱାରା ଯାତାୟାତ କରୁଥିବା ଲୋକେ ଥଣ୍ଡା ପାଣି ଓ ସରବତର ମଜା ନେଉଛନ୍ତି।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
smbselfie@gmail.com



@ ଭାଗବତ



@ ଦୀପା



@ ପ୍ରତ୍ୟୁଷ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

### ଅଭିଯୁକ୍ତଙ୍କୁ ୨୦ବର୍ଷ ଜେଲ ଦଣ୍ଡାଦେଶ

**ନାବାଳିକାଙ୍କୁ ଅପହରଣ, ବଳାତ୍କାର ମାମଲାର ରାୟ ପ୍ରକାଶ**

ଭବାନୀପାଟଣା,୧୫।୫(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ନର୍ଲା ଥାନା ଅଞ୍ଚଳରେ ୨୦୨୧ରେ ଜଣେ ନାବାଳିକାଙ୍କୁ ଅପହରଣ ଓ ପରେ ବଳାତ୍କାର କରାଯାଇଥିବା ମାମଲାର ରାୟ ସୋମବାର ପ୍ରକାଶ ପାଇଛି। ଭବାନୀପାଟଣା ଜିଲା ସ୍ୱତନ୍ତ୍ର ବିଚାରପତି (ପୋକ୍‌ସୋ) ଶୁଭଞ୍ଜନ ମହାନ୍ତି ଏହି ମାମଲାର ସମସ୍ତ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତି କରି ନର୍ଲା ଥାନା ରାତୁଲ ଗ୍ରାମର ବିଳାସ ସାହୁ (୫୨)ଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇବା ସହ ୨୫ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ୬ ମାସ ଅଧିକ ଜେଲ ଦଣ୍ଡାଦେଶ ଭୋଗିବାକୁ ପଡିବ ବୋଲି ରାୟରେ ଉଲ୍ଲେଖ କରିଛି। ପୀଡିତାଙ୍କୁ ୬ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ମଧ ନିର୍ଦ୍ଦେଶ ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଅଭିଯୁକ୍ତ ବିଳାସ ପୀଡିତା ନାବାଳିକାଙ୍କ ମା' ବାପା ଅନୁପସ୍ଥିତ ଥିବା ସମୟରେ ତାଙ୍କ ଘରକୁ ଯାଇ ପ୍ରଲୋଭନ ଦେଖାଇ ବିଭିନ୍ନ ସ୍ଥାନକୁ ନେଇ ନାବାଳିକାଙ୍କୁ ବାରମ୍ବାର ବଳାତ୍କାର କରିଆସୁଥିଲେ। ଘଟଣା ଦିନ ମଧ ନାବାଳିକାଙ୍କୁ ବଳାତ୍କାର କରିବା ପାଇଁ ଜୋର ଜବରଦସ୍ତି ଅଭିଯୁକ୍ତ ଟେକି ନେଉଥିଲେ। ଏହାକୁ ନେଇ ପୀଡିତାଙ୍କ ବାପା ନର୍ଲା ଥାନାରେ ୨୮।୨।୨୦୨୧ରେ ଅଭିଯୁକ୍ତଙ୍କ ନାମରେ ଏତଲା ଦେଇଥିଲେ। ଏହାପରେ ସ୍ଥାନୀୟ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲା ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ସରକାରୀ ଓକିଲ ରୋହିତ କୁମାର ମିଶ୍ର ପରିଚାଳନା କରିଥିଲେ।

## ୩ ୱାର୍ଡ ସଭ୍ୟଙ୍କ ସାମୂହିକ ଇସ୍ତଫା

**ପ୍ରଶାସନର ଅଣଦେଖା ପ୍ରତିବାଦ**

କୋକସରା,୧୫।୫(ଡି.ଏନ.ଏ.)

ପଞ୍ଚାୟତର ଜନସାଧାରଣଙ୍କ ସମସ୍ୟାର ସମାଧାନ କରିବାକୁ ୱାର୍ଡ ସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ । ହେଲେ ପ୍ରଶାସନର ଅଣଦେଖା ପ୍ରତିବାଦ କରି ସୋମବାର କଳାହାଣ୍ଡି ଜିଲା କୋକସରା ବ୍ଲକ ବରାଡଙ୍ଗା ଗ୍ରାମପଞ୍ଚାୟତର ୩ଜଣ ୱାର୍ଡ଼ ସଭ୍ୟ ସଭ୍ୟା ସାମୂହିକ ଭାବେ ପଞ୍ଚାୟତ ସରପଞ୍ଚଙ୍କୁ ଇସ୍ତଫା ପତ୍ର ପ୍ରଦାନ କରିଛନ୍ତି। ସୂଚନା ମତେ ବରାଡଙ୍ଗା ଗ୍ରାମପଞ୍ଚାୟତର ୧, ୨ ଓ ୩ ନମ୍ବର ୱାର୍ଡ଼ର ସଭ୍ୟ ଚୈତନ୍ୟ ସାହୁ, ସୁଲୋଚନା ଭଇଁସାଲ, କୌଶଲ୍ୟା ଚଳାନ ବିଗତ କିଛି ମାସ ତଳେ ଗାଁରେ ଅଙ୍ଗନୱାଡି କର୍ମୀ ଚୟନରେ ଅନିୟମିତତାକୁ ନେଇ ବ୍ଲକ ଓ ଜିଲା ପ୍ରଶାସନ ନିକଟରେ ଦ୍ୱାରସ୍ଥ ହୋଇଥିଲେ। ଜନପ୍ରତିନିଧିମାନଙ୍କ ଦାବିକୁ ଅଣଦେଖା କରି ଅଙ୍ଗନୱାଡିଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ନିଯୁକ୍ତି ଦିଆଯାଇଛି। ଏହା ବ୍ୟତୀତ ପଞ୍ଚାୟତର ସମସ୍ତ କାର୍ଯ୍ୟରେ ମଧ ସେମାନଙ୍କୁ ଅଣଦେଖା କରୁଥିବା ନେଇ ପ୍ରତିବାଦ କରି ୩ସଭ୍ୟ/ସଭ୍ୟା ସାମୁହିକ ଭାବେ ବରାଡଙ୍ଗା ସରପଞ୍ଚ ନିରୂପମା ସେଠିଙ୍କୁ ପଞ୍ଚାୟତରେ ଗ୍ରାମବାସୀଙ୍କ ସହ ଆସି ଇସ୍ତଫା ପତ୍ର ପ୍ରଦାନ କରିଥିବା ଜଣାପଡିଛି।



ୱାର୍ଡ ସଭ୍ୟାସଭ୍ୟ ଇସ୍ତଫା ପତ୍ର ପ୍ରଦାନ କରୁଛନ୍ତି।

## ତୃଣମୂଳସ୍ତରରୁ ସଙ୍ଗଠିତ ହେବାକୁ ଆହ୍ୱାନ

**ହରିଶଙ୍କରରେ ଲକ୍ଷେଘର ଗଣ୍ଡା ସମାଜର ସମାବେଶ**

ଖପ୍ରାଖୋଲ, ୧୫।୫(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କର ପର୍ଯ୍ୟଟନ ବିଭାଗ ଅଭ୍ୟର୍ଥନା କେନ୍ଦ୍ରଠାରେ ପାଟଣାଗଡ ଉପଖଣ୍ଡ ଲକ୍ଷେଘର ଗଣ୍ଡା ସମାଜ ଆହ୍ୱାନରେ ସମାବେଶ ରବିବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ଦଶଟି ଜିଲାର କର୍ମକର୍ତ୍ତା ଏବଂ ପ୍ରତିନିଧି ଏଥିରେ ଯୋଗ ଦେଇଥିଲେ। ଏହି ଅବସରରେ ଆୟୋଜିତ ସମାବେଶରେ ପାଟଣାଗଡ ଉପଖଣ୍ଡ ସଭାପତି ଦିଗସନ ନନ୍ଦ ଅଧକ୍ଷତା କରିଥିଲେ। ପ୍ରଥମେ ଭାରତରତ୍ନ ଡକ୍ଟର ଭୀମରାଓ ଆମ୍ବେଡକର ଓ ଗୌତମ ବୁଦ୍ଧଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ସହ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ଅବସରରେ ସମାଜର ସାମାଜିକ ଅର୍ଥନୈତିକ ବିକାଶ ପାଇଁ ସମସ୍ତେ ସଂଗଠିତ ହେବାକୁ ଆହ୍ୱାନ ଦିଆଯାଇଥିଲା। ଆଗାମୀ ଦିନରେ





ସମାବେଶରେ ମଞ୍ଚାସୀନ ଅତିଥି।

ସାମାଜିକ ସଂଗଠନକୁ ସୁଦୃଢ କରିବା ପାଇଁ ଏକ କେନ୍ଦ୍ରୀୟ କମିଟି ବିଭିନ୍ନ ଜିଲାର ପ୍ରତିନିଧିଙ୍କୁ ନେଇ ଗଠନ କରାଯାଇଥିଲା। କମିଟି ଆବାହକଭାବେ ଦିଗସନ ନନ୍ଦ, ସହ ଆବାହକ ଅର୍ଜୁନ ମୁଗ୍ରି ଓ ସୁଧାଂଶୁ ଡ଼ାଙ୍ଗ ମନୋନୀତ ହୋଇଥିଲେ। ବୌଦ୍ଧ ଜିଲା ପାଇଁ ସୁଧାଂଶୁ ଡ଼ାଙ୍ଗ ଓ ବସନ୍ତ ଖୁରା, ସୁବର୍ଣ୍ଣପୁର ଜିଲା ପାଇଁ ଲକ୍ଷଣ ଭରାସାଗର ଓ ବିନୋଦ ପାତ୍ର, ନୂଆପଡ଼ା ପାଇଁ ଫକୀର ଜଗତ, ହରିକେଶ ଜାଲ, ବରଗଡ଼ ଚୈତନ୍ୟ ପାଇକ, ପ୍ରମୋଦ ଛତର, ଜିବର୍ଦ୍ଧନ ହାତୀ ସମ୍ବଲପୁର ପାଇଁ ଟିକେଲାଲ କୁମ୍ଭାର, ଗଣେଶ ହରିପାଲ, ଝାରସୁଗୁଡ଼ା ପ୍ରକାଶ କୁଅଁର, ଜେ ଗଡତ୍ୟା, କଳାହାଣ୍ଡି ସୂର୍ଯ୍ୟ ନାରାୟଣ କୁମ୍ଭାର ଓ ବିଶନାଥ କର, ସୁନ୍ଦରଗଡ ଜିତେନ କୁମାର ମୁଗର, ରାଧେଶ୍ୟାମ ଗର୍ଡିଆ, ଦେବଗଡ଼ ସୁରୁ ପାତ୍ର, ବଲାଙ୍ଗୀର ଦିଗସନ ନନ୍ଦ, ଅର୍ଜୁନ ମୁଗ୍ରି ଆବାହକ ମନୋନୀତ ହୋଇଥିଲେ। କାର୍ଯ୍ୟକ୍ରମକୁ ଧନେଶର ନାଗ, ଜୟନ୍ତ କୁମ୍ଭାର ପରିଚାଳନା କରିଥିଲେ। ଉପସଭାପତି ଭକ୍ତରାମ ବାଗ, ସହସମ୍ପାଦକ ମଣି କୁମ୍ଭାର, କୋଷାଧକ୍ଷ ମନୋରଞ୍ଜନ ବାରିକ, ପାଟଣାଗଡ ବ୍ଲକ ସଭାପତି ପଙ୍କଜ ଭୋଇ, ଦୁଗମନି ବାଗ, ଛିନୁ ଟାକ୍ରିଙ୍କ ସମେତ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଦୁର୍ବ୍ୟବହାର ଅଭିଯୋଗ ପରେ ଫରେଷ୍ଟରଙ୍କ ବଦଳି

**ଭୁଲ ମାଗିବା ପରେ ମାମଲା ରୁଜୁ ନ କରି ଛାଡିଲା ପୋଲିସ**

ଦେଓଗାଁ,୧୫।୫(ଡି.ଏନ.ଏ): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବନ୍ଧପଡା ଫରେଷ୍ଟ ବିଟ୍ ଅଧିନରେ କାର୍ଯ୍ୟରତ ଫରେଷ୍ଟର ନବକିଶୋର ଦାସ ଜୁରାବନ୍ଧ ଗାଁକୁ ଚଢାଉ କରିବାକୁ ଯାଇଥିବା ବେଳେ ମହିଳାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଟିକ୍ରାପଡା ଫାଣ୍ଡିରେ ଅଭିଯୋଗ ହୋଇଥିଲା । ଏନେଇ ରବିବାର ଅପରାହ୍ନରେ ଟିକ୍ରାପଡା ଫାଣ୍ଡି ଅଧିକାରୀ ଗୋପାଳ ଚନ୍ଦ୍ର ମିଶ୍ର ଉଭୟ ପକ୍ଷଙ୍କୁ ଡାକି ତଦନ୍ତ ଆରମ୍ଭ କରିଥିଲେ। ଏହାପରେ ଫାଣ୍ଡିରେ ପାଟଣାଗଡ ରେଞ୍ଜର ଆନନ୍ଦ ଚନ୍ଦ୍ର ବିଶି ପହଞ୍ଚି ଥିଲେ। ରେଞ୍ଜରଙ୍କ ଉପସ୍ଥିତିରେ ଫରେଷ୍ଟର ଅଭିଯୋଗକାରୀଙ୍କ ପରିବାରକୁ କ୍ଷମା ମାଗିବା ସହ ଏପରି ଆଉ କେବେ ହେବ ନାହିଁ ବୋଲି ଲେଖି ଦେବାପରେ ମାମଲା ରଫାଦଫା ହୋଇଥିଲା। ତେବେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ସମ୍ପୃକ୍ତ ଫରେଷ୍ଟରଙ୍କୁ ଜିଲା ବନଖଣ୍ଡ ଅଧିକାରୀ ବଦଳି କରିଛନ୍ତି। ବିଭାଗୀୟ ସୂଚନାନୁସାରେ ପତ୍ରସଂଖ୍ୟା ୨୧୦/ତା୧୫।୫।୨୦୨୩ରିଖରେ ଫରେଷ୍ଟର ନବ କିଶୋର ଦାସଙ୍କୁ ପାଟଣାଗଡ ରେଞ୍ଜ କାର୍ଯ୍ୟାଳୟକୁ ବଦଳି କରାଯାଇଛି। ବଲାଙ୍ଗୀର ଡିଭିଜନ ଅଫିସରୁ ମଧୁସୂଦନ ଗଡୁଆଙ୍କୁ ବନ୍ଧପଡା ସେକସନକୁ ବଦଳି କରାଯାଇଛି । ତେବେ କାହା ଚାପରେ ପୋଲିସ କେଉଁ ଉଦ୍ଦେଶ୍ୟରେ ମାମଲା ରୁଜୁ ନ କରି ରଫାଦଫା କଲେ ତାହାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି।

### ନାବାଳିକାଙ୍କୁ ବଳାତ୍କାର, ଶିକ୍ଷକ ଗିରଫ

ପାଟଣା,୧୫।୫(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରି ବଳାତ୍କାର ଅଭିଯୋଗରେ ପୋଲିସ ଜଣେ ଶିକ୍ଷକଙ୍କୁ ଗିରଫ କରିଛି। ଗିରଫ ଶିକ୍ଷକ ମୟୂରଭଞ୍ଜ ଜିଲା ବାରିପଦା ଟାଉନ ଅଞ୍ଚଳ ବାରକୁଲି ଗାଁର ଶୁଭେନ୍ଦୁ ପ୍ରଧାନ(୩୫)। ଅଭିଯୁକ୍ତ ପଟଣା ବ୍ଲକ୍ ଟାଙ୍ଗରପଡ଼ା ଉଚ୍ଚ ବିଦ୍ୟାଳୟର ଭୋକେସନାଲ ଶିକ୍ଷକ ଭାବେ ନିଯୁକ୍ତ ଥିଲେ। ନାବାଳିକା ଜଣକ ପାଟଣା ଅଞ୍ଚଳର ଏକ ମହାବିଦ୍ୟାଳୟରେ ଯୁକ୍ତ ୨ ପ୍ରଥମ ବର୍ଷରେ ଅଧ୍ୟୟନ କରୁଥିଲେ। ଏପ୍ରିଲ ୧୧ରେ କଲେଜ ଯାଇ ଆଉ ଘରକୁ ଫେରି ନ ଥିଲେ। ଏ ନେଇ ପରିବାର ପକ୍ଷରୁ ପାଟଣା ଥାନାରେ ଅପହରଣ ଅଭିଯୋଗ ହୋଇଥିଲା। ପାଟଣା ଥାନାରେ (ନଂ.୬୨/୨୩) ଏକ ମାମଲା ରୁଜୁ ହୋଇଥିଲା। କିଛିଦିନ ପରେ ସମ୍ପୃକ୍ତ ନାବାଳିକା ଇନଷ୍ଟାଗ୍ରାମ ମାଧ୍ୟମରେ ପରିବାର ଲୋକଙ୍କୁ କଲ କରି ଶିକ୍ଷକ ଜଣକ ଏକ ଘରେ ତାଙ୍କୁ ବନ୍ଦୀ ଭଳି ରଖିଥିବା କହିଥିଲେ। ଉକ୍ତ ଘରର ଲୋକେସନ ପଠାଇଥିଲେ। ପରିବାର ଲୋକେ ପାଟଣା ପୋଲିସ ସହାୟତାରେ ବେଙ୍ଗାଲୁରୁ ମାଜିଷ୍ଟିକ ଟାଉନର ଏକ ଘରୁ ଗୁରୁବାର ନାବାଳିକାଙ୍କୁ ଉଦ୍ଧାର କରିବା ସହ ଶୁଭେନ୍ଦୁଙ୍କୁ ଗିରଫ କରିଥିଲା। ରବିବାର ଉଭୟଙ୍କ ଡାକ୍ତରୀ ପରୀକ୍ଷା ପରେ ଅଭିଯୁକ୍ତ ଶିକ୍ଷକଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ମନୋରଞ୍ଜନ ପ୍ରଧାନ କହିଛନ୍ତି। ଗିରଫ ପୂର୍ବରୁ ଗଣ ଶିକ୍ଷା ବିଭାଗ ପକ୍ଷରୁ ଅଭିଯୁକ୍ତଙ୍କୁ ଚାକିରୀରୁ ବହିଷ୍କାର କରାଯାଇଥିବା ଜଣାପଡ଼ିଛି।

# ବଢୁଛି ଦୁର୍ଘଟଣା, ଯାନବାହନ ଯାଞ୍ଚ କଡ଼ାକଡ଼ି ହେବ

■ ଡ୍ରାଇଭିଂ ଲାଇସେନ୍ସ ନଥିଲେ କଡା କାର୍ଯ୍ୟାନୁଷ୍ଠାନ
■ ଗୁଡ ସମରିଟାନ ପଲିସିରେ ୭ ଜଣ ପୁରସ୍କୃତ

ସୋନପୁର,୧୫।୫(ନି.ପ୍ର.)

ଜିଲାସ୍ତରୀୟ ସଡକ ସୁରକ୍ଷା କମିଟି ବୈଠକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ଜିଲାପାଳ ସୂର୍ଯ୍ୟ ନାରାୟଣ ଦାଶ ବୈଠକରେ ଅଧ୍ୟକ୍ଷତା କରିଥିଲେ। କମିଟି ଆବାହକ ତଥା ଆଞ୍ଚଳିକ ପରିବହନ ଅଧିକାରୀ ଅକ୍ଷୟ କୁମାର ଜେନା ବୈଠକର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ସଚେତନତା କାର୍ଯ୍ୟକ୍ରମ ଓ ପୋଲିସ-ପରିବହନ ବିଭାଗର ମିଳିତ ତନଖି ସତ୍ତ୍ୱେ ସୁବର୍ଣ୍ଣପୁର ଜିଲାରେ ସଡକ ଦୁର୍ଘଟଣା ବୃଦ୍ଧି ପାଇଛି। ନିଶାସକ୍ତ ଅବସ୍ଥାରେ ଗାଡି ଚାଳନା ଓ ହେଲମେଟ୍ ନ ପିନ୍ଧି ବାଇକ୍ ଚଳାଇବା କାରଣରୁ ଦୁର୍ଘଟଣା ଏବଂ ତଦ୍‌ଜନିତ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଉଛି। ୨୦୨୨ ମସିହା ଜାନୁଆରୀରୁ ଡିସେମ୍ବର ମଧ୍ୟରେ ଜିଲାରେ ୧୮୪ଟି ସଡକ ଦୁର୍ଘଟଣା ଘଟିଥିବା ବେଳେ ୮୮ଜଣଙ୍କ ଜୀବନହାନୀ ଘଟିଥିଲା। ୨୦୨୩ ଜାନୁଆରୀ ଅପ୍ରେଲ ମାସ ଭିତରେ ୪୦ଟି ଦୁର୍ଘଟଣା ଘଟିଥିବା ବେଳେ ୨୯ଜଣଙ୍କ ଜୀବନ ଯାଇଥିବା ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା।

ଗତ ଏପ୍ରିଲ ମାସରେ ସଡକ ଦୁର୍ଘଟଣାରେ ସୋନପୁର ଥାନାର ସିଆଲଜୁରି, ବାଗଦୁଲି, ସୁବଳୟା ଥାନାର ସୁବଳୟା ଟୋଲ ଗେଟ ଓ ଉଲୁଣ୍ଡା ତହସଲ ଅଫିସ ସମ୍ମୁଖରେ ଜଣେ ଲେଖାଏଁ ମୋଟ ୪ ଜଣଙ୍କ ଜୀବନ ହାନୀ ଘଟିଛି। ଭାରପ୍ରାପ୍ତ ଜିଲାପାଳ ଦାଶ ଦୁର୍ଘଟଣାର କାରଣ ସମ୍ପର୍କରେ ପାଚାରି ବୁଝିବା ସହ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ପରାମର୍ଶ ଦେଇଥିଲେ। ଜିଲାରେ ସଡକ ଦୁର୍ଘଟଣା ରୋକିବାକୁ ଜିଲାରେ ନିୟମିତ ଜିଲାସ୍ତରୀୟ ସଡକ ସୁରକ୍ଷା କମିଟି ବୈଠକ, ଜିଲାସ୍ତରୀୟ ସୁରକ୍ଷା ପରିଚାଳନା ବୈଠକ ଅନୁଷ୍ଠିତ ହେଉଛି। ଦୁର୍ଘଟଣା ହ୍ରାସ ପାଇଁ ଜିଲା ଦେଇ ଯାଇଥିବା ଜାତୀୟ ରାଜପଥ, ରାଜ୍ୟ ରାଜପଥ ଓ ଗୁରୁତ୍ୱପୂର୍ଣ୍ଣ ରାସ୍ତାରେ ଥିବା ବୁଲାଣି ଏବଂ ଦୁର୍ଘଟଣାପ୍ରବଣ ସ୍ଥାନରେ ସୂଚନା ଫଳକ ଲଗାଯାଇଛି। ସ୍କୁଲ ଓ କଲେଜର ଛାତ୍ରୀଛାତ୍ରଙ୍କୁ ମୋଟର ଯାନ ଆଇନ ଓ ଟ୍ରାଫିକ୍ ନିୟମ ସମ୍ପର୍କରେ ସଚେତନ କରାଯାଉଛି। ଶତପ୍ରତିଶତ ହେଲମେଟ ବ୍ୟବହାର ପାଇଁ ବାଇକ୍ ଆରୋହୀଙ୍କୁ ପରାମର୍ଶ ଦିଆଯାଉଛି। ପୋଲିସ ଓ ପରିବହନ ବିଭାଗ ପକ୍ଷରୁ ଯାନବାହାନ ଯାଞ୍ଚ, ହେଲମେଟ ଚେକିଂ, ଦ୍ରୁତଗତିରେ ଗାଡିଚାଳନା, ଡ୍ରାଇଭିଂ ଲାଇସେନ୍ସ ଯାଞ୍ଚ କଡାକଡି, ତିନି ଜଣ ବସିଥିବା ବାଇକ ଚାଳକ ଓ ମଦ୍ୟପ ଡ୍ରାଇଭରଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯାଉଛି।ନିଶାସକ୍ତ ଡ୍ରାଇଭରଙ୍କୁ ଗିରଫ କରାଯିବା ସହ ହେଲମେଟ୍ ପିନ୍ଧି ନଥିବା ବାଇକ ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ନିଲମ୍ବନ କରାଯାଉଛି। ତା ପରେ ବି ଦୁର୍ଘଟଣା ସଂଖ୍ୟା ବୃଦ୍ଧି ପାଇଛି। ଅଭିଯୋଗ ହେଉଛି ଯେ, ଯେଉଁମାନଙ୍କ ଡ୍ରାଇଭିଂ ଲାଇସେନ୍ସ ୩ ମାସ ପାଇଁ ନିଲମ୍ବନ କରାଯାଇଛି ସେମାନେ ପୁଣି ଡ୍ରାଇଭିଂ କରୁଛନ୍ତି। ତେଣୁ ଆଗାମୀ ଦିନରେ ପୋଲିସ ଓ ପରିବହନ ବିଭାଗ ପକ୍ଷରୁ ଯାନବାହାନ ଯାଞ୍ଚକୁ ଆହୁରି କଡାକଡି କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଆଇନ ଉଲ୍ଲଂଘନକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି ଅମରେଶ କୁମାର ପଣ୍ଡା କହିଛନ୍ତି। ଏହି ଅବସରରେ ଗୁଡ ସାମରିଟନ ପଲିସି ଅଧିନରେ ଜିଲାର ୭ ଜଣ ସ୍ୱେଚ୍ଛାସେବୀଙ୍କୁ ୧୦ଟି ଦୁର୍ଘଟଣାରେ ସହାୟତା ପାଇଁ ଜିଲାପାଳ ଓ ଏସ୍‌ପି ପୁରସ୍କୃତ କରିଥିଲେ। ସୋନପୁର ସହର ନୂଆପଡାର ସ୍ୱେଚ୍ଛାସେବୀ ରାଜକୁମାର ମେହେର ଓ ଅନିଲ କୁମାର ମେହେର, ବୁଢାରାଜାଛକର ଶିବ ଶଙ୍କର ନାଏକ, ମୁନା ଜମିଦାର, ବଲାଙ୍ଗୀର ଜିଲା ପୁଇଁତଳାର ଅକ୍ରୁର ପଧାନ, ଶତ୍ରୁଘ୍ନ ପ୍ରଧାନ ଓ ବୀରମହାରାଜପୁରର ଗୁଞ୍ଜନ ସିଂଙ୍କୁ ୨୦୦୦ଟଙ୍କା ଲେଖାଏ ମୋଟ ୨୦ ହଜାର ଟଙ୍କା ଓ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ସଡକ ଦୁର୍ଘଟଣାରେ ଆହତଙ୍କୁ ମେଡିକାଲରେ ପହଞ୍ଚାଇ ଜୀବନ ବଞ୍ଚାଇବାରେ ସହାୟକ ହେଉଥିବା ସ୍ୱେଚ୍ଛାସେବୀଙ୍କୁ ଗୁଡ ସାମରିଟନ ଯୋଜନା ପଲିସିରେ ସରକାର ପ୍ରୋତ୍ସାହନ ସ୍ୱରୂପ ଏହି ସହାୟତା ପ୍ରଦାନ କରୁଛନ୍ତି। ଏହି ବୈଠକରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିଶ୍ୱରଞ୍ଜନ ପତି, ପୂର୍ତ୍ତ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଇଂ ଦାମୋଦର କୈବର୍ତ୍ତ, ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ସୋନପୁର ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ପୁଷ୍ପାଞ୍ଜଳୀ ନିଙ୍ଗୀ, ସଡକ ସୁରକ୍ଷା କମିଟି ସଭ୍ୟ ସ୍ୱାଧୀନ କୁମାର ମେହେର, ମୃତ୍ୟୁଞ୍ଜୟ ଶତପଥୀ, ରେଆର ସମ୍ପାଦକ ଅନଙ୍ଗ ନେଗୀ, ଜୁନିୟର ଏମଭିଆଇ ଲୋକନାଥ ନାୟକ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।


ସଡକ ସୁରକ୍ଷା କମିଟି ବୈଠକରେ ପୁରସ୍କୃତ ହୋଇଥିବା ସ୍ୱେଚ୍ଛାସେବୀ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com


@ ଭାଗବତ


@ ଦୀପା


@ ପ୍ରତ୍ୟୁଷ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମନ ମୋହିଲା ଦୁଲାବିହା, ପଞ୍ଚରଶି ନୃତ୍ୟ

**ତିହାର ଲୋକ ମହୋତ୍ସବ-୨୦୨୩ ଉଦ୍‌ଯାପିତ**


ମହୋତ୍ସବରେ ଯୋଗ ଦେଇଥିବା ଅତିଥି।

କଣ୍ଟାମାଳ,୧୫।୫ (ଡି.ଏନ.ଏ.)

ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଶିମିଳିପଦର ପଞ୍ଚା ଶଙ୍ଖନାଦ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ଆୟୋଜିତ ତିହାର ମହୋତ୍ସବ-୨୦୨୩ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ଦୁଲାବିହା ଓ ପଞ୍ଚରଶି ନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା। ଅନୁଷ୍ଠାନର ସଭାପତି ପ୍ରଫୁଲ୍ଲ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଧାରଣ ସଭାରେ ମୁଖ୍ୟଅତିଥି ଭାବେ ବୌଦ୍ଧ ଜିଲା ପରିଷଦ ଉପାଧକ୍ଷ ଶଙ୍କର୍ଷଣ ପ୍ରଧାନ ଯୋଗଦେଇ ମହୋତ୍ସବକୁ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଚଳଚ୍ଚିତ୍ର ଅଭିନେତା ତଥା ଅଧାପକ ଡ. ପୁରୁଷୋତ୍ତମ ମିଶ୍ର, ସମ୍ମାନିତ ଅତିଥି ଭାବେ ରାଜ୍ୟ ଭାଜପା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ଓମ ପ୍ରକାଶ ମିଶ୍ର, ସ୍ଥାନୀୟ ସରପଞ୍ଚ ସାର୍ଦ୍ଦୁଳ ନାଗ, ସାମାଜିକ କର୍ମୀ ଶ୍ରୀକାନ୍ତ ମିଶ୍ର, ଘିକୁଣ୍ଡି ସରପଞ୍ଚ ସମରେନ୍ଦ୍ର ପ୍ରଧାନ, ଅଧାପକ ସୌରଭ ରଞ୍ଜନ ଖମାରି, ଜିଲା ପରିଷଦ ସଭ୍ୟାଙ୍କ ପ୍ରତିନିଧି ଅନିଲ କୁମାର ପ୍ରଧାନ, ରାଧେଶ୍ୟାମ ସାହୁ, ଗୋବିନ୍ଦ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପରେ ଅନୁଷ୍ଠାନର ସମ୍ପାଦକ ସୁମନ୍ତ ମିଶ୍ରଙ୍କ ପରିଚାଳନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନରେନ୍ଦ୍ର କୁମାର ଖେତୀ ସ୍ୱାଗତ ଭାଷଣ ଦେବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ରାଜ୍ୟ ସ୍ତରରେ ନିଜର ନୃତ୍ୟ ପାଇଁ ଚର୍ଚ୍ଚିତ କଳାକାର ସୁମିରନ ପାଡ଼ୀଙ୍କ ସମ୍ବଲପୁରୀ ନୃତ୍ୟ ଦର୍ଶକଙ୍କୁ ବିଭୋର କରିଥିଲା। ଓଡିଶା ସରକାରଙ୍କ ସଂସ୍କୃତି ବିଭାଗ ଦ୍ୱାରା ପ୍ରଦତ୍ତ ମା' ସରସ୍ୱତୀ ସାଂସ୍କୃତିକ କଳା ବିକାଶ କେନ୍ଦ୍ର ସାଲେପାଲି, ବରଗଡର କଳାକାରମାନଙ୍କ ଦ୍ୱାରା ପଞ୍ଚରଶି ନୃତ୍ୟ, ନଟରାଜ କଳା ପରିଷଦ ବଲାଙ୍ଗୀରର କଳାକାରମାନଙ୍କ ଦ୍ୱାରା ଡାଲଖାଇ, ଫଗୁନପୁନି ଏବଂ ବଉଲି କଳା ପରିଷଦ ବରପଦର, ବୌଦ୍ଧର କଳାକାର ମାନଙ୍କ ଦ୍ୱାରା ଦୁଲାବିହା ନୃତ୍ୟ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ଦୁଇ ଦିନ ଧରି ହୋଇଥିବା ଏହି ଲୋକ ମହୋତ୍ସବର ପ୍ରଥମ ଦିନରେ ଦର୍ଶକଙ୍କ ଭିଡ ଦେଖିବାକୁ ମିଳିଥିଲା। ରବିବାର ଉଦ୍‌ଯାପନୀ ଉତ୍ସବରେ କଣ୍ଟାମାଳ ବିଧାୟକ ମହିଧର ରଣା ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ବୟନିକା ସଭାପତି ପ୍ରକାଶ ଚନ୍ଦ୍ର ମେହେର, ବୌଦ୍ଧ ଜିଲା ବିଜେଡି ଉପସଭାପତି ସୁଧୀର ମହାକୁଡ଼, ନାଟ୍ୟକାର ହରିହର ପ୍ରଧାନ, ସାମାଜିକ କର୍ମୀ ବି. ପ୍ରଧାନ, ସରକାରୀ ଆଇନ ଜୀବୀ ରାଧାବଲ୍ଲଭ ପ୍ରଧାନ, ସିମିଳିପଦର ସରପଞ୍ଚ ସାର୍ଦ୍ଦୁଳ ନାଗ ପ୍ରମୁଖ ଯୋଗ ଦେଇଥିଲେ। ସମ୍ବଲପୁରୀ ନୃତ୍ୟରେ ମଞ୍ଚ ଦୁଲୁକି ଉଠିଥିଲା। ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଶତାଧିକ ଦର୍ଶକ ନାଚ ଗୀତରେ ବିଭୋର ହୋଇଥିଲେ।

## କଲ୍ୟାଣ ମଣ୍ଡପ ଉଦ୍‌ଘାଟିତ

ଦେଓଗାଁ,୧୫।୫(ଡି.ଏନ.ଏ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସିକୁଆଁ ସିଦ୍ଧେଶ୍ୱର ଶିବ ମନ୍ଦିର ପରିସରରେ ନବନିର୍ମିତ କଲ୍ୟାଣ ମଣ୍ଡପ ସୋମବାର ଉଦ୍‌ଘାଟିତ ହୋଇଯାଇଛି । ମନ୍ଦିର ପରିଚାଳନା କମିଟି ସଭାପତି ଦିଜନ କୁମାର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡିଶା ରାଜ୍ୟ ହାଉସିଂ ବୋର୍ଡ ଅଧ୍ୟକ୍ଷ କଳିକେଶ ନାରାୟଣ ସିଂଦେଓ, ସମ୍ମାନୀତ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ, ଜିଲା ପରିଷଦ ସଭ୍ୟା ମମତା କୁମୁରା, ସମିତି ସଭ୍ୟା ଚୁନି ସେଠ, ସରପଞ୍ଚ ରାଜକୁମାର ଭୋଇ, ବିଜେଡି ବ୍ଲକ ସଭାପତି ଶୁଶିଲ କୁମାର ଚାନ୍ଦ ଯୋଗଦେଇଥିଲେ ।

## ସ୍କାଉଟ ଗ୍ରୁପ୍ ପକ୍ଷରୁ ଥଣ୍ଡା ପାଣି, ସରବତ ବଣ୍ଟନ

କର୍ଲାମୁଣ୍ଡା,୧୫।୫(ଡି.ଏନ.ଏ.)

କର୍ଲାମୁଣ୍ଡା ବ୍ଲକ ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟ କର୍ଲାମୁଣ୍ଡା ନେତାଜୀ ସ୍କାଉଟ ଗ୍ରୁପ ଓ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ରିଞ୍ଜା ରେଣ୍ଡୋ ମାଝି ସ୍କାଉଟ୍ ଗ୍ରୁପ ପକ୍ଷରୁ ଥଣ୍ଡା ପାଣି, ସରବତ, ତରଭୁଜ ବଣ୍ଟନ କରାଯାଇଛି। ଏଥିରେ ସ୍କାଉଟ ମାଷ୍ଟର ପବିତ୍ର ମୋହନ ପଶା ଓ ସ୍କାଉଟ ମାଷ୍ଟର ଅରବିନ୍ଦ ସାହୁଙ୍କ ତତ୍ତ୍ୱାବଧାନରେ ରିଞ୍ଜା ଓ କର୍ଲାମୁଣ୍ଡାର ବିଭିନ୍ନ ଛକ ଗୁଡ଼ିକରେ ସ୍କାଉଟସ୍ ପିଲାମାନଙ୍କ ଦ୍ୱାରା ସରବତ ବଣ୍ଟନ ହେଉଥିବା ସହ ବଜ୍ରପାତ ଓ ଅଂଶୁଘାତ ବିଷୟରେ ସତର୍କ ସୂଚନା ପାଇଁ ପୋଷ୍ଟର ଛାପି ସଚେତନ କରୁଥିବା ଦେଖିବାକୁ ମିଳିଛି।

# ଅଭିଯୁକ୍ତଙ୍କୁ ୨୦ବର୍ଷ ଜେଲ ଦଣ୍ଡାଦେଶ

**ନାବାଳିକାଙ୍କୁ ଅପହରଣ, ବଳାତ୍କାର ମାମଲାର ରାୟ ପ୍ରକାଶ**

ଭବାନୀପାଟଣା,୧୫।୫(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ନର୍ଲା ଥାନା ଅଞ୍ଚଳରେ ୨୦୨୧ରେ ଜଣେ ନାବାଳିକାଙ୍କୁ ଅପହରଣ ଓ ପରେ ବଳାତ୍କାର କରାଯାଇଥିବା ମାମଲାର ରାୟ ସୋମବାର ପ୍ରକାଶ ପାଇଛି। ଭବାନୀପାଟଣା ଜିଲା ସ୍ୱତନ୍ତ୍ର ବିଚାରପତି (ପୋକ୍‌ସୋ) ଶୁଭଞ୍ଜନ ମହାନ୍ତି ଏହି ମାମଲାର ସମସ୍ତ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତି କରି ନର୍ଲା ଥାନା ରାତୁଲ ଗ୍ରାମର ବିଳାସ ସାହୁ (୫୨)ଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇବା ସହ ୨୫ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ୬ ମାସ ଅଧିକ ଜେଲ ଦଣ୍ଡାଦେଶ ଭୋଗିବାକୁ ପଡିବ ବୋଲି ରାୟରେ ଉଲ୍ଲେଖ କରିଛି। ପୀଡିତାଙ୍କୁ ୬ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଅଭିଯୁକ୍ତ ବିଳାସ ପୀଡିତା ନାବାଳିକାଙ୍କ ମା' ବାପା ଅନୁପସ୍ଥିତ ଥିବା ସମୟରେ ତାଙ୍କ ଘରକୁ ଯାଇ ପ୍ରଲୋଭନ ଦେଖାଇ ବିଭିନ୍ନ ସ୍ଥାନକୁ ନେଇ ନାବାଳିକାଙ୍କୁ ବାରମ୍ବାର ବଳାତ୍କାର କରିଆସୁଥିଲେ। ଘଟଣା ଦିନ ମଧ୍ୟ ନାବାଳିକାଙ୍କୁ ବଳାତ୍କାର କରିବା ପାଇଁ ଜୋର ଜବରଦସ୍ତି ଅଭିଯୁକ୍ତ ଟେକି ନେଉଥିଲେ। ଏହାକୁ ନେଇ ପୀଡିତାଙ୍କ ବାପା ନର୍ଲା ଥାନାରେ ୨୮।୨।୨୦୨୧ରେ ଅଭିଯୁକ୍ତଙ୍କ ନାମରେ ଏତଲା ଦେଇଥିଲେ। ଏହାପରେ ସ୍ଥାନୀୟ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲା ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ସରକାରୀ ଓକିଲ ରୋହିତ କୁମାର ମିଶ୍ର ପରିଚାଳନା କରିଥିଲେ।

# ୩ ୱାର୍ଡ ସଭ୍ୟଙ୍କ ସାମୂହିକ ଇସ୍ତଫା

**ପ୍ରଶାସନର ଅଣଦେଖା ପ୍ରତିବାଦ**

କୋକସରା,୧୫।୫(ଡି.ଏନ.ଏ.)

ପଞ୍ଚାୟତର ଜନସାଧାରଣଙ୍କ ସମସ୍ୟାର ସମାଧାନ କରିବାକୁ ୱାର୍ଡ ସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ। ହେଲେ ପ୍ରଶାସନର ଅଣଦେଖା ପ୍ରତିବାଦ କରି ସୋମବାର କଳାହାଣ୍ଡି ଜିଲା କୋକସରା ବ୍ଲକ ବରାଡଙ୍ଗା ଗ୍ରାମପଞ୍ଚାୟତର ୩ଜଣ ୱାର୍ଡ଼ ସଭ୍ୟ ସଭ୍ୟା ସାମୂହିକ ଭାବେ ପଞ୍ଚାୟତ ସରପଞ୍ଚଙ୍କୁ ଇସ୍ତଫା ପତ୍ର ପ୍ରଦାନ କରିଛନ୍ତି। ସୂଚନା ମତେ ବରାଡଙ୍ଗା ଗ୍ରାମପଞ୍ଚାୟତର ୧, ୨ ଓ ୩ ନମ୍ବର ୱାର୍ଡ଼ର ସଭ୍ୟ ଚୈତନ୍ୟ ସାହୁ, ସୁଲୋଚନା ଭଇଁସାଲ, କୌଶଲ୍ୟା ଚଲାନ ବିଗତ କିଛି ମାସ ତଳେ ଗାଁରେ ଅଙ୍ଗନୱାଡ଼ି କର୍ମୀ ଚୟନରେ ଅନିୟମିତତାକୁ ନେଇ ବ୍ଲକ ଓ ଜିଲା ପ୍ରଶାସନ ନିକଟରେ ଦ୍ୱାରସ୍ଥ ହୋଇଥିଲେ। ଜନପ୍ରତିନିଧିମାନଙ୍କ ଦାବିକୁ ଅଣଦେଖା କରି ଅଙ୍ଗନୱାଡିଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ନିଯୁକ୍ତି ଦିଆଯାଇଛି। ଏହା ବ୍ୟତୀତ ପଞ୍ଚାୟତର ସମସ୍ତ କାର୍ଯ୍ୟରେ ମଧ୍ୟ ସେମାନଙ୍କୁ ଅଣଦେଖା କରୁଥିବା ନେଇ ପ୍ରତିବାଦ କରି ୩ସଭ୍ୟ/ସଭ୍ୟା ସାମୁହିକ ଭାବେ ବରାଡଙ୍ଗା ସରପଞ୍ଚ ନିରୂପମା ସେଠିଙ୍କୁ ପଞ୍ଚାୟତରେ ଗ୍ରାମବାସୀଙ୍କ ସହ ଆସି ଇସ୍ତଫା ପତ୍ର ପ୍ରଦାନ କରିଥିବା ଜଣାପଡିଛି।


ୱାର୍ଡ ସଭ୍ୟାସଭ୍ୟ ଇସ୍ତଫା ପତ୍ର ପ୍ରଦାନ କରୁଛନ୍ତି।

# ତୃଣମୂଳସ୍ତରରୁ ସଙ୍ଗଠିତ ହେବାକୁ ଆହ୍ୱାନ

**ହରିଶଙ୍କରରେ ଲକ୍ଷେଘର ଗଣ୍ଡା ସମାଜର ସମାବେଶ**

ଖପ୍ରାଖୋଲ, ୧୫।୫(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କର ପର୍ଯ୍ୟଟନ ବିଭାଗ ଅଭ୍ୟର୍ଥନା କେନ୍ଦ୍ରଠାରେ ପାଟଣାଗଡ ଉପଖଣ୍ଡ ଲକ୍ଷେଘର ଗଣ୍ଡା ସମାଜ ଆହ୍ୱାନରେ ସମାବେଶ ରବିବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ଦଶଟି ଜିଲାର କର୍ମକର୍ତ୍ତା ଏବଂ ପ୍ରତିନିଧି ଏଥିରେ ଯୋଗ ଦେଇଥିଲେ। ଏହି ଅବସରରେ ଆୟୋଜିତ ସମାବେଶରେ ପାଟଣାଗଡ ଉପଖଣ୍ଡ ସଭାପତି ଦିଗସନ ନନ୍ଦ ଅଧ୍ୟକ୍ଷତା କରିଥିଲେ। ପ୍ରଥମେ ଭାରତରତ୍ନ ଡକ୍ଟର ଭୀମରାଓ ଆମ୍ବେଡକର ଓ ଗୌତମ ବୁଦ୍ଧଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ସହ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ଅବସରରେ ସମାଜର ସାମାଜିକ ଅର୍ଥନୈତିକ ବିକାଶ ପାଇଁ ସମସ୍ତେ ସଂଗଠିତ ହେବାକୁ ଆହ୍ୱାନ ଦିଆଯାଇଥିଲା। ଆଗାମୀ ଦିନରେ ସାମାଜିକ ସଂଗଠନକୁ ସୁଦୃଢ କରିବା ପାଇଁ ଏକ କେନ୍ଦ୍ରୀୟ କମିଟି ବିଭିନ୍ନ ଜିଲାର ପ୍ରତିନିଧିଙ୍କୁ ନେଇ ଗଠନ କରାଯାଇଥିଲା। କମିଟି ଆବାହକଭାବେ ଦିଗସନ ନନ୍ଦ, ସହ ଆବାହକ ଅର୍ଜୁନ ମୁଗ୍ରି ଓ ସୁଧାଂଶୁ ଡ଼ାଙ୍ଗ ମନୋନୀତ ହୋଇଥିଲେ। ବୌଦ୍ଧ ଜିଲା ପାଇଁ ସୁଧାଂଶୁ ଡ଼ାଙ୍ଗ ଓ ବସନ୍ତ ଖୁରା, ସୁବର୍ଣ୍ଣପୁର ଜିଲା ପାଇଁ ଲକ୍ଷଣ ଭରାସାଗର ଓ ବିନୋଦ ପାତ୍ର, ନୂଆପଡ଼ା ପାଇଁ ଫକୀର ଜଗତ, ହରିକେଶ ଜାଲ, ବରଗଡ଼ ଚୈତନ୍ୟ ପାଇକ, ପ୍ରମୋଦ ଛତର, ଜିବର୍ଦ୍ଧନ ହାତୀ ସମ୍ବଲପୁର ପାଇଁ ଟିକେଲାଲ କୁମ୍ଭାର, ଗଣେଶ ହରିପାଲ, ଝାରସୁଗୁଡ଼ା ପ୍ରକାଶ କୁଅଁର, ଜେ ଗଡତ୍ୟା, କଳାହାଣ୍ଡି ସୂର୍ଯ୍ୟ ନାରାୟଣ କୁମ୍ଭାର ଓ ବିଶନାଥ କର, ସୁନ୍ଦରଗଡ ଜିତେନ କୁମାର ମୁଗର, ରାଧେଶ୍ୟାମ ଗର୍ଡିଆ, ଦେବଗଡ଼ ସୁରୁ ପାତ୍ର, ବଲାଙ୍ଗୀର ଦିଗସନ ନନ୍ଦ, ଅର୍ଜୁନ ମୁଗ୍ରି ଆବାହକ ମନୋନୀତ ହୋଇଥିଲେ। କାର୍ଯ୍ୟକ୍ରମକୁ ଧନେଶର ନାଗ, ଜୟନ୍ତ କୁମ୍ଭାର ପରିଚାଳନା କରିଥିଲେ। ଉପସଭାପତି ଭକ୍ତରାମ ବାଗ, ସହସମ୍ପାଦକ ମଣି କୁମ୍ଭାର, କୋଷାଧକ୍ଷ ମନୋରଞ୍ଜନ ବାରିକ, ପାଟଣାଗଡ ବ୍ଲକ ସଭାପତି ପଙ୍କଜ ଭୋଇ, ଦୁଗମନି ବାଗ, ଛିନୁ ଟାକ୍ରିଙ୍କ ସମେତ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ।


ସମାବେଶରେ ମଞ୍ଚାସୀନ ଅତିଥି।

## ସଂକ୍ଷେପରେ

### ଟ୍ରେନ୍‌ରୁ ଖସି ଶ୍ରମିକ ଗୁରୁତର

**କୁଚିଣ୍ଡା,୧୫।୫(ଡି.ଏନ.ଏ.):** ସୋମବାର ଧୂରୁଆଡିହି ରେଳଷ୍ଟେଶନ ନିକଟରେ ଟ୍ରେନରୁ ଖସି ପଡି ଜଣେ ଶ୍ରମିକ ଗୁରୁତର ଆହତ ହୋଇଛନ୍ତି । ତାଙ୍କୁ ଚିକିତ୍ସା ନିମନ୍ତେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ପ୍ରକାଶ ଯେ, ବାମରା ନିକଟ ଧୂରୁଆଡିହି ଗ୍ରାମର ଜୟନ୍ତ ହାତୀ(୬୦)ପ୍ରତିଦିନ ଭଳି ସକାଳୁ ଝାରସୁଗୁଡ଼ା ସହରକୁ କାମ କରିବାକୁ ଯାଇଥିଲେ । ସେଠାରୁ କାମ ସାରି ଝାରସୁଗୁଡାରୁ ରାଉରକେଲା ଯାଉଥିବା ମେମୁ ପାସେଞ୍ଜର ଟ୍ରେନରେ ଚଢିଥିଲେ। ଧୂରୁଆଡିହି ରେଳ ଷ୍ଟେଶନ ନିକଟରେ ଜୟନ୍ତ ତରବରିଆ ଭାବେ ଚଳନ୍ତା ଟ୍ରେନରୁ ଓହ୍ଲାଇବାକୁ ଚେଷ୍ଟା କରି ପ୍ଲାଟଫର୍ମରେ ଖସି ପଡ଼ିଥିଲେ । ଫଳରେ ତାଙ୍କର ହାତ ଭାଙ୍ଗିଯିବା ସହିତ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଥିଲା । ଖବର ପାଇ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଗୋବିନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସୁନ୍ଦରଗଡ଼ ଜିଲା ସଦର ଡାକ୍ତରଖାନାକୁ ରେଫର କରାଯାଇଥିବା ଜଣାପଡିଛି ।

### ଟ୍ରକ୍ ଧକ୍କାରେ ଅବସରପ୍ରାପ୍ତ ସେନା କର୍ମଚାରୀ ମୃତ

**ରେଢାଖୋଲ,୧୫।୫(ଡି.ଏନ.ଏ.):** ରେଢାଖୋଲ ସହର ଉପକଣ୍ଠସ୍ଥ ଏକ ଢାବା ନିକଟରେ ସୋମବାର ସକାଳ ୯ଟା ବେଳେ ଟ୍ରକ ଧକ୍କାରେ ଜଣେ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ସଂସାର ନାୟକ ।

ପ୍ରକାଶ ଯେ, ସହରର ୱାର୍ଡ ନଂ ୧୧ ଦଳଖମଣ ସାହିର ଅବସରପ୍ରାପ୍ତ ସେନା କର୍ମଚାରୀ ସଂସାର ନାୟକ (୪୮) ବାଇକ୍ (ନଂ ଓଡି୧୫ଟି -୬୨୭୩) ଯୋଗେ ଡିଉଟିକୁ ଯାଉଥିବା ବେଳେ ଏକ ଟ୍ରକ (ନଂଏମପି୧୫ଏଚଏ ୧୯୨୮) ତାରେଣି ଢାବା ନିକଟରେ ଧକ୍କା ଦେଇଥିଲା। ଖବରପାଇ ପୋଲିସ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ରେଢାଖୋଲ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆଣିଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ପୋଲିସ ଏନେଇ ନଂ୧୨୩ରେ ଏକ ଦୁର୍ଘଟଣାଜନିତ ମାମଲା ରୁଜୁ କରିଛି। ଦୁର୍ଘଟଣା ପରେ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତାକଡକୁ ଖସି ପଡିଥିବା ବେଳେ ଡ୍ରାଇଭର ଫେରାର ହୋଇଯାଇଛି। ମୃତ ସେନା କର୍ମଚାରୀ ଜଣକ ଅବସର ପରେ ଆଇଓସିଏଲରେ ସିକ୍ୟୁରିଟି ଗାର୍ଡ ଭାବେ ଚାରମାଳରେ କାର୍ଯ୍ୟରତ ଥିଲେ। ଏକ ଶୋକାକୁଳ ପରିବେଶରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି।

### ସମ୍ବଲପୁର ରେଳ ମଣ୍ଡଳରେ ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ



**ସମ୍ବଲପୁର,୧୫।୫(ବ୍ୟୁରୋ):** ସମ୍ବଲପୁର ରେଳ ମଣ୍ଡଳରେ ବିଭାଗୀୟ ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ -୨୦୨୩ ସୋମବାର ଉଦଘାଟିତ ହୋଇଯାଇଛି । ଇଷ୍ଟ କୋଷ୍ଟ ସମ୍ବଲପୁର ଡିଭିଜନ ପକ୍ଷରୁ ଆୟୋଜିତ ଏହି ଟୁର୍ନାମେଣ୍ଟ ରେଳ ଷ୍ଟାଡିୟମରେ ଚଳିତ ମାସ ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ। ବିଭାଗୀୟ ରେଳ ପରିଚାଳକ ସମ୍ବଲପୁର ବିନୀତ ସିଂ ମୁଖ୍ୟଅତିଥି ଓ ପୂର୍ବତଟ ରେଳ ମହିଳା କଲ୍ୟାଣ ସଂଗଠନର ସଭାନେତ୍ରୀ ଅଞ୍ଜାନୀ ସିଂ, ଅତିରିକ୍ତ ବିଭାଗୀୟ ରେଳ ପରିଚାଳକ ଆନନ୍ଦ ସିଂ, ରୁଚିକା ସିଂ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ମୁଖ୍ୟଅତିଥି ସିଂ କହିଛନ୍ତି ଯେ, ସମସ୍ତ କର୍ମଚାରୀଙ୍କ ମଧ୍ୟରେ ଭାଇଚାରା ରହିଲେ ସରକାରୀ କାର୍ଯ୍ୟରେ ଏହା ପ୍ରତିଫଳିତ ହେବ । ସିଗନାଲ ଓ ଟେଲିକମ ବିଭାଗ ବନାମ ଅଧିକାରୀ ଏକାଦଶ ମଧ୍ୟରେ ଉଦଘାଟନୀ ମ୍ୟାଚ ଖେଳାଯାଇଥିଲା । ଅଧିକାରୀ ଏକାଦଶ ଦଳ ଟସ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଦଳ ୧୨ ଓଭରରେ ୫ ଉଇକେଟ୍ ହରାଇ ୮୪ ରନ୍ ସଂଗ୍ରହ କରିଥିଲା । ୮୫ ରନ ଲକ୍ଷ୍ୟ ହାସଲ କରି ସିଗନାଲ ଓ ଟେଲିକମ ବିଭାଗ ଦଳ ୧୧.୨ ଓଭରରେ ୮୬ ରନ ସଂଗ୍ରହ କରି ୬ ଉଇକେଟରେ ବିଜୟୀ ହୋଇଥିଲା। କ୍ରୀଡ଼ା ଅଧିକାରୀ ମନୋଜ କୁମାର ବେହେରା, କ୍ରୀଡ଼ା ସଚିବ ଆଲୋକ ରଞ୍ଜନ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ସମ୍ବଲପୁରରେ ରବି ଧାନ ସଂଗ୍ରହ ଆରମ୍ଭ

**ସମ୍ବଲପୁର,୧୫।୫(ବ୍ୟୁରୋ)**

- ୩୦ ପାକ୍ସ,୧୦ ଏସ୍ଏଚ୍‌ଜି ସାମିଲ
- ପ୍ରଥମ ପର୍ଯ୍ୟାୟରେ ୧୨ ଲକ୍ଷ ୬୬ ହଜାର କୁଇଣ୍ଟାଲ ଲକ୍ଷ୍ୟ
- ୧୨୩ ଚାଷୀଙ୍କ ୨୩ ହଜାର ୭୦୭ ପକେଟ ଧାନ ସଂଗ୍ରହ

ସମ୍ବଲପୁର ଜିଲାରେ ଚଳିତ ରବି ଧାନ ସଂଗ୍ରହ ଆରମ୍ଭ ହୋଇଛି । ସୋମବାର ବରେଇପାଲି ମାର୍କେଟ ୟାର୍ଡରୁ ପ୍ରଶାସନ ପକ୍ଷରୁ ଅନୁଷ୍ଠାନିକ ଭାବେ ଏହାର ଶୁଭାରମ୍ଭ କରାଯାଇଥିଲା । ଉପ ଜିଲାପାଳ ପ୍ରଭାସ ଡନସେନା, ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ରାମଚନ୍ଦ୍ର ଟୁଡୁ, ସୁଶିଲ କୁମାର ମିଶ୍ର, ଆରଏମସି ସଂପାଦକ ସଞ୍ଜିବ ପଣ୍ଡାଙ୍କ ସମେତ ସ୍ଥାନୀୟ ଚାଷୀମାନେ ଉପସ୍ଥିତ ରହିଥିଲେ । ସେହିପରି କୁଚିଣ୍ଡା ଓ ସଦର ଉପଖଣ୍ଡରେ ମଣ୍ଡି ଖୋଲାଯାଇଛି। ସକାଳ ୭ ଟାରୁ ଚାଷୀମାନେ ପହଞ୍ଚି ଯାଇଥିଲେ। ଚଳିତବର୍ଷ ଜିଲାରେ ମୋଟ ୬୨ ଗୋଟି ମଣ୍ଡି ଖୋଲାଯାଇଛି। ସେଥିରେ ୩୦ ସମବାୟ ସମିତି ଓ ୧୦ ଏସ୍ଏଚଜିଙ୍କ ଦ୍ୱାରା ଧାନ କିଣା ହେଉଛି। ପ୍ରଥମ ପର୍ଯ୍ୟାୟରେ ୧୨ ଲକ୍ଷ ୬୬ ହଜାର କୁଇଣ୍ଟାଲ ଧାନ କିଣିବାକୁ ଲକ୍ଷ୍ୟ ରହିଛି। ଗତ ରବିରେ ୧୨ ଲକ୍ଷ ୭୦ ହଜାର କୁଇଣ୍ଟାଲ ଧାନ କିଣା ଯାଇଥିଲା। ଗତବର୍ଷ ଅପେକ୍ଷା ପରିମାଣ ସାମାନ୍ୟ ହ୍ରାସ ପାଇଛି।



ରବିଧାନ ସଂଗ୍ରହର ଶୁଭାରମ୍ଭ କରାଯାଉଛି ।

ଏ ସମ୍ପର୍କରେ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ରାମଚନ୍ଦ୍ର ଟୁଡୁ କହିଛନ୍ତି, ଆଜି ପ୍ରଥମ ଦିନରେ ଶାନ୍ତିପୂର୍ଣ୍ଣ ଭାବେ ଧାନ ସଂଗ୍ରହ ହୋଇଛି। ଯୋଗାଣ ବିଭାଗ ଓ ଆରଏମସି ପକ୍ଷରୁ ସମସ୍ତ ସୁବିଧା କରାଯାଇଛ । ଚାଷୀମାନଙ୍କ ସହ ଆଲୋଚନା କରାଯାଉଛି। ମୋଟ ୪୨ ଗୋଟି ମିଲର୍ସ ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ ହୋଇଛନ୍ତି । ଚାଷୀମାନଙ୍କୁ କିଭଳି ଧାନ ବିକ୍ରି ବାବଦ ଟଙ୍କା ଶୀଘ୍ର ଦିଆଯିବ ସେନେଇ ଚେଷ୍ଟା କରାଯିବ। ପ୍ରଥମ ଦିନରେ ୬୦ ମଣ୍ଡିରେ ୧୨୩ ଜଣ ଚାଷୀଙ୍କ ଧାନ ସଂଗ୍ରହ କରାଯାଇଛ। ମୋଟ ୨୩୭୦୭ ପକେଟ ଧାନ ପାକ୍ସ ଓ ଏସ୍ଏଚ୍‌ଜି ମାଧ୍ୟମରେ ସଂଗ୍ରହ କରାଯାଇ ମିଲ୍‌କୁ ପଠାଇ ଦିଆଯାଇଛି ବୋଲି କହିଥିଲେ। ଅନ୍ୟପକ୍ଷେ ଚାଷୀନେତା ବୈମକେଶ ଠାକୁର କହିଛନ୍ତି ଯେ, ଧାନ କିଣାବିକାର ଏବେ ମୁଖ୍ୟ ସମସ୍ୟା ଟୋକନ। ଚାଷୀମାନଙ୍କ ପାଖରେ ପଞ୍ଜୀକୃତ ହୋଇଥିବା ପୁରା ଜମିର ଟୋକନ ଆସିନାହିଁ । ମଣ୍ଡି ଖୋଲି ଦେଲେ ବିନା ଟୋକନରେ ଚାଷୀ କିଭଳି ଧାନ ବିକ୍ରି କରିବ। ଅଧିକାରୀମାନଙ୍କୁ କହିଲେ ଏହା ଭୁବନେଶ୍ୱରରୁ କରାଯାଉଛି । ଯେଉଁ ସମସ୍ୟା ହୋଇଛି ସମାଧାନ ହୋଇଯିବ ବୋଲି କହୁଛନ୍ତି। ସରକାର ଟୋକନ ସରଳୀକରଣ କରି ପାରୁନାହାନ୍ତି। ଯଦି ଚାଷୀ ବସ୍ତା କିଣି ମିଲକୁ ଧାନ ନେବ ତାହେଲେ ମିଲରୁ ପୁରୁଣା ଫଟା ବସ୍ତା ଦିଆଯାଉଛି। ପ୍ରଶାସନକୁ ୭ ଦିନ ସମୟ ଦିଆଯାଇଛି। ଏହାର ସମାଧାନ ନ କଲେ ଚାଷୀ ପୁଣି ଆନ୍ଦୋଳନକୁ ଓହ୍ଲାଇବ ବୋଲି ସେ କହିଥିଲେ।

# ପଥପ୍ରାନ୍ତ ନାଟକରେ ସଚେତନତା ବାର୍ତ୍ତା

**କୁଚିଣ୍ଡା,୧୫।୫(ଡି.ଏନ.ଏ.)**

କୁଚିଣ୍ଡା ମୃର୍ତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ପିଏମ୍‌କେଏସୱାଇ ଯୋଜନାର ସଫଳତା ପରେ ଏବେ ରିୱାର୍ଡ ଯୋଜନାକୁ ନେଇ ପଥପ୍ରାନ୍ତ ନାଟକ ସୋମବାର ରାମତିଲେଇମାଲ ଗ୍ରାମରେ ଶୁଭାରମ୍ଭ ହୋଇଛି। ରାମତିଲେଇମାଲ ଗ୍ରାମର ଜଳବିଭାଜିକା କମିଟି ଅଧକ୍ଷା ତପସ୍ୱିନୀ ନାଏକ, ସମ୍ପାଦକ ଲିଙ୍ଗରାଜ ବାଘ, ଉପାଧ୍ୟକ୍ଷ ପ୍ରଦୀପ ଛତ୍ରିଆ, ବିରଞ୍ଚି ଦର୍ଶା, ସମିତି ସଭ୍ୟ ଧୃବଚରଣ ବେହେରା, କୁଚିଣ୍ଡା ମୃର୍ତ୍ତିକା ସଂରକ୍ଷଣ ବିଭାଗର ପ୍ରକଳ୍ପ କାର୍ଯ୍ୟକାରିଣୀ ଅଧିକାରୀ ମହେନ୍ଦ୍ର ପାଣ୍ଡେ ପ୍ରମୁଖ ଯୋଗଦେଇ ନାଟକ ଉଦ୍‌ଘାଟନ କରିଥିଲେ। ଜଳ ବିଭାଜିକା ଜୀବନ ଜୀବିକା ଉପରେ ଆଧାରିତ ନାଟକରେ ରିୱାର୍ଡ ଯୋଜନା ସମ୍ପର୍କିତ ବିଭିନ୍ନ ଶିକ୍ଷଣୀୟ ଓ ଜନସଚେତନତା ସୃଷ୍ଟିକାରୀ ବାର୍ତ୍ତା ରହିଛି। ବୈଜ୍ଞାନିକ ପଦ୍ଧତିରେ ଚାଷୀଙ୍କ ଆୟକୁ ଦ୍ୱିଗୁଣିତ କରିବାକୁ ସରକାର ରିୱାର୍ଡ ଯୋଜନା କାର୍ଯ୍ୟକାରୀ


ରାମତିଲେଇମାଲ ଗ୍ରାମରେ ଅନୁଷ୍ଠିତ ପଥପ୍ରାନ୍ତ ନାଟକ ।

କରିଛନ୍ତି। ଜଳବିଭାଜିକା କମିଟି ଗଠନ ଓ ପଞ୍ଜୀକରଣ, ଏହି ଯୋଜନାରେ ଚାଷୀଙ୍କୁ ସ୍ୱାବଲମ୍ବୀ କରିବା,ଏସଏଚଜିଙ୍କ ପାଇଁ ମାଛଚାଷ, କୁକୁଡା ଚାଷ, ଗୋପାଳନ,ଛେଳି ଓ ଘୁଷୁରି ଚାଷ ଭଳି ଲାଭଜନକ ଯୋଜନା ରହିଥିବା ବେଳେ ଜଳ ଅମଳ ପ୍ରକଳ୍ପ, କୃଷି ପୋଖରି, ନିର୍ଝର ପୁଷ୍କରିଣୀ,ଗତିଶୀଳ ପାଣିର ସୁରକ୍ଷା,ଜମି ଉନ୍ନୟନ, ମାଟିବନ୍ଧ ବନ୍ଧ, ଢିଲା ପଥର ବନ୍ଧ, ଉଦ୍ୟାନ କୃଷିରେ ଫଳବୃକ୍ଷ ରୋପଣ ଆଦି କାର୍ଯ୍ୟକ୍ରମ ରହିଛି। ଜନସାଧାରଣ ଜଳବିଭାଜିକା କମିଟି ମାଧ୍ୟମରେ ଏହାର ଭରପୁର ଫାଇଦା ନେଇ ପାରିବେ ବୋଲି ନାଟକରେ ବର୍ଣ୍ଣନା କରାଯାଇଥିଲା। ପରେ ପଣ୍ଡରିକଟା ଓ ବାଉରୀଗୋଡାର ଅର୍ଜ୍ଜୁନବାଡରେ ଏହି ନାଟକ ପରିବେଷଣ କରାଯାଇଥିଲା।୧୦ଦିନ ଧରି ଏହି ପଥପ୍ରାନ୍ତ ନାଟକ ବିଭିନ୍ନ ଜଳ ବିଭାଜିକା କମିଟି ଅଞ୍ଚଳରେ ପରିବେଷଣ କରାଯିବ ବୋଲି ପ୍ରକଳ୍ପ ଅଧିକାରୀ ପାଣ୍ଡେ କହିଛନ୍ତି।

## ଜଙ୍ଗଲରୁ ନିଖୋଜ ବୃଦ୍ଧଙ୍କ କଙ୍କାଳ ଜବତ

**କୁଚିଣ୍ଡା,୧୫।୫(ଡି.ଏନ.ଏ.)**

ମହୁଲପାଲି ଥାନା ଅନ୍ତର୍ଗତ ଗୋଛରା ପଞ୍ଚାୟତ ଅନ୍ଧାରିପାଲି (ନୂଆଁପଡା)ରୁ ନିଖୋଜ ଥିବା ୮୦ବର୍ଷର ବୃଦ୍ଧଙ୍କ କଙ୍କାଳ ୨୦ଦିନ ପରେ ପୋଲିସ ଜଙ୍ଗଲରୁ ଜବତ କରିଥିବା ଜଣାଯାଇଛି। ମହୁଲପାଲି ପୋଲିସ ଏନେଇ ନଂ ୪/୨୩ରେ ମାମଲା ରୁଜୁ କରି କେଉଁ ପରିସ୍ଥିତିରେ ବୃଦ୍ଧଙ୍କ ମୃତ୍ୟୁ ଘଟିଲା ତାର ତଦନ୍ତ କରୁଛି।

ସୂଚନା ଅନୁଯାୟୀ, ଅନ୍ଧାରିପାଲି ଗ୍ରାମର ଶିବ କିଷାନ ଗତମାସ ୨୦ତାରିଖରୁ ନିଖୋଜ ଥିଲେ। ପରିବାରବର୍ଗ ଖୋଜାଖୋଜି କରିଥିଲେ ହେଁ ବୃଦ୍ଧଙ୍କ କୌଣସି ପତ୍ତା ନ ମିଳିବାରୁ ପୁଅ ଦଶରଥ ମହୁଲପାଲି ଥାନାରେ ନିଖୋଜ ଥିବା ନେଇ ରିପୋର୍ଟ କରିଥିଲେ। ଇତିମଧ୍ୟରେ ଭେଡେନ ନଦୀ ଖଣ୍ଡିରେ ଥିବା ରଜାବୁଡା ନିକଟସ୍ଥ କଟେରଧୂଆ ଜଙ୍ଗଲରୁ ଦୁର୍ଗନ୍ଧ ବାହାରୁଥିବା ଏବଂ ନର କଙ୍କାଳ ପଡିଥିବା ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଗତ ୧୦ତାରିଖ ଦିନ ଘଟଣାସ୍ଥଳକୁ ଯାଇ କଙ୍କାଳ ଓ ପିନ୍ଧା କପଡା ଜବତ କରିଥିଲା। ପରେ ମୃତକଙ୍କ ପରିବାର ପିନ୍ଧା କପଡା ଚିହ୍ନଟ କରିଥିଲେ। ମାତ୍ର ମୃତ୍ୟୁର ପ୍ରକୃତ କାରଣ ଜଣାପଡିନାହିଁ। ବୃଦ୍ଧ ଜଣକ କୌଣସି କାମରେ ଜଙ୍ଗଲକୁ ଯାଇଥିବା ବେଳେ ପ୍ରଚଣ୍ଡ ଖରା ଯୋଗୁ ଅଂଶୁଘାତର ଶିକାର ହୋଇ ଅଥବା ବନ୍ୟଜନ୍ତୁଙ୍କ ଆକ୍ରମଣ ଦ୍ୱାରା ମୃତ୍ୟୁ ଘଟିଥିବା ପୋଲିସ ଅନୁମାନ କରୁଛି।

# ମୃତ ଶିକ୍ଷକଙ୍କ ପରିବାରକୁ ଶିକ୍ଷକ ସଂଘର ଆର୍ଥିକ ସହାୟତା

**କୁଚିଣ୍ଡା,୧୫।୫(ଡି.ଏନ.ଏ.)**

କୁଚିଣ୍ଡା ଏନଏସି ଅଧୀନ ଘୋଷା ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ଥିବା ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପୃଥୀରାଜ ମହାନନ୍ଦଙ୍କ ନିକଟରେ ଅକାଳ ବିୟୋଗ ଘଟିଛି । ସ୍ୱର୍ଗତ ଶିକ୍ଷକ ମହାନନ୍ଦଙ୍କ ସ୍ତ୍ରୀଙ୍କୁ ସୋମବାର କୁଚିଣ୍ଡା ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ନଗଦ ୨୬,୫୦୦ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି । ଶିକ୍ଷକ ସଂଘ ସଭାପତିପ୍ରଶାନ୍ତ ଦାଶ, ସମ୍ପାଦିକା କଲ୍ୟାଣୀ ପଟେଲ, ଶିକ୍ଷକ ଦୁଃଖବନ୍ଧୁ ସାହୁ, ବୁଲୁ ସାହୁ, ଯୋଗେଶ୍ୱରୀ ପାଙ୍ଗଯୋଶୀ ପ୍ରମୁଖ କୁଚିଲାପାଲିସ୍ଥିତ ବାସଭବନକୁ ଯାଇ ଶିକ୍ଷକଙ୍କ ସ୍ତ୍ରୀଙ୍କୁ ଏହି ସହାୟତା ରାଶି ପ୍ରଦାନ କରିଥିଲେ।


ଶିକ୍ଷକ ସଂଘ ପକ୍ଷରୁ ସହାୟତା ରାଶି ପ୍ରଦାନ କରାଯାଉଛି ।

# ହୀରାଖଣ୍ଡ ସାମ୍ଭୁଖ୍ୟର ସମାବେଶ

**ସମ୍ବଲପୁର,୧୫।୫(ବ୍ୟୁରୋ)**

ଝାରସୁଗୁଡା ସରବାହାଲସ୍ଥିତ ଜଗନ୍ନାଥ ମନ୍ଦିର ସଭାଗୃହରେ ହୀରାଖଣ୍ଡ ସାମ୍ଭୁଖ୍ୟର ସମାବେଶ ଅନୁଷ୍ଠିତ ହୋଇଥିଲା । ସାମ୍ଭୁଖ୍ୟର ସଭାପତି ଡ଼ ପରେଶ ଚନ୍ଦ୍ର ଦାନୀ ଅଧକ୍ଷତା କରିଥିଲେ । ଏହି ଅବସରରେ ସମ୍ବଲପୁରୀ ପତ୍ରିକା ଉଦିଅଁର ମୁଖ୍ୟ ସମ୍ପାଦକ ସୁଶୀଲ କୁମାର ତ୍ରିପାଠୀଙ୍କୁ ହୀରାଖଣ୍ଡ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅଧ୍ୟାପକ ଡ଼ ସତ୍ୟ ନାରାୟଣ ଠାକୁର ମାନପତ୍ର ପାଠ କରିଥିଲେ। ହୀରାଖଣ୍ଡ ଅଞ୍ଚଳର ଜିଲାଗୁଡିକୁ ନେଇ ବହୁ ପୂର୍ବରୁ ହୀରାଖଣ୍ଡ ସାମ୍ରାଜ୍ୟ ଥିଲା। ଯାହାକୁ ନେଇ ସ୍ୱଭାବ କବି ଗଙ୍ଗାଧର ମେହେର ୧୯୧୯ରେ ଲେଖିଥିଲେ 'ତୁମ୍ଭ କୃପା ଲଭି ତୁମ୍ଭ ଆଦେଶେ, ହୀରାଖଣ୍ଡ ପ୍ରଦେଶେ ଲଭିଛି ଜନମ। ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ଲକ୍ଷ୍ମୀ ନାରାୟଣ ମିଶ୍ର, ବୋଧରାମ ଛତ୍ରିଆ ପ୍ରମୁଖ ସ୍ୱାଧୀନତା ପୂର୍ବରୁ ସ୍ୱତନ୍ତ୍ର ହୀରାଖଣ୍ଡ ରାଜ୍ୟ ଗଠନ ଦାବି ଉଠାଇ ଥିଲେ। ହୀରାଖଣ୍ଡ ରାଜ୍ୟ ଓ ସମ୍ବଲପୁରୀ ଭାଷା ସଂସ୍କୃତି ବହୁ ପୂର୍ବରୁ ଥିଲା ଏବଂ ଏହା ରହିବ ବୋଲି ବକ୍ତାମାନେ ବିଭିନ୍ନ ଦିଗରୁ ଆଲୋକପାତ କରିଥିଲେ। ସମାବେଶରେ ଝାରସୁଗୁଡା ମହିଳା କଲେଜର ପୂର୍ବତନ ଅଧକ୍ଷ ପ୍ରଫେସର ଲଳିତ ମୋହନ ଦାଶ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଲକ୍ଷ୍ମୀ ନାରାୟଣ କଲେଜ ଇଂରାଜୀ ବିଭାଗର ମୁଖ୍ୟ ଡ଼ ସ୍ୱର୍ଣ୍ଣମୟୀ ପୁରୋହିତ ମୁଖ୍ୟବକ୍ତା, ହୀରାଖଣ୍ଡ ସାମ୍ଭୁଖ୍ୟର ଉପଦେଷ୍ଟା ବରିଷ୍ଠ ଖବରଦାତା ଅର୍ଜ୍ଜୁନ ରଞ୍ଜନ ପଣ୍ଡା, ବ୍ରଜରାଜନଗର କଲେଜର ଅଧ୍ୟାପିକା ପଦ୍ମା ମହାପାତ୍ର ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ। ରାଜେଶ କୁମାର ବେହେରା, ପ୍ରଶାନ୍ତ କୁମାର ମିଶ୍ର, ଅନ୍ତର୍ଯ୍ୟାମୀ ପାଣିଗ୍ରାହୀ, ବିବେକାନନ୍ଦ ମିଶ୍ର, ଅଧ୍ୟାପିକା ମନ୍ଦାକିନୀ ଶତପଥୀ, ପୁଷ୍ପାଞ୍ଜଳି ପଣ୍ଡା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ହୀରାଖଣ୍ଡ ରାଜ୍ୟ ଦାବି ଓ ସମ୍ବଲପୁରୀ ଭାଷାର ସୁରକ୍ଷା ପାଇଁ ଅଣଓଡ଼ିଆ ବ୍ୟବସାୟୀମାନଙ୍କ ସହ ସମ୍ବଲପୁରୀ ଭାଷାରେ କଥାବାର୍ତ୍ତା ହେବାକୁ ଆହ୍ୱାନ କରିଥିଲେ। ସାହିତ୍ୟିକ ବସନ୍ତ କୁମାର ନାଥ ଧନ୍ୟବାଦ ଅର୍ପଣ କରିଥିଲେ।




# ରେଙ୍ଗାଲି ଡାକ୍ତରଖାନା ରାସ୍ତା ଅବରୋଧ

**ସମ୍ବଲପୁର/ରେଙ୍ଗାଲି, ୧୫।୫(ବ୍ୟୁରୋ/ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଙ୍ଗାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ରାସ୍ତା ଅବରୋଧ କରାଯାଇଛି । ଠିକାଦାର ମେଡିକାଲ ମୁଖ୍ୟ ଗେଟ ସମ୍ମୁଖରେ ରାସ୍ତା ଡ୍ରେନ ନିର୍ମାଣ ପାଇଁ ଖୋଲି ଦେଇ ଛାଡି ଦେଇଥିବାରୁ ଏଭଳି ସମସ୍ୟା ଉପୁଜିଛି। ଏହାସହ ରାସ୍ତା କଡରେ ନିର୍ମାଣ ସମାଗ୍ରୀ ପଡି ରହିଛି । ପ୍ରାୟ ୧୫ ଦିନ ହେବ ରୋଗୀ ଓ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଜିଲା ପ୍ରଶାସନ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି। ଅଭିଯୋଗ କ୍ରମେ ଡ୍ରେନ ନିର୍ମାଣ କରିବା ସମୟରେ ଶୀଘ୍ର ସାରିବାକୁ କୁହାଯାଇଥିଲା । ଅତି କମରେ ମେଡିକାଲ ସମ୍ମୁଖ ଭାଗ କାମ ପାଇଁ ପ୍ରାଥମିକତା ଦେବାକୁ ଅନୁରୋଧ କରାଯାଇଥିଲା। ହେଲେ ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ପାଇଁ ରେଙ୍ଗାଲି ଜନସାଧାରଣ, ରୋଗୀ ଓ କର୍ମଚାରୀ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଡ୍ରେନ ନିର୍ମାଣ ଯୋଗୁ ଆଜିକୁ ୧୫ ଦିନ ହେବ ଗୋଟିଏ ପ୍ରବେଶ ପଥ ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇଯାଇଛି। କେବଳ ରୋଗୀ ନୁହେଁ, ଆମ୍ବୁଲାନ୍ସ ଯାତାୟାତରେ ଅସୁବିଧା


ସମ୍ବଲପୁର ରେଙ୍ଗାଲି ମେଡିକାଲ ସମ୍ମୁଖରେ ଅଧା ଅପନ୍ତରିଆ ଡ୍ରେନ।

### ଡ୍ରେନ ପାଇଁ ଖୋଳି ଛାଡି ଦେଇଛନ୍ତି ଠିକାଦାର

ହେଉଛି । ଠିକାଦାର ଗୋଟିଏ ଜାଗାରେ କାମ ସମ୍ପୂର୍ଣ୍ଣ ନ କରି ଅନ୍ୟ ସ୍ଥାନରେ ଡ୍ରେନ ଖୋଳିବାକୁ ଲାଗି ପଡିଛନ୍ତି। ଡାକ୍ତରଖାନା ପାଖ କାମ ଅଧାପନ୍ତରିଆ ପକାଇ ଦେଇ ଅନ୍ୟ ସ୍ଥାନରେ କିଭଳି କାମ କରିବାକୁ ବିଭାଗ ଅନୁମତି ଦେଇଛି ବୋଲି ଅଭିଯୋଗ ହେଉଛି। ରେଙ୍ଗାଲି ମୁଖ୍ୟ ରାସ୍ତାରୁ ଗୌଡ଼ପଡା ଯାଇଥିବା ରାସ୍ତାରେ ମଧ୍ୟ ଡ୍ରେନ ନିର୍ମାଣ ଆରମ୍ଭ କରି କାମକୁ ଅସମ୍ପୂର୍ଣ୍ଣ ରଖାଯାଇଛି । ଏବେ ବସଷ୍ଟାଣ୍ଡରେ ଡ୍ରେନ କାମ ଆରମ୍ଭ କରାଯାଇଛି। ଫଳରେ ଗୌଡ଼ପଡାକୁ ଯିବା ରାସ୍ତାରେ ମଧ୍ୟ ଯାତାୟାତରେ ସମସ୍ୟା ହେଉଛି। ପଡାବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ରେଙ୍ଗାଲି ମୁଖ୍ୟ ରାସ୍ତାରେ ନିର୍ମାଣ କାମ ଚାଲୁଛି। କିନ୍ତୁ ରାସ୍ତାରେ ବାଲି, ଗେଟି ଜମା ରହୁଥିବାରୁ ବହୁ ସମୟରେ ଟ୍ରାଫିକ ସମସ୍ୟା ଦେଖାଯାଉଛି। ବିନା କୌଣସି ସତର୍କ ସୂଚନାରେ ଠିକା ସଂସ୍ଥା କାମ କରି ଚାଲିଛି । ଏପରି ମନମୁଖୀ କାର୍ଯ୍ୟ ଯୋଗୁ କୌଣସି ଅଘଟଣ ଘଟିଲେ ବିଭାଗ ଓ ଠିକାଦାର ଦାୟୀ ରହିବେ ବୋଲି ଲୋକମାନେ କହୁଛନ୍ତି। ଫର୍ମାସିଷ୍ଟ ସୁରେନ୍ଦ୍ର ମୋହନ ବେହେରା କହିଛନ୍ତି ଯେ, କାମ ଆରମ୍ଭ ସମୟରେ ଠିକାଦାରଙ୍କୁ ମେଡିକାଲ ସମ୍ମୁଖରେ କାମ ଶୀଘ୍ର ସାରିବାକୁ ଅନୁରୋଧ କରାଯାଇଥିଲା । ହେଲେ ୧୫ ଦିନ ହେବ କାମ ଅଧାପନ୍ତରିଆ ହୋଇ ପଡି ରହିଛି । ପ୍ରଶାସନ ଓ କାମ କରୁଥିବା ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ସେ ଦାବି କରିଛନ୍ତି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com


@ ଭାଗବତ


@ ଦୀପା


@ ପ୍ରତ୍ୟୁଷ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ପୀଡ଼ିତାଙ୍କ ବୟାନ ରେକର୍ଡ

**କୁଚିଣ୍ଡା,୧୫।୫(ଡି.ଏନ.ଏ.)**

**ଅଧ୍ୟାପକଙ୍କ ଯୌନ କେଲେଙ୍କାରୀ**

କୁଚିଣ୍ଡା ବ୍ଲକ ଅଞ୍ଚଳର ଏକ ସରକାରୀ ଶିକ୍ଷାନୁଷ୍ଠାନର ଅଧକ୍ଷାଙ୍କୁ ୧୧ବର୍ଷ ଧରି ଜଣେ ଅଧ୍ୟାପକ ବ୍ଲାକ ମେଲ୍ କରି ଯୌନ ଶୋଷଣ କରି ଆସୁଥିବା କୁଚିଣ୍ଡା ଥାନାରେ ରିପୋର୍ଟ ହୋଇଛି । ଏନେଇ ପୋଲିସ କୁଚିଣ୍ଡା ଥାନା ନଂ ୯୫/୨୩ ଧାରା ୩୭୬(୨)ରେ ମାମଲା ରୁଜୁ କରିଛି। ଏହି ଘଟଣାରେ ସମ୍ପୃକ୍ତ ଅଧ୍ୟାପକଙ୍କୁ ପୋଲିସ ଥାନାକୁ ଆଣି ତଦନ୍ତ କରିବା ଏବଂ ପରେ କୁଚିଣ୍ଡା ମେଡିକାଲରେ ଉଭୟଙ୍କ ଡାକ୍ତରୀ ପରୀକ୍ଷା କରାଇଥିଲା। ମାତ୍ର ହଠାତ୍ ତାଙ୍କର ହୃଦଘାତ୍ ହେବା ଏବଂ ଡାକ୍ତର ତାଙ୍କୁ ବୁର୍ଲା ମେଡିକାଲକୁ ରେଫର କରିବା ଘଟଣା ସମସ୍ତଙ୍କୁ ଚକିତ କରିଥିଲା। ତେବେ ପୋଲିସ ସୋମବାର କୁଚିଣ୍ଡା ଏସ୍‌ଡିଜେଏମଙ୍କ ସମ୍ମୁଖରେ ୧୬୪ଧାରାରେ ପୀଡିତାଙ୍କ ବୟାନ ରେକର୍ଡ କରାଇଥିବା ଜଣାଯାଇଛି। ଏପରି ସ୍ଥଳେ ବର୍ତ୍ତମାନ ସୁଦ୍ଧା ପୋଲିସ ଅଧ୍ୟାପକଙ୍କୁ ଗିରଫ ନ କରିବା ଏବଂ କୁଚିଣ୍ଡା ମେଡିକାଲରେ ଚିକିତ୍ସା କରିଥିବା ଡାକ୍ତର ତାଙ୍କୁ ହଠାତ୍ ବୁର୍ଲା ରେଫର କରିବା ଘଟଣାକୁ ନେଇ ସାଧାରଣରେ ନା ନା ଆଲୋଚନା ହେଉଛି।

**ସଂକ୍ଷେପରେ**

## ପ୍ରମାଣ ଅଭାବରୁ ଧଳସାମନ୍ତ ଭ୍ରାତା ନିର୍ଦ୍ଦୋଷ

**ଡାଲି ବ୍ୟବସାୟୀ ଫାରୁକ୍ ହତ୍ୟା ମାମଲା**

**କଟକ ଅଫିସ,୧୫।୫:** କଟକର ବହୁଚର୍ଚ୍ଚିତ ମାଲଗୋଦାମ ଡାଲି ବ୍ୟବସାୟୀ ସେକ୍ ଫାରୁକ ଖାନ୍ ହତ୍ୟା ମାମଲାରେ ଧଳସାମନ୍ତ ଭ୍ରାତା ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ଏହି ମାମଲାର ମୁଖ୍ୟ ଅଭିଯୁକ୍ତ ସୁଶାନ୍ତ ଓ ସୁଶିଲ ଧଳସାମନ୍ତ ଏବଂ ସେମାନଙ୍କ ସହଯୋଗୀ ଆରିଫ ଖାଁଙ୍କୁ ସୋମବାର କଟକ ଜିଲା ଓ ଦୌରା ଜଜ୍ ଆବଶ୍ୟକ ତଥ୍ୟ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସୂଚନାଯୋଗ୍ୟ, ୨୦୧୪ ନଭେମ୍ବର ୧୧ରେ ସଂଘଟିତ ମାଲଗୋଦାମ ହୋଲସେଲ୍ ଡାଲି ବ୍ୟବସାୟୀ ଫାରୁକ ଖାନ୍ ହତ୍ୟା ମାମଲାରେ ପୋଲିସ ୮ଜଣଙ୍କୁ ଗିରଫ କରିଥିଲା। ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ ଧଳସାମନ୍ତ ଭ୍ରାତାଙ୍କ ୪ ଜଣ ସହଯୋଗୀ ପ୍ରମାଣ ଅଭାବରୁ କୋର୍ଟରୁ ନିର୍ଦ୍ଦୋଷରେ ଖଲାସ ହୋଇସାରିଛନ୍ତି। ସେମାନେ ହେଲେ ଗ୍ୟାଙ୍ଗଷ୍ଟର ମହମ୍ମଦ ସକିଲ, ସେକ୍ ସୋନା, ସେକ୍ ବାବୁ, ଜଗତ୍‌ସିଂହପୁରର ଅସିତ୍ ଦାସ। ତେବେ ସୁଶାନ୍ତ ଓ ସୁଶିଲ ଧଳସାମନ୍ତ ଏବଂ ଆରିଫ ଏହି ମାମଲାରେ ଜେଲରେ ଅଛନ୍ତି। ସ୍ପଷ୍ଟ ଦିବାଲୋକରେ ଡାଲି ବ୍ୟବସାୟୀ ଫାରୁକ୍‌ଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା। ଦୁର୍ବୃତ୍ତମାନେ ମୋଟର ସାଇକେଲରେ ଆସି ଫାରୁକ୍‌ଙ୍କ ଉପରକୁ ୫ ରାଉଣ୍ଡ ଗୁଳି ଚଳାଇ ଫେରାର ହୋଇଯାଇଥିଲେ। ଘଟଣାସ୍ଥଳରେ ହିଁ ଫାରୁକଙ୍କ ମୃତ୍ୟୁ ଘଟିଥିଲା। ମାଲଗୋଦାମ ଥାନା ପୋଲିସ ୨୦୧୮ରେ ଏହି ହତ୍ୟାକାଣ୍ଡର ପ୍ରାଥମିକ ଚାର୍ଜସିଟ କୋର୍ଟରେ ଦାଖଲ କରିଥିଲା। ପୁଣି ୨୦୨୧ ଡିସେମ୍ବର ୨୭ରେ ଧଳସାମନ୍ତଙ୍କ ୪ଜଣ ସହଯୋଗୀ ମାଛୁଆ ବଜାରର ଚନ୍ଦନ ବେହେରା, ସିଡିଏ ସେକ୍ଟର ୭ ଅଞ୍ଚଳର ଲଲନ ଗୁପ୍ତା, ରାଣୀହାଟ ଗୋପାଳ ସାହିର ଶଙ୍କର ଓରଫ ଦୀପକ କୁମାର ନାୟକ ଏବଂ ଲାଲବାଗ ଅଲିଶା ବଜାରର ରଞ୍ଜନ ବେହେରା ଓରଫ ରାଜାଙ୍କ ବିରୋଧରେ ପୋଲିସ ଜେଏମ୍‌ଏଫ୍‌ସି ସିଟି କୋର୍ଟରେ ଚାର୍ଜସିଟ୍ ଦାଖଲ କରିଥିଲା। ସେବେଠାରୁ ବିଭିନ୍ନ ସମୟରେ ମାମଲାର ଶୁଣାଣି ହୋଇ ବିଚାର ପ୍ରକ୍ରିୟା ଚାଲିଥିଲା।

## ଦୁବାଇ ଗଲେ ବଣ୍ଡା ଛାତ୍ରୀ

**ମାଲକାନଗିରି,୧୫।୫(ଡି.ଏନ୍.ଏ.):** ମାଲକାନଗିରି ଜିଲାର ଆଦିମ ବଣ୍ଡା



ଜନଜାତିର ଆଇଟିଆଇ ଛାତ୍ରୀ ବୁଦ୍ରି କିର୍ସାନୀ ସୋମବାର ଭୁବନେଶ୍ୱର ଅନ୍ତର୍ଜାତୀୟ ବିମାନବନ୍ଦରରୁ ଦୁବାଇ ଯାଇଛନ୍ତି। ସେଠାରେ ସେ ଶିଳ୍ପ କ୍ଷେତ୍ରରେ ଅତ୍ୟାଧୁନିକ ଜ୍ଞାନକୌଶଳ ଦେଖିବା ସହ କିଛି ଶିକ୍ଷା ଗ୍ରହଣ କରି ଦୁଇଦିନ ପରେ ଫେରିବେ। ଦୁବାଇ ଯିବା ପାଇଁ ରାଜ୍ୟ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପକ୍ଷରୁ ବଣ୍ଡା ଘାଟିର ଝିଅ ବୁଦ୍ରିଙ୍କ ସମେତ ୫ ଜଣ ଛାତ୍ରୀଛାତ୍ର ମନୋନୀତ ହୋଇଥିଲେ। ବୁଦ୍ରି ରବିବାର ମାଲକାନଗିରିରୁ ବସ୍‌ରେ ଭୁବନେଶ୍ୱର ଅଭିମୁଖେ ଆସିଥିଲେ। ସୋମବାର ସେ ଅନ୍ୟ ଛାତ୍ରୀଛାତ୍ରଙ୍କ ସହ ଦୁବାଇ ଯାଇଛନ୍ତି। ଏହା ଜିଲା ପାଇଁ ଏକ ଗୌରବର ବିଷୟ ହୋଇଛି।

## ଶିକ୍ଷକଙ୍କୁ ୨୦ ବର୍ଷ ଜେଲ

**ନାବାଳିକା ବଳାତ୍କାର ମାମଲା**

**ବାଲେଶ୍ୱର ଅଫିସ, ୧୫।୫:** ଏକ ନାବାଳିକା ବଳାତ୍କାର ମାମଲାର ବିଚାର କରି ସୋମବାର ବାଲେଶ୍ୱର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ଜଜ୍ ରଞ୍ଜନ କୁମାର ସୂତାର ଅଭିଯୁକ୍ତ ଏକ ସରକାରୀ ସ୍କୁଲର ଶିକ୍ଷକଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ୨୦ବର୍ଷ ସଶ୍ରମ କାରାଦଣ୍ଡ ସହ ୫ହଜାର ଟଙ୍କା ଜରିମାନା କରାଯାଇଛି। ଜରିମାନା ଅନାଦେୟ ଅଧିକ ୨ ବର୍ଷ ଜେଲ୍‌ଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି। ୨୦୧୯ ନଭେମ୍ବର ୧୨ରେ ବାଲେଶ୍ୱର ଜିଲା ସିମୁଳିଆ ଥାନା ଅଞ୍ଚଳରେ ପରିବାରରେ କେହି ନ ଥିବା ବେଳେ ଜଣେ ୧୧ ବର୍ଷୀୟା ନାବାଳିକାଙ୍କୁ ସ୍ଥାନୀୟ ରାମପୁରର ଶିକ୍ଷକ ବସନ୍ତ ଦାସ (୫୯) ଚକୋଲେଟ୍ ଦେବାର ଲୋଭ ଦେଖାଇ ନିଜ ଘରକୁ ଡାକି ନେଇଥିଲେ। ସେଠାରେ ତାଙ୍କୁ ଯୌନ ନିର୍ଯାତନା ଦେବା ସହ ବଳାତ୍କାର କରିଥିଲେ। ଏନେଇ ନାବାଳିକା ଜଣକ ଘରେ ଜଣାଇବା ପରେ ତାଙ୍କ ମା' ସିମୁଳିଆ ଥାନାରେ ଅଭିଯୋଗ କରିଥିଲେ। ଥାନାରେ ମାମଲା (ନଂ. ୩୨୧/୧୯) ରୁଜୁ କରାଯାଇଥିଲା। ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ଜଜ୍ ୧୫ ସାକ୍ଷ୍ୟ ଓ ୧୮ ଦସ୍ତାବିଜ୍‌କୁ ଆଧାର କରି ଅଭିଯୁକ୍ତଙ୍କୁ ଉପରୋକ୍ତ ଦଣ୍ଡାଦେଶ ଦେଇଛନ୍ତି। ପୀଡ଼ିତାଙ୍କୁ ୪ଲକ୍ଷ ଟଙ୍କାର ଅନୁକମ୍ପା ରାଶି ଦେବା ପାଇଁ ଜିଲା ଆଇନ ସେବା ପ୍ରାଧିକରଣ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପ୍ରଣବ କୁମାର ପଣ୍ଡା ମାମଲାର ପରିଚାଳନା କରୁଥିଲେ।

# ବାକି ପଡ଼ିଛି ୬ ହଜାର କୋଟି

**୨୦୦୯-୧୦ ଖଣି ଦୁର୍ନୀତି ପ୍ରସଙ୍ଗ**

- ଜରିମାନା ଅର୍ଥ ପୈଠ କରୁନାହାନ୍ତି ଲିଜ୍‌ଧାରୀ
- ଖଣି ପ୍ରଭାବିତ ଅଞ୍ଚଳ ବିକାଶରେ ବାଧା

**ଯୋଡ଼ା,୧୫।୫(ଡି.ଏନ୍.ଏ.)**

ଓଡ଼ିଶାର ଖଣି ବହୁଳ କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳରେ ଖଣି ଦୁର୍ନୀତିକୁ ନେଇ ୨୦୦୯- ୧୦ରେ ଆଲୋଡ଼ନ ସୃଷ୍ଟି ହୋଇଥିଲା। ଦୁର୍ନୀତିର ତଦନ୍ତ କରିବା ପାଇଁ ଜଷ୍ଟିସ ଏମ୍.ବି. ଶାହା କମିଶନ ଏବଂ ପରେ ସୁପ୍ରିମ କୋର୍ଟଙ୍କ ଦ୍ୱାରା ଗଠିତ ସେଣ୍ଟ୍ରାଲ ଏମ୍‌ପାୱାର୍ଡ କମିଟି (ସିଇସି)ଯାଞ୍ଚକରି ସୁପ୍ରିମକୋର୍ଟଙ୍କୁ ରିପୋର୍ଟ ଦେଇଥିଲେ। ଉକ୍ତ ମଣ୍ଡଳରେ ଖଣି ଉପରେ ଖଣି ଖନନରେ ଅନିୟମିତତା ଥିବା ହେତୁ କୋର୍ଟ ଜରିମାନା କରିଥିଲେ। ମାତ୍ର ଆଜି ପର୍ଯ୍ୟନ୍ତ ଲିଜ୍‌ଧାରୀମାନେ ୬ ହଜାର କୋଟିରୁ ଉର୍ଦ୍ଧ୍ୱ ଜରିମାନା ଟଙ୍କା ପଇଠ କରିନାହାନ୍ତି। ଫଳରେ ଓଡ଼ିଶା ମାଇନିଂ ବିୟରିଂ ଡେଭଲପମେଣ୍ଟ କର୍ପୋରେଶନ (ଓଏମ୍‌ବିଏଡିସି) ଅର୍ଥରେ ହେଉଥିବା ଖଣି ପ୍ରଭାବିତ ଅଞ୍ଚଳର ବିକାଶରେ ବାଧା ଉପୁଜୁଛି।

ଖଣି ବିଭାଗରୁ ମିଳିଥିବା ତଥ୍ୟ ଅନୁଯାୟୀ, ଏନ୍‌ଭାଇରନମେଣ୍ଟ କ୍ଲିୟରାନ୍ସରେ ଅନିୟମିତତା କରିଥିବା ୬୮ ଖଣିକୁ ପ୍ରାୟ ୧୯,୨୯୦ କୋଟି ୮୧ ଲକ୍ଷ ୭୩ ହଜାର ୪୨୩ ଟଙ୍କା କ୍ଷତି ଭରଣା କରିବାକୁ ନିର୍ଦ୍ଦେଶ ହୋଇଥିଲା।



ଯୋଡ଼ା ଖଣି ମଣ୍ଡଳରେ ଥିବା ଏକ ଖଣି।

ସେଥିମଧ୍ୟରୁ ୧୪, ୭୯୩ କୋଟି ୭୧ ଲକ୍ଷ ୮୯ ହଜାର ୭୧୩ ଟଙ୍କା ଆଦାୟ ହୋଇଥିବା ବେଳେ ପ୍ରାୟ ୪୪୯୭ କୋଟି ୦୯ ଲକ୍ଷ ୮୩ ହଜାର ୭୧୦ଟଙ୍କା ବକେୟା ଅର୍ଥ କେତେଜଣ ଖଣି ଲିଜ୍‌ଧାରୀଙ୍କ ପାଖରେ ଅନାଦେୟ ହୋଇରହିଛି। ସେହିପରି ଫରେଷ୍ଟ କଞ୍ଜର୍ଭେଶନ ଆକ୍ଟରେ ୯ ଲିଜ୍‌ଧାରୀ ଖିଲାପକାରୀଙ୍କ ବିରୋଧରେ ପ୍ରାୟ ୧୭୨୬ କୋଟି ୧୦ ଲକ୍ଷ ୯୧ ହଜାର ୯୩୪ ଟଙ୍କା କ୍ଷତି ଭରଣା ପୈଠ କରିବାକୁ ନିର୍ଦ୍ଦେଶ ହୋଇଥିଲା। ସେଥିମଧ୍ୟରୁ ପ୍ରାୟ ୧୭୨୫ କୋଟି ୭୭ ଲକ୍ଷ ୩୯ ହଜାର ୫୧୯ ଟଙ୍କା ଆଦାୟ ହୋଇଥିବା ବେଳେ ପ୍ରାୟ ୩୩ ଲକ୍ଷ ୫୨ହଜାର ୪୧୫ଟଙ୍କା ବକେୟା ରହିଛି। ମାଇନିଂ ପ୍ଲାନ୍ ଓ କନ୍‌ସେଣ୍ଟ ଟୁ ଅପରେଟ ଖିଲାପକାରୀ ୫୭ ଲିଜ୍‌ଧାରୀଙ୍କ ବିରୋଧରେ ପ୍ରାୟ ୨୧୩୯ କୋଟି ୪୯ ଲକ୍ଷ ୮୧ ହଜାର ୧୭୦ ଟଙ୍କା କ୍ଷତି ଭରଣା ନିର୍ଦ୍ଦେଶ ହୋଇଥିଲା। ସେଥିମଧ୍ୟରୁ ୮୬୫ କୋଟି ୬୩ ଲକ୍ଷ ୬୦ ହଜାର ୩୮୭ ଟଙ୍କା ଆଦାୟ ହୋଇଥିବା ବେଳେ ପ୍ରାୟ ୧୨୭୩ କୋଟି ୮୬ ଲକ୍ଷ ୨୦ ହଜାର ୭୮୩ ଟଙ୍କା ବକେୟା ରହିଛି।

ପ୍ରକାଶଯୋଗ୍ୟ, ମାଇନିଂ କଞ୍ଜର୍ଭେଶନ ନିୟମର ୨୧(୫)ଧାରା ଅନୁଯାୟୀ, ନିୟମ ଖିଲାପକାରୀଙ୍କ ବିରୋଧରେ ୨୮ ଅଗଷ୍ଟ ୨୦୧୭ରେ କୋର୍ଟ ଜରିମାନା ଧାର୍ଯ୍ୟ କରିଥିଲେ। ଏନ୍‌ଭାଇରନମେଣ୍ଟ କ୍ଲିୟରାନ୍ସ, ଫରେଷ୍ଟ କଞ୍ଜର୍ଭେଶନ ନିୟମ, କନ୍‌ସେଣ୍ଟ ଟୁ ଅପରେଟ, ମାଇନିଂ ପ୍ଲାନ୍ ପ୍ରଭୃତିରେ ଖିଲାପକରି ଅନିୟମିତତା କରିଥିବା ହେତୁ ଅନେକ ହଜାର କୋଟି ଟଙ୍କା କ୍ଷତିଭରଣା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହି କ୍ଷତି ଭରଣା ଅର୍ଥ ଓଏମ୍‌ବିଏଡିସିରେ ଜମାହୋଇ ଅଞ୍ଚଳର ବିକାଶମୂଳକ କାର୍ଯ୍ୟରେ ଖର୍ଚ୍ଚ ହୋଇଥାଏ। କ୍ଷତିଭରଣା ଦେବାରେ ଅସମର୍ଥ ଖଣି ଲିଜ୍‌ଧାରୀଙ୍କ ବିରୋଧରେ ଓଡ଼ିଶା ସରକାର ସାର୍ଟିଫିକେଟ କେସ୍ ମଧ୍ୟ ରୁଜୁକରିଛନ୍ତି। ଏହାକୁ ରାଜସ୍ୱ ବିଭାଗ ଓ ଜିଲା ପ୍ରଶାସନ ପକ୍ଷରୁ ତଦାରଖ କରାଯାଉଛି।

## ସ୍ତ୍ରୀଙ୍କ ଆତ୍ମହତ୍ୟା ପରେ ଜୀବନ ହାରିଲେ ସ୍ୱାମୀ

**ରକ୍ତହୀନତା ରୋଗରେ ପୀଡ଼ିତ ଥିଲେ ସ୍ତ୍ରୀ**

**କଣ୍ଟାବାଞ୍ଜି, ୧୫।୫(ଡି.ଏନ.ଏ.)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଥାନା ଅନ୍ତର୍ଗତ ଦାବିରି ଗାଁରେ ଘଟିଛି ଏକ ଦୁଃଖଦ ଘଟଣା। ରବିବାର ରାତିରେ ବେକରେ ରଶିବାନ୍ଧି ସ୍ତ୍ରୀ ଚନ୍ଦ୍ରକଳା (୪୦) ଆତ୍ମହତ୍ୟା କରିଥିଲେ। ଏଥିରେ ମାନସିକ ଭାରସାମ୍ୟ ହରାଇ ସ୍ୱାମୀ ଗୋଧନ ମଲ୍ଲିକ(୪୫) ଘରୁ କୁଆଡ଼େ ଚାଲି ଯାଇଥିଲେ। ସୋମବାର ସକାଳେ ଗାଁ ନିକଟ ଏକ କ୍ଷେତରେ ଥିବା ଗଛରୁ ଝୁଲନ୍ତା ଅବସ୍ଥାରେ ତାଙ୍କ ମୃତଦେହ ଜବତ କରାଯାଇଛି। ବଲାଙ୍ଗୀରରୁ ଆସିଥିବା ସାଇଣ୍ଟିଫିକ ଟିମ୍ ତଦନ୍ତ ଜାରି ରଖିଛି। ପୋଲିସ ଉଭୟ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

ସୂଚନା ଅନୁଯାୟୀ, ଗୋଧନ ପୂର୍ବରୁ ବିବାହ କରିଥିଲେ। ହେଲେ ପ୍ରଥମ ସ୍ତ୍ରୀଙ୍କ ମୃତ୍ୟୁ ପରେ ସେ ଚନ୍ଦ୍ରକଳାଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ଚନ୍ଦ୍ରକଳା ରକ୍ତହୀନତା ରୋଗରେ ପୀଡ଼ିତ ଥିଲେ। ପ୍ରତିଥର ଚିକିତ୍ସା ପାଇଁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡୁଥିଲା। ମୂଲମଜୁରି ଲାଗି ପେଟ ପୋଷୁଥିବା ଗୋଧନଙ୍କ ପକ୍ଷେ ଚନ୍ଦ୍ରକଳାଙ୍କ ଚିକିତ୍ସା କରାଇବା ସମ୍ଭବ ହେଉ ନ ଥିଲା। ବିଜୁ ସ୍ୱାସ୍ଥ୍ୟକାର୍ଡ ଥିଲେ ବି ସେ ତା'ର ଉପଯୋଗ କରି ପାରି ନ ଥିଲେ। ଯନ୍ତ୍ରଣାରେ ଛଟପଟ ହେଉଥିବା ଚନ୍ଦ୍ରକଳା ଶେଷରେ ଚରମ ନିଷ୍ପତ୍ତି ନେଇ ରବିବାର ରାତିରେ ନିଜ ଘରେ ବେକରେ ରଶି ବାନ୍ଧି ଆତ୍ମହତ୍ୟା କରିଥିଲେ। କାମ ସାରି ଘରକୁ ଫେରିବା ପରେ ଗୋଧନ ଏକଥା ଶୁଣି ହତବାକ୍ ହୋଇପଡିଥିଲେ। ଚନ୍ଦ୍ରକଳାଙ୍କ ଆତ୍ମହତ୍ୟାରେ ସେ ସମ୍ପୂର୍ଣ୍ଣ ଭାଙ୍ଗିପଡିଥିଲେ। ନିଜ ମାନସିକ ଭାରସାମ୍ୟ ହରାଇ ଘରକୁ କୁଆଡ଼େ ଚାଲି ଯାଇଥିଲେ। ଶେଷରେ ସେ ବି ଏକ ଗଛରେ ଝୁଲି ଆତ୍ମହତ୍ୟା କରିଥିଲେ। ସ୍ତ୍ରୀ ତ ଗଲା ଆଉ କାହିଁକି ବଞ୍ଚିବି କହି ପୁଅ ଘରୁ କୁଆଡ଼େ ଚାଲିଯାଇଥିଲା ବୋଲି ଗୋଧନଙ୍କ ମା' ଚାଖାଇ ମଲ୍ଲିକ କହିଛନ୍ତି। ସୋମବାର ସକାଳେ ଗାଁ ନିକଟ ପୁସ୍ତମ ମଲ୍ଲିକଙ୍କ ଚାଷଜମିରେ ଥିବା ଏକ ଗଛରେ ଗୋଧନଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ମିଳିଥିଲା। ପୁସ୍ତମଙ୍କ ଏତଲା ଆଧାରରେ କଣ୍ଟାବାଞ୍ଜି ଥାନା ପୋଲିସ ତଦନ୍ତ ଆରମ୍ଭ କରିଛି। ଏ ନେଇ କଣ୍ଟାବାଞ୍ଜି ଥାନାରେ ଦୁଇଟି ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ରଶ୍ମିତା ବେହେରା କହିଛନ୍ତି।



ଭୁବନେଶ୍ୱରଠାରେ ଚାଲିଥିବା ଜି-୨୦ ସଂସ୍କୃତି କାର୍ଯ୍ୟଗୋଷ୍ଠୀ ବୈଠକ ଅବସରରେ ସୋମବାର କଳାଭୂମିଠାରେ 'ସଷ୍ଟେନ୍: ଦ କ୍ରାଫ୍ଟ ଇଡିୟମ୍' ପ୍ରଦର୍ଶନୀକୁ ଉଦ୍‌ଘାଟନ ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜି. କିଷନ ରେଡ୍ଡୀ ଏବଂ ଗୃହରାଷ୍ଟ୍ର ମନ୍ତ୍ରୀ ନିତ୍ୟାନନ୍ଦ ରାୟ ଏହାର ଲୋଗୋ ଉନ୍ମୋଚନ କରୁଛନ୍ତି।

## ବନ୍ଧୁକ, ଭୁଜାଲିରେ ଆକ୍ରମଣ କରି ଜନସେବା କେନ୍ଦ୍ରରୁ ଲୁଟ

**ମାଲିକ ଗୁରୁତର, ସ୍ତ୍ରୀ ଆହତ**

**ସୁନ୍ଦରଗଡ଼,୧୫।୫(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା କିଞ୍ଜିରିକେଲା ଥାନା ଅନ୍ତର୍ଗତ ଓଡ଼ିଶା–ଛତିଶଗଡ଼ ସୀମାନ୍ତବର୍ତ୍ତୀ ହୁର୍ମେଇ ଗ୍ରାମରେ ଥିବା ଏକ ଜନସେବା କେନ୍ଦ୍ରରୁ ସୋମବାର ପୂର୍ବାହ୍ନରେ ଲୁଟ ହୋଇଛି। ୩ଜଣ ଦୁର୍ବୃତ୍ତ ଫଟୋ ଉଠାଇବା ବାହାନାରେ ଆସି ଜନସେବା କେନ୍ଦ୍ର ମାଲିକଙ୍କୁ ବନ୍ଧୁକ ଓ ଭୁଜାଲିରେ ଆକ୍ରମଣ କରି ଅଢ଼େଇ ଲକ୍ଷ ଟଙ୍କା ଲୁଟି ନେଇ ଫେରାର ହୋଇଯାଇଛନ୍ତି। ଦୁର୍ବୃତ୍ତଙ୍କ ଆକ୍ରମଣରେ ଜନସେବା କେନ୍ଦ୍ର ମାଲିକ ବସନ୍ତ ବାଡ଼ା (୨୮) ଗୁରୁତର ଭାବେ ଆହତ ହୋଇଛନ୍ତି। ତାଙ୍କୁ ଉଦ୍ଧାର କରାଯାଇ ସୁନ୍ଦରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତାଙ୍କ ସ୍ତ୍ରୀ ମଧ୍ୟ ଆହତ ହୋଇଛନ୍ତି। ଖବରପାଇ କିଞ୍ଜିରିକେଲା ଥାନା ଆଇଆଇସି ଜଗଦୀଶ ବାଡ଼ା ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଘଟଣାସ୍ଥଳରୁ ପୋଲିସ ଏକ ଖୋକା ଜବତ କରିଛି। ଏହି ଘଟଣା ପଛର କାରଣ କ'ଣ ବର୍ତ୍ତମାନ ସୁଦ୍ଧା ଜଣାପଡି ନାହିଁ।

ଜନସେବା କେନ୍ଦ୍ର ମାଲିକ ବସନ୍ତ ପୋଲିସ ନିକଟରେ ଦେଇଥିବା ବୟାନ ଅନୁସାରେ ପୂର୍ବାହ୍ନ ସାଢେ ୧୧ଟାରେ ବାଇକ୍‌ରେ ୩ଜଣ ଯୁବକ ଆସି ତାଙ୍କୁ



ଗୁରୁତର ହୋଇଥିବା ଜନସେବା କେନ୍ଦ୍ରର ମାଲିକ। ଜବତ ଖୋକା(ଇନ୍ ସେଟ୍)।

ଫଟୋ ଉଠାଇବାକୁ କହିଥିଲେ। ଜଣଙ୍କ ଫଟୋ ଉଠାଇ ସାରିଲା ପରେ ସେମାନଙ୍କ ମଧ୍ୟରୁ ଅନ୍ୟ ଜଣେ ହଠାତ ଏକ ରିଭରଭଲ୍ ଦେଖାଇ ଟଙ୍କା ଦେବାକୁ କହି ତାଙ୍କ ଉପରକୁ ଗୁଳି ମାରିବାକୁ ଉଦ୍ୟମ କରୁଥିଲେ। ଏହି ସମୟରେ ପାଟି ଶୁଣି ବସନ୍ତଙ୍କ ସ୍ତ୍ରୀ ଦୁର୍ବୃତ୍ତଙ୍କ ହାତକୁ ଉପରକୁ କରି ଦେବାରୁ ୨ରାଉଣ୍ଡ ଗୁଳି ବସନ୍ତଙ୍କ ଦେହରେ ବାଜି ନ ଥିଲା। ଏହା ପରେ ଦୁର୍ବୃତ୍ତମାନେ ଭୁଜାଲିରେ ତାଙ୍କ ହାତ, ପିଠିକୁ ହାଣିଥିଲେ। ବସନ୍ତ ନିଜକୁ ବଞ୍ଚାଇବା ପାଇଁ ଜଣକୁ ପଥରରେ ଛେଚିବା ପରେ ସେମାନେ ସେଠାରୁ ଟଙ୍କା ଓ ତାଙ୍କ ମୋବାଇଲ ଫୋନ ଧରି ଫେରାର୍ ହୋଇଯାଇଥିଲେ। ଦୁର୍ବୃତ୍ତମାନେ ଛତିଶଗଡ଼ି ଭାଷାରେ କଥା ହେଉଥିଲେ। ଜନସେବା କେନ୍ଦ୍ରରୁ ଟଙ୍କା ଲୁଟ ଉଦ୍ଦେଶ୍ୟରେ ସେମାନେ ଆସିଥିଲେ ବୋଲି ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

## ଦିବାକର ମହାନ୍ତି, ନନ୍ଦକିଶୋର ସିଂହ ପାଇବେ ଭଜନସମ୍ରାଟ ଭିକାରୀ ବଳ ସ୍ମୃତି ସମ୍ମାନ

**କଟକ ଅଫିସ, ୧୫।୫**

ସଙ୍ଗୀତଜ୍ଞ ଦିବାକର ମହାନ୍ତି ଓ ଗୀତିକାର ନନ୍ଦକିଶୋର ସିଂହ ଭଜନ ସମ୍ରାଟ ଭିକାରୀ ବଳ ସ୍ମୃତି ସମ୍ମାନ-୨୦୨୩ ପାଇବାକୁ ମନୋନୀତ ହୋଇଛନ୍ତି। ଓଡ଼ିଶାର ଲବ୍ଧ ପ୍ରତିଷ୍ଠ କଣ୍ଠଶିଳ୍ପୀ ଭଜନ ସମ୍ରାଟ ଭିକାରୀ ବଳଙ୍କ ଜୟନ୍ତୀ ଉତ୍ସବ ଆସନ୍ତା ୨୫ ତାରିଖରେ କଟକ ଶତାବ୍ଦୀଭବନରେ ପାଳନ କରାଯିବ। ଉକ୍ତ ଉତ୍ସବରେ ଜୀବନବ୍ୟାପୀ ସାଧନା ପାଇଁ ସଙ୍ଗୀତଜ୍ଞ ମହାନ୍ତି ଓ ଗୀତିକାର ସିଂହଙ୍କୁ ଭଜନସମ୍ରାଟ ଭିକାରୀ ବଳ ସ୍ମୃତି ସମ୍ମାନ ପ୍ରଦାନ କରାଯିବ। ସଙ୍ଗୀତଜ୍ଞ ମହାନ୍ତି ୧୯୭୧ ମସିହାରୁ ଆକାଶବାଣୀର ସ୍ୱୀକୃତିପ୍ରାପ୍ତ କଳାକାର ମାନ୍ୟତା ପାଇଛନ୍ତି। ତାଙ୍କ କଣ୍ଠରୁ 'ବନ୍ଦଶ୍ରୀ ବଳଦେବ ରୋହିଣୀ ନନ୍ଦନ...', 'ବଡ଼ଦାଣ୍ଡେ ଚାଲେ ତୁମ ନନ୍ଦିଘୋଷ ରଥ...' ପ୍ରଭୃତି ଗୀତ ଲୋକପ୍ରିୟ ହୋଇପାରିଛି। ସେହିପରି ଗୀତିକାର ସିଂହ ୧୯୬୩ ମସିହାରୁ ଆକାଶବାଣୀର ସ୍ୱୀକୃତିପ୍ରାପ୍ତ ଗୀତିକାର। ତାଙ୍କ ଲିଖିତ ଓ ଭିକାରୀ ବଳଙ୍କ କଣ୍ଠରେ



ଦିବାକର ମହାନ୍ତି



ନନ୍ଦକିଶୋର ସିଂହ

ଗାୟନ କରାଯାଇଥିବା ଆଧୁନିକ ଗୀତ 'ବସନ୍ତ ଲେଖିଛି ଚିଠି ଗୋଲାପି ଗୋଲାପି...', 'ସଜ ସକାଳର ଶେଫାଳି ଗୋତୁମେ ରାତ୍ରିର ରଜନୀଗନ୍ଧା...' ପ୍ରଭୃତି ବେଶ୍ ଆଦୃତି ଲାଭ କରିଛି। ଭିକାରୀ ବଳଙ୍କ ଜୟନ୍ତୀ ଉତ୍ସବରେ ଉଭୟଙ୍କୁ ଅଙ୍ଗବସ୍ତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯିବ। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ କଣ୍ଠଶିଳ୍ପୀଙ୍କ ଦ୍ୱାରା ଭକ୍ତିସଙ୍ଗୀତ ପରିବେଷଣ କରାଯିବ ବୋଲି ଭଜନ ସମ୍ରାଟ ଭିକାରୀ ବଳ ସ୍ମୃତି ସଂସଦର ସମ୍ପାଦକ ଡ. ସୁନାମଣି ରାଉତ ସୋମବାର ଏକ ପ୍ରେସ୍ ବିବୃତିରେ ସୂଚନା ଦେଇଛନ୍ତି।

## ଶିଳ୍ପୀ ଲଲାଟ ମୋହନ ପଟ୍ଟନାୟକଙ୍କ ପରଲୋକ

**ଶୋକବ୍ୟକ୍ତ କଲେ ସଂସ୍କୃତି ମନ୍ତ୍ରୀ**

**ଭୁବନେଶ୍ୱର, ୧୫।୫ (ବ୍ୟୁରୋ)**

ଧର୍ମପଦ ପୁରସ୍କାରପ୍ରାପ୍ତ ଡିଜାଇନର ତଥା ଚିତ୍ରଶିଳ୍ପୀ ଲଲାଟ ମୋହନ ପଟ୍ଟନାୟକଙ୍କ ସୋମବାର ଅପରାହ୍ନ ୩ଟା ୫୦ରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ତାଙ୍କୁ ୭୫ ବର୍ଷ ବୟସ ହୋଇଥିଲା। ସେ ଦୀର୍ଘଦିନ ଧରି ଲିଭର ରୋଗରେ ପୀଡିତ ଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଅବନତି ଘଟିବାରୁ ମେ' ୧ରୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

ଲଲାଟ ମୋହନ ୧୯୪୮ ଏପ୍ରିଲ ୩ରେ ଖୋର୍ଦ୍ଧା ଜିଲା ଚିଲିକା ବ୍ଲକର ହରିପୁର ଶାସନରେ ଜନ୍ମଗ୍ରହଣ କରିଥିଲେ। ପିଲାଦିନେ ଚିତା, ମୁରୁଜ ଦେଖି ଚିତ୍ର ଆଙ୍କିବା ଆରମ୍ଭ କରିଥିଲେ। ବୁଣାକାରମାନଙ୍କୁ ନୂତନ ପଦ୍ଧତି, ନୂଆ ରଙ୍ଗ, ନୂଆ ନକ୍ସାର ପ୍ରୟୋଗ ମାଧ୍ୟମରେ ହସ୍ତଶିଳ୍ପର ଉନ୍ନତିକରଣ ସହ ଆଧୁନିକ କୌଶଳ ପ୍ରୟୋଗର ମାର୍ଗଦର୍ଶନ କରାଇଥିଲେ। ନିଜର ସୃଜନଶୀଳ କଳାର ସାଧନା ପାଇଁ ୨୦୨୧ରେ ଓଡ଼ିଶା ଲଳିତ କଳା ଏକାଡେମୀର ସର୍ବୋଚ୍ଚ ସମ୍ମାନ 'ଧର୍ମପଦ ପୁରସ୍କାର'ରେ ସମ୍ମାନିତ ହୋଇଥିଲେ। ଏହାବ୍ୟତୀତ ସେ ୧୯୭୫ରେ ଓଡ଼ିଶା ଲଳିତକଳା ଏକାଡେମୀ ପୁରସ୍କାର, ୨୦୧୯ରେ ଇଲାପଣ୍ଡା ଚିତ୍ରକଳା ସମ୍ମାନ ଓ ଶାରଳା ସମ୍ମାନ, ୨୦୧୮ରେ ବୟନ ବିଭବ ସମ୍ମାନ ପାଇଥିଲେ।



ମୃତ୍ୟୁ ସମୟରେ ତାଙ୍କ ଧର୍ମପତ୍ନୀ ନମିତା ପଟ୍ଟନାୟକ, ୨ ଝିଅ ଲୋପାମୁଦ୍ରା ଓ ଲୋରା ପଟ୍ଟନାୟକ, ପୁଅ ଲୋକେଶ ପଟ୍ଟନାୟକ ଏବଂ ବୋହୂ ସ୍ୱର୍ଣ୍ଣା ପଟ୍ଟନାୟକ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ତାଙ୍କ ମୃତଦେହ ଓଡ଼ିଶା ଲଳିତ କଳା ଏକଡେମୀ ପରିସରକୁ ଅଣାଯାଇଥିଲା। ସେଠାରେ ଏକାଡେମୀ ସଚିବ ପଞ୍ଚାନନ ସାମଲ, ଡା. ଅଲେଖ ଚନ୍ଦ୍ର ସାହୁ, ଜୟନ୍ତ କୁମାର ଦାସ, ଚିନ୍ତାମଣି ବିଶ୍ୱାଳ ପ୍ରମୁଖ ବହୁ ଶିଳ୍ପୀ, ବୁଦ୍ଧିଜୀବୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ କରାଯାଇଥିଲା। ତାଙ୍କ ପରଲୋକରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଗଭୀର ଶୋକବ୍ୟକ୍ତ କରିଛନ୍ତି। ଓଡ଼ିଶାର ଚିତ୍ରକଳା କ୍ଷେତ୍ରରେ ଧର୍ମପଦ ପୁରସ୍କାରପ୍ରାପ୍ତ ତଥା ଚିତ୍ରକର ଲଲାଟ ମୋହନ ପଟ୍ଟନାୟକଙ୍କ ଅବଦାନ ଅତୁଳନୀୟ। କଳାକ୍ଷେତ୍ରରେ ତାଙ୍କର ଯଶକୀର୍ତ୍ତି ସର୍ବଭାରତୀୟ ସ୍ତରରେ ପ୍ରଶଂସିତ ହେବା ସହ ସେ ସର୍ବଦା ଶିଳ୍ପୀକୂଳର ପ୍ରେରଣାର ପ୍ରତୀକ ଓ ଉତ୍ସହର ଉତ୍ସ ହୋଇ ରହିବେ ବୋଲି ମନ୍ତ୍ରୀ କହିଛନ୍ତି।

## ଗଛକାଟି ରାସ୍ତା ଅବରୋଧ କଲେ ମାଓବାଦୀ

**ବନ୍ଦ ସମର୍ଥନ କରିବାକୁ ବ୍ୟାନର, ପୋଷ୍ଟର**

**ରାୟଗଡ଼ା/ଚନ୍ଦ୍ରପୁର, ୧୫।୫(ସ୍ୱ.ପ୍ର./ଡି.ଏନ.ଏ.)**

ମାଓବାଦୀ ସଙ୍ଗଠନ ପକ୍ଷରୁ ୧୨ ଦଫା ଦାବି ନେଇ ମେ ୧୫ରେ ଓଡ଼ିଶାର ୭ ଜିଲାରେ ବନ୍ଦ ପାଳନ କରିବାକୁ କିଛିଦିନ ତଳେ ଅଡିଓ ଟେପ୍ ଜାରି କରାଯାଇଥିଲା। ଏହି କ୍ରମରେ ସୋମବାର ମାଓବାଦୀ ବିଭିନ୍ନ ସ୍ଥାନରେ ଗଛ କାଟି ରାସ୍ତା ଅବରୋଧ କରିବା ସହ ଦାବି ପୂରଣ ପାଇଁ ପୋଷ୍ଟର, ବ୍ୟାନର ମାରିଛନ୍ତି।

ଏହି କ୍ରମରେ ରାୟଗଡ଼ା ଜିଲାରେ ମାଓବାଦୀଙ୍କ ତରଫରୁ ଗଛକାଟି ରାସ୍ତା ଅବରୋଧ କରାଯାଇଛି। ଏଥିସହ ବିଭିନ୍ନ ସ୍ଥାନରେ ବ୍ୟାନର ଓ ପୋଷ୍ଟର ଲଗାଇଛନ୍ତି। ଜିଲାର ଦୁର୍ଗମ ଅଞ୍ଚଳ ଚନ୍ଦ୍ରପୁର ବ୍ଲକ ପୂର୍ବରୁ ମାଓବାଦୀଙ୍କ ଆଞ୍ଚା ପାଲଟିଥିଲା। ଚନ୍ଦ୍ରପୁର ବ୍ଲକ ଅନ୍ତର୍ଗତ ପଙ୍କାଲଗୁଡି ନିକଟରେ ଗଛକାଟି ରାସ୍ତା ଅବରୋଧ କରାଯାଇଥିଲା। ସେଠାରେ ମଧ୍ୟ ବ୍ୟାନର ଓ ପୋଷ୍ଟର ଲାଗିଥିଲା। ରାସ୍ତା ଅବରୋଧ ଯୋଗୁ ଚନ୍ଦ୍ରପୁର ଓ ମୁନିଗୁଡା ରାସ୍ତାରେ ଯାତାୟାତ ପ୍ରଭାବିତ ହୋଇଥିଲା। ସିଆର୍‌ପିଏଫ୍ ଯବାନ ପହଞ୍ଚି ଗଛକୁ ହଟାଇବା ସହ ବ୍ୟାନର ଓ ପୋଷ୍ଟର ଜବତ କରିଥିଲେ। ବନ୍ଦ ଡାକରାକୁ ଦୃଷ୍ଟିରେ ରଖି ପୋଲିସ ତରଫରୁ ଜିଲାର ବିଭିନ୍ନ ସ୍ଥାନରେ କୋମ୍ବିଂ ଅପରେଶନ ଜୋରଦାର କରାଯାଇଛି।

# ମାଓବାଦୀଙ୍କ ବନ୍ଦ ଡାକରା



ରାସ୍ତାରେ ପଡ଼ିଥିବା ଡିଟୋନେଟର।

- ଖଞ୍ଜିଥିଲେ ଡିଟୋନେଟର
- ଗଛ ପକାଇ ରାସ୍ତା ଅବରୋଧ

**ଭବାନୀପାଟଣା,୧୫।୫(ସ୍ୱ.ପ୍ର.)**

୧୨ ଦଫା ଦାବି ନେଇ କଳାହାଣ୍ଡି ଜିଲା ସମେତ ୬ ଜିଲାରେ ସୋମବାର ମାଓବାଦୀ ବନ୍ଦ ଡ଼ାକରା ଦେଇଛନ୍ତି। କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା ସିର୍ଲିଗୁଡା ଓ କିଟପଦର ନୀଳଗିରି ବଗିଚା ନିକଟରେ ମାଓବାଦୀମାନେ ଡିଟୋନେଟର ଲଗାଇବା ସହ ରାସ୍ତାରେ ଗଛ ପକାଇ ରାସ୍ତା ଅବରୋଧ କରିଥିଲେ। ଏଥିସହ ବ୍ୟାନର ଓ ପୋଷ୍ଟର ମାରି ସରକାରଙ୍କୁ ବିଭିନ୍ନ ଦାବି ପୂରଣ ନେଇ ଧମକ ଦେଇଛନ୍ତି। ଏହା ପରେ ପୋଲିସ ଓ ବମ ସ୍କ୍ୱାଡ୍ ଘଟଣାସ୍ଥଳକୁ ଯାଇ ଡିଟୋନେଟର ଅକାମୀ କରିବା ସହ ରାସ୍ତାରେ ପଡିଥିବା ଗଛକୁ ହଟାଇଥିଲେ। ଏହାପରେ ଯାତାୟତ ସ୍ୱାଭାବିକ ହୋଇଥିଲା। ସୂଚନାଯୋଗ୍ୟ ଯେ, କଳାହାଣ୍ଡି ଜିଲା ଏମ୍.ରାମପୁର ତାପରଙ୍ଗ ସଂରକ୍ଷିତ ଜଙ୍ଗଲରେ ଗତ ୯ ତାରିଖରେ ପୋଲିସ ଓ ମାଓବାଦୀ ଗୁଳି ବିନିମୟରେ ମାଓବାଦୀ କମାଣ୍ଡର ଲଳିତଙ୍କ ମୃତ୍ୟୁ ଘଟିଛି। ଏହି ଘଟଣାର ପ୍ରତିବାଦ କରିଛି ସିପିଆଇ ମାଓବାଦୀ ସଙ୍ଗଠନ। ଦୃଢ଼ ଜବାବ ଦେବାକୁ ମାଓବାଦୀ ସଙ୍ଗଠନ ଏକ ଅଡିଓ ଟେପ୍ ଜାରି କରି ୧୨ ଦଫା ଦାବି ନେଇ କଳାହାଣ୍ଡି ଜିଲା ସମେତ ୬ ଜିଲାରେ ସୋମବାର ବନ୍ଦ ଡାକରା ଦିଆଯାଇଥିଲା। ଗତ କିଛି ଦିନ ତଳେ ସିପିଆଇ ମାଓବାଦୀ ପ୍ରବକ୍ତା ଚକରା ବିଶୋଇଙ୍କ ଏକ ଅଡିଓ ବାର୍ତ୍ତା ଆସିଥିଲା।



ମାଓବାଦୀ ପୋଷ୍ଟର।



ହାଇଦ୍ରାବାଦର ହାଇଟେକ୍ସ ପ୍ରଦର୍ଶନୀ କେନ୍ଦ୍ରଠାରେ 'ଇଣ୍ଡୋମାକ ଇଣ୍ଡଷ୍ଟ୍ରିଆଲ ଆଣ୍ଡ ମେଶିନାରି ଏକ୍ସପୋ-୨୦୨୩' ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଟାପାରିଆ ଟୁଲ୍ସର ଏକ ସ୍ୱତନ୍ତ୍ର ଷ୍ଟଲ୍ ସହ ବ୍ରାଣ୍ଡର ସମସ୍ତ ଯନ୍ତ୍ରପାତି ଓ ଉତ୍ପାଦ ପ୍ରଦର୍ଶିତ ହୋଇଛି।

## ଆଇପିଓ ଜରିଆରେ ୬୨୫ କୋଟି ହାସଲ ଲକ୍ଷ୍ୟ

**ନୂଆଦିଲ୍ଲୀ,୧୫।୫**

ଫିନ୍‌କେୟାର ସ୍ମଲ ଫାଇନାନ୍ସ ବ୍ୟାଙ୍କ ପକ୍ଷରୁ ଇନିସିଆଲ୍ ପବ୍ଲିକ୍ ଅଫରିଂ (ଆଇପିଓ) ଅଣାଯିବ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ନିକଟରେ ମଧ୍ୟ ଆଇପିଓ ସଂକ୍ରାନ୍ତୀୟ ଡ୍ରାଫ୍ଟ ରେଡ୍ ହେରିଂ ପ୍ରୋସ୍‌ପେକ୍ଟସ୍ (ଡିଏଚ୍‌ଆର୍‌ପି) ଦାଖଲ କରାଯାଇଛି। ବିଶେଷ କରି ଇକ୍ୱିଟି ସେୟାର ଜାରି କରି ବ୍ୟାଙ୍କ୍ ଆଇପିଓ ଜରିଆରେ ୬୨୫ କୋଟି ଟଙ୍କା ହାସଲ କରିବାକୁ ଲକ୍ଷ୍ୟ ରଖିଛି। ସେହିଭଳି ଅଫର୍ ଫର୍ ସେଲ୍ ଜରିଆରେ ବ୍ୟାଙ୍କ ତା'ର ପ୍ରତିଷ୍ଠାତା ଓ ନିବେଶକମାନଙ୍କ ୧୭,୦୦୦,୦୦୦ ଇକ୍ୱିଟି ସେୟାର ଉପଲବ୍ଧ କରିବ। ଏଥିରୁ ଯେଉଁ ପାଣ୍ଠି ମିଳିବ ତାହାକୁ ବ୍ୟାଙ୍କ୍‌ର ଭବିଷ୍ୟତ ପୁଞ୍ଜି ଆବଶ୍ୟକତା ପୂରଣ କରିବା ସହ ବ୍ୟାଙ୍କର ଟାୟାର-୧ ପୁଞ୍ଜିରେ ଉନ୍ନତି ଆଣିବା ଦିଗରେ ବ୍ୟବହାର କରାଯିବ।

## ହୋଣ୍ଡା ସାଇନ୍ ୧୦୦ ସିସିର ଡେଲିଭରି

**ନୂଆଦିଲ୍ଲୀ,୧୫।୫**





ହୋଣ୍ଡା ମୋଟରସାଇକେଲ୍ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ୍ (ଏଚ୍‌ଏମ୍‌ଏସ୍‌ଆଇ) ପକ୍ଷରୁ ହୋଣ୍ଡା ସାଇନ୍ ୧୦୦ ସିସିର ଗ୍ରାହକ ଡେଲିଭରି କାର୍ଯ୍ୟକ୍ରମର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। କର୍ନାଟକର ନର୍ସାପୁରାଠାରେ ଥିବା କମ୍ପାନୀର ୩ୟ କାରଖାନାରୁ ହୋଣ୍ଡା ସାଇନ୍ ୧୦୦ ସିସିର ପ୍ରେରଣ ଆରମ୍ଭ କରାଯାଇଛି। କମ୍ପାନୀ ପକ୍ଷରୁ ଏକ ସ୍ୱତନ୍ତ୍ର ସମାରୋହର ଆୟୋଜନ କରାଯାଇଥିଲା, ଯେଉଁଥିରେ କମ୍ପାନୀର ସଭାପତି, ସିଇଓ ଓ ପରିଚାଳନା ନିର୍ଦ୍ଦେଶକ ସୁସୁମୁ ଓଟାନି, ବରିଷ୍ଠ ନିର୍ଦ୍ଦେଶକ (ମାନବ ସମ୍ବଳ ଓ ପ୍ରଶାସନ) ବିଜୟ ଧିଙ୍ଗରା, ନିର୍ଦ୍ଦେଶକ (ଉତ୍ପାଦନ) ନବୀନ ଅୱଲ ଓ ଏଚ୍‌ଏମ୍‌ଏସ୍‌ଆଇର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ ୨୦୨୩ ମାର୍ଚ୍ଚରେ କମ୍ପାନୀ ପକ୍ଷରୁ ଓବିଡି-୨ ନିୟମ ପାଳନ କରୁଥିବା ୧୦୦ ସିସି ହୋଣ୍ଡା ସାଇନ୍‌କୁ ସର୍ବଭାରତୀୟ ସ୍ତରରେ ଉନ୍ମୋଚନ କରାଯାଇଥିଲା, ଯେଉଁଥିରେ ଇଏସ୍‌ପି ଇଞ୍ଜିନର ଶକ୍ତି ଏବଂ ୧୨ ନୂଆ ପେଟେଣ୍ଟ୍‌କୁ ବ୍ୟବହାର କରିଛି।

## ଓରିଏଣ୍ଟ ଇଲେକ୍‌ଟ୍ରିକ୍‌ର ନୂତନ ଉତ୍ପାଦ ଉନ୍ମୋଚିତ



**ନୂଆଦିଲ୍ଲୀ,୧୫।୫**

ଓରିଏଣ୍ଟ ଇଲେକ୍‌ଟ୍ରିକ୍ ଲିମିଟେଡ୍‌ର ନୂତନ ଉତ୍ପାଦ ନିକଟରେ ଉନ୍ମୋଚିତ ହୋଇଯାଇଛି। ଏପରିକି କମ୍ପାନୀର ବହୁ ପ୍ରତୀକ୍ଷିତ ତଥା ବିଏଲ୍‌ଡିସି ଟେକ୍ନୋଲୋଜିରେ ନିର୍ମିତ ଫ୍ୟାନ୍‌ଗୁଡ଼ିକର ଏକ ବ୍ୟାପକ ରେଞ୍ଜର ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ସାଧାରଣ ଫ୍ୟାନ୍ ତୁଳନାରେ ଓରିଏଣ୍ଟର ୫-ଷ୍ଟାର୍ ରେଟେଡ୍ ବିଏଲ୍‌ଡିସି ଫ୍ୟାନ୍ ୫୦% ପର୍ଯ୍ୟନ୍ତ କମ୍ ଶକ୍ତି ବ୍ୟବହାର କରିଥାଏ।

ଏ ସମ୍ପର୍କରେ ଓରିଏଣ୍ଟ ଇଲେକ୍‌ଟ୍ରିକ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଓ ସିଇଓ ରାଜନ ଗୁପ୍ତା କହିଛନ୍ତି, ଭାରତୀୟ ଉପଭୋକ୍ତାଙ୍କ ପାଇଁ ଶକ୍ତି ଦକ୍ଷ ଓ ସୁଲଭ ମୂଲ୍ୟର ସମାଧାନ ଆଣିବା ଲାଗି ବିଇଇ, ଇଇଏସ୍‌ଏଲ୍ ଭଳି ଅନୁଷ୍ଠାନଗୁଡ଼ିକ ସହ ମିଶି କାର୍ଯ୍ୟ କରୁଛୁ। ଆମର ବିସ୍ତୃତ ରେଞ୍ଜର ବିଏଲ୍‌ଡିସି ଫ୍ୟାନ୍‌ଗୁଡିକ ଉକ୍ତ ଦିଗରେ ଏକ ପଦକ୍ଷେପ ଏବଂ ଆମେ ବିଶ୍ୱାସ କରୁଛୁ ଯେ ଉପଭୋକ୍ତାମାନେ ଏହି ଫ୍ୟାନ୍‌ରୁ ପାଇବାକୁ ଥିବା ମୂଲ୍ୟକୁ ପ୍ରଶଂସା କରିବେ।

## ଏପ୍ରିଲରେ ୧୨,୫୯୦ ୟୁନିଟ୍ ଟ୍ରାକ୍ଟର ବିକ୍ରି

**ନୂଆଦିଲ୍ଲୀ,୧୫।୪**

ଭାରତର ଏକ ନମ୍ବର ଟ୍ରାକ୍ଟର ରପ୍ତାନିକାରୀ ବ୍ରାଣ୍ଡ ସୋନାଲିକା ୨୦୨୩-୨୪ ଆର୍ଥିକ ବର୍ଷ ଆରମ୍ଭରୁ ନୂତନ ରକର୍ଡ ସହ ପୂର୍ବ ବର୍ଷର ସମାନ ବିକ୍ରୟ ଧାରା ବଜାୟ ରଖିଛି। ଏପରିକି ୨୦୨୩ ଏପ୍ରିଲରେ ସୋନାଲିକା ମୋଟ ୧୨,୫୯୦ ୟୁନିଟ ଟ୍ରାକ୍ଟର ବିକ୍ରି କରିଛି, ଯାହା କୃଷକ ସମୁଦାୟ ମଧ୍ୟରେ ବ୍ରାଣ୍ଡର ଦ୍ରୁତ ବେଗରେ ବଢୁଥିବା ପସନ୍ଦକୁ ସୂଚିତ କରୁଛି। ଏହି ଅସାଧାରଣ ପ୍ରଦର୍ଶନ ଯୋଗୁ କମ୍ପାନୀ ଟ୍ରାକ୍ଟର ଶିଳ୍ପରେ ୧.୯%ର ବଜାର ଅଂଶ ହାସଲ କରିଛି। ବିଶେଷ କରି କୃଷକଙ୍କ ଚାହିଦାକୁ ଗୁରୁତ୍ୱ ଦେବା ଏବଂ ସେହି ଅନୁଯାୟୀ ଅତ୍ୟାଧୁନିକ ଟେକ୍ନୋଲୋଜିର ନିରନ୍ତର ବିକାଶ କରିବା ପ୍ରତି ସୋନାଲିକାର ଆଭିମୁଖ୍ୟ ଏବଂ କମ୍ପାନୀର ଅଭିବୃଦ୍ଧିକୁ ବିସ୍ତାର କରୁଛି। ସେହିଭଳି ଗବେଷଣା ଓ ଉଦ୍ଭାବନ ପ୍ରକ୍ରିୟା ସମେତ କୃଷକଙ୍କ ସହ ତୃଣମୂଳ ସ୍ତରରେ ସଂଯୋଜିତ ହେବା ଉପରେ କମ୍ପାନୀର ଉଦ୍ଦେଶ୍ୟମୂଳକ ଧ୍ୟାନ ଏହାକୁ ବେଶ ଶକ୍ତିଶାଳୀ ଇଞ୍ଜିନ୍ ସହ ବିସ୍ତୃତ ରେଞ୍ଜର ଟ୍ରାକ୍ଟର, ଇଣ୍ଟେଲିଜେଣ୍ଟ ଟ୍ରାନ୍ସମିଶନ ଓ ହାଇଡ୍ରାଓଲିକ୍ସଗୁଡିକୁ ଡିଜାଇନ୍ କରିବାକୁ ସକ୍ଷମ କରିଛି। ଏ ସମ୍ପର୍କରେ ଇଣ୍ଟରନ୍ୟାଶନାଲ ଟ୍ରାକ୍ଟର୍ସ ଲିମିଟେଡର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ରମଣ ମିତ୍ତଲ କହିଛନ୍ତି, ୨୦୨୩ ଏପ୍ରିଲରେ ଆମେ ୧୨,୫୯୦ଟି ଟ୍ରାକ୍ଟର ବିକ୍ରି କରିଛୁ। ଏପରିକି ଏକ ଉତ୍ସାହଜନକ ଆରମ୍ଭ ସହିତ ନୂଆ ଆର୍ଥିକ ବର୍ଷରେ ପ୍ରବେଶ କରିଛୁ। ଫଳରେ ଆମର ମଜଭୁତ ମୂଳଦୁଆ ସହ ଉନ୍ନତ ପ୍ରକ୍ରିୟା ଓ ଉତ୍ପାଦ ପୋର୍ଟଫୋଲିଓ ମାଧ୍ୟମରେ ଅଧିକ ଲାଭ ହାସଲ କରିବାର ଅନୁଭବ ଆନନ୍ଦଦାୟକ ହୋଇପାରିଛି। ସେହିଭଳି ଆମେ ୧.୯%ର ସର୍ବୋଚ୍ଚ ବଜାର ଅଂଶ ସହ ନୂଆ ଆର୍ଥିକ ବର୍ଷକୁ ଟାର୍ଗେଟ କରିବା ଏବଂ ଉତ୍କର୍ଷତାରୁ ଆଗକୁ ବଢିବା ଲାଗି ଏକ ପ୍ରାରମ୍ଭିକ ପଦକ୍ଷେପ ଭାବେ ବେଗ ଧାର୍ଯ୍ୟ କରୁଛୁ। ଉଲ୍ଲେଖଯୋଗ୍ୟ ସୋନାଲିକା ୨୦୨୩-୨୪ ଆର୍ଥିକ ବର୍ଷରେ କୃଷକଙ୍କୁ ଖୁସି କରିବା ପାଇଁ ଉତ୍କୃଷ୍ଟମାନର ଉତ୍ପାଦ ଓ ସେବା ପ୍ରଦାନ କରିବା ଲାଗି ପ୍ରସ୍ତୁତ ରହିଛି।





## ଗୋଷ୍ଠୀ ବିକାଶକୁ ଗୁରୁତ୍ୱାରୋପ

**ନୂଆଦିଲ୍ଲୀ,୧୫।୫**

ଦେଶର ପ୍ରମୁଖ ଘରୋଇ ଶିଳ୍ପସଂସ୍ଥା ତଥା ବେଦାନ୍ତ ଗ୍ରୁପର ସହଯୋଗୀ କମ୍ପାନୀ ବେଦାନ୍ତ ସେସାଗୋଆର ଆଇରନ ଓର ଓଡ଼ିଶା ପକ୍ଷରୁ ପ୍ରୋଜେକ୍ଟ ନିର୍ମଳ ମାଧ୍ୟମରେ ସୁନ୍ଦରଗଡ ଜିଲା ନାଡିଡିହି ଅଞ୍ଚଳର ୩ଟି ବିଦ୍ୟାଳୟ ଏବଂ ତିନୋଟି ଅଙ୍ଗନୱାଡି କେନ୍ଦ୍ରକୁ ଆରଓ ୱାଟର ପ୍ୟୁରିଫାୟର ପ୍ରଦାନ କରାଯାଇଛି। ବିଶେଷ କରି କମ୍ପାନୀର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସଆର) କାର୍ଯ୍ୟକ୍ରମ ଜରିଆରେ ଉକ୍ତ ସାମଗ୍ରୀ ପ୍ରଦାନ କରାଯାଇଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ଏପରିକି ବେଦାନ୍ତ ଲିମିଟେଡର ଆଇରନ ଓର ଓଡିଶା ସିଇଓ ଜୋସେଫ କୋଏଲହୋ ଏବଂ ଆଇରନ ଓର ଓଡିଶାର ସିଏସଆର ମୁଖ୍ୟ ପ୍ରିୟଦର୍ଶିନୀ ମାଥ୍ୟୁଙ୍କ ଉପସ୍ଥିତିରେ ଆରଓ ୱାଟର ପ୍ୟୁରିଫାୟରକୁ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନଙ୍କୁ ହସ୍ତାନ୍ତର କରାଯାଇଥିଲା। କମ୍ପାନୀର ଏଭଳି ପଦକ୍ଷେପକୁ ସମ୍ପୃକ୍ତ ବିଦ୍ୟାଳୟର ପରିଚାଳନା କମିଟି ଏବଂ ବିଦ୍ୟାଳୟ କର୍ମଚାରୀଙ୍କ ଦ୍ୱାରା ପ୍ରଶଂସା କରାଯାଇଥିଲା। ଏ ସମ୍ପର୍କରେ ବେଦାନ୍ତ ଲିମିଟେଡ (ବେଦାନ୍ତ ସେସାଗୋଆ)ର ଆଇରନ ଓର ଓଡ଼ିଶା ସିଇଓ ଜୋସେଫ କୋଏଲହୋ କହିଥିଲେ, ଆମେ ଆମର ସିଏସଆର କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ କାର୍ଯ୍ୟକ୍ରମ ଜାରି ରଖିଛୁ। ଏପରିକି ଆମ ଚାରିପାଖ ଗୋଷ୍ଠୀଙ୍କର ସାମଗ୍ରିକ ବିକାଶ ପାଇଁ ମଧ୍ୟ ଆମେ ପ୍ରତିଶ୍ରୁତିବଦ୍ଧ। ବିଶେଷ କରି ସ୍ୱାସ୍ଥ୍ୟ ଏବଂ ଗୋଷ୍ଠୀର ବିକାଶ କାର୍ଯ୍ୟକ୍ରମ ଆମର ଏକ ପ୍ରମୁଖ କ୍ଷେତ୍ର ହୋଇଥିବା ବେଳେ ଏହି ପଦକ୍ଷେପ ଆମ ପ୍ଲାଣ୍ଟ ଅଞ୍ଚଳର ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ ପାଇଁ ସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛତା ସୁବିଧା ସୁଦୃଢ଼ କରିବା ଆମର ପ୍ରୟାସରେ ଏକ ପଦକ୍ଷେପ। ସୂଚନାଯୋଗ୍ୟ, ବେଦାନ୍ତ ରିସୋର୍ସ ଲିମିଟେଡର ସହାୟକ କମ୍ପାନୀ ବେଦାନ୍ତ ଲିମିଟେଡ ହେଉଛି ବିଶ୍ୱର ଅଗ୍ରଣୀ ତୈଳ ଏବଂ ଗ୍ୟାସ ଓ ଧାତୁ କମ୍ପାନୀ, ଯାହାକି ତୈଳ ଏବଂ ଗ୍ୟାସ, ଜିଙ୍କ, ଲେଡ, ରୁପା, ତମ୍ବା, ଲୁହାପଥର, ଇସ୍ପାତ, ଏବଂ ଆଲୁମିନିୟମ ତଥା ପାୱାର ଆଦି କ୍ଷେତ୍ରରେ ଭାରତ, ଦକ୍ଷିଣ ଆଫ୍ରିକା ଏବଂ ନାମ୍ବିଆରେ କାର୍ଯ୍ୟ ଜାରି ରଖିଛି।

**ଫୁର୍‌ସତ୍**



## କାନ୍ସର ରେଡ୍ କାର୍ପେଟରେ ଚାଲିବେ ଅନୁଷ୍କା

**ମୁମ୍ବାଇ:** ବିଶ୍ୱର ସବୁଠାରୁ ବଡ଼ ଫିଲ୍ମ ଫେଷ୍ଟିଭାଲ ଭାବେ ପରିଚିତ କାନ୍ସ ଫ୍ରାନ୍ସର ଉପକୂଳବର୍ତ୍ତୀ ଫ୍ରେଞ୍ଚ ରିଭେରାଠାରେ ମେ' ୧୬ରୁ ଆରମ୍ଭ ହେବାକୁ ଯାଉଛି। ଏଥିରେ ବହୁ ନାମୀଦାମୀ କଳାକାର ଯୋଗଦେବେ। ପୂର୍ବରୁ ଏହି କାନ୍ସର ରେଡ୍ କାର୍ପେଟରେ ଐଶ୍ୱର୍ଯ୍ୟା ରାୟ ବଚ୍ଚନ ଓ ଦୀପିକା ପାଦୁକୋନ ସାମିଲହୋଇ ବଲିଉଡ୍‌କୁ ଗୌରବାନ୍ୱିତ କରିଛନ୍ତି। ତେବେ ଏଥର ଏହି ତାଲିକାରେ ଅନୁଷ୍କା ଶର୍ମା, ମାନୁଷୀ ଛିଲ୍ଲର, ବିଜୟ ବର୍ମା, ଆଦିତି ରାଓ ହାଇଦରି, ସୋନମ କେ, ଅନୁରାଗ କଶ୍ୟପ ଯୋଡି ହୋଇଛନ୍ତି। ଅନୁଷ୍କା ପ୍ରଥମ ଥର ପାଇଁ କାନ୍ସ ଫେଷ୍ଟିଭାଲରେ ଯୋଗଦେବାକୁ ଯାଉଛନ୍ତି। ଏଥିରେ ମହିଳା ଏବଂ ପୁରୁଷଙ୍କ ଡ୍ରେସ୍ କୋଡ୍ ସ୍ଥିର କରାଯାଇଛି। ଏହା କଡ଼ାକଡ଼ି ଭାବେ ପାଳନ କରିବାକୁ ପଡେ। ମହିଳାଙ୍କ ପାଇଁ କକ୍‌ଟେଲ ପୋଷାକ ବ୍ଲାକ୍ ଟପ୍, ବ୍ଲାକ୍ ଟ୍ରାଉଜର ଏବଂ ଡାର୍କ ଟ୍ରାଉଜର କିମ୍ବା ଅନ୍ୟ ଫର୍ମାଲ ପୋଷାକ ବିକଳ୍ପ ରହିଛି। ପୁରୁଷଙ୍କ ପାଇଁ ଡିନର ଜ୍ୟାକେଟ କିମ୍ବା ସୁଟ୍ ସହ ଏଲିଗାଣ୍ଟ ସୁଜ୍ ପିନ୍ଧିବାକୁ ନିୟମ ହୋଇଛି। ସେଲିବ୍ରିଟିଙ୍କ ବ୍ୟତୀତ ଖବରଦାତା ଏବଂ ଚଳଚ୍ଚିତ୍ର ସମାଲୋଚକମାନେ ମଧ୍ୟ ଏହି ଉତ୍ସବରେ ଯୋଗଦେଇପାରିବେ। ଅନୁଷ୍କା ଏ ପର୍ଯ୍ୟନ୍ତ ଅନେକ ହିଟ୍ ମୁଭି ଦର୍ଶକଙ୍କୁ ଭେଟି ଦେଇଥିବାବେଳେ ଶେଷ ଥର ପାଇଁ ତାଙ୍କୁ 'ଚକ୍‌ଦା ଏକ୍ସପ୍ରେସ୍'ରେ ଦେଖିବାକୁ ମିଳିଥିଲା।

## କୋଲ୍ଡ ଡ୍ରିଙ୍କ୍ସ ପିଇ ୧୭ ବର୍ଷ

**ତେହରାନ:** କୁହାଯାଏ କି କୋଲ୍ଡ ଡ୍ରିଙ୍କ୍ସ ଅଧିକ ମାତ୍ରାରେ ପିଇବା କଥା ନୁହେଁ। ତାହା ଆମ ଶରୀର ଉପରେ ଖରାପ ପ୍ରଭାବ ପକାଇଥାଏ। ହେଲେ ଲୋକେ ତାଙ୍କୁ ବେଶ୍ ପସନ୍ଦ କରିଥାନ୍ତି। କିନ୍ତୁ କେହି କ'ଣ ତାକୁ ଦୈନନ୍ଦିନ ପିଇବାକୁ ପସନ୍ଦ କରିବେ? ତେବେ ଏପରି ଜଣେ ବ୍ୟକ୍ତି ଅଛନ୍ତି, ଯିଏକି ଦୀର୍ଘ ୧୭ ବର୍ଷ ହେବ କେବଳ କୋଲ୍ଡ ଡ୍ରିଙ୍କ୍ସ୍ ପିଉଛନ୍ତି। ତାଙ୍କର କୌଣସି ରୋଗ ମଧ୍ୟ ନାହିଁ। ଇରାନର ବାସିନ୍ଦା ଘୋଲମରେଜା ଆର୍ଡେସିରି ଏପରି କିଛି କରୁଛନ୍ତି। ତାଙ୍କ କହିବା କଥା, ସେ ୧୭ ବର୍ଷ ହେବ ଭାତ ଖାଇନାହାନ୍ତି। ସେ ପୂରା ଦିନ ପେପ୍‌ସି ଏବଂ ସେଭେନ୍ ଅପ୍ ପିଇ ବିତାଇ ଦିଅନ୍ତି। ଏଥିପାଇଁ ସେ ସୁସ୍ଥ ଜୀବନ ବଞ୍ଚିଥିବା କହିଛନ୍ତି। ସେ ଶେଷ ଥର ପାଇଁ ୨୦୦୬ରେ ଭାତ ଖାଇଥିଲେ। ହେଲେ ଖାଇବା ପ୍ରତି ତାଙ୍କର ସେପରି କିଛି ଇଚ୍ଛା ନ ଥିଲା, ସେଥିପାଇଁ ସେ ଖାଦ୍ୟ ବଦଳରେ କୋଲ୍ଡ ଡ୍ରିଙ୍କ୍ସ୍ ପିଇବା ଆରମ୍ଭ କଲେ। ଘୋଲମରେଜା ତାଙ୍କର ଏପରି ଜୀବନଶୈଳୀକୁ ଲୋକଙ୍କ ସହ ଶେୟାର କରିଛନ୍ତି। ସେ କହିଛନ୍ତି, କେବଳ କୋଲ୍ଡ ଡ୍ରିଙ୍କ୍ସ୍ ପିଇ ସେ ସୁସ୍ଥ ଅଛନ୍ତି। ଯଦି ସେ ଖାଦ୍ୟ ଖାଉଛନ୍ତି ତେବେ ତାଙ୍କର ବାନ୍ତି ହୋଇଯାଏ। ସେ କୌଣସି ପ୍ରକାର ଖାଦ୍ୟ ଖାଇଲେ ତାଙ୍କୁ ଲାଗେ ଯେପରି ତାଙ୍କ ପେଟରେ ଏକ ତ୍ରୁଟି ପଶିଯାଇଛି। ସେ ଏଥିପାଇଁ ଡାକ୍ତରଙ୍କୁ ମଧ୍ୟ ଦେଖାଇଛନ୍ତି। ଏହା ତାଙ୍କର ମନର ଭ୍ରମ ବୋଲି ଡାକ୍ତର କହି ଅନ୍ୟ ଡାକ୍ତରଙ୍କୁ ଦେଖାଇବାକୁ କହିଥାନ୍ତି। ଅନେକ ଥର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ ମଧ୍ୟ ତାଙ୍କର କିଛି ରୋଗ ନ ଥିବା ଡାକ୍ତର କହିଛନ୍ତି।



## ସେଫ୍‌ଙ୍କ ୧ ଲକ୍ଷ ୬୦ ହଜାର ଟଙ୍କାର ପିଜା





**ନୂଆଦିଲ୍ଲୀ**

ବର୍ତ୍ତମାନ ସମୟରେ ସମସ୍ତେ ପିଜା ଖାଇବାକୁ ବେଶ୍ ପସନ୍ଦ କରନ୍ତି, ଯାହା ଆମକୁ ୧୦୦ରୁ ଆରମ୍ଭ କରି ୧୦୦୦ ଟଙ୍କା ଭିତରେ ମିଳିଯାଏ। ହେଲେ ଏଠାରେ ଜଣେ ସେଲିବ୍ରିଟି ସେଫ୍ ୧ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଟଙ୍କାର ପିଜା ପ୍ରସ୍ତୁତ କରିଛନ୍ତି। ବ୍ରୋକି ବେବସ୍କି ନାମକ ଜଣେ ସେଫ୍ ଜଣେ ସେଲିବ୍ରିଟିଙ୍କ ପାଇଁ ପିଜା ପ୍ରସ୍ତୁତକରି ତାହାର ଭିଡିଓ ଶେୟାର କରିଛନ୍ତି। ସେ ଲେଖିଛନ୍ତି, ଚାଲ ଜଣେ ସେଲିବ୍ରିଟିଙ୍କ ପାଇଁ ୨୦୦୦ ଡଲାର ଅର୍ଥାତ୍ ୧ଲକ୍ଷ ୬୪ ହଜାର ଟଙ୍କାର ପିଜା ବନେଇବା। ସେଥିପାଇଁ ସେ ବଜାରରୁ ମସ୍‌ରୁମ୍ ପାଉଡର, ବିନା ଗ୍ଲୁଟନ ଯୁକ୍ତ ଅଟା, ବାଦାମ ଏବଂ ଅନ୍ୟ କିଛି ଜିନିଷ କିଣିଲେ। ତା' ପରେ ସେ ପିଜା ପ୍ରସ୍ତୁତ ସମ୍ପୂର୍ଣ୍ଣ ପ୍ରଣାଳୀର ଭିଡିଓ ଶେୟାର କରିଛନ୍ତି। ସେ ପିଜାର ଡୋ ପ୍ରସ୍ତୁତ କରିବା ପରେ ସେଥିରେ ବଜାରରୁ ଆଣିଥିବା ବିଭିନ୍ନ ସାମଗ୍ରୀ ପକାଇଥିଲେ। ଏହା ପରେ ସେ ପିଜାକୁ ସେକିବାକୁ ନେଲେ।

## ସଚେତନତାକୁ ଗୁରୁତ୍ୱ

### ଜାତୀୟ ଡେଙ୍ଗୁ ଦିବସ



ପ୍ରତିବର୍ଷ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ମେ' ୧୬ରେ ଭାରତୀୟ ଜାତୀୟ ଡେଙ୍ଗୁ ଦିବସ ପାଳନ କରାଯାଇଥାଏ। ଡେଙ୍ଗୁ ଜ୍ୱର ସମ୍ପର୍କରେ ସଚେତନତା ସୃଷ୍ଟି ଏହି ଦିବସର ମୁଖ୍ୟଲକ୍ଷ୍ୟ। ଏଡିସ୍ ପ୍ରଜାତିର ମଶା ଏଡିସ ଏଜିପ୍ଟି ଦ୍ୱାରା ଡେଙ୍ଗୁ ବ୍ୟାପିଥାଏ। ଶରୀରରେ ଡେଙ୍ଗୁ ଭୂତାଣୁ ପ୍ରବେଶ କରିବାର ୩ ରୁ ୧୪ ଦିନ ମଧ୍ୟରେ ଲକ୍ଷଣ ପ୍ରକାଶ ପାଏ। ଜ୍ୱର ମୁଣ୍ଡବିନ୍ଧା, ବାନ୍ତି ସହିତ ମାଂସପେଶୀ ଏବଂ ଅଣ୍ଠିଗଣ୍ଠିରେ ପ୍ରବଳ ଯନ୍ତ୍ରଣା ହୁଏ। ଏହାର ଉପଯୁକ୍ତ ଚିକିତ୍ସା ନ କଲେ ଶେଷରେ ରୋଗୀର ମୃତ୍ୟୁ ଘଟିଥାଏ। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଡେଙ୍ଗୁ ପୃଥିବୀର ୧୨୦ରୁ ଅଧିକ ଦେଶରେ ମହାମାରୀର ମାନ୍ୟତା ଲାଭ କରିଛି। ୧୬୫୩ରେ ପ୍ରଥମେ ଡେଙ୍ଗୁ ଜ୍ୱର ୱେଷ୍ଟ ଇଣ୍ଡିଜ୍‌ରେ ଦେଖାଦେଇଥିଲା । ୧୭୭୯-୮୦ ରେ ଏହା ଏସିଆ, ଉତ୍ତରଆମେରିକା ଏବଂ ଆଫ୍ରିକାକୁ ବ୍ୟାପିଥିଲା । ୨୪୧ ବର୍ଷ ତଳେ ଡେଙ୍ଗୁ ଜ୍ୱର ସଂକ୍ରମଣ ଭାରତରେ ୧୭୮୦ ମସିହାରେ ପ୍ରଥମେ ଚେନ୍ନାଇଠାରେ ଦେଖାଇଥିଲା । ତେବେ ଏହି ଲୋକଙ୍କୁ ନିୟନ୍ତ୍ରଣକୁ ଆଣିବା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ସଚେତନତାକୁ ଗୁରୁତ୍ୱକୁ ଦିଆଯାଉଛି।

# ବିଶ୍ୱକପ୍ ବର୍ଜନ କରିପାରେ ପାକିସ୍ତାନ

**କରାଚୀ, ୧୫।୫:** ପାକିସ୍ତାନ ଯଦି ଏସିଆ କପ୍ ଆୟୋଜନ ଅଧିକାର ହରାଏ ତେବେ ପାକିସ୍ତାନ ଚଳିତ ବର୍ଷ ଭାରତରେ ହେବାକୁଥିବା ଦିନିକିଆ କ୍ରିକେଟ ବିଶ୍ୱକପ୍‌କୁ ବର୍ଜନ କରିପାରେ ବୋଲି ଧମକ ଦେଇ କହିଛନ୍ତି ପାକିସ୍ତାନ କ୍ରିକେଟ ବୋର୍ଡ(ପିସିବି) ଚେୟାରମ୍ୟାନ ନଜାମ ସେଠୀ। ଭାରତ ଓ ପାକିସ୍ତାନ ମଧ୍ୟରେ ଦଶନ୍ଧିରୁ ଅଧିକ ସମୟ ଧରି ରାଜନୈତିକ ସମ୍ପର୍କ ଭଲ ନାହିଁ। ଏହାଦ୍ୱାରା ଦ୍ୱିପାକ୍ଷିକ କ୍ରିକେଟ ବାଧାପ୍ରାପ୍ତ ହୋଇଛି। ବର୍ତ୍ତମାନ ଭାରତ ଓ ପାକିସ୍ତାନ ଏକାଧିକ ଦଳକୁ ନେଇ ଆୟୋଜିତ ଇଭେଣ୍ଟଗୁଡ଼ିକରେ ସେମାନଙ୍କ ମ୍ୟାଚ୍ ନିରପେକ୍ଷ ଭେନ୍ୟୁରେ ଖେଳୁଛନ୍ତି। ଆସନ୍ତା ସେପ୍ଟେମ୍ବରରେ ଏସିଆ କପ୍ ଖେଳିବା ପାଇଁ ପାକିସ୍ତାନ ଯିବା ଲାଗି ଭାରତ ସୁରକ୍ଷାଗତ କାରଣ ଦର୍ଶାଇ ମନାକରି ଦେଇଛି। ଏ ନେଇ ପିସିବି ଏକ 'ହାଇବ୍ରିଡ୍' ପ୍ରସ୍ତାବ ଦେଇଥିଲା। କେବଳ ଭାରତ-ପାକିସ୍ତାନ ମ୍ୟାଚ୍‌ଗୁଡ଼ିକ ସଂଯୁକ୍ତ ଆରବ ଏମିରେଟ୍ସ(ୟୁଏଇ)ରେ ଏବଂ ଅନ୍ୟଗୁଡ଼ିକ ପାକିସ୍ତାନରେ ଖେଳାଯିବା ଲାଗି ପାକିସ୍ତାନ ପ୍ରସ୍ତାବ ଦେଇଥିଲା। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) କିନ୍ତୁ ଏ ନେଇ ଆନୁଷ୍ଠାନିକ ଜବାବ ଦେଇନାହିଁ। ସେଠୀ କହିଛନ୍ତି, ଟୁର୍ନାମେଣ୍ଟ ପାକିସ୍ତାନରେ ନ କରି ଅନ୍ୟତ୍ର କରିବା ଲାଗି ଭାରତ ଚାହୁଁଛି।

# ଓଡ଼ିଶାରୁ ରେୟାନ, ଦଣ୍ଡପତି ମନୋନୀତ

**ଭୁବନେଶ୍ୱର, ୧୫।୫ (ସ୍ପୋର୍ଟ୍ସ ବ୍ୟୁରୋ):** ଏସିଆନ ଜୁନିୟର ଆଥଲେଟିକ୍ସ ଚାମ୍ପିୟନଶିପ୍ କ୍ୟାମ୍ପ ୨୦୨୩ ପାଇଁ ଓଡ଼ିଶା ରିଲାଏନ୍ସ ଫାଉଣ୍ଡେଶନ ଆଥଲେଟିକ୍ସ ହାଇ ପରଫର୍ମାନ୍ସ ସେଣ୍ଟରରୁ ଦୁଇ ପ୍ରତିଭା ସମ୍ପନ୍ନ ସ୍ପ୍ରିଣ୍ଟର ରେୟାନ ବାଶା ଓ ଦଣ୍ଡପତି ମୃତ୍ୟମ ଜୟରାମ ମନୋନୀତ ହୋଇଛନ୍ତି। ଏହି କ୍ୟାମ୍ପ ବେଙ୍ଗାଲୁରୁସ୍ଥିତ ଏନ୍‌ଏସ୍‌ଏସ୍‌ସିଠାରେ ହେବ। ର୍‌ୟାନ ଓଡ଼ିଶା ୧୮ ବର୍ଷରୁ କମ୍ ବାଳକ ଏବଂ ୧୮ବର୍ଷରୁ କମ୍ ଭାରତୀୟ ଦଳରୁ ପ୍ରତିନିଧିତ୍ୱ କରିଛନ୍ତି। ଉଡୁପିଠାରେ ଗତ ମାର୍ଚ୍ଚରେ ୧୮ତମ ଜାତୀୟ ୟୁଥ୍ ଆଥଲେଟିକ୍ସ ୧୮ ବର୍ଷରୁ କମ୍ ଚାମ୍ପନଶିପ୍‌ରେ ସେ ୧୦୦ ମିଟରରେ ସ୍ୱର୍ଣ୍ଣ ଏବଂ ୨୦୦ମିଟର ସ୍ପ୍ରିଣ୍ଟ ଓ ୧୦୦୦ମିଟର ମିଡଲେରେ ଗୋଟିଏ ଲେଖାଏଁ ରୌପ୍ୟ ଜିତିଥିଲେ। ଅନ୍ୟପକ୍ଷରେ ଦଣ୍ଡପତି ମୃତ୍ୟମ ଜୟରାମ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସରେ ୧୦.୫୩ ସେକେଣ୍ଡ ଟାଇମିଂରେ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ।

# ପ୍ରୋ ଲିଗ୍: ଶୀର୍ଷରେ ଭାରତ



୨୦୨୨ ଅକ୍ଟୋବରରୁ ଆରମ୍ଭ ହୋଇଥିବା ଏଫ୍‌ଆଇଏଚ୍ ପ୍ରୋ-ଲିଗ୍ ସିଜନରେ ଭାରତ ଏପର୍ଯ୍ୟନ୍ତ ଚମତ୍କାର ପ୍ରଦର୍ଶନ କରି ପଏଣ୍ଟ ଟେବୁଲର ଶୀର୍ଷସ୍ଥାନ ଅଧିକାର କରିଛି। ଦଳ ଏପର୍ଯ୍ୟନ୍ତ ଖେଳିଥିବା ୮ଟି ମ୍ୟାଚରୁ ୫ ବିଜୟ, ୨ ଶୁଟ୍ ଆଉଟ ବିଜୟ ଓ ୧ ପରାଜୟ ସହ ୧୯ ପଏଣ୍ଟ ପାଇଛି। ଦଳ ୩୧ଟି ଗୋଲ ସ୍କୋର କରିଥିବାବେଳେ ୨୩ଟି ବରଣ କରିଛି। ଫଳରେ ଗୋଲ ବ୍ୟବଧାନ ୮ ରହିଛି। ଗ୍ରେଟ ବ୍ରିଟେନ ୮ ମ୍ୟାଚରୁ ସମାନ ସଂଖ୍ୟକ ୧୯ ପଏଣ୍ଟ ପାଇଥିଲେ ହେଁ ୪ ବିଜୟ ଓ ୪ ଡ୍ର (୩ ଶୁଟ୍ ଆଉଟ ବିଜୟ) ଯୋଗୁ ଦ୍ୱିତୀୟ ସ୍ଥାନରେ ରହିଛି। ତେଣୁ ଦୁଇ ସମକକ୍ଷ ପ୍ରତିଦ୍ୱନ୍ଦ୍ୱୀ ଦଳ ବିପକ୍ଷରେ ମ୍ୟାଚ ସଂଘର୍ଷପୂର୍ଣ୍ଣ ହେବା ଆଶା କରାଯାଏ। ଏହି ଦଳ ୨୩ଟି ଗୋଲ ସ୍କୋର କରିଥିବାବେଳେ ମାତ୍ର ୧୧ଟି ବରଣ କରିଛି। ତେଣୁ ଏହାର ରକ୍ଷଣଭାଗ ଭେଦ କରିବାପାଇଁ ଭାରତ ପାଇଁ ଚ୍ୟାଲେଞ୍ଜିପୂର୍ଣ୍ଣ ନିଶ୍ଚିତ ହେବ। ଅନ୍ୟ ଦଳ ଗୁଡ଼ିକ ମଧ୍ୟରେ ସ୍ପେନ୍ ୮ ମ୍ୟାଚରୁ ୧୭, ଅଷ୍ଟ୍ରେଲିଆ ୧୨ ମ୍ୟାଚରୁ ୧୬, ଆର୍ଜେଣ୍ଟିନା ୧୨ ମ୍ୟାଚରୁ ୧୩, ଜର୍ମାନୀ ୮ ମ୍ୟାଚରୁ ୧୧, ବେଲ୍‌ଜିୟମ ୪ ମ୍ୟାଚରୁ ୬, ନେଦରଲାଣ୍ଡ୍ସ ୪ ମ୍ୟାଚରୁ ୫ ଓ ନ୍ୟୁଜିଲାଣ୍ଡ ୮ ମ୍ୟାଚରୁ ମାତ୍ର ୨ ପଏଣ୍ଟ ପାଇ ଟେବୁଲରେ ପଛକୁ ପଛ ରହିଛନ୍ତି।

ଭାରତ ୨୦୨୨ ଅକ୍ଟୋବର ୨୮ରେ ନ୍ୟୁଜିଲାଣ୍ଡକୁ ୪-୩ ଗୋଲରେ ହରାଇ ଅଭିଯାନ ଆରମ୍ଭ କରିଥିଲା। ପରେ ସ୍ପେନଠାରୁ ୨-୩ ଗୋଲରେ ହାରିଥିଲେ ହେଁ ପରବର୍ତ୍ତୀ ମ୍ୟାଚରେ ନ୍ୟୁଜିଲାଣ୍ଡକୁ ୭-୪ ଗୋଲରେ ହରାଇ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ଶୁଟ୍‌ଆଉଟରେ ନିର୍ଣ୍ଣିତ ହୋଇଥିବା ଏହା ପର ମ୍ୟାଚରେ ଭାରତ ୩-୧ରେ ସ୍ପେନ୍‌କୁ ହରାଇ ଦେଇଥିଲା। ଏହି ୪ଟି ମ୍ୟାଚ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିଲା। ୨୦୨୩ ମାର୍ଚ୍ଚରେ ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଭାରତୀୟ ଦଳ ବିଶ୍ୱ ଚାମ୍ପିୟନ ଜର୍ମାନୀ ଓ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳିଥିଲା। ମାର୍ଚ୍ଚ ୧୦ରେ ଦଳ ପ୍ରଥମ ମ୍ୟାଚରେ ଜର୍ମାନୀକୁ ୩-୨ରେ ହରାଇଥିବାବେଳେ ୧୨ ତାରିଖରେ ଅଷ୍ଟ୍ରେଲିଆକୁ ୫-୪ ଗୋଲରେ ପରାସ୍ତ କରିଥିଲା। ଏହାପରେ ୧୩ ତାରିଖରେ ଜର୍ମାନୀକୁ ୬-୩ ଓ ୧୫ରେ ଅଷ୍ଟ୍ରେଲିଆକୁ ଶୁଟ୍‌ଆଉଟ ୪-୩ ଗୋଲରେ ପରାସ୍ତ କରିଥିଲା। ଅର୍ଥାତ୍ ସ୍ପେନ୍ ବିପକ୍ଷରେ ଗୋଟିଏ ମ୍ୟାଚକୁ ଛାଡ଼ିଦେଲେ ଭାରତ ଏପର୍ଯ୍ୟନ୍ତ ଅନ୍ୟ କୌଣସି ମ୍ୟାଚ ହାରିନାହିଁ।

ଅମିତ ରୋହିଦାସ



ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ୟୁରୋପ ଚରଣ ପାଇଁ ମନୋନୀତ ଭାରତୀୟ ଦଳ।

## ଭାରତୀୟ ଦଳରେ ଅମିତ୍

ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ୟୁରୋପ ଚରଣ ପାଇଁ ସୋମବାର ଭାରତୀୟ ଦଳ ଘୋଷିତ ହୋଇଛି। ୨୪ ଜଣିଆ ଦଳରେ ଓଡ଼ିଶାର ଅମିତ୍ ରୋହିଦାସ ସାମିଲ ହୋଇଛନ୍ତି। ହରମନପ୍ରୀତ ସିଂ ଅଧିନାୟକ ଓ ହାର୍ଦ୍ଦିକ ସିଂ ଉପଅଧିନାୟକ ନିଯୁକ୍ତ ହୋଇଛନ୍ତି। ଏହା ପୂର୍ବରୁ ଘରୋଇ ପରିବେଶରେ ଅନୁଷ୍ଠିତ ଲିଗ୍ ମ୍ୟାଚ୍‌ରେ ବିଶ୍ୱ ଚାମ୍ପିୟନ ଜର୍ମାନୀ ଓ ଶକ୍ତିଶାଳୀ ଅଷ୍ଟ୍ରେଲିଆ ବିପକ୍ଷରେ ଭାରତ ଅପରାଜେୟ ରହିଥିଲା। ୟୁରୋପ ପରିବେଶରେ ମଧ୍ୟ ଦଳ ଅନୁରୂପ ପ୍ରଦର୍ଶନ ନେଇ ଆଶା ରଖିଛି। ଭାରତୀୟ ଦଳ ଲଣ୍ଡନରେ ବେଲ୍‌ଜିୟମ ଓ ଲଣ୍ଡନ ଏବଂ ଇଣ୍ଡୋଭେନଠାରେ ନେଦରଲାଣ୍ଡ୍ସ ଓ ଆର୍ଜେଣ୍ଟିନା ବିପକ୍ଷରେ ମୁକାବିଲା କରିବ। ନୂଆ କୋଚ୍ ଦକ୍ଷିଣ ଆଫ୍ରିକାର କ୍ରେଗ୍ ଫୁଲ୍‌ଟନଙ୍କ ପ୍ରଶିକ୍ଷଣରେ ଭାରତ ପ୍ରଥମଥର ପାଇଁ ମ୍ୟାଚ ଖେଳିବ।

## ଭାରତୀୟ ଦଳ

ଗୋଲକିପର୍ସ: କ୍ରିଷନ ବାହାଦୂର ପାଠକ, ପି.ଆର. ଶ୍ରୀଜେଶ। ଡିଫେଣ୍ଡର୍ସ: ହରମନପ୍ରୀତ ସିଂ (ଅଧିନାୟକ), ଅମିତ ରୋହିଦାସ, ଜରମନପ୍ରୀତ ସିଂ, ମନପ୍ରୀତ ସିଂ, ସୁମିତ, ସଞ୍ଜୟ, ମନଦୀପ ମୋର, ଗୁରିନ୍ଦର ସିଂ। ମିଡ୍‌ଫିଲ୍ଡର୍ସ: ହାର୍ଦ୍ଦିକ ସିଂ (ଉପ-ଅଧିନାୟକ), ଦିଲପ୍ରୀତ ସିଂ, ମୋଇରାଙ୍ଗଥେମ୍ ରବିଚନ୍ଦ୍ର ସିଂ, ସମସେର ସିଂ, ଆକାଶଦୀପ ସିଂ, ବିବେକ ସାଗର ପ୍ରସାଦ। ଫରୱାର୍ଡ୍ସ: ଅଭିଷେକ, ଲଳିତ କୁମାର ଉପାଧ୍ୟାୟ, ଏସ. କାର୍ଥୀ, ଗୁରଜନ୍ତ ସିଂ, ସୁଖଜିତ ସିଂ, ରାଜ କୁମାର ପାଲ, ମନଦୀପ ସିଂ, ସିମରନଜିତ ସିଂ।

## ଆମେ ପ୍ରସ୍ତୁତ: ଫୁଲଟନ



"ବେଲ୍‌ଜିୟମ, ନେଦରଲାଣ୍ଡ୍ସ, ଗ୍ରେଟ୍ ବ୍ରିଟେନ ଓ ଆର୍ଜେଣ୍ଟିନା ବିପକ୍ଷ ମ୍ୟାଚ୍ ପାଇଁ ଆମେ ଯେଉଁ ଦଳ ଚୟନ କରିଛୁ ସେଥିରେ ମୁଁ ଖୁସି। ବିଶ୍ୱକପ୍ ପରେ ଦଳର କଠିନ ପରିଶ୍ରମ ବିଶ୍ୱ ର୍‌ୟାଙ୍କିଙ୍ଗ୍ (୪ର୍ଥ ସ୍ଥାନ)ରେ ପ୍ରତିଫଳିତ ହୋଇଛି। ଏହି ଲିଗ୍ ଆମକୁ ଶୀର୍ଷ ର୍‌ୟାଙ୍କ୍‌ପ୍ରାପ୍ତ ଦଳ ବିପକ୍ଷରେ ଖେଳିବାର ସୁଯୋଗ ଦେବ। ଫଳରେ ଆମେ ଆମ ଖେଳରେ ଉନ୍ନତି ଆଣିପାରିବୁ। ଆଗାମୀ ଦିନରେ ମିଳିବାକୁଥିବା ଚ୍ୟାଲେଞ୍ଜର ମୁକାବିଲା ପାଇଁ ଆମେ ପ୍ରସ୍ତୁତ। ଭଲ ପ୍ରଦର୍ଶନ ସହ ପ୍ରୋ-ଲିଗ୍ ଅଭିଯାନ ଶେଷ କରିବା ନେଇ ଆଶାବାଦୀ ଅଛୁ"।

-କ୍ରେଗ୍ ଫୁଲ୍‌ଟନ, ଭାରତୀୟ ଦଳର ମୁଖ୍ୟ କୋଚ୍

## ଏଫ୍‌ଆଇଏଚ୍ ପ୍ରୋ ଲିଗ୍ କାର୍ଯ୍ୟସୂଚୀ

ମେ ୨୬: ଭାରତ ବନାମ ବେଲ୍‌ଜିୟମ, ସମୟ: ରାତି ୭ଟା
ମେ ୨୭: ଭାରତ ବନାମ ଗ୍ରେଟ ବ୍ରିଟେନ, ସମୟ: ରାତି ୯ଟା ୩୦
ଜୁନ ୨: ଭାରତ ବନାମ ବେଲ୍‌ଜିୟମ, ସମୟ: ରାତି ୭ଟା
ଜୁନ୍ ୩: ଭରୀତ ବନାମ ଗ୍ରେଟ୍ ବ୍ରିଟେନ, ସମୟ: ଅପରାହ୍ନ ୫ଟା
ଜୁନ ୭: ଭାରତ ବନାମ ନେଦରଲାଣ୍ଡ୍ସ, ସମୟ: ରାତି ୧୧ଟା
ଜୁନ ୮: ଭାରତ ବନାମ ଆର୍ଜେଣ୍ଟିନା, ସମୟ: ରାତି ୮ଟା ୩୦
ଜୁନ ୧୦: ଭାରତ ବନାମ ନେଦରଲାଣ୍ଡ୍ସ, ସମୟ: ରାତି ୯ଟା
ଜୁନ ୧୧: ଭାରତ ବନାମ ଆର୍ଜେଣ୍ଟିନା, ସମୟ: ରାତି ୯ଟା

# ରିଙ୍କୁଙ୍କୁ ଧୋନୀଙ୍କ ଉପହାର

**ଚେନ୍ନାଇ, ୧୫।୫**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୩ ସିଜନରେ କୋଲକାତା ନାଇଟ ରାଇଡର୍ସ (କେକେଆର) ବ୍ୟାଟର ରିଙ୍କୁ ସିଂ ଦଳ ପାଇଁ ଜଣେ ଫିନିଶର ଭାବେ ଉଭା ହୋଇଛନ୍ତି। ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଫିନିଶର ଭାବେ ବିବେଚନା କରାଯାଉଥିବା ଚେନ୍ନାଇ ସୁପର କିଙ୍ଗ୍ସ (ସିଏସକେ) ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ରିଙ୍କୁଙ୍କ ପ୍ରତିଭାକୁ ସ୍ୱୀକୃତି ଦେବାକୁ ପଛାଇ ନାହାନ୍ତି। ରବିବାର ରିଙ୍କୁଙ୍କ ଅର୍ଦ୍ଧଶତକ ସହାୟତାରେ କେକେଆର ୬ ଉଇକେଟରେ ଚେନ୍ନାଇ ସୁପର କିଙ୍ଗ୍ସକୁ ପରାସ୍ତ କରି ଏହାର ପ୍ଲେ-ଅଫ୍ ଆଶାକୁ ଉଜ୍ଜୀବିତ ରଖିଛନ୍ତି। ଆଇପିଏଲ୍ ୨୦୨୩ରେ ରିଙ୍କୁ ହେଉଛନ୍ତି କେକେଆରର ଅଗ୍ରଣୀ ରନ ସଂଗ୍ରହକାରୀ ବ୍ୟାଟର। ସେ ୧୩ଟି ଗେମ୍‌ରେ ୧୪୩ ଷ୍ଟ୍ରାଇରେଟ୍‌ରେ ୪୦୭ ରନ ସଂଗ୍ରହ କରିଛନ୍ତି। ଏଥିରେ ତାଙ୍କର ୩ଟି ଅର୍ଦ୍ଧଶତକ ରହିଛି। ଧୋନୀ ରିଙ୍କୁଙ୍କ ସହ ଏକ ଫଟୋ ଉଠାଇଛନ୍ତି। ତାଙ୍କ ମ୍ୟାଚ ଜର୍ସିରେ ସ୍ୱାକ୍ଷର କରିଛନ୍ତି। କେକେଆର ତରଫରୁ ଏହି ଫଟୋକୁ ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ କରାଯାଇଛି। ତାହାର କ୍ୟାପଶନ ରହିଛି 'ଏ ସ୍ପେସିଆଲ ଗିଫ୍ଟ ଫର ଆୱାର ଫିନିଶର !'।





ମହେନ୍ଦ୍ର ସିଂ ଧୋନୀଙ୍କ ସହ ରିଙ୍କୁ ସିଂ।

# କେନ୍ଦ୍ରାପଡ଼ାରେ ୨ ଚେସ୍ ଇଭେଣ୍ଟ ସହ ପ୍ରଶିକ୍ଷଣ ଶିବିର

**କେନ୍ଦ୍ରାପଡ଼ା ଅଫିସ/ଭୁବନେଶ୍ୱର, ୧୫।୫ (କ୍ରୀଡ଼ା ପ୍ରତିନିଧି)**

କେନ୍ଦ୍ରାପଡ଼ା ଜିଲା ଚେସ୍ ଆସୋସିଏଶନ୍ (କେଡିସିଏ) ଏବଂ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ୍(ଏଓସିଏ)ର ମିଳିତ ଆନୁକୂଲ୍ୟରେ ଚଳିତ ମାସ ୨୦ରୁ ୩୦ ମଧ୍ୟରେ କେନ୍ଦ୍ରାପଡ଼ାରେ ୨ଟି ଚେସ୍ ଇଭେଣ୍ଟ ସହ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ। ୨୦ ଓ ୨୧ରେ ରାଜ୍ୟସ୍ତରୀୟ ମହିଳା ଚେସ୍ ଚାମ୍ପିୟନଶିପ୍ ହେବ। ଏଥିରେ ରାଜ୍ୟ ଓ ଜାତୀୟସ୍ତରର ଅନେକ ଖେଳାଳି ଯୋଗଦେବେ। ତିନିମୁହାଣି ଗୌରିଶଙ୍କର ହୋଟେଲରେ ହେବାକୁଥିବା ଉକ୍ତ ପ୍ରତିଯୋଗିତାର ପ୍ରଥମ ୧୦ ଜଣଙ୍କୁ ଟ୍ରଫି ସହିତ ୨୦,୦୦୦ ଟଙ୍କାର ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ ବୋଲି ଏଓସିଏ ସମ୍ପାଦକ ଦେବବ୍ରତ ଭଞ୍ଜ ପ୍ରକାଶ କରିଛନ୍ତି। ଏହାସହିତ କେନ୍ଦ୍ରାପଡ଼ା ଜିଲା ଚେସ୍ ଚାମ୍ପିୟନଶିପ ସୁମନ ଦାସ ମେମୋରିଆଲ ଟ୍ରଫି ମଧ୍ୟ ସମାନ ସମୟ ଓ ଭେନ୍ୟୁରେ ଅନୁଷ୍ଠିତ ହେବ। ଏଥିରେ କେନ୍ଦ୍ରାପଡ଼ା ଜିଲାର ଉଭୟ ପୁରୁଷ ଏବଂ ମହିଳା ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ଏହି ୨ ଟୁର୍ନାମେଣ୍ଟ ସମ୍ପର୍କରେ ଅଧିକ ବିବରଣୀ ପାଇଁ ପିଙ୍କି ମହାପାତ୍ର, ନାରାୟଣ ଦାସ ଓ ଧରଣୀଧର ସେଠୀଙ୍କ ସହ ଯୋଗାଯୋଗ କରିବାକୁ କୁହାଯାଇଛି। ଏହା ବ୍ୟତୀତ ଜିଲାରେ ଅଧିକରୁ ଅଧିକ ଖେଳାଳି ସୃଷ୍ଟି ପାଇଁ ପଦକ୍ଷେପ ନିଆଯାଇଛି। ଆସନ୍ତା ୨୫ରୁ ୩୦ ପର୍ଯ୍ୟନ୍ତ ତିନିମୁହାଣିଠାରେ ଗ୍ରୀଷ୍ମକାଳୀନ ଚେସ୍ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ। ଏହା ପ୍ରତ୍ୟେକ ଦିନ ସକାଳ ୮ରୁ ୧୧ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ଜିଲା ଚେସ୍ ସଭାପତି ଦେବବ୍ରତ ସ୍ୱାଇଁ, ସମ୍ପାଦକ ଭବେଶ ମହାନ୍ତି, କାର୍ଯ୍ୟକାରୀ ସଭାପତି ହାଡ଼ିବନ୍ଧୁ ସିଂ ଏବଂ ଉପସଭାପତି ଲଲାଟ କେଶରୀ ସାମଲ ଜଣାଇଛନ୍ତି।

# ଅଲ୍ ଓଡ଼ିଶା ଓପନ୍ ଚେସ୍: ରାଜେଶ ଚାମ୍ପିୟନ

**ଭୁବନେଶ୍ୱର, ୧୫।୫(କ୍ରୀଡ଼ା ପ୍ରତିନିଧି)**

ଚଣ୍ଡିଖୋଲସ୍ଥିତ ଗୁରୁକୁଳ ପବ୍ଲିକ୍ ସ୍କୁଲ ପରିସରରେ ଖଗେଶ୍ୱର ବେଉରିଆ ସ୍ମାରକୀ ଅଲ୍ ଓଡ଼ିଶା ଓପନ୍ ଚେସ୍ ଟୁର୍ନାମେଣ୍ଟ ଗତ ୧୩ ଓ ୧୪ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୀର କ୍ୟାଣ୍ଡିଡେଟ୍ ମାଷ୍ଟର (ସିଏମ୍) ରାଜେଶ ନାୟକ ଓ କଟକର ହର୍ଷିତ ରଞ୍ଜନ ସାହୁ ୬.୫ ପଏଣ୍ଟ ଲେଖାଏ ପାଇ ଯଥାକ୍ରମେ ଚାମ୍ପିୟନ ଓ ରନରଅପ୍ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀୟାଂଶ ଦାସ, କୌସ୍ତୁଭ ଦାଶ, ନିଲ୍‌ସୁ ପଟ୍ଟନାୟକ (ସମସ୍ତେ ୬ ପଏଣ୍ଟ), ଶ୍ରୀହନ ସାବତ, ଫକୀର ମାଝି, ସୂର୍ଯ୍ୟପ୍ରାଞ୍ଜଳ ଇନ୍ଦ୍ରଜିତ ଏସ୍.ପି., ସାଜନ କୁମାର ନାୟକ (ସମସ୍ତେ ୫.୫), ତପନ ବଡ଼ମୁଣ୍ଡି, ଦେବୀପ୍ରସାଦ ନାୟକ, ସୂରଜ କୁମାର ମହାରଣା, ଦାଶରଥି ସାହୁ, ସତ୍ୟମ୍ ସରବ୍‌ଜିତ ମିଶ୍ର, ଲଳିତ ରଞ୍ଜନ ସାହୁ (ସମସ୍ତେ ୫ ପଏଣ୍ଟ) ଟପ୍-୧୫ ଫିନିଶ୍ କରିଛନ୍ତି। ଏହାବ୍ୟତୀତ ଯାଜପୁର ଜିଲାର ଶ୍ରେଷ୍ଠ ୧୦ ପ୍ରଦର୍ଶନକାରୀ, ବିଭିନ୍ନ ବୟସ ବର୍ଗରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ବାଳିକା ଓ ବାଳକ ଖେଳାଳି ଏବଂ ପ୍ରଦର୍ଶନ ଭିତ୍ତିରେ ଯାଜପୁର ଜିଲାର ଶ୍ରେଷ୍ଠ ୫ ଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ୧୮ ବର୍ଷରୁ ଊର୍ଦ୍ଧ୍ୱ ମହିଳାଙ୍କ ମଧ୍ୟରେ ଜୁନୁ ବିରୁଆ ଓ ଶ୍ରେଷ୍ଠ ଭେଟେରାନ୍ ଖେଳାଳିଭାବେ ରବୀନ୍ଦ୍ର ସାହୁ ପୁରସ୍କୃତ ହୋଇଥିଲେ। ନୀହାର ରଞ୍ଜନ ସାସ୍‌ମଲ ମୁଖ୍ୟ ଆର୍ବିଟର ଦାୟିତ୍ୱ ତୁଲାଇଥିଲେ।

ସର୍ବଭାରତୀୟ ଚେସ୍ ଫେଡେରେଶନ ଯୁଗ୍ମ ସମ୍ପାଦକ ରଞ୍ଜନ ମହାନ୍ତି ମୁଖ୍ୟ ଅତିଥି, ଏସ୍.ଆର. ଚେସ୍ ସେଣ୍ଟର ନିର୍ଦ୍ଦେଶକ ସତ୍ୟରଞ୍ଜନ ପଟ୍ଟନାୟକ ସମ୍ମାନିତ ଅତିଥି, ଗୁରୁକୁଳ ପବ୍ଲିକ ସ୍କୁଲ ସଭାପତି ଅଭୟ କୁମାର ଜେନା ମୁଖ୍ୟ ବକ୍ତା ଏବଂ ସିଇଓ ପ୍ରବୀର କର ଓ ଯାଜପୁର ୟୁନାଇଟେଡ୍ ଚେସ୍ ଆସୋସିଏଶନ ସଭାପତି ଚୈତନ୍ୟ ଚରଣ ଜେନା ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ ଜିଲା ଆସୋସିଏଶନ ସମ୍ପାଦକ ଶୁଭାଶିଷ ପଟ୍ଟନାୟକ (ଖୋର୍ଦ୍ଧା), ଭବେଶ ମହାନ୍ତି (କେନ୍ଦ୍ରାପଡ଼ା), ଅମିର ମହାନ୍ତି (କେନ୍ଦୁଝର) ଏବଂ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ କାର୍ଯ୍ୟକାରିଣୀ ସଦସ୍ୟ ସୂର୍ଯ୍ୟକାନ୍ତ ବିଷୋୟୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଚେସ୍ କ୍ଷେତ୍ରରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଯାଜପୁର ଜିଲାର ଖେଳାଳି ମନୀଷ ମିଶ୍ର, ପ୍ରିୟାଂଶ ଦାସ, ଆର୍ଯ୍ୟନ ବେହେରା, ସଞ୍ଜୀବନ ନାୟକ, ଆଶୁତୋଷ ମହାନ୍ତି, ବସନ୍ତ କୁମାର ଦାସ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମନୋଜ ପରିଡ଼ା, ଅଶୋକ ସେନାପତି, ନଗେଶ ଜେନା, ଅଶୋକ ସ୍ୱାଇଁ, ନୃସିଂହ ଚରଣ ନାୟକ ଉପସ୍ଥିତ ଥିଲେ। ସୁଧାଂଶୁ ଶେଖର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।





ଚାମ୍ପିୟନ ରାଜେଶ ନାୟକ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

# ଶ୍ରୀଲଙ୍କା ବିପକ୍ଷ ଦିନିକିଆ ସିରିଜ୍ ପାଇଁ ଆଫଗାନିସ୍ତାନ ଦଳ

**କାବୁଲ, ୧୫।୫ (ଏପି):** ଆସନ୍ତା ମାସରେ ଶ୍ରୀଲଙ୍କା ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ସିରିଜ୍ ପାଇଁ ୧୫ ଜଣିଆ ଆଫଗାନିସ୍ତାନ ଦଳ ଘୋଷଣା କରାଯାଇଛି। ୨୧ ବର୍ଷୀୟ ଫାଷ୍ଟ ବୋଲର ଅବ୍‌ଦୁଲ ରହମନଙ୍କୁ ପ୍ରଥମଥର ଦଳରେ ସ୍ଥାନ ମିଳିଛି। ଚଳିତ ବର୍ଷ ପରବର୍ତ୍ତୀ ଭାଗରେ ହେବାକୁ ଥିବା ବିଶ୍ୱକପ୍ ପାଇଁ ଆଫଗାନିସ୍ତାନ ଯୋଗ୍ୟତା ଅର୍ଜନ କରିସାରିଛି। ଶ୍ରୀଲଙ୍କାକୁ କିନ୍ତୁ କ୍ୱାଲିଫାୟର ଜରିଆରେ ଯିବାକୁ ହେବ। କ୍ୱାଲିଫାୟରରେ ଶ୍ରେଷ୍ଠ ଦୁଇ ଦଳ ମଧ୍ୟରେ ରହି ବିଶ୍ୱକପ୍ ପାଇଁ ଦଳ ଯୋଗ୍ୟତା ଅର୍ଜନ କରିବ ବୋଲି ଆଶା କରାଯାଉଛି। ଗତ ନଭେମ୍ବରରେ ଶ୍ରୀଲଙ୍କା ଟୁର୍‌ରେ ଯାଇଥିବା ଶାହିଦୁଲ୍ଲା କମଲ, ୟାମିନ, ଅହମାଦ ଜାଇ, ଜିଆ ଉର୍ ରହମନ ଆକବର ଏବଂ ଗୁଲ୍‌ବଦିନ ନାୟକଙ୍କ ନାମ ରିଜର୍ଭ ଖେଳାଳି ତାଲିକାରେ ସ୍ଥାନ ପାଇଛି। ଦିନିକିଆ ଦଳରେ ରଶିଦ ଖାନ୍, ମହମ୍ମଦ ନବି, ରହମନତୁଲ୍ଲା ଗୁର୍‌ବାଜ ଓ ନୁର ଅହମ୍ମଦଙ୍କୁ ସାମିଲ କରାଯାଇଛି। ଏହି ଖେଳାଳିମାନେ ବର୍ତ୍ତମାନ ଆଇପିଏଲ୍ ଖେଳୁଛନ୍ତି। ତିନୋଟି ଯାକ ମ୍ୟାଚ୍ ଜୁନ୍ ୨, ୪ ଓ ୭ରେ ହାମ୍ବାନ୍‌ଟୋଟାଠାରେ ଖେଳାଯିବ।

# ଅଭିଷେକଙ୍କ ଶତକ, ସିଦ୍ଧାନ୍ତ, ଭଗୀଶଙ୍କୁ ୫ ଉଇକେଟ



ଅଭିଷେକ ଯାଦବ



ସିଦ୍ଧାନ୍ତ ଜେନା



ଭଗୀଶ ଶର୍ମା

**ଭୁବନେଶ୍ୱର, ୧୫।୫ (ସ୍ପୋର୍ଟ୍ସ ବ୍ୟୁରୋ)**

### କଳାହାଣ୍ଡି କପ୍ କ୍ରିକେଟ୍

ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ଆୟୋଜିତ ଆନ୍ତଃଜିଲ୍ଲା କଳାହାଣ୍ଡି କପ୍ କ୍ରିକେଟରେ ସୋମବାର କଟକ 'ଏ', ଅବଶିଷ୍ଟ ଓଡ଼ିଶା 'ଏ', ଭୁବନେଶ୍ୱର 'ଏ' ଓ ଅବଶିଷ୍ଟ ଓଡ଼ିଶା 'ବି' ବିଜୟୀ ହୋଇଛନ୍ତି। ଅଭିଷେକ ଯାଦବ ଶତକ ହାସଲ କରିଥିବା ବେଳେ ସିଦ୍ଧାନ୍ତ ଜେନା ଓ ଭଗୀଷ ଶର୍ମାଙ୍କୁ ୫ ଉଇକେଟ ସଫଳତା ମିଳିଛି। ଏମ୍‌ଜିଏମ୍ ଗ୍ରାଉଣ୍ଡ: କଟକର ଏମ୍‌ଜିଏମ୍ ଗ୍ରାଉଣ୍ଡରେ ଇକୋର୍ସାକୁ ୧୪ ରନ୍‌ରେ ପରାସ୍ତ କରିଛି କଟକ 'ଏ'। ପ୍ରଥମେ ବ୍ୟାଟିଂ କରିଥିବା କଟକ ୫୦ ଓଭରରେ ୬ ଉଇକେଟରେ ୨୩୦ ରନ୍ କରିଥିଲା। ପ୍ରଦୀପ୍ତ ଦାଶ ୭୫ ରନ୍ କରିଥିଲେ। ଜବାବରେ ଅଭିଷେକଙ୍କ ୧୨୨ ରନ୍ ସତ୍ତ୍ୱେ ଇକୋର୍ସା ୪୨ ଓଭରରେ ୨୧୬ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ଡ୍ରିମ୍ସ: ଏଠାରେ ଅନୁଷ୍ଠିତ ମ୍ୟାଚରେ ସମ୍ବଲପୁରକୁ ୩୨ ରନରେ ହରାଇଛି ଅବଶିଷ୍ଟ ଓଡ଼ିଶା ଏ। ପ୍ରଥମେ ବ୍ୟାଟିଂ କରି ଅବଶିଷ୍ଟ ଓଡ଼ିଶା ୮ ଉଇକେଟରେ ୨୪୮ ରନ୍ କରିଥିଲା। ଜବାବରେ ସମ୍ବଲପୁର ୪୪.୫ ଓଭରରେ ୨୧୬ ରନରେ ଅଲଆଉଟ ହୋଇଥିଲା। ରେଭେନ୍ସା ଗ୍ରାଉଣ୍ଡ-୧: ଏଠାରେ ଝାରସୁଗୁଡାକୁ ୭ ଉଇକେଟରେ ପରାସ୍ତ କରିଛି ଭୁବନେଶ୍ୱର 'ଏ'। ପ୍ରଥମେ ବ୍ୟାଟିଂ କରିଥିବା ଝାରସୁଗୁଡା ୩୩.୪ ଓଭରରେ ୧୪୬ ରନ୍‌ରେ ଅଲଆଉଟ ହୋଇଥିଲା। ସିଦ୍ଧାନ୍ତ ଜେନା ୫ ଉଇକେଟ ଅକ୍ତିଆର କରିଥିଲେ। ଭୁବନେଶ୍ୱର ୩ ଉଇକେଟରେ ୧୫୦ ରନ୍ କରି ବିଜୟୀ ହୋଇଥିଲା। ସନ୍‌ସାଇନ୍ ଗ୍ରାଉଣ୍ଡ: ଏଠାରେ ଅବଶିଷ୍ଟ ଓଡ଼ିଶା 'ବି' ୮ ଉଇକେଟରେ ଢେଙ୍କାନାଳକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଢେଙ୍କାନାଳ ୪୫.୩ ଓଭରରେ ୨୪୩ ରନ୍‌ରେ ଅଲଆଉଟ ହୋଇଥିଲା। ଲକ୍ଷ୍ମୀଧର ସାହୁ ୯୪ ଓ ଅନୀଲ ରାଉତ ୫୦ ରନ୍ କରିଥିଲେ। ଭଗୀଶ ଶର୍ମା ୩୨ ରନ୍‌ରେ ୫ ଉଇକେଟ ନେଇଥିଲେ। ଜବାବରେ ୩୬ ଓଭରରେ ୨ ଉଇକେଟ ହରାଇ ଅବଶିଷ୍ଟ ଓଡ଼ିଶା ବିଜୟୀ ହୋଇଥିଲା। ନିର୍ବିଶଙ୍କର ୯୮ ରନ୍ ସ୍କୋର କରିଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..................................


ବାବୁନ୍
ପରିବାରବର୍ଗ


ଯଶ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଆଇସିସି ନିୟମରେ ବଡ଼ ପରିବର୍ତ୍ତନ

- ସଫ୍ଟ ସିଗ୍‌ନାଲ ନିୟମ ହଟାଇଲା ସିଇସି
- ଫ୍ରି ହିଟ୍ ପାଇଁ ନୂତନ ନିୟମ

**ଦୁବାଇ,୧୫।୫(ପି.ଟି.)**

ଅନ୍ତର୍ଜାତୀୟ କ୍ରିକେଟ୍ କାଉନସିଲ୍ (ଆଇସିସି) ପକ୍ଷରୁ ଏହାର କିଛି ନିୟମରେ ପରିବର୍ତ୍ତନ କରାଯାଇଛି। ବିବାଦୀୟ ସଫ୍ଟ ସିଗ୍‌ନାଲ ନିୟମ ହଟାଇବାକୁ ନିଷ୍ପତ୍ତି ନିଆଯାଇଛି। ପୂର୍ବରୁ କୌଣସି କ୍ୟାଚ୍‌ର ନିଷ୍ପତ୍ତି ଟିଭି ଅମ୍ପାୟରଙ୍କୁ ରେଫର କରିବା ପୂର୍ବରୁ ଅନ୍ୟ ଫିଲ୍ଡ ଅମ୍ପାୟର ଆଉଟ ବା ନଟ୍ ଆଉଟର ସଫ୍ଟ ସିଗ୍‌ନାଲ ଦେଇଥାନ୍ତି। ଯେତେବେଳେ ଫୁଟେଜ୍‌ରେ ସ୍ପଷ୍ଟ ପ୍ରମାଣ ମିଳି ନ ଥାଏ ସେ ସମୟରେ ସଫ୍ଟ ସିଗ୍‌ନାଲ ଆଧାରରେ ହିଁ ଟିଭି ଅମ୍ପାୟର ନିଷ୍ପତ୍ତି ନେଇଥାନ୍ତି। ଅନେକ ସମୟରେ ଖାଲି ଆଖିରେ ଅମ୍ପାୟରଙ୍କୁ ମଧ୍ୟ ସ୍ପଷ୍ଟ ଜଣା ପଡ଼ି ନ ଥାଏ। ଏପରିକି ଖେଳାଳିମାନେ ଭୁଲ୍‌ରେ ନିଜ ଉଇକେଟ ହରାଉଥିବା କାରଣରୁ ଏହି ନିୟମକୁ କ୍ରିକେଟ ବିଶେଷଜ୍ଞମାନେ ସମାଲୋଚନା କରୁଥିଲେ। ଆଇସିସିର କ୍ରିକେଟ ଏକ୍ସିକ୍ୟୁଟିଭ୍ କମିଟି(ସିଇସି) ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବ ଅନୁସାରେ ସଫ୍ଟ ସିଗ୍‌ନାଲକୁ ହଟାଇବାକୁ ନିଷ୍ପତ୍ତି ନିଆଯାଇଛି। ପୁରୁଷ ଓ ମହିଳା କ୍ରିକେଟ କମିଟି ମୁଖ୍ୟ ସୌରଭ ଗାଙ୍ଗୁଲିଙ୍କ ପରାମର୍ଶକୁ ସିଇସି ପକ୍ଷରୁ ମଞ୍ଜୁରୀ ମିଳିବା ସହିତ ସଫ୍ଟ ସିଗ୍‌ନାଲ ନିୟମକୁ ହଟାଇ ଦିଆଯାଇଛି। ସଫ୍ଟ ସିଗ୍‌ନାଲ ହଟିବା ଉପରେ ପ୍ରତିକ୍ରିୟା ରଖିଛନ୍ତି ସୌରଭ ଗାଙ୍ଗୁଲି। ବିଗତ କିଛି ବର୍ଷ ଧରି ଏହି ନିୟମକୁ ହଟାଇବା ପାଇଁ ଆଲୋଚନା ହେଉଥିଲା। ଟିଭି ରିପ୍ଲେରେ ସ୍ପଷ୍ଟ ହେଉ ନ ଥିଲେ ଅମ୍ପାୟରଙ୍କ ସଫ୍ଟ ସିଗ୍‌ନାଲ ଅନେକ ସମୟରେ ଦ୍ୱନ୍ଦ୍ୱ ସୃଷ୍ଟି କରିଥାଏ, ତେଣୁ ଏହାକୁ ହଟାଇବାକୁ ନିଷ୍ପତ୍ତି ନେଲୁ ବୋଲି ସେ କହିଛନ୍ତି। ଏହାସହିତ ଖେଳାଳିଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇ କିଛି ସ୍ଥାନରେ ହେଲ୍‌ମେଟ୍ ବ୍ୟବହାରକୁ ବାଧ୍ୟତାମୂଳକ କରାଯାଇଛି। ଦ୍ରୁତ ବୋଲରଙ୍କୁ ଖେଳୁଥିବା ସମୟରେ ବ୍ୟାଟର, ଉଇକେଟ ପାଖରେ କିପିଂ କରୁଥିବା ଉଇକେଟ୍‌କିପର ଓ ବ୍ୟାଟରଙ୍କ କ୍ଲୋଜ୍ ରେଞ୍ଜ୍‌ରେ ଫିଲ୍ଡିଂ କରୁଥିବା ଖେଳାଳିଙ୍କ ପାଇଁ ହେଲମେଟ୍ ବାଧ୍ୟତାମୂଳକ କରାଯାଇଛି।




**ନୂତନ ଫ୍ରି ହିଟ୍ ନିୟମ:** ଫ୍ରି ହିଟ୍ ନିୟମରେ ମଧ୍ୟ କିଛି ପରିବର୍ତ୍ତନ କରାଯାଇଛି। ପୂର୍ବରୁ ଫ୍ରି ହିଟ୍ ବଲ୍ ଯଦି ଷ୍ଟମ୍ପରେ ବାଜୁଥିଲା ଏଥିରେ ରନ୍ ସଂଗ୍ରହ କରି ହେଉ ନ ଥିଲା। ତେବେ ଏହି ନିୟମକୁ ପରିବର୍ତ୍ତନ କରାଯାଇଛି। ଏଣିକି ଫ୍ରି ହିଟ୍ ବଲରେ ଖେଳାଳି ବୋଲ୍ଡ ହୋଇଥିଲେ ମଧ୍ୟ ରନ୍ ସଂଗ୍ରହ କରିପାରିବେ। ଜୁନ୍ ୧, ୨୦୨୩ରୁ ଏହି ନୂତନ ନିୟମ ଲାଗୁ କରାଯିବ। ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯିବାକୁ ଥିବା ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲରେ ମଧ୍ୟ ଏହି ନିୟମ ଲାଗୁ କରାଯିବ।

# ଗିଲ୍‌ଙ୍କ ଶତକରେ ଗୁଜରାଟ ବିଜୟୀ

**ଅହମଦାବାଦ, ୧୫।୫**

ଶୁବମନ ଗିଲ୍‌ଙ୍କ ପ୍ରଥମ ଆଇପିଏଲ୍ ଶତକ ସହିତ ମହମ୍ମଦ ଶାମି ଓ ମୋହିତ ଶର୍ମାଙ୍କ ଘାତକ ବୋଲିଂ ବଳରେ ସନରାଇଜର୍ସ ହାଇଦ୍ରାବାଦକୁ ୩୪ ରନରେ ପରାସ୍ତ କରିଛି ଗୁଜରାଟ ଟାଇଟନ୍ସ। ପ୍ରଥମେ ବ୍ୟାଟିଂ କରି ଗୁଜରାଟ ୨୦ ଓଭରରେ ୬ ଉଇକେଟ ହରାଇ ୧୮୮ ରନ୍ କରିଥିଲା। ଜବାବରେ ହାଇଦ୍ରାବାଦ ୨୦ ଓଭରରେ ୯ ଉଇକେଟ ହରାଇ ୧୫୪ ରନ୍ କରିଥିଲା। ୧୩ମ୍ୟାଚରୁ ୯ଟି ବିଜୟ ସହିତ ୧୮ ପଏଣ୍ଟ ହାସଲ କରି ପଏଣ୍ଟ ଟେବୁଲରେ ପ୍ରଥମ ସ୍ଥାନକୁ ଆହୁରି ସୁଦୃଢ କରିଛି ଟାଇଟନ୍ସ।

**ଶତକୀୟ ଭାଗୀଦାରି:** ପ୍ରଥମ ଓଭରରେ ରିଦ୍ଧିମାନ ସାହାଙ୍କୁ ଖାତା ଖୋଲିବା ପୂର୍ବରୁ ଆଉଟ କରିଥିଲେ ଭୁବନେଶ୍ୱର କୁମାର। ତେବେ ଦ୍ୱିତୀୟ ଉଇକେଟରେ ୧୪୭ ରନ୍ ଯୋଡିଥିଲେ ଶୁବମନ ଗିଲ୍ ଓ ସାଇ ସୁଦର୍ଶନ। ସୁଦର୍ଶନ ୩୬ ବଲ ଖେଳି ୬ ଚୌକା ଓ ୧ ଛକା ସହିତ ୪୭ ରନ କରିଥିଲେ। ଗିଲ୍ ନିଜ ଆଇପିଏଲ୍ କ୍ୟାରିୟରର ପ୍ରଥମ ଶତକ ହାସଲ କରିବା ଅବସରରେ ୫୮ ବଲ୍ ଖେଳି ୧୩ ଚୌକା ଓ ୧ ଛକା ସହ ୧୦୧ ରନ୍ କରିଥିଲେ। ଗିଲ୍ ଓ ସୁଦର୍ଶନଙ୍କୁ ଛାଡି ଅନ୍ୟ କୌଣସି ଖେଳାଳି ଦୁଇ ଅଙ୍କ ବିଶିଷ୍ଟ ସ୍କୋରରେ ପହଞ୍ଚି ପାରି ନ ଥିଲେ।

### ଭୁବନେଶ୍ୱରଙ୍କୁ ୫ ଉଇକେଟ

ଆଇପିଏଲ୍ କ୍ୟାରିୟରରେ ଭୁବନେଶ୍ୱର କୁମାର ଦ୍ୱିତୀୟ ଥର ପାଇଁ ୫ ଉଇକେଟ ସଫଳତା ହାସଲ କରିଥିଲେ। ୩୦ ରନ୍ ଦେଇ ୫ ଉଇକେଟ ନେଇଥିବା ଭୁବନେଶ୍ୱର ଅନ୍ତିମ ଓଭର ବୋଲିଂ କରି ୫ ବଲ୍‌ରେ ୪ ଜଣ ବ୍ୟାଟରଙ୍କୁ ପ୍ୟାଭିଲିୟନ ରାସ୍ତା ଦେଖାଇଥିଲେ। ଅନ୍ୟ ବୋଲରଙ୍କ ମଧ୍ୟରେ ମାର୍କୋ ଜାନସେନ୍, ଫଜଲ୍ଲହକ୍ ଫାରୁକି ଓ ଟି. ନଟରାଜନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୧୮୯ ରନ୍ ଲକ୍ଷ୍ୟର ପିଛା କରୁଥିବା ହାଇଦ୍ରାବାଦ ୫୯ ରନ୍ ମଧ୍ୟରେ ୭ ଜଣ ବ୍ୟାଟରଙ୍କୁ ହରାଇଥିଲା। ଶାମି ଓ ମୋହିତ ଶର୍ମା ଏହା ମଧ୍ୟରୁ ୬ ଉଇକେଟ ବାଣ୍ଟି ନେଇଥିଲେ। ପରାଜୟ ଅବଶ୍ୟମ୍ଭାବୀ ଥିବା ବେଳେ ହେନରିଚ୍ କ୍ଲାସେନ୍ ୬୪ ଓ ଭୁବନେଶ୍ୱର କୁମାର ୨୭ ଅଷ୍ଟମ ଉଇକେଟରେ ୬୮ ରନ୍ ଯୋଡି ପରାଜୟ ବ୍ୟବଧାନ କମ୍ କରିଥିଲେ। ଗୁଜରାଟ ପକ୍ଷରୁ ମହମ୍ମଦ ଶାମି ଓ ମୋହିତ ଶର୍ମା ୪ଟି ଲେଖାଏ ଓ ଯଶ ଦୟାଳ ୧ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଗୁଜରାଟ ଟାଇଟନ୍ସ ୨୦ ଓଭରରେ ୧୮୮/୯(ଶୁବମନ ଗିଲ୍-୧୦୧, ସାଇ ସୁଦର୍ଶନ-୪୭, ଭୁବନେଶ୍ୱର କୁମାର-୫/୩୦, ମାର୍କୋ ଜାନସେନ୍-୧/୩୯, ଫଜଲ୍ଲହକ୍ ଫାରୁକି-୧/୩୧, ଟି. ନଟରାଜନ-୧/୩୯)। ସନରାଇଜର୍ସ ହାଇଦ୍ରାବାଦ ୨୦ ଓଭରରେ ୧୫୪/୯(ହେନରିଚ୍ କ୍ଲାସେନ୍-୬୪, ଭୁବନେଶ୍ୱର କୁମାର-୨୭, ମୟଙ୍କ ମାର୍କଣ୍ଡେ-୧୮,ମହମ୍ମଦ ଶାମି-୪/୨୦, ମୋହିତ ଶର୍ମା-୪/୨୮, ଯଶ ଦୟାଳ-୧/୩୧)।


ଶୁବମନ ଗିଲ୍

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଗୁଜରାଟ ଟାଇଟନ୍ସ | ୧୩ | ୯ | ୪ | ୧୮ | +୦.୮୩୫ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୩ | ୭ | ୫ | ୧୫ | +୦.୩୮୧ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୨ | ୭ | ୫ | ୧୪ | -୦.୧୧୭ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୨ | ୬ | ୫ | ୧୩ | +୦.୩୦୯ |
| ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୧୨ | ୬ | ୬ | ୧୨ | +୦.୧୬୬ |
| ରାଜସ୍ଥାନ ରୟାଲ୍ସ | ୧୩ | ୬ | ୭ | ୧୨ | +୦.୧୪୦ |
| କୋଲ୍‌କାତା ନାଇଟ ରାଇଡର୍ସ | ୧୩ | ୬ | ୭ | ୧୨ | -୦.୨୫୬ |
| ପଞ୍ଜାବ କିଙ୍ଗ୍ସ | ୧୨ | ୬ | ୬ | ୧୨ | -୦.୨୬୮ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୨ | ୪ | ୮ | ୮ | -୦.୫୭୫ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୨ | ୪ | ୮ | ୮ | -୦.୬୮୬ |

ବି.ଦ୍ର.: ମେ' ୩ରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ଓ ଚେନ୍ନାଇ ସୁପର କିଙ୍ଗ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ବର୍ଷା ଯୋଗୁ ବାଧାପ୍ରାପ୍ତ ହୋଇ ଫଳାଫଳ ବିହୀନ ରହିଥିଲା।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ୍)

**ଲକ୍ଷ୍ନୌ ବନାମ ମୁମ୍ବାଇ**

ସ୍ଥାନ: ଲକ୍ଷ୍ନୌ,

ସମୟ: ରାତି ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ଟି୨୦ରେ ଯୁବ ଖେଳାଳିଙ୍କୁ ସୁଯୋଗ ମିଳୁ: ଶାସ୍ତ୍ରୀ

**ନୂଆଦିଲ୍ଲୀ, ୧୫।୫ (ପି.ଟି.):** ଭାରତୀୟ କ୍ରିକେଟ୍ ଦଳର ମୁଖ୍ୟ କୋଚ୍ ରବି ଶାସ୍ତ୍ରୀ ଟି ୨୦ ଦଳରେ ଯୁବ ଖେଳାଳିଙ୍କ ସାମିଲ ଉପରେ ଗୁରୁତ୍ୱ ଦେଇଛନ୍ତି। ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ପରି ଅଭିଜ୍ଞ ଖେଳାଳିଙ୍କୁ ଦିନିକିଆ ଓ ଟେଷ୍ଟ ଟିମ୍‌ରେ ସାମିଲ କରିବା ସହିତ ଆଇପିଏଲରେ ଭଲ ପ୍ରଦର୍ଶନ କରୁଥିବା ଯୁବ ଖେଳାଳିଙ୍କୁ ଟି୨୦ ଦଳରେ ସୁଯୋଗ ଦିଆଯିବା ଉଚିତ ବୋଲି ଶାସ୍ତ୍ରୀ କହିଛନ୍ତି। ଚଳିତ ଆଇପିଏଲରେ ଭଲ ପ୍ରଦର୍ଶନ କରିଥିବା ତିଲକ ବର୍ମା, ଜିତେଶ ଶର୍ମା ଓ ଯଶସ୍ୱୀ ଜୟସ୍ୱାଲଙ୍କୁ ଟି୨୦ ଦଳରେ ସ୍ଥାନ ଦେବା ପାଇଁ ଶାସ୍ତ୍ରୀ ଦାବି କରିଛନ୍ତି। କୋହଲି ଓ ରୋହିତଙ୍କ ପରି ଖେଳାଳିଙ୍କ ନିକଟରେ ବିପୁଳ ଅଭିଜ୍ଞତା ରହିଛି, ଯାହା ଦିନିକିଆ ଓ ଟେଷ୍ଟରେ ଭାରତ ପାଇଁ ବେଶ୍ ସହାୟକ ସାବ୍ୟସ୍ତ ହେବ। ଏହାସହିତ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଓ ଦିନିକିଆ ବିଶ୍ୱକପ ପାଇଁ ଅଭିଜ୍ଞ ଖେଳାଳିଙ୍କୁ ସତେଜ ରଖିବା ନିହାତି ଆବଶ୍ୟକ। ଅନ୍ୟପକ୍ଷରେ ଚଳିତ ସିଜନର ଆଇପିଏଲରେ ତିଲକ ବର୍ମା, ଜିତେଶ ଶର୍ମା, ଯଶସ୍ୱୀ ଜୟସ୍ୱାଲ ଓ ରିଙ୍କୁ ସିଂଙ୍କ ପରି ଖେଳାଳି ଦମ୍‌ଦାର ପ୍ରଦର୍ଶନ କରି ସମସ୍ତଙ୍କୁ ପ୍ରଭାବିତ କରିଛନ୍ତି। ଏହି ଖେଳାଳିମାନଙ୍କୁ ବିକଶିତ କରିବା ଉପରେ ଚୟନକର୍ତ୍ତାମାନେ ଫୋକସ କରିବା ଉଚିତ ବୋଲି ସେ କହିଛନ୍ତି। ଆଇପିଏଲ ପରେ ହିଁ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଭାରତ ଟି୨୦ ସିରିଜ୍ ଖେଳିବ। ବରିଷ୍ଠ ଖେଳାଳିଙ୍କୁ ବାଦ୍ ଦେଇ ସେମାନଙ୍କ ସ୍ଥାନରେ ଯୁବ ଖେଳାଳିଙ୍କୁ ସାମିଲ କରାଯିବା ଉଚିତ ବୋଲି ସେ ମତ ରଖିଛନ୍ତି। ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ନେତୃତ୍ୱାଧୀନ ଦଳରେ ଏହି ଖେଳାଳିମାନଙ୍କୁ ସୁଯୋଗ ମିଳିବା ଉଚିତ୍। ଖେଳାଳିମାନଙ୍କୁ ଅପେକ୍ଷା କରାଇବା ପରିବର୍ତ୍ତେ ସୁଯୋଗ ମିଳିବା ଉଚିତ। ଏକ ବର୍ଷର ସମୟ ଢେର୍ ଅଧିକ ହୋଇଥାଏ। ଏହା ମଧ୍ୟରେ ଖେଳାଳିଙ୍କ ଫର୍ମ ଯିବାର ଆଶଙ୍କା ମଧ୍ୟ ରହିଥାଏ। କ୍ୟାରିୟରର ଶ୍ରେଷ୍ଠ ଫର୍ମରେ ଥିବା ସମୟରେ ହିଁ ଖେଳାଳିମାନଙ୍କୁ ସୁଯୋଗ ମିଳିବା ଉଚିତ୍। ଏହାସହିତ ଖେଳାଳିଙ୍କ ପୋଜିଶନ ପରିବର୍ତ୍ତନ କରିବା ସପକ୍ଷରେ ମଧ୍ୟ ସେ ନ ଥିବା କହିଛନ୍ତି।

# ନୀତୀଶ ରାଣାଙ୍କୁ ୨୪ ଲକ୍ଷ ଟଙ୍କା ଜରିମାନା

**ଚେନ୍ନାଇ, ୧୫।୫ (ପି.ଟି.):** ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ବିପକ୍ଷ ଆଇପିଏଲ୍ ମ୍ୟାଚ୍‌ରେ ସ୍ଲୋ-ଓଭର ରେଟ୍ ବୋଲିଂ ପାଇଁ କୋଲ୍‌କାତା ନାଇଟ ରାଇଡର୍ସ (କେକେଆର) ଅଧିନାୟକ ନୀତୀଶ ରାଣାଙ୍କୁ ୨୪ ଲକ୍ଷ ଟଙ୍କା ଜରିମାନା ହୋଇଛି। ଚଳିତ ସିଜନରେ କେକେଆର ଦ୍ୱିତୀୟଥର ପାଇଁ ସ୍ଲୋ ଓଭର ରେଟ୍ ପାଇଁ ଦଣ୍ଡିତ ହୋଇଛି। ନୀତୀଶଙ୍କୁ ୨୪ ଲକ୍ଷ ବ୍ୟତୀତ ଇମ୍ପାକ୍ଟ ଖେଳାଳିଙ୍କ ସମେତ ଚୂଡ଼ାନ୍ତ ଏକାଦଶର ସମସ୍ତ ଖେଳାଳିଙ୍କୁ ୬ ଲକ୍ଷ କିମ୍ବା ମ୍ୟାଚ୍ ଫି'ର ୨୫ ପ୍ରତିଶତ ଜରିମାନା କରାଯାଇଛି। କେକେଆର ଏହି ମ୍ୟାଚ୍ ୬ ଉଇକେଟରେ ଜିତିବା ସହ ଏହାର ପ୍ଲେ-ଅଫ୍ ଆଶା ଉଜ୍ଜୀବିତ କରିଛି। ସିଏସ୍‌କେ ବର୍ତ୍ତମାନ ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି। ଏହି ଦଳ ଶ୍ରେଷ୍ଠ ୪ ମଧ୍ୟରେ ରହିବ ବୋଲି ଆଶା କରାଯାଉଛି।


CLASSIFIED DISPLAY
ALL EDITION - B/W (Everyday)
MORE SPACE * SAME PRICE
For Booking Contact 0674-2580385

OFFTC ENTERPRISE BHUBANESWAR
ପର୍ସନାଲ୍ ଲୋନ୍
ହୋମ୍ ଲୋନ୍
ପ୍ରପର୍ଟି ଲୋନ୍
ବିଜ୍‌ନେସ୍ ଲୋନ୍
କୃଷି, ଏଜୁକେଶନ
ସ୍ୱରୋଜଗାର
ଗୋଲ୍ଡଲୋନ୍
Time : 10 AM to 6 PM
Ph: (0674) 2916695, 2916696

ଜନ୍ମଦିନ ଶୁଭେଚ୍ଛା


(ବାବୁନ୍)
ଯୋଗେଶ୍ୱର ପ୍ରଧାନ
ହାତୀବାଡ଼ି, ବେମ୍‌ଟା
ଜନ୍ମଦିନରେ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା। ଭଗବାନଙ୍କ କୃପାରୁ ତୋର ଚଲାପଥ କୁସୁମିତ ହେଉ।
ଆଶୀର୍ବାଦ ସହ:
ବାପା, ମାଆ, କ୍ରିଷ୍ଣା।
ଧ-୦୩୬୫

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

Classified Everyday
0674-2580101, 2549949


REAL ESTATE

SALE

ଭୁବନେଶ୍ୱର କଳାରାହାଙ୍ଗଠାରେ ୟେଲୋଜୋନ୍ ପ୍ଲଟ୍, ବାଲିଅନ୍ତାରେ ଘରବାରି ପ୍ଲଟ୍, ଧଉଳିଛକ ନିକଟରେ ଓ ଦଧୀଚି କଲେଜ ସାମ୍ନାରେ ଗୃହୋପଯୋଗୀ ପ୍ଲଟ୍ ବିକ୍ରି କରାଯାଉଅଛି। ଯୋଗାଯୋଗ: 9438620034. D-0346

ଭୁବନେଶ୍ୱର ତ୍ରିଶୁଳିଆରେ Boundary, Road ଥାଇ General plot-1800/-, SC-1350/- 7855818549. D-74861

ISO 9001- 2015 ସ୍ୱୀକୃତିପ୍ରାପ୍ତ କମ୍ପାନୀରୁ ନିଜ ମନ ପସନ୍ଦର ପ୍ଲଟ୍ / ଘର କିଣିବା ସହିତ ମାସିକ ରୋଜଗାରର ସୁବିଧା ପାଆନ୍ତୁ। ପ୍ରଥମ ୧୦୦ ଜଣଙ୍କୁ ଅଗ୍ରାଧିକାର ଦିଆଯିବ। ନାମ ପଞ୍ଜୀକରଣ ପାଇଁ ଯୋଗାଯୋଗ କରନ୍ତୁ- 8658992600. D-74851

Residential plot for sale just 3.5km from KIIT Square, Bhubaneswar, immediate registration/ possession. 8917362239. D-74859


CONSTRUCTION

Construct your home @ 499/-, 1340/- with branded materials includes architecture, structure 3years FMC, provide BDA plan approval, boring, interiorwork- SNV Construction. 9439295469. D-74842

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


FOR RENT

My house at Nayapalli 1BHK, 2BHK, 3BHK for Family. 9438490107, 8895096862. D-74682

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


tours & travels

Dubai Family Group Tour package from Bhubaneswar. Duration- 5 nights/ 6days, on 20th September 2023. TourIn Travels. com, Ravi Talkies, Bhubaneswar. Contact No.- 8637265524, 9861484950. D-74705


Healthcare

Newly open health benefits SPA special offer @ 799 Jaydev Vihar. 8018429809. D-75106

Relax, Refresh your body, Mind at Saikrupa Spa with best therapies. 8984068077. D-0282

Asribadaa Panchakarma herbal SPA Kesharimall, Bhubaneswar. Contact: 8926173473. D-74680

All types of professional body massage by professional therapy. Contact: 9556924059, 7077933109. D-0332

Newly open SPA Positively health benefit with expert. Contact: 7749976301. D-74543


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଧାରଣା ବିଶ୍ୱବ୍ୟାପୀ କରିବାକୁ ଧମକ

### ଡବ୍ଲ୍ୟୁଏଫ୍‌ଆଇ ଯୌନ ଶୋଷଣ ମାମଲା

**ନୂଆଦିଲ୍ଲୀ,୧୫।୫(ପି.ଟି.)**

ଭାରତୀୟ ରେସ୍‌ଲିଂ ଫେଡେରେଶନ (ଡବ୍ଲ୍ୟୁଏଫ୍‌ଆଇ) ସଭାପତି ବ୍ରିଜ୍‌ଭୂଷଣ ଶରଣ ସିଂଙ୍କ ଯୌନ ନିର୍ଯାତନା ମାମଲାରେ ନୂଆଦିଲ୍ଲୀର ଯନ୍ତର ମନ୍ତରଠାରେ ଖେଳାଳିଙ୍କ ଆନ୍ଦୋଳନ ୨୩ ଦିନରେ ପହଞ୍ଚିଛି। ତେବେ ସରକାର ତୁରନ୍ତ ବ୍ରିଜ୍‌ଭୂଷଣଙ୍କୁ ଗିରଫ ନ କଲେ ଏହି ଆନ୍ଦୋଳନକୁ ବିଶ୍ୱବ୍ୟାପୀ କରାଯିବ ବୋଲି ରେସ୍‌ଲର ମାନେ ଧମକ ଦେଇଛନ୍ତି। ଆସନ୍ତା ମେ' ୨୧ ଡେଡ୍‌ଲାଇନ ପ୍ରଦାନ କରାଯାଇଛି। ଏହି ଧାରଣାରେ ସମଗ୍ର ବିଶ୍ୱକୁ ସାମିଲ କରିବା ପାଇଁ ଭିନ୍ନ ଭିନ୍ନ ଦେଶର ଅଲିମ୍ପିଆନ୍ ଓ ଅଲିମ୍ପିକ୍ସ ପଦକ ବିଜେତାଙ୍କୁ ଚିଠି ଲେଖି ଧାରଣାରେ ସାମିଲ ପାଇଁ ଆହ୍ୱାନ ଦିଆଯିବ ବୋଲି ୨୦୧୮ ଜାକର୍ତ୍ତା ଏସିଆନ୍ ଗେମ୍ସ ସ୍ୱର୍ଣ୍ଣପଦକ ବିଜୟିନୀ ଭିନେଶ୍ ଫୋଗତ ସୂଚନା ଦେଇଛନ୍ତି। ଏହି ଧାରଣାକୁ ବିଫଳ କରିବା ପାଇଁ କିଛି ଲୋକ ନିରନ୍ତର ପ୍ରୟାସ ଜାରି ରଖିଛନ୍ତି। ନିୟମିତ ଭାବେ ଆମର ପିଛା କରାଯାଉଛି। ଅଜଣା ଲୋକ ଓ ମହିଳାମାନେ ଧାରଣାସ୍ଥଳରେ ଆମର ଫଟୋ ଓ ଭିଡିଓ ଉତ୍ତୋଳନ କରୁଛନ୍ତି। ଏପରିକି ମନା କଲେ ମଧ୍ୟ ସେମାନେ ଶୁଣୁ ନ ଥିବା ଅଭିଯୋଗ କରିଛନ୍ତି ଭିନେଶ୍। ଅନେକ ମହିଳା ଯେଉଁମାନଙ୍କୁ ଆମେ ଜାଣିନାହୁଁ ସେମାନଙ୍କୁ ମଧ୍ୟରାତ୍ରିରେ ଟେଣ୍ଟ ମଧ୍ୟକୁ ପଠାଯାଉଛି। ଧାରଣାସ୍ଥଳରେ ଯାହା ହେବା କଥା ନୁହେଁ ସେମିତି କିଛି ଘଟଣା ଘଟାଇବାକୁ ପ୍ରୟାସ କରାଯାଉଛି ବୋଲି ଭିନେଶ୍ କହିଛନ୍ତି। ଅନ୍ୟାୟ ଓ ଅନୀତି ବିପକ୍ଷ ଏହି ଲଢ଼େଇରେ ଆମ ଛବିକୁ ବଦନାମ୍ କରିବାର ନିଷ୍ଫଳ ପ୍ରୟାସ କରାଯାଉଛି ବୋଲି ସେ ଅଭିଯୋଗ କରିଛନ୍ତି। ଯନ୍ତରମନ୍ତରରେ ଆମ ଆନ୍ଦୋଳନକୁ କୋଣଠେସା କରିବାକୁ ପ୍ରୟାସ କରାଯାଉଛି। ଦେଶର ପ୍ରତ୍ୟେକ ନାଗରିକଙ୍କୁ ଏହି ଆନ୍ଦୋଳନରେ ସାମିଲ କରିବାକୁ ଆମେ ପ୍ରୟାସ କରିବୁ ବୋଲି ଭିନେଶ୍ କହିଛନ୍ତି। ସୋମବାର ରେସ୍‌ଲରମାନେ ଧାରଣାସ୍ଥଳ ଛାଡ଼ି କନ୍‌ଟ ପ୍ଲେସ୍ ଯାଇ ସାଧାରଣ ଲୋକଙ୍କୁ ଆନ୍ଦୋଳନରେ ସାମିଲ ହେବାକୁ ବୁଝାଇଥିଲେ। ଏହାସହିତ ମେ' ୨୧ର ଡେଡ୍‌ଲାଇନ୍ ମଧ୍ୟ ପ୍ରସ୍ତୁତ କରାଯାଇଛି।


ମନେ ପଡ଼ନ୍ତି

ଶ୍ରଦ୍ଧାଞ୍ଜଳି


ଂଦୁର୍ଗା ଚରଣ ନାୟକ
ତିରୋଧାନ: ଜ୍ୟେଷ୍ଠ କୃଷ୍ଣ ଦ୍ୱାଦଶୀ, ୧୫।୦୫।୨୦୦୪
DCN,
You can never be past for me every moment I feel your presence
-(KUNI)-
ଧ-୦୩୬୩


# ଭାରତର କ୍ରମାଗତ ଦ୍ୱିତୀୟ ପରାଜୟ

**ସୁଝୋ, ୧୫।୫(ପି.ଟି.):** ଭାରତ ସୁଦିରମନ କପ୍ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଗ୍ରୁପ୍ 'ସି'ରେ ମାଲେସିଆ ବିପକ୍ଷ ମ୍ୟାଚ୍ ହାରିଯାଇଛି। ଦଳର ଏହା ହେଉଛି କ୍ରମାଗତ ଦ୍ୱିତୀୟ ପରାଜୟ। ଏଥିସହ ଭାରତ ଏହି ମିକ୍ସଡ ଟିମ୍ ଚାମ୍ପିୟନଶିପ୍‌ରୁ ନକ୍‌ଆଉଟ ହୋଇଛି। ଦଳ ଏହାର ପ୍ରଥମ ମ୍ୟାଚ୍‌ରେ ଚାଇନିଜ୍ ତାଇପେଠାରୁ ହାରିଯାଇଥିଲା। ଷ୍ଟାର ଖେଳାଳି କିଡ଼ାମ୍ବୀ ଶ୍ରୀକାନ୍ତ ଓ ପି.ଭି. ସିନ୍ଧୁଙ୍କ ଭଲ ଫଳାଫଳ ଆସି ନ ଥିଲା। ପୁରୁଷ ସିଙ୍ଗଲ୍ସ ମୁକାବିଲାରେ ଶ୍ରୀକାନ୍ତଙ୍କ ପ୍ରଦର୍ଶନ ନୈରାଶ୍ୟଜନକ ଥିଲା। ସିନ୍ଧୁ ଲଢୁଆ ପ୍ରଦର୍ଶନ କରି ମ୍ୟାଚ୍‌କୁ ପ୍ରତ୍ୟାବର୍ତ୍ତନ କରିଥିଲେ ହେଁ ନିର୍ଣ୍ଣାୟକ ଗେମ୍‌ରେ ବିଶ୍ୱର ୩୦ ନମ୍ବର ଖେଳାଳି ଗୋହ ଜିନ୍ ୱିଙ୍ଗଠାରୁ ୨୧-୧୪, ୧୦-୨୧,୨୦-୨୨ରେ ହାରିଯାଇଥିଲେ। ତ୍ରୁଟିଯୁକ୍ତ ଖେଳ ଯୋଗୁ ବିଶ୍ୱର ୮ ନମ୍ବର ଖେଳାଳି ଲି' ଜି ଜିଆଙ୍କ ବିପକ୍ଷ ମ୍ୟାଚ୍‌ରେ ଶ୍ରୀକାନ୍ତ ୨୧-୧୬, ୨୧-୧୧ରେ ପରାଜିତ ହୋଇଯାଇଥିଲେ। ଅନ୍ୟପକ୍ଷରେ ଭାରତୀୟ ଯୋଡ଼ି ଧ୍ରୁବ କାପିଲା ଓ ଅଶ୍ୱିନ ପୋନାପ୍ପାଙ୍କ ପକ୍ଷେ ବିଶ୍ୱର ୮ ନମ୍ବର ଯୋଡ଼ି ଗୋହ ସୁନ୍ ହୁଆଟ ଏବଂ ଲାଇ ଶେଭନ ଜେମିଙ୍କ ବିପକ୍ଷ ମ୍ୟାଚ କଷ୍ଟସାଧ୍ୟ ଥିଲା। ସେମାନେ ୧୬-୨୧, ୧୭-୨୧ରେ ପରାସ୍ତ ହୋଇଥିଲେ। ଭାରତ ୦-୩ରେ ପଛୁଆ ରହି ଆଗୁଆ ପରାଜିତ ହୋଇଯାଇଥିଲା।

# ସୁପର କୁଲ୍ ଗ୍ୟାଜେଟ୍

ଛୋଟ ଛୋଟ ଏମିତି କିଛି ଗ୍ୟାଜେଟ୍ ଅଛି, ଯାହା ଗରମରୁ ରକ୍ଷାକରିବା ସହ ଆରାମ ମଧ୍ୟ ପ୍ରଦାନ କରିଥାଏ। ଆପଣଙ୍କ ପସନ୍ଦ ଏବଂ ଆବଶ୍ୟକତାକୁ ଦେଖି ଏହାକୁ ଘରକୁ ନେଇଆସନ୍ତୁ....

ଖରାଦିନେ ଗରମରୁ ରକ୍ଷା ପାଇବା ପାଇଁ କେତେ କ'ଣ ଉପାୟ ଆପଣାଇବାକୁ ପଡ଼ିଥାଏ। ଅତ୍ୟଧିକ ଗରମ ସ୍ୱାସ୍ଥ୍ୟ ଏବଂ ସ୍କିନ୍ ପାଇଁ ବହୁ ହାନିକାରକ ହୋଇଥାଏ। ଏମିତିରେ ଗରମରୁ ରକ୍ଷା ପାଇବାକୁ ହେଲେ କିଛି ଇନ୍‌ଷ୍ଟାଣ୍ଟ ଉପାୟ ଆପଣାଇବାକୁ ପଡ଼ିଥାଏ। ଝାଳ ବୋହିବା ଏବଂ ଏଥିସହ ଲଗାହୋଇଥିବା ମେକ୍‌ଅପ୍ ଝାଳରେ ବୋହିଯିବା ଆଦି ସମସ୍ୟା ଦେଖାଯାଇଥାଏ। ଏସବୁ ସମସ୍ୟାରୁ ରକ୍ଷା ପାଇବାକୁ ହେଲେ କେତେକ ଗ୍ୟାଜେଟ୍‌କୁ ଆପଣାଇବାକୁ ପଡ଼ିବ, ଯାହା ଆପଣଙ୍କ କାମରେ ଆସିବ।

**କୁଲ୍ ଗ୍ୟାଜେଟ୍:** ଅନ୍‌ଲାଇନ ଶପିଂ ଆପ୍ସରେ ଆପଣଙ୍କୁ କେତେକ ଗ୍ୟାଜେଟ୍ ମିଳିଯିବ। ଯାହା ଆପଣଙ୍କୁ ଗରମକୁ ଥଣ୍ଡା କରିବାରେ ସାହାଯ୍ୟ କରିବ।

**ମିନି ଫ୍ରିଜ୍ ପୋର୍ଟେବଲ:** ଏହି ମିନି ଫ୍ରିଜ୍‌କୁ ଆପଣ ଟ୍ରାଭେଲ କରିବା ସମୟରେ କେଉଁଠିକି ବି ନେଇପାରିବେ। ଆପଣଙ୍କ ମେକ୍‌ଅପ୍ ପ୍ରଡକ୍ଟ ଯେମିତିକି ଲିପ୍‌ଷ୍ଟିକ୍ କିମ୍ବା ଲିପ୍‌ବାମ୍ କିମ୍ବା କୌଣସି ବି ଛୋଟ ପ୍ରଡକ୍ଟ ଯାହାକି ରେଫ୍ରିଜରେଟରରେ ରହୁଥିବା ସାମଗ୍ରୀ ହେଉ ଏଥିରେ ଆପଣ ରଖିପାରିବେ।

**ରିଚାର୍ଜେବଲ୍ ମିନି ଫ୍ୟାନ୍ :** ସ୍ଲୋରୁ ଆରମ୍ଭ କରି ତିନୋଟି ମୋଡ୍‌ରେ ଏହି ଫ୍ୟାନ୍ ଚାଲିଥାଏ। ହ୍ୟାଣ୍ଡସ୍ଫ୍ରି ଫାନ୍ ଯାହା ଆପଣଙ୍କୁ ଗରମରୁ ରକ୍ଷା କରିଥାଏ। ଏହାକୁ ଆପଣ ହେଡଫୋନ୍ ପରି ବେକରେ ପକାଇ କୁଲ୍ ରୁହନ୍ତୁ। ଏହି ଫ୍ୟାନ୍ ଆପଣଙ୍କୁ ଅନ୍‌ଲାଇନ କିମ୍ବା ଅଫ୍‌ଲାଇନରେ ବି ମିଳିଯିବ।

**ହ୍ୟାଣ୍ଡ ଫ୍ୟାନ୍ :** ମିନି ପୋର୍ଟେବଲ ହ୍ୟାଣ୍ଡ ବହୁତ ହାଲ୍‌କା ହୋଇଥାଏ। କିନ୍ତୁ ଭଲ କାମ କରିଥାଏ। ମେକ୍‌ଅପ୍ ସୁଖାଇବାଠୁ ଆରମ୍ଭକରି ଗରମରୁ ମଧ୍ୟ ରକ୍ଷା କରିଥାଏ। ଏହା ୟୁଏସ୍‌ବିରେ ମଧ୍ୟ ଚାର୍ଜ ହୋଇଥାଏ।

**ୟୁଏସ୍‌ବି ଫ୍ୟାନ୍:** ଏହି ପୋର୍ଟେବଲ୍ ଫ୍ୟାନ୍‌କୁ ୟୁଏସ୍‌ବି କୌଣସି ବି ଡିଭାଇସ୍‌ରେ କନେକ୍ଟ ହୋଇଯାଏ। ଯେମିତିକି ଫୋନ୍,ଲାପ୍‌ଟପ୍, ପାୱାର ବ୍ୟାଙ୍କ ଓ ଆଡପ୍ଟର। ଦୁଇଟି ବ୍ଲେଡ୍ ଥିବା ଏହି ଫ୍ୟାନ୍ ବହୁତ ହାଲ୍‌କା ଏବଂ ପୋର୍ଟେବଲ ହୋଇଥିବା କାରଣରୁ ଏହା ନେବା ଆଣିବା ପାଇଁ ସୁବିଧା ହୋଇଥାଏ।



# ଖରାଦିନ ପାଇଁ ଷ୍ଟାଇଲିଷ୍ଟ କୁର୍ତି

ଫ୍ୟାଶନ



**ଏମ୍ବ୍ରୋଏଡୋରି କୁର୍ତ୍ତି :** ଏହି କୁର୍ତ୍ତି ଗରମ ଦିନରେ ପିନ୍ଧିବାକୁ କମ୍ଫଟେବଲ୍ ଲାଗିଥାଏ। ଆପଣ ଏହି ହ୍ୱାଇଟ୍ ଏମ୍ବ୍ରୋଏଡୋରି ପ୍ରିଣ୍ଟେଡ୍ କୁର୍ତ୍ତିକୁ ଜିନ୍ସଠୁ ଆରମ୍ଭକରି ଲେଗିନ୍ସ ସହିତ ମଧ୍ୟ ପିନ୍ଧିପାରିବେ। ଏହାକୁ ହୁପ୍ସ ସହିତ ଷ୍ଟାଇଲ୍ କରନ୍ତୁ।

**ପ୍ରିଣ୍ଟେଡ୍ କୁର୍ତ୍ତି :** ଯଦି ଆପଣ ଲାଇଟ୍ ୱେଟ୍ ପିନ୍ଧିବାକୁ ଚାହୁଁଥାନ୍ତି ତେବେ ଏମିତିରେ ପ୍ରିଣ୍ଟେଡ୍ କୁର୍ତ୍ତିକୁ ପିନ୍ଧିପାରିବେ। ବାନ୍ଧେଣି ପ୍ରିଣ୍ଟ କୁର୍ତ୍ତିକୁ ଅକ୍ସିଡାଇଜ୍ଡ ଜୁଏଲେରି ପିନ୍ଧିବା ଦ୍ୱାରା ଏହା ଭଲ ମାନିଥାଏ।

**ସ୍ଲିଟ୍ କୁର୍ତ୍ତି :** ଆପଣ ଯଦି ସ୍କର୍ଟ ପିନ୍ଧୁଥାନ୍ତି ତେବେ ସ୍ଲିଟ୍ କୁର୍ତ୍ତିକୁ ଟ୍ରାଉଜର କିମ୍ବା କୁଲାଉଟ୍ସ ସହିତ ଷ୍ଟାଇଲ୍ କରି ପିନ୍ଧିପାରିବେ।

**ପ୍ଲେନ୍ କୁର୍ତ୍ତି :** ପ୍ଲେନ୍ କୁର୍ତ୍ତିକୁ ଯଦି ଆପଣ ମ୍ୟାଚିଂ ପ୍ଲାଜୋ ସହ କ୍ୟାରି କରିବେ ତେବେ ଆପଣଙ୍କ ଲୁକ୍ ବହୁତ ସୁନ୍ଦର ଲାଗିବ। ଏହା ସହିତ ପ୍ରିଣ୍ଟେଡ୍ ଦୁପଟ୍ଟା କ୍ୟାରି କରି ନିଜ ଷ୍ଟାଇଲ୍‌କୁ ଏନ୍‌ହାନ୍ସ କରନ୍ତୁ।

**ଶର୍ଟ କୁର୍ତ୍ତି :** ଶର୍ଟ କୁର୍ତ୍ତିକୁ ବି ଆପଣ ନିଜର ଷ୍ଟାଇଲିଶ୍ ଲୁକ୍ ପାଇଁ ଚଏସ୍ କରିପାରିବେ। ଆପଣ ଏହି ଶର୍ଟ କୁର୍ତ୍ତିକୁ ପ୍ଲାଜୋ କିମ୍ବା ଜିନ୍ସ ସହ ପେୟାରକରି ପିନ୍ଧିପାରିବେ। ଅଫିସ୍ ଲୁକ୍‌ରେ ଏହି କୁର୍ତ୍ତି ବହୁତ ଭଲ ମାନିଥାଏ।

**ଷ୍ଟ୍ରେଟ୍ କୁର୍ତ୍ତି :** ଏଭଳି କୁର୍ତ୍ତି ପିନ୍ଧିବା ଦ୍ୱାରା ଏହା ଆପଣଙ୍କୁ ସ୍ଲିମ୍ ଲୁକ୍ ଦେଇଥାଏ। ଏଥିରେ ଆପଣ ଫ୍ଲୋରାଲ ପ୍ରିଣ୍ଟ ସହିତ ଷ୍ଟ୍ରେଟ୍ ପ୍ୟାଣ୍ଟ ମଧ୍ୟ ପିନ୍ଧିପାରିବେ।

# ନିରାପଦ ସଞ୍ଚୟ

ସଞ୍ଚୟ କ୍ଷେତ୍ରରେ ମହିଳାମାନେ ପଛରେ ପଡ଼ିନାହାନ୍ତି। ଆଜିକାଲି ସେମାନେ ଆତ୍ମନିର୍ଭରଶୀଳ ହେବା ସହ ନିଜ ଉପାର୍ଜିତ ଟଙ୍କାରୁ କିଛି ସଞ୍ଚୟ କରିବାକୁ ପଛାଉନାହାନ୍ତି। ତେଣୁ ସେମାନେ ଏ ବିଷୟରେ ଭଲ ଭାବରେ ଅବଗତ ହେବା ଆବଶ୍ୟକ। ନିମ୍ନରେ କେତେକ ନିରାପଦ ସଞ୍ଚୟ ଯୋଜନା ବିଷୟରେ ସୂଚନା ଦିଆଯାଉଛି...

ସଞ୍ଚୟ ବା ସେଭିଂ ଏକ ଭଲ ଅଭ୍ୟାସ। ଏଥିଲାଗି ବ୍ୟାଙ୍କ କିମ୍ବା ଡାକଘରରେ ଅନେକ ପ୍ରକାର ସ୍କିମ୍ ରହିଛି ଯାହାକୁ ଆପଣ ଚୟନକରି ନିଜର ବଳକା ଟଙ୍କାକୁ ସଞ୍ଚୟ ଆକାରରେ ରଖନ୍ତୁ, ଯାହା ଉପରେ ଭବିଷ୍ୟତରେ କିଛି ପ୍ରଶ୍ନବାଚୀ ଉଠିବ ନାହିଁ। ଜନସାଧାରଣଙ୍କର ସୁବିଧା ପାଇଁ ସରକାର କେତେକ ସଞ୍ଚୟ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏ ବିଷୟରେ ବିଶଦ ଭାବରେ ବୁଝିବା ପରେ ହିଁ ସେଥିରେ ସଞ୍ଚୟ କରନ୍ତୁ। କାରଣ କୌଣସି ସ୍ଥାନରେ ସଞ୍ଚୟ କରିବା ପୂର୍ବରୁ ସେ ସମ୍ପର୍କରେ ଭଲ ଭାବରେ ସଞ୍ଚୟକାରୀ ଜାଣିବା ନିହାତି ଦରକାର...





**ଫିକ୍ସଡ୍ ଡିପୋଜିଟ୍ ସ୍କିମ୍ :** ଆମ ଦେଶରେ ଫିକ୍ସଡ୍ ଡିପୋଜିଟ୍‌କୁ ସବୁଠାରେ ସୁରକ୍ଷିତ ନିବେଶ ବୋଲି କୁହାଯାଇପାରେ। ଏବେ ବ୍ୟାଙ୍କଗୁଡ଼ିକ ଗ୍ରାହକଙ୍କୁ ଆକୃଷ୍ଟ କରିବା ଲାଗି ନୂଆ ନୂଆ ସ୍କିମ୍ ଆଣିବାକୁ ଯୋଜନା କରୁଛନ୍ତି। ଯଦି ଆପଣ ନିଜ ଟଙ୍କାକୁ ୫ବର୍ଷ ପର୍ଯ୍ୟନ୍ତ ନିବେଶ କରୁଛନ୍ତି ତେବେ, ୮୦ ସି ଅନୁସାରେ ଆପଣଙ୍କୁ ଟ୍ୟାକ୍ସ ଫ୍ରି ମିଳିଥାଏ।

ଫିକ୍ସ ଡିପୋଜିଟ୍‌ର ମୁଖ୍ୟ କଥା ହେଲା– ସମୟବଦ୍ଧ ପକ୍କା ରିଟର୍ନ ମିଳିବ,ରିସ୍କ ନ ନେବାକୁ ଚାହୁଁ ନ ଥିବା ବ୍ୟକ୍ତିଙ୍କ ପାଇଁ ଭଲ ହେବ, ଭଲ ରିଟର୍ନ ମିଳିବା ସହ ଆବଶ୍ୟକ ପଡ଼ିଲେ ସେହି ଟଙ୍କା ଉପରେ ଲୋନ୍ ନେବାର ସୁବିଧା ରହିଛି।

**ରିକରିଂ ଡିପୋଜିଟ୍:** ଏହାକୁ ଆପଣ ଏଫ୍‌ଡିର ବିକଳ୍ପ ମାନିପାରନ୍ତି। ଏଥରେ ଆପଣଙ୍କୁ ନିୟମିତ ରୂପେ ଏକ ଫିକ୍ସଡ୍ ଆମାଉଣ୍ଟ ଜମା କରିବାକୁ ପଡ଼ିଥାଏ। ଏଫ୍‌ଡି ଭଳି ଏଥିରେ ବି ରେଗୁଲାର ସେଭିଂ ଆକାଉଣ୍ଟ ତୁଳନାରେ ଅଧିକ ରିଟର୍ନ ମିଳିଥାଏ। ଏହାକୁ ଆରମ୍ଭ କରିବାକୁ ହେଲେ ଅଧିକ ଟଙ୍କାର ଆବଶ୍ୟକତା ପଡ଼ି ନ ଥାଏ। ଏଥିରେ ବହୁଦିନ ପର୍ଯ୍ୟନ୍ତ ଟଙ୍କା ଜମା ରଖିବା ଦ୍ୱାରା ଆପଣଙ୍କୁ ଭଲ ରିଟର୍ନ ମିଳିପାରେ। କାରଣ ଏଥିରେ ଜମା ହୋଇଥିବା ରାଶି ଇକ୍ୟୁଇଟି ମାର୍କେଟ୍‌ରେ ଇନ୍‌ଭେଷ୍ଟ ହୁଏ ନାହିଁ।

**କିଏ ଅଧିକ ସୁରକ୍ଷିତ : ବ୍ୟାଙ୍କ କିମ୍ବା ପୋଷ୍ଟ ଅଫିସ୍–** ଆପଣ ଏଫ୍‌ଡିକୁ ବ୍ୟାଙ୍କ କିମ୍ବା ପୋଷ୍ଟ ଅଫିସ୍ ଯେଉଁଠାରେ ବି ଖୋଲିପାରିବେ। କିନ୍ତୁ ପୋଷ୍ଟ ଅଫିସ୍ ଜମାରାଶି ଅଧିକ ସୁରକ୍ଷିତ ବୋଲି ଅନେକେ ଭାବନ୍ତି। କାରଣ ଏଥିରେ ହେଉଥିବା ନିବେଶ ଉପରେ ଭାରତ ସରକାରଙ୍କ ଗ୍ୟାରେଣ୍ଟି ରହିଥାଏ। ପୋଷ୍ଟ ଅଫିସ୍‌ର ସବୁ ଯୋଜନା ବା ସ୍କିମ୍ ଟ୍ୟାକ୍ସ ଫ୍ରି ମଧ୍ୟ ହୋଇଥାଏ। ବ୍ୟାଙ୍କରେ ଆପଣଙ୍କୁ ନିବେଶର ଅଧିକ ବିକଳ୍ପ ମିଳିଥାଏ। ଯେମିତିରେ କି ପୋଷ୍ଟ ଅଫିସ୍‌ରେ ୧ ବର୍ଷରୁ ୫ ରହିଛି ସେମିତି ବ୍ୟାଙ୍କରେ ୭ଦିନରୁ ଆରମ୍ଭକରି ୧୦ବର୍ଷ ପର୍ଯ୍ୟନ୍ତ ଏଫ୍‌ଡି ରହିଛି। ପୋଷ୍ଟ ଅଫିସ୍‌ରେ ନିଶ୍ଚିତ ରୂପେ ସୁଧ ଟିକେ ଅଧିକ ମିଳେ ଯେତେବେଳେ କି ବ୍ୟାଙ୍କର କୌଣସି ସମାନ ଇଣ୍ଟରେଷ୍ଟ ରେଟ୍ ନାହିଁ।




**ପବ୍ଲିକ୍ ପ୍ରୋଭିଡେଣ୍ଟ ଫଣ୍ଡ(ପିପିଏଫ୍):** ଏହା ଏକ ସରକାରୀ ଯୋଜନା, ଯେଉଁଥିରେ ୧୫ ବର୍ଷର ଅବଧି ରହିଥାଏ। ଏହାର ରେଟ୍ ଅଫ୍ ଇଣ୍ଟରେଷ୍ଟ ବି ଏଫ୍‌ଡି ଏବଂ ଆର୍‌ଡି ଭଳି ଭଲ ରହିଥାଏ। କାରଣ ଏଥିରେ ନିବେଶ ହେଉଥିବା ଟଙ୍କା କୌଣସି ମାର୍କେଟ୍ ସହିତ ଲିଙ୍କ୍ ନ ଥାଏ। ଏଥିପାଇଁ ଏହା ନିବେଶର ଭଲ ମାଧ୍ୟମ ବୋଲି କୁହାଯାଇପାରେ। ୧୫ବର୍ଷ ପରେ ଆପଣ ଚାହିଁଲେ ପୂରା ଟଙ୍କା ଉଠାଇପାରିବେ ନ ହେଲେ ଏହାକୁ ପୁନର୍ବାର ୫ ବର୍ଷ ପର୍ଯ୍ୟନ୍ତ ରଖିପାରିବେ।

**ନ୍ୟାଶନାଲ ପେନ୍‌ସନ ସ୍କିମ୍ (ଏନ୍‌ପିଏସ୍):** ଏହା ମଧ୍ୟ ଏକ ସରକାରୀ ଯୋଜନା, ଯାହାକି ସବୁ ପ୍ରକାର ନିବେଶର ମିଶ୍ରଣ। ଏଥିରେ ଆପଣ ନିଜ ଆବଶ୍ୟକତା ଅନୁଯାୟୀ ସ୍କିମ୍ ଚୟନ କରିପାରିବେ। ଏହି ସ୍କିମ୍ ସବୁ ସେକ୍ଟରରେ କାମ କରୁଥିବା ଲୋକଙ୍କ ପାଇଁ ଉଦ୍ଦିଷ୍ଟ। ଏଥିରେ ନିବେଶ କରିବା ଦ୍ୱାରା ୨ଲକ୍ଷ ପର୍ଯ୍ୟନ୍ତ ଟ୍ୟାକ୍ସ ଡିଡକ୍ସନ୍ ବି ମିଳିଥାଏ।

**ସୋଭେରେନ୍ ଗୋଲ୍ଡ ବଣ୍ଡ(ଏସ୍‌ଜିବି) :** ସୋଭେରେନ୍ ଗୋଲ୍ଡ ବଣ୍ଡ(ଏସ୍‌ଜିବି ) ରିଜର୍ଭ ବ୍ୟାଙ୍କ ଦ୍ୱାରା ୨୦୧୫ରେ ପ୍ରଥମେ ଆରମ୍ଭ କରାଯାଇଥିଲା। ଯଦି ଆପଣ ଏହି ବଣ୍ଡ ମାଧ୍ୟମରେ ୧ଗ୍ରାମ୍ ସୁନା କିଣୁଛନ୍ତି ୮ବର୍ଷ ପରେ ସୁନାର ଯେତିକି କରେଣ୍ଟ ଭାଲ୍ୟୁ ଥିବ ସେହି ଦାମ୍‌ରେ ଆପଣ ଆର୍‌ବିଆଇକୁ ନିଜ ବଣ୍ଡ ବିକ୍ରି କରିପାରିବେ। ଏଥିରେ ସୁନାର କୌଣସି ଫିଜିକାଲ ନେଣଦେଣ ନ ଥାଏ। ୨୪ କ୍ୟାରେଟ୍ ସୁନାର କରେଣ୍ଟ ଭାଲ୍ୟୁ ଯାହା ଥିବ ସେହି ରେଟ୍‌ରେ ଏକ ବଣ୍ଡ ଇସ୍ୟୁ ହୋଇଥାଏ। ବର୍ଷକୁ ଏଥିରେ ୨.୫ ପ୍ରତିଶତ ସୁଧ ମିଳିଥାଏ। ଏହାର ମାଚ୍ୟୁରିଟି ପିରିୟଡ୍ ୮ବର୍ଷ ପର୍ଯ୍ୟନ୍ତ ରହିଥାଏ। ଯଦି ଆପଣଙ୍କୁ ମଝିରେ ଟଙ୍କା ଆବଶ୍ୟକ ପଡୁଛି ତେବେ ଏହାକୁ ୫ବର୍ଷ ପରେ କେତେବେଳେ ବି ଉଠାଇପାରିବେ। ଏଥିରେ ଅତି କମ୍‌ରେ ୧ଗ୍ରାମ୍‌ରୁ ଆରମ୍ଭ କରି ୪କି.ଗ୍ରା. ପର୍ଯ୍ୟନ୍ତ ଗୋଲ୍ଡ ଇନ୍‌ଭେଷ୍ଟମେଣ୍ଟ କରିପାରିବେ। ଏହାକୁ ଯେକୌଣସି ବ୍ୟକ୍ତି କିଣିପାରିବେ। ଏହାକୁ କୌଣସି କମର୍ସିଆଲ୍ ବ୍ୟାଙ୍କ୍‌ରେ ମଧ୍ୟ ଖୋଲିପାରିବେ।

**ସୁକନ୍ୟା ସମୃଦ୍ଧି ଯୋଜନା:** ଭାରତ ସରକାର ଝିଅମାନଙ୍କ ପାଇଁ ସୁକନ୍ୟା ସମୃଦ୍ଧି ଯୋଜନା ଆରମ୍ଭ କରିଛନ୍ତି; ଯେଉଁଥିରେ ଝିଅ ଜନ୍ମ ହେବାଠୁ ଆରମ୍ଭକରି ୧୦ ବର୍ଷ ପର୍ଯ୍ୟନ୍ତ ଏହି ଯୋଜନା ଅଧୀନରେ ଝିଅ ନାମରେ ଏକ ଖାତା ଖୋଲିପାରିବେ। ଏଥିରେ ଆପଣ ଅତିକମ୍‌ରେ ୨୫୦ଟଙ୍କାରୁ ଆରମ୍ଭ କରି ନିଜ ଇଚ୍ଛା ଅନୁସାରେ ଜମାରାଶି ରଖିପାରିବେ। ବର୍ଷକୁ ଏଥିରେ ୧,୫୦,୦୦୦ଟଙ୍କା ପର୍ଯ୍ୟନ୍ତ ଜମା କରିପାରିବେ। ଏହି ଯୋଜନା ଆପଣ ବ୍ୟାଙ୍କ କିମ୍ବା ପୋଷ୍ଟ ଅଫିସ୍‌ରେ ଖୋଲିପାରିବେ।

**ନ୍ୟାଶନାଲ ସେଭିଂ ସାର୍ଟିଫିକେଟ୍ (ଏନ୍‌ଏସ୍ ଏସ୍):** ଏହି ସରକାରୀ ନିବେଶ ଯୋଜନାକୁ ଆପଣ ବ୍ୟାଙ୍କ କିମ୍ବା ପୋଷ୍ଟ ଅଫିସ୍‌ରେ କିଣିପାରିବେ। ଏଥିରେ ଆପଣ ଅତିକମ୍‌ରେ ୧୦୦୦ଟଙ୍କା ନିବେଶ କରିପାରିବେ। ନ ହେଲେ ଏକସଙ୍ଗେ କିଛି ଟଙ୍କା ନିବେଶ କରିପାରିବେ। ନ ହେଲେ କିସ୍ତି ଆକାରରେ ବର୍ଷଙ୍କ ପାଇଁ ଟଙ୍କା ଜମା କରିପାରିବେ। ଏହାର ମାଚ୍ୟୁରିଟି ପିରିୟଡ୍ ୫ ବର୍ଷ ପର୍ଯ୍ୟନ୍ତ ରହିଛି। ଅତିବେଶିରେ ଏଥିରେ ବର୍ଷକୁ ଦେଢ଼ଲକ୍ଷ ଟଙ୍କା ନିବେଶ କରିପାରିବେ। ନିର୍ଦ୍ଧାରିତ ହୋଇଥିବା ରିଟର୍ନ ମାଚ୍ୟୁରିଟି ଉପରେ ମିଳିଥାଏ।

**ପୋଷ୍ଟ ଅଫିସ୍ ଇନ୍‌କମ୍ ସ୍କିମ୍ :** ଡାକଘରେ ଏମିତି କିଛି ନିବେଶ ଯୋଜନା ଅଛି, ଯେଉଁଥିରେ କେବଳ ଆପଣଙ୍କ ପଇସା ସୁରକ୍ଷିତ ରହିବ, ବଲ୍‌କି ରିଟର୍ନ ବି ଭଲ ନିୟମିତ ରୂପେ ମିଳିଥାଏ। ଏଥିରେ ନ୍ୟୂନତମ ଜମା ରାଶି ୧୦୦୦ଟଙ୍କା ଅଧିକ ହେଲେ ୪ଲକ୍ଷ ଟଙ୍କା ସିଙ୍ଗଲ ଆକାଉଣ୍ଟ ପାଇଁ ଏବଂ ୯ ଲକ୍ଷ ଜଏଣ୍ଟ ଆକାଉଣ୍ଟ ପାଇଁ ଜମା କରିପାରିବେ।




## ଏମାନେ କ'ଣ କରନ୍ତି



**ଦୀପିକା ଦାଶ,** ମ୍ୟାନେଜର ବ୍ୟାଙ୍କ ଅଫ୍ ବରୋଦା, କୋଲକାତା

ସବୁ ସ୍କିମ୍‌ର ଅଲଗା ଅଲଗା ଫାଇଦା ରହିଛି, ଯିଏ ଯେମିତି ଇନ୍‌ଭେଷ୍ଟ କରିପାରିଲେ। ଯଦି ଆପଣ ସୋଭେରେନ୍ ଗୋଲ୍ଡ ବଣ୍ଡ କିଣୁଛନ୍ତି ଏଥିରେ ସୁନା ଚୋରି ହେବାର ଭୟ ନ ଥାଏ। ଏହାକୁ ରଖିବା ଲାଗି ବ୍ୟାଙ୍କ ଲକରର ମଧ୍ୟ ଆବଶ୍ୟକ ନ ଥାଏ।



**ତରୁଲତା ଦାସ,** ଗୃହିଣୀ, ଆଇଟିଆଇ, ଅଙ୍ଗାରଗାଡ଼ିଆ, ବାଲେଶ୍ୱର

ଆମ ପିଲାର ଭବିଷ୍ୟତର ପାଠପଢ଼ା ପାଇଁ ଆମେ ଏଫ୍‌ଡି ଏବଂ ଆର୍‌ଡି କରିଛୁ। ଦୁଇଟି ଯାକ ଅଲଗା ଅଲଗା ବ୍ୟାଙ୍କରେ କରିଛୁ। ଏଫ୍‌ଡି (ଫିକ୍ସ ଡିପୋଜିଟ୍) କରିବା ପ୍ରାୟ ୪–୫ବର୍ଷ ହୋଇଥିବା ବେଳେ ଆର୍‌ଡି (ରିକରିଂ ଡିପୋଜିଟ୍ ) ୮ବର୍ଷ ହେବ ଖୋଲିଛୁ; ଯେଉଁଥିରେ ଇଣ୍ଟରେଷ୍ଟ ଟିକେ ଅଧିକ ମିଳୁଛି।

ସୌନ୍ଦର୍ଯ୍ୟ

# ଶାମ୍ପୋ କରିବା ସମୟରେ..

କେଶକୁ ଆହୁରି ଆକର୍ଷଣୀୟ କରିବାରେ ଶାମ୍ପୋ ସାହାଯ୍ୟ କରିଥାଏ। ତେବେ ଏହାକୁ ବ୍ୟବହାର କରିବା ସମୟରେ କେତେକ ଦିଗ ପ୍ରତି ଦୃଷ୍ଟିଦେବାକୁ ପଡ଼ିଥାଏ। ନ ହେଲେ ତାହା କେଶକୁ କ୍ଷତି ପହଞ୍ଚାଇବା ଆଶଙ୍କା ରହିଛି। କେଶକୁ ସୁନ୍ଦର କରିବାକୁ କେତେକ'ଣ ଉପାୟ ପାଳନ କରିଥାଉ, ଯେମିତିକି ହେୟାର ସ୍ପା, ହେୟାର ମସାଜ୍, ହେୟାର ମାସ୍କ ଆଦି କେତେ କ'ଣ ଉପାୟ ଆପଣାଇଥାନ୍ତି। ତେବେ ଶାମ୍ପୋର ବ୍ୟବହାର କିପରି କରିବେ ଜାଣନ୍ତୁ ସେ ସମ୍ପର୍କରେ....






**ଶାମ୍ପୋ କରିବା ପୂର୍ବରୁ**

କେତେକ ଶାମ୍ପୋକୁ ପାପୁଲିରେ ପକାଇ ତାକୁ ମୁଣ୍ଡରେ ଲଗାଇଲା ପରେ କେଶକୁ ଭଲଭାବେ ରଗଡ଼ି ତାକୁ ଭଲଭାବେ ପାଣିରେ ଧୋଇଥାନ୍ତି। ଶାମ୍ପୋ କରିବା ସମୟରେ ଏହାକୁ ସିଧାସଳଖ କେଶରେ ନ ଲଗାଇ ପାଣିରେ ମିଶାଇ ଲଗାନ୍ତୁ। କିନ୍ତୁ ଏପରି କରିବା ଜମା ବି ଠିକ୍ ନୁହେଁ। କାରଣ ଏହା କେଶକୁ ଡ୍ୟାମେଜ୍ କରିବାଦେବା ଆଶଙ୍କା ରହିଛି।

**ଶାମ୍ପୋ ପୂର୍ବରୁ ନିଶ୍ଚିତ ଲଗାନ୍ତୁ ତେଲ**

ହେୟାର ଏକ୍ସପର୍ଟଙ୍କ ମତରେ କେଶକୁ ଶାମ୍ପୋ କରିବା ପୂର୍ବରୁ ନିହାତି ତେଲ ଲଗାନ୍ତୁ। ଏପରି କରିବା ଦ୍ୱାରା କେଶ ଦୁର୍ବଳ ହେବନାହିଁ ଏବଂ ଷ୍ଟ୍ରଙ୍ଗ୍ ମଧ୍ୟ ରହିବ।

**ଅଏଲ ମସାଜ୍**

କେଶକୁ ଅଏଲ ମସାଜ୍ କରିବା ଦ୍ୱାରା କେଶ ଝଡ଼େନାହିଁ। ଏପରି କରିବା ଦ୍ୱାରା କେଶ କେମିକାଲ ଫ୍ରି ରହିଥାଏ। ଏହାଦ୍ୱାରା କେଶ କେବେ ବି ଡ୍ରାଏ ହୁଏ ନାହିଁ । ଫଳରେ କେଶ ବି ମୁଲାୟମ ରହିଥାଏ।

ଖାଦ୍ୟରୁଚି

# କ୍ରିସ୍ପି ଭେଣ୍ଡି ପପ୍‌କର୍ନ

**ଆବଶ୍ୟକ ସାମଗ୍ରୀ:** ୨୫୦ଗ୍ରାମ୍ ଭେଣ୍ଡି, ୧କପ୍ ମଇଦା, ଅଧା କପ୍ କର୍ନଫ୍ଲୋର, ଅଧାକପ ବ୍ରେଡ୍‌ଗୁଣ୍ଡ, ଅଧା ଚାମଚ ହଳଦୀ ପାଉଡର, ୧ ଚାମଚ କଶ୍ମୀରୀ ମିର୍ଚ୍ଚ ପାଉଡର, ଅଧା ଚାମଚ ଗରମ ମସଲା, ୧ ଚାମଚ ଆମଚୁର ପାଉଡର, ଆବଶ୍ୟକ ପରିମାଣର ତେଲ, ସ୍ୱାଦାନୁସାରେ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ:** କ୍ରିସ୍ପି ଭେଣ୍ଡି ପପ୍‌କର୍ନ କରିବାକୁ ହେଲେ ପ୍ରଥମେ ଭେଣ୍ଡିକୁ ଭଲଭାବେ ଧୋଇଦିଅନ୍ତୁ। ଏହା ପରେ ଧୁଆ ହୋଇଥିବା ଭେଣ୍ଡିକୁ କପଡ଼ା ସାହାଯ୍ୟରେ ଭଲଭାବେ ପୋଛିଦିଅନ୍ତୁ। ଭେଣ୍ଡିକୁ ଛୋଟ ଛୋଟ ଖଣ୍ଡ କରି କାଟିଦିଅନ୍ତୁ। ଏବେ ଏହି କଟାହୋଇଥିବା ଭେଣ୍ଡିକୁ ଅନ୍ୟ ଏକ ବଡ଼ ପାତ୍ରରେ ରଖନ୍ତୁ। ଏହା ପରେ ଏହି କଟା ଭେଣ୍ଡିରେ ହଳଦୀ, କଶ୍ମୀରୀ ମିର୍ଚ୍ଚ ପାଉଡର, ଗରମ ମସଲା ଓ ଆମଚୁର ପାଉଡର ସହିତ ଏଥିରେ ମଧ୍ୟ ୨ ଚାମଚ କର୍ନଫ୍ଲୋର ଓ ଅଳ୍ପ ପରିମାଣର ଲୁଣ ପକାନ୍ତୁ ଏବଂ ଆବଶ୍ୟକ ମୁତାବକ ପାଣି ନିଅନ୍ତୁ। ଭେଣ୍ଡିକୁ ଭଲଭାବେ ଗୋଳାଇ ଏକ ଘୋଳ ପ୍ରସ୍ତୁତ କରନ୍ତୁ। ଭେଣ୍ଡିକୁ ଏବେ ମେରିନେଟ୍ କରି ୧୫ ମିନିଟ୍ ପର୍ଯ୍ୟନ୍ତ ଛାଡ଼ି ଦିଅନ୍ତୁ। ଏହା ପରେ ଏହି ମେରିନେଟ୍ ଭେଣ୍ଡିକୁ ମଇଦା, କନ୍‌ଫ୍ଲୋରରେ ବୁଡ଼ାଇ, ବ୍ରେଡ୍‌ଗୁଣ୍ଡରେ ପକାଇ ଭଲଭାବେ କୋଟ୍ କରି ଦିଅନ୍ତୁ। ଏବେ କଡ଼େଇରେ ତେଲ ଗରମ କରନ୍ତୁ। ଭେଣ୍ଡିକୁ ପକାଇ ଭଲଭାବେ ଫ୍ରାଏ ହେବା ପର୍ଯ୍ୟନ୍ତ ଭାଜନ୍ତୁ। ଏଥର ପ୍ରସ୍ତୁତ ହୋଇଗଲା ଆପଣଙ୍କର କ୍ରିସ୍ପି ଭେଣ୍ଡି ପପ୍‌କର୍ନ।



Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



Symphony®
Thinking of Tomorrow
ମାର୍ଚ୍ଚ
ମେ
ଜୁଲାଇ
ମାସ ବଦଳିବ, କିନ୍ତୁ ଶୀତଳତା ନୁହେଁ ।
ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଭାବନ୍ତୁ ଏବଂ ଘରକୁ ସିମ୍ଫୋନୀ କୁଲର୍ ଆଣନ୍ତୁ
ଏହାର CFD ଜ୍ଞାନକୌଶଳ ସାରା ସିଜନ୍ ପାଇଁ ଦିଏ ସମ୍ପୂର୍ଣ୍ଣ କୁଲିଂ ର ପ୍ରତିଶ୍ରୁତି
www.symphonylimited.com
କଷ୍ଟମର କେୟାର
symphonylimited.com/care
Call: 079-35235235 / 9510976161
WhatsApp 'Hi' on: 9510976161
EMI FINANCE
ସହଜିଆ ଫାଇନାନ୍ସ ବିକଳ୍ପ ଉପଲବ୍ଧ
ବଢ଼ା ବଢ଼ା ମଡେଲରେ ବଢ଼ା ବଢ଼ା ସହରରେ
Shop here
Available at all leading outlets &
Symphony e-Shop
shop.symphonylimited.com
PATRA ELECTRONICS
RAJ ELECTRONICS
GUPTA DISTRIBUTORS
Reliance digital
croma A TATA Enterprise
Reliance SMART
For more details, contact : 9337610435, 9016201893, 91243 20050